


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-186 ◆BHUBANESWAR ◆SUNDAY ◆31 DECEMBER 2023 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୮୬ ◆ଭୁବନେଶ୍ୱର ◆ରବିବାର ◆୩୧ ଡିସେମ୍ବର ୨୦୨୩ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)

# ଲାଲ୍‌ଚାନ୍ଦ୍ ଜୁଏଲର୍ସ : ସଫଳତାର ଆଉ ଏକ ବର୍ଷ

## ଦୂରଦର୍ଶୀ ସଞ୍ଜୟ ଏବଂ ଲାଲ୍‌ଚାନ୍ଦ୍ ଜୁଏଲର୍ସର ବିଶ୍ୱାସର ଯାତ୍ରା

ଏହି ଆଲେଖ୍ୟଟିରେ ୨୦୨୩ ବର୍ଷରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଉଲ୍ଲେଖନୀୟ ସଫଳତା ଏବଂ ବ୍ରାଣ୍ଡକୁ ଶୀର୍ଷରେ ପହଞ୍ଚାଇଥିବା ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ଫାଉଣ୍ଡର୍ ଚେୟାରମ୍ୟାନ୍ ସଞ୍ଜୟ ହଂସଙ୍କ ବିଶ୍ୱାସ, ଭରସା ଓ ବୈଭବମୟ ଯାତ୍ରାକୁ ଉପସ୍ଥାପନା କରାଯାଇଛି। ସଞ୍ଜୟ ହଂସଙ୍କ ନିରନ୍ତର ସ୍ୱପ୍ନ ଏବଂ ସାମର୍ଥ୍ୟର ପ୍ରତିଫଳନ ହେଉଛି ଓଡ଼ିଶାରେ ଲାଲ୍‌ଚାନ୍ଦ୍‌ର ୫ଟି ସୁବୃହତ ଶୋ'ରୁମ୍ ଏବଂ ଦେଶର ରାଜଧାନୀ ନୂଆଦିଲ୍ଲୀରେ ପ୍ରତିଷ୍ଠିତ ନୂତନ ଶୋ'ରୁମ୍, ଯାହାଦ୍ୱାରା ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି ଲାଲ୍‌ଚାନ୍ଦ୍। ଦୂରଦୃଷ୍ଟି ସମ୍ପନ୍ନ ସଞ୍ଜୟ ହଂସଙ୍କ ଉଚ୍ଚକୋଟିର ବିଚାରଧାରା ଏବଂ ବିଭିନ୍ନ ରୁଚିପୂର୍ଣ୍ଣ ଯୋଜନାମାନ ହିଁ ଲାଲ୍‌ଚାନ୍ଦ୍ ଜୁଏଲର୍ସକୁ ବର୍ତ୍ତମାନ ପୂର୍ବଭାରତର ସର୍ବବୃହତ ଏବଂ ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନର ମାନ୍ୟତା ପ୍ରଦାନ କରିଛି । କେବଳ ଓଡ଼ିଶାରେ ନୁହେଁ ଭବିଷ୍ୟତରେ ଦେଶର ବିଭିନ୍ନ ସ୍ଥାନରେ ନିଜର ସାମ୍ରାଜ୍ୟ ବିସ୍ତାର ଲକ୍ଷ୍ୟରେ ରହିଛି ଲାଲ୍‌ଚାନ୍ଦ୍ ବ୍ରାଣ୍ଡ। ଶ୍ରୀ ସଞ୍ଜୟ ହଂସଙ୍କ ସହ ଜଡ଼ିତ ଥିବା କିମ୍ବା କାର୍ଯ୍ୟ କରିଥିବା ସମସ୍ତ ବ୍ୟକ୍ତି ଏହା ନିଶ୍ଚିତ ଭାବେ ଜାଣିଥିବେ ଯେ, ଶ୍ରୀ ହଂସ ବିଶ୍ୱପ୍ରସିଦ୍ଧ ସାହିତ୍ୟିକ ତଥା ଚିତ୍ରକର ପାବ୍‌ଲୋ ପିକାସୋଙ୍କ ଏକ ଉକ୍ତି 'କାର୍ଯ୍ୟ ହେଉଛି ସମସ୍ତ ସଫଳତାର ଚାବିକାଠି'କୁ ଗମ୍ଭୀରତାର ସହ ନିଅନ୍ତି ।



LALCHND

Trusted Brand Since 1948

## ବିଶ୍ୱାସ ଓ ଉତ୍କର୍ଷତା ସଫଳତାର ମନ୍ତ୍ର

ସୁନା, ରୁପା, ହୀରା ଏବଂ ପ୍ଲାଟିନମ୍ ଅଳଙ୍କାରର ବିବିଧ ସଂଗ୍ରହ ପାଇଁ ଲାଲ୍‌ଚାନ୍ଦ୍ ସୁପରିଚିତ। ପ୍ରତ୍ୟେକ ଉତ୍ସବ ଓ ପର୍ବପର୍ବାଣୀର ସ୍ୱତନ୍ତ୍ର ଅଳଙ୍କାର ଆବଶ୍ୟକତାକୁ ପୂରଣ କରିଥାଏ। ଓଡ଼ିଶାର ସମୃଦ୍ଧ ଐତିହ୍ୟକୁ ପ୍ରତିଫଳିତ କରୁଥିବା ପାରମ୍ପରିକ ଡିଜାଇନରୁ ଆରମ୍ଭ କରି ଆଧୁନିକ ଧାରାକୁ ଗ୍ରହଣ କରୁଥିବା ନୂତନଶୈଳୀର ଅଳଙ୍କାର ପର୍ଯ୍ୟନ୍ତ, ଲାଲ୍‌ଚାନ୍ଦ୍ ଜୁଏଲର୍ସ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ସ୍ଥିତ ରାଜ୍ୟରେ ୫ଟି ୩୦ ହଜାର ବର୍ଗ ଫୁଟ୍ ବିଶିଷ୍ଟ ବିଳାସପୂର୍ଣ୍ଣ ଶୋ'ରୁମ୍ ପାଇଁ ସମଗ୍ର ରାଜ୍ୟରେ ଅଳଙ୍କାରପ୍ରେମୀମାନଙ୍କ ମଧ୍ୟରେ ଲାଲ୍‌ଚାନ୍ଦ୍ ଏକ ଘରୋଇ ନାମ ପାଲଟିଛି। ବିଗତ ଦଶକରେ ଶତାଧିକ ପୁରସ୍କାର ଲାଭ କରିଥିବା ଲାଲ୍‌ଚାନ୍ଦ୍ ପାଇଁ ୨୦୨୩ ମଧ୍ୟ ଥିଲା ଏକ ଅବିସ୍ମରଣୀୟ ବର୍ଷ, କାରଣ ଲାଲ୍‌ଚାନ୍ଦ୍‌ର ପ୍ରତିଷ୍ଠାରେ ଯୋଡ଼ି ହୋଇଥିଲା ଏକାଧିକ ସମ୍ମାନ ଓ ପୁରସ୍କାର। ଓଟିଭି ବିଜନେସ୍ ଓଡ଼ିଶା ଆୱାର୍ଡ- ୨୦୨୩ରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ 'ବେଷ୍ଟ ଜୁଏଲର ୱିଥ୍ ନ୍ୟାସନାଲ ପ୍ରେଜେନ୍ସ' ଏବଂ 'ବେଷ୍ଟ ବିଜନେସ୍ ଏକ୍ୟୁମେନ' ପୁରସ୍କାରରେ ଗୌରବାନ୍ୱିତ ହୋଇଥିଲା। ମାନନୀୟ ରାଜ୍ୟପାଳଙ୍କ ଦ୍ୱାରା ଏହି ପ୍ରତିଷ୍ଠିତ ପୁରସ୍କାରକୁ ଶ୍ରୀ ସଞ୍ଜୟ ହଂସ ଗ୍ରହଣ କରିଥିଲେ।



ଏହି ବର୍ଷ ଶ୍ରୀ ହଂସଙ୍କୁ ଭୁବନେଶ୍ୱରସ୍ଥିତ ଷ୍ଟିୱାର୍ଟ ସ୍କୁଲ୍‌ର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ମାନିତ କରାଯାଇଥିଲା। ଏଥିପାଇଁ ଶ୍ରୀ ହଂସ ନିଜକୁ ଧନ୍ୟ ମନେ କରିଛନ୍ତି। ଯେଉଁ ବିଦ୍ୟାଳୟରେ ସେ ଅଧ୍ୟୟନ କରିଥିଲେ, ସେଠାକୁ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରିତ ହେବା ସବୁଠୁ ବଡ଼ ସଫଳତା। ଏହାହିଁ ପ୍ରକୃତ ଅଭିବୃଦ୍ଧିର ପ୍ରତୀକ।

## ପ୍ରତିଷ୍ଠିତ ଓ ସମ୍ମାନିତ ଶ୍ରୀ ସଞ୍ଜୟ ହଂସ




ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର୍ ଚେୟାରମ୍ୟାନ୍ ସଞ୍ଜୟ ହଂସ ଓଡ଼ିଶାର ଅଳଙ୍କାର ଶିଳ୍ପ ବଜାରରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଏକ ମିଶନ୍ ଆରମ୍ଭ କରିଥିଲେ। ତାଙ୍କର ଉଦ୍ୟମ କେବଳ ବ୍ୟବସାୟିକ ସମ୍ପ୍ରସାରଣ ନ ଥିଲା ବରଂ ଅଳଙ୍କାର ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଉଦ୍ଦିଷ୍ଟ ଥିଲା। ଗ୍ରାହକମାନେ ଯେପରି ଠକାମୀର ଶିକାର ନହୋଇ ଶୁଦ୍ଧ ସୁନା କିଣିପାରିବେ ସେଥିପାଇଁ ସେ ସଚେତନତା ଅଭିଯାନ ଆରମ୍ଭ କରିବା ସହ ପ୍ରଥମକରି ଓଡ଼ିଶାରେ ବିଆଇଏସ୍ ହଲମାର୍କଯୁକ୍ତ ସୁନାର ବିକ୍ରୟ ଆରମ୍ଭ କରିଥିଲେ। ଅନେକ ଅଳଙ୍କାର ପ୍ରତିଷ୍ଠାନ ଆଗରୁ ୨୨/୨୦ କ୍ୟାରେଟ୍ ସିଷ୍ଟମ୍‌କୁ ଅନୁସରଣ କରୁଥିଲେ, ଯେଉଁଥିରେ ଗ୍ରାହକମାନେ ୨୨ କ୍ୟାରେଟ୍ ସୁନା କ୍ରୟ କରୁଥିଲେ, କିନ୍ତୁ ବିକ୍ରି ଏବଂ ବିନିମୟରେ ୨୦ କ୍ୟାରେଟ୍ ସୁନାର ମୂଲ୍ୟ ପାଉଥିଲେ। ଧୀରେଧୀରେ ପରିଲକ୍ଷିତ ହେଲା ଯେ ଏହା ନୀତି ବିରୋଧୀ ଏବଂ ଗ୍ରାହକମାନେ ଏକ ବଡ଼ ଠକାମୀର ଶିକାର ହେଉଛନ୍ତି । ଏହାକୁ ଦେଖି ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବପ୍ରଥମେ ରାଜ୍ୟରେ ୨୨/୨୨ କ୍ୟାରେଟ୍ ସିଷ୍ଟମ୍ ପ୍ରଚଳନ ଆରମ୍ଭ କରି ଏକ ସ୍ୱଚ୍ଛ ଏବଂ ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ରୂପେ ଉଭା ହୋଇଥିଲା । ଶୁଦ୍ଧତା ଏବଂ ଗୁଣବତ୍ତାର ଏହି ପ୍ରତିବଦ୍ଧତା ଲାଲ୍‌ଚାନ୍ଦ୍ ଜୁଏଲର୍ସକୁ ନିଜର ପ୍ରତିଯୋଗୀ ପ୍ରତିଷ୍ଠାନରୁ ଭିନ୍ନ କରାଇଥିଲା। ଭ୍ରମାତ୍ମକ ଅଫରକୁ ନେଇ ଗ୍ରାହକମାନେ ଯେପରି ଠକାମୀର ଶିକାର ନହେବେ ସେଥିପାଇଁ ଲାଲ୍‌ଚାନ୍ଦ୍ ପକ୍ଷରୁ ଅନେକ ଜୋରଦାର ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଅନେକ ଅଳଙ୍କାର ପ୍ରତିଷ୍ଠାନ, ଗଢ଼ାମୂଲ୍ୟରେ ୫୦ ପ୍ରତିଶତ / ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦେବା, ଶୂନ୍ୟ ପ୍ରତିଶତ ଗଢ଼ା ମଜୁରୀ ଦେବା, ମୋଟ୍ ସୁନା ମୂଲ୍ୟ ଉପରେ ୩-୪% ରିହାତି ଦେବା, ରେଗୁଲାର ସ୍ୱର୍ଣ୍ଣ ଅଳଙ୍କାର ଉପରେ ରିହାତି ପ୍ରଦାନ କରିବା ଇତ୍ୟାଦି ବିଭିନ୍ନ ପ୍ରଚାର କରୁଥିବା ସତ୍ତ୍ୱେ ଗ୍ରାହକମାନଙ୍କଠାରୁ ବୁଲେଇ ବଙ୍କେଇ ଗ୍ରାମ୍ ପ୍ରତି ପ୍ରାୟ ୧୨୦୦ ରୁ ୧୮୦୦ ଟଙ୍କା ଗଢ଼ା ମଜୁରୀ ଅସୁଲ କରୁଛନ୍ତି। ଏଭଳି ଭ୍ରମାତ୍ମକ ଅଫରଠାରୁ ଗ୍ରାହକମାନେ ଯେପରି ସୁରକ୍ଷିତ ରହିପାରିବେ ସେଥିପାଇଁ ଲାଲ୍‌ଚାନ୍ଦ୍ ବିଗତ ଏକ ବର୍ଷ ଧରି ସଚେତନ କରିଆସୁଛି। ଶ୍ରୀ ହଂସଙ୍କ ଯୁକ୍ତି ହେଲା, ଗ୍ରାହକମାନେ ପ୍ରକୃତରେ କେତେ ଗଢ଼ା ମଜୁରୀରେ ଅଳଙ୍କାର କିଣୁଛନ୍ତି, ତାହା ପ୍ରଥମରୁ ଜାଣିବେ ନାହିଁ କାହିଁକି? ଏଦିଗରେ ସ୍ୱଚ୍ଛତା ରହିବ ନାହିଁ କାହିଁକି? ଲାଲ୍‌ଚାନ୍ଦ୍‌ର ବିଜ୍ଞାପନରେ ଗଢ଼ା ମଜୁରୀ ଯେତିକି ଲେଖାଯାଇଥାଏ, ଶୋ'ରୁମ୍‌ରେ ଗ୍ରାହକମାନଙ୍କ ଠାରୁ ଠିକ୍ ସେତିକି ଗଢ଼ା ମଜୁରୀ ରଖାଯାଇଥାଏ।

## ସ୍ୱଚ୍ଛ କାରବାର, ସଶକ୍ତ ଗ୍ରାହକ

ଲାଲ୍‌ଚାନ୍ଦ୍ ଜୁଏଲର୍ସର ସ୍ୱଚ୍ଛତା ଓ ସତ୍ୟତା ହିଁ ବ୍ୟବସାୟ ନୀତିର ମୂଳଦୂଆ। ଏହାର ପ୍ରତିଟି ଅଳଙ୍କାର ହଲମାର୍କଯୁକ୍ତ ଏବଂ ସାର୍ଟିଫାଏଡ୍ ହୋଇଥିବାରୁ ଗ୍ରାହକମାନେ ସର୍ବଦା ଉତ୍ତମ ଗୁଣବତ୍ତାସମ୍ପନ୍ନ ଅଳଙ୍କାର କ୍ରୟ କରୁଥିବା ନିଶ୍ଚିତ ରହିଥାନ୍ତି। ଲାଲ୍‌ଚାନ୍ଦ୍ ସର୍ବଦା ସ୍ୱଚ୍ଛ ରିହାତି, ଫ୍ଲାଟ୍ ମେକିଂ ଚାର୍ଜ ଏବଂ ସ୍ପଷ୍ଟ ପ୍ରସ୍ତାବରେ ସ୍ୱଚ୍ଛତା ନୀତି ଅବଲମ୍ବନ କରୁଥିବାରୁ, ଗ୍ରାହକଙ୍କୁ କ୍ରୟ ସମୟରେ ନିଷ୍ପତ୍ତି ନେବାରେ କୌଣସି ଦ୍ୱନ୍ଦ୍ୱ ସୃଷ୍ଟି ହୁଏ ନାହିଁ ଏବଂ ସୁନିଶ୍ଚିତ ନିର୍ଣ୍ଣୟ ନେଇପାରନ୍ତି। ଓଡ଼ିଶା ହେଉ କି ଦିଲ୍ଲୀ ଶୋ'ରୁମ୍, ଲାଲ୍‌ଚାନ୍ଦ୍ ନିଜର ନିଆରା ଏବଂ ଉତ୍କୃଷ୍ଟ ଡିଜାଇନ୍‌ର ଅଳଙ୍କାର ପ୍ରସ୍ତୁତ କରିବା ପାଇଁ ସ୍ଥାନୀୟ ଅଳଙ୍କାର କାରିଗରଙ୍କୁ ପ୍ରାଥମିକତା ଦେବା ସହ ନିଶ୍ଚିତ ନିଯୁକ୍ତି ପ୍ରଦାନ କରିଆସୁଛି।

## ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ହାତଘଣ୍ଟାର ସମ୍ଭାର

ସର୍ବୋତ୍କୃଷ୍ଟ ଅଳଙ୍କାରର କାରିଗରୀ ପାଇଁ ଓଡ଼ିଶା ସମେତ ଦିଲ୍ଲୀ ଏନ୍‌ସିଆରରେ ଏକ ଘରୋଇ ଜୁଏଲର୍ସ ଭାବେ ପ୍ରସିଦ୍ଧି ହାସଲ କରିଥିବା ଲାଲ୍‌ଚାନ୍ଦ୍ ଜୁଏଲର୍ସ ତାହାର ନୂଆ ପ୍ରତିଷ୍ଠାରେ ଯୋଡ଼ିଛି ଆଉ ଏକ ନୂଆ ଫର୍ଦ୍ଦ। ପ୍ରାୟ ସମସ୍ତ ଲୋକପ୍ରିୟ ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ହାତଘଣ୍ଟାର ବୃହତ ସମ୍ଭାର ନେଇ ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍‌ରେ ଖୋଲିଯାଇଛି ଓଡ଼ିଶାର ସର୍ବପ୍ରଥମ ଏବଂ ସ୍ୱତନ୍ତ୍ର ଘଣ୍ଟା ଶୋ'ରୁମ୍ 'ଲାଲ୍‌ଚାନ୍ଦ୍ ୱାଚେସ୍' । କ୍ଲାସିକ୍‌ରୁ ଆରମ୍ଭ କରି ଅତ୍ୟାଧୁନିକ ଡିଜାଇନ ପର୍ଯ୍ୟନ୍ତ ଲାଲ୍‌ଚାନ୍ଦ୍‌ର ନୂତନ ଘଣ୍ଟା ଶୋ'ରୁମ୍ ରାଜ୍ୟରେ ବ୍ରାଣ୍ଡେଡ୍ ଘଣ୍ଟା ବଜାରକୁ ଏକ ନୂତନ ରୂପରେଖ ପ୍ରଦାନ କରିଛି।



## ବିସ୍ତୃତ ବ୍ୟବସାୟିକ ସାମ୍ରାଜ୍ୟ : ଏକ ଜାତୀୟ ଉପସ୍ଥିତି




ପୂର୍ବଭାରତରେ ନିଜ ସଫଳତା ପ୍ରତିଷ୍ଠା କରିବା ପରେ ଲାଲ୍‌ଚାନ୍ଦ୍ ନୂଆଦିଲ୍ଲୀରେ ଏକ ନୂତନ ଶୋ'ରୁମ୍ ସ୍ଥାପନ କରିଛି, ଯାହା ବ୍ରାଣ୍ଡର ଉତ୍କୃଷ୍ଟତା ଏବଂ ଗ୍ରାହକଙ୍କ ବିଶ୍ୱାସର ଏକ ନୂତନ ଆଧାର ହୋଇପାରିଛି। ସ୍ୱାଧୀନ ଭାରତର ଇତିହାସରେ ପ୍ରଥମ ଥର ପାଇଁ ଓଡ଼ିଶାର ଏକ ପ୍ରମୁଖ ଅଳଙ୍କାର ବ୍ରାଣ୍ଡ, ଦେଶର ରାଜଧାନୀରେ ନିଜର ଉପସ୍ଥିତି ଜାହିର କରିଛି। ଏହା କେବଳ ଲାଲ୍‌ଚାନ୍ଦ୍ ପାଇଁ ନୁହେଁ, ସମଗ୍ର ରାଜ୍ୟ ପାଇଁ ଗର୍ବ ତଥା ଗୌରବର ବିଷୟ। ଦିଲ୍ଲୀ-ଏନ୍‌ସିଆର୍‌ର ଗ୍ରାହକଙ୍କୁ ବିଶ୍ୱସ୍ତରୀୟ ଗ୍ରାହକସେବା ଯୋଗାଇ ଦେଉଛି ଲାଜ୍‌ପତ୍ ନଗର ସ୍ଥିତ ଏହି ବିଶାଳ ଶୋ'ରୁମ୍। ଯେପରି ଓଡ଼ିଶା ସମେତ ପୂର୍ବଭାରତର ସମସ୍ତ ବ୍ୟବସାୟିକ କାରବାର ଶ୍ରୀ ସଞ୍ଜୟ ହଂସ ଏବଂ ତାଙ୍କ ସହଧର୍ମିଣୀ ଶ୍ରୀମତୀ ଅନ୍‌ଭିତା ହଂସଙ୍କ ତତ୍ତ୍ୱାବଧାନରେ ହେଉଛି, ସେହିପରି ଦିଲ୍ଲୀ ସମେତ ସମସ୍ତ ଉତ୍ତରଭାରତର କାରବାର ସମ୍ଭାଳୁଛନ୍ତି, ସଞ୍ଜୟଙ୍କ ସୁପୁତ୍ରୀ ପଲକ୍ ହଂସ ସେନ୍। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପଲକ ସେନ୍‌ର ଏକ ସମ୍ମାନଜନକ ଶିକ୍ଷାନୁଷ୍ଠାନ "ଆଇ.ଇ. ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟ"ରୁ ଏମ୍‌ବିଏ ପାଠ୍ୟକ୍ରମ ସମାପ୍ତ କରି ବ୍ୟବସାୟର ବାଗ୍‌ଡୋର ସମ୍ଭାଳିଛନ୍ତି। ଏହାଦ୍ୱାରା ଓଡ଼ିଶାର ଉତ୍କୃଷ୍ଟ କାରିଗରୀକୁ ଜାତୀୟସ୍ତରରେ ପ୍ରତିଷ୍ଠା କରିବା ପାଇଁ ଲାଲ୍‌ଚାନ୍ଦ୍‌ର ପ୍ରୟାସ ସଫଳ ହୋଇଛି। କେବଳ ସେତିକି ନୁହେଁ, ଶୁଭାରମ୍ଭର ମାତ୍ର କେଇ ମାସ ପରେ ହିଁ ରୁପା ଅଳଙ୍କାରର ବୃହତ ସମ୍ଭାର ଏବଂ ଅତ୍ୟାଧୁନିକ ଡିଜାଇନ୍ ପାଇଁ ଏହି ନୂତନ ଷ୍ଟୋର୍ ଦିଲ୍ଲୀବାସୀଙ୍କ ହୃଦୟ ଜିତିବାରେ ସକ୍ଷମ ହୋଇପାରିଛି।

## ସପିଂର ଉତ୍କୃଷ୍ଟ ଅନୁଭୂତି

କାରୁକାର୍ଯ୍ୟଭରା ହାରଠାରୁ ଆରମ୍ଭ କରି ଆକର୍ଷଣୀୟ କାନଫୁଲ ପର୍ଯ୍ୟନ୍ତ ଲାଲ୍‌ଚାନ୍ଦ୍‌ର ପ୍ରତିଟି ଅଳଙ୍କାରକୁ ଅତି ନିଖୁଣ ଭାବେ କାରିଗରୀ କରାଯାଇଛି। ଦ୍ୱୈତ ପ୍ରବେଶଦ୍ୱାର, ପର୍ଯ୍ୟାପ୍ତ ପାର୍କିଂ, ଭାଲେ ପାର୍କିଂର ବ୍ୟବସ୍ଥା ଏବଂ ଆକର୍ଷଣୀୟ ଇଣ୍ଟେରିଅର୍ ଡିଜାଇନ୍ ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ର ଅନ୍ୟତମ ଆକର୍ଷଣ।






## ଅବିସ୍ମରଣୀୟ ଯାତ୍ରା

ଲାଲ୍‌ଚାନ୍ଦ୍‌ର ଶୀର୍ଷରେ ପହଞ୍ଚିବାର କାହାଣୀ କେବଳ ରତ୍ନ ଏବଂ ମୂଲ୍ୟବାନ ଧାତୁ ନୁହେଁ, ବରଂ ଅଳଙ୍କାରର ନିଖୁଣତା ପାଇଁ ଅଦମ୍ୟ ଇଚ୍ଛାଶକ୍ତି ସହ ଅଦ୍ୱିତୀୟ ବ୍ୟବସାୟିକ କୌଶଳର ଏକ ନିଦର୍ଶନ। ଏକ ସାଧାରଣ ଅଳଙ୍କାର ବ୍ୟବସାୟରୁ ଆରମ୍ଭ ହୋଇ ଏହା ବର୍ତ୍ତମାନ ଶ୍ରୀ ସଞ୍ଜୟ ହଂସଙ୍କ ରଚନାତ୍ମକ ଏବଂ ଉତ୍କୃଷ୍ଟତା ପ୍ରତି ଦୃଢ ପ୍ରତିବଦ୍ଧତା ପରିପୂର୍ଣ୍ଣ ଯାତ୍ରାରେ ପରିଗଣିତ ହୋଇଛି।

ସରଳ, ବିନମ୍ର, ଆଧ୍ୟାତ୍ମବାଦୀ, ବିଚାରବନ୍ତ, ଭ୍ରମଣପ୍ରେମୀ ଶ୍ରୀ ସଞ୍ଜୟ ହଂସ ଯେତେବେଳେ ପଛକୁ ଚାହୁଁଛନ୍ତି, ସେତେବେଳେ ସେ 'ଶୋଇବା ପୂର୍ବରୁ ଚାଲିବାକୁ ଅଛି ପଥ ବହୁଦୂର, ଶୋଇବା ପୂର୍ବରୁ ଚାଲିବାକୁ ଅଛି ପଥ ବହୁଦୂର,' ଉକ୍ତିକୁ ମନରେ ଗୁଣୁଗୁଣୁଉଥାନ୍ତି।

JEWELLERS SINCE 1988

## ନୂଆବର୍ଷରୁ ନୂଆ ଅନୁଭୂତି

# ବାଧାମୁକ୍ତ ଦର୍ଶନ ପାଇଁ ଏସି ଶେଡ୍

**ପୁରୀ, ୩୦।୧୨(ସମିସ):** ନୂଆବର୍ଷରେ ଭକ୍ତଙ୍କୁ ନୂଆ ଅନୁଭୂତି ଦେବା ପାଇଁ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ଏବଂ ପୁଲିସ ପ୍ରଶାସନ ସମସ୍ତେ ପ୍ରସ୍ତୁତ ହୋଇଯାଇଛନ୍ତି। ଭିଡ଼କୁ ନଜରରେ ରଖି ପୁରୀ ପୁଲିସ୍ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ବିଶେଷକରି ଭକ୍ତମାନେ ଯେପରି ଶୃଙ୍ଖଳାର ସହ ବାଧାମୁକ୍ତ ଦର୍ଶନ କରି ଭଲ ଅନୁଭୂତି ନେଇ ଫେରିବେ, ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଏନେଇ ଶନିବାର ରିଜର୍ଭ ଅଫିସ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ ଏବଂ ପୁରୀ ଏସ୍‌ପି ପୁଲିସର ସୁରକ୍ଷା ଏବଂ ଦର୍ଶନ ବ୍ୟବସ୍ଥା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

କେନ୍ଦ୍ରାଞ୍ଚଳ ଆଇଜି ଶ୍ରୀ ସିଂ କହିଛନ୍ତି, ନୂଆବର୍ଷରେ ଭକ୍ତଙ୍କୁ ନୂଆ ଅନୁଭୂତି ଦେବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଭକ୍ତମାନେ ମାର୍କେଟ୍ ଛକରୁ ହୋଇଥିବା ବ୍ୟାରିକେଡ୍ ଦେଇ ନବନିର୍ମିତ ଶୀତତାପ ନିୟନ୍ତ୍ରିତ ଶେଡ୍‌ରେ ପ୍ରବେଶ କରିବେ। ଏଥର ଶ୍ରଦ୍ଧାଳୁମାନେ ନୂଆ ଅନୁଭୂତି ପାଇବେ। ପୂର୍ବରୁ ମହାପ୍ରଭୁଙ୍କ ନୀତିକାନ୍ତି ଚାଲୁଥିବା ବେଳେ ଭକ୍ତଙ୍କୁ ଦୀର୍ଘ ସମୟ



ଅପେକ୍ଷା କରିବାକୁ ପଡୁଥିଲା। ସେମାନେ ଖରା, ବର୍ଷାରେ ଅତିଷ୍ଠ ହୋଇପଡୁଥିଲେ। ମାତ୍ର ଏବେ ଏହି ସମୟରେ ଏସି ଶେଡ୍‌ରେ ବସିପାରିବେ। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ପିଲାଙ୍କୁ ଆଣି ଆସିଥିବା ମହିଳାମାନଙ୍କୁ ଦର୍ଶନରେ ସହଯୋଗ କରିବା ପାଇଁ ପ୍ରାୟ ୫୦ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଗୋଟିଏ ଧାଡ଼ି ରହିବ। ଏହି ଧାଡ଼ିରେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ପିଲାଙ୍କୁ ଆଣି ଆସିଥିବା ମହିଳାଙ୍କୁ ସୁରକ୍ଷିତ ଭାବେ ନେଇ ପୁଲିସ ଏବଂ ସ୍ୱେଚ୍ଛାସେବୀ ଦର୍ଶନ ସୁବିଧା କରାଇବେ। ଶ୍ରୀମନ୍ଦିର କାର୍ଯ୍ୟାଳୟ ତଳେ ହୋଇଥିବା ଅଭ୍ୟର୍ଥନା କେନ୍ଦ୍ରରେ ବରିଷ୍ଠ ନାଗରିକଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଭାବେ ବସିବା ଲାଗି ସୁବିଧା କରାଯାଇଛି।

- ନୀତିକାନ୍ତି ସମୟରେ ବ୍ୟାରିକେଡ୍‌ରେ ପାଇବେ ବସିବାର ସୁବିଧା
- ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ଓ ଦର୍ଶନ ବ୍ୟବସ୍ଥା
- ପୁଲିସ ସହ ନିୟୋଜିତ ରହିବେ ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ

ସେହିପରି ଦୋଳବେଦୀ କୋଣରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳରେ କାହାକୁ ଅଟକିବାକୁ ପଡ଼ିବ ନାହିଁ। ସେମାନେ ଚାଲିଚାଲି ଯାଇ ମନ୍ଦିରକୁ ପ୍ରବେଶ କରିବେ। ଠାକୁରଙ୍କ ନୀତିକାନ୍ତି ସମୟରେ ଯଦି କିଛି ସମୟ ଅପେକ୍ଷା କରିବାକୁ ପଡ଼େ, ତେବେ ପାନୀୟ ଜଳ, ପରିସ୍ରାଗାର ସୁବିଧା ଥିବା ଅଭ୍ୟର୍ଥନା କେନ୍ଦ୍ର ଏବଂ ଏସି ଶେଡ୍‌ରେ ହିଁ ଭକ୍ତମାନେ ବିଶ୍ରାମ ନେବେ। ସେହିପରି ମନ୍ଦିର ଭିତରେ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ, ତାହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଭକ୍ତମାନେ ସାତପାହଚ ଦେଇ ଭିତରକୁ ଯାଇ ଦର୍ଶନ କରିବେ। ଆଉ କେହି ବି ଗଳାବାଟରେ ଯାଇ ଦର୍ଶନ କରିବେ ନାହିଁ। ସମସ୍ତେ ମହାପ୍ରଭୁଙ୍କ ସମ୍ମୁଖରେ ସମାନ ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି।

## ■ ଶ୍ରୀମନ୍ଦିରରେ ନୂଆବର୍ଷ ପ୍ରସ୍ତୁତି

# ଆଜି ରାତି ୨ଟା ସୁଦ୍ଧା ଦ୍ୱାରଫିଟା

**ପୁରୀ,୩୦।୧୨(ସମିସ):** ଆସୁଛି ନୂଆବର୍ଷ। ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପୁରୀ ସହର ଏବେଠୁ ଉତ୍ସବମୁଖର। ସବୁଆଡ଼େ ଜମିଲାଣି ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼। ହୋଟେଲ, ଲଜ୍, ଭକ୍ତନିବାସ, ହଲିଡେ' ହୋମ୍‌ଗୁଡ଼ିକରେ ଆଉ ଜାଗା ନାହିଁ। ଜିରୋ-ନାଇଟ୍‌କୁ ସମସ୍ତଙ୍କ ଅପେକ୍ଷା। ଏପରିସ୍ଥଳେ ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରସ୍ତୁତିକୁ ଜୋରଦାର୍ କରାଯାଇଛି। ଶ୍ରୀମନ୍ଦିରରେ ନୂଆବର୍ଷ ଲାଗି ସ୍ୱତନ୍ତ୍ର ଭାବେ ନୀତିନିର୍ଘଣ୍ଟ ହୋଇଛି। ରବିବାର ରାତିରେ ସଅଳ ପହୁଡ଼ ହୋଇ ରାତି ୨ଟା ସୁଦ୍ଧା ଦ୍ୱାର ଫିଟାଯିବାକୁ ଯୋଜନା ରଖିଛି ମନ୍ଦିର ପ୍ରଶାସନ। ପବିତ୍ର ମହୋଦଧିରେ ସ୍ନାନ କରି ନୂଆବର୍ଷର ପ୍ରଥମ ସୂର୍ଯ୍ୟ ଏବଂ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ଲାଗି ପୁରୀରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ହେଲାଣି। ଏମିତି ଭାବନା ନେଇ ଶ୍ରୀକ୍ଷେତ୍ରକୁ ଛୁଟି ଆସିଛନ୍ତି ବହୁ ସଂଖ୍ୟାରେ ଭକ୍ତ। ତେଣୁ ଭକ୍ତ ଏବଂ ପର୍ଯ୍ୟଟକଙ୍କ ନିରାପଦ ସ୍ନାନ ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ନୂଆବର୍ଷରେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିବେ, ସେଥିଲାଗି ବ୍ୟାପକ ବ୍ୟବସ୍ଥା ହୋଇଥିବା କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ। ଶ୍ରଦ୍ଧାଳୁଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ଶେଡ୍, ମୋବାଇଲ ଓ ଜୋତାଷ୍ଟାଣ୍ଡ, ପାନୀୟ ଜଳ, ଟଏଲେଟ୍‌ର ସୁବିଧା କରାଯାଇଛି।

୩୧ ଏବଂ ୧ ତାରିଖରେ ଶ୍ରୀମନ୍ଦିର ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ଏହାକୁ ନଜରରେ ରଖି ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଶୃଙ୍ଖଳିତ ନୀତିକାନ୍ତି ଲାଗି ପୂର୍ବରୁ ଛତିଶା ନିଯୋଗ ଏବଂ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି।

- ■ ରାତି ସାଢ଼େ ୧୦ ସୁଦ୍ଧା ହେବ ପହୁଡ଼
- ■ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା

ରବିବାର ରାତି ୧୦ରୁ ସାଢ଼େ ୧୦ଟା ମଧ୍ୟରେ ପହୁଡ଼ ଲାଗି ଯୋଜନା ରହିଛି। ସେହିପରି ରାତି ୨ଟା ସୁଦ୍ଧା ଦ୍ୱାର ଫିଟାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଭକ୍ତମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅଧିକ ସମୟ ମିଳିପାରିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଶ୍ରୀ ଦାସ। ସେହିପରି ଭକ୍ତଙ୍କ ସମାଗମକୁ ନଜରରେ ରଖି ମହାପ୍ରସାଦ ପ୍ରସ୍ତୁତି ଲାଗି ସୁଆର ମହାସୁଆର ସେବାୟତଙ୍କ ସହ ଆଲୋଚନା କରାଯାଇଛି। ଆନନ୍ଦ ବଜାରରେ ଶେଡ୍ କରାଯାଇଛି। ସ୍ୱଚ୍ଛ ପରିବେଶ ଭିତରେ ଶ୍ରଦ୍ଧାଳୁମାନେ ବସି ମହାପ୍ରସାଦ ସେବନ କରିବା ସହ ନୂଆବର୍ଷରେ ନୂଆ ଅନୁଭୂତି ପାଇପାରିବେ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।



# ପରିକ୍ରମା ପ୍ରକଳ୍ପ ସମୀକ୍ଷା କଲେ '୫-ଟି' ଅଧ୍ୟକ୍ଷ

**ପୁରୀ,୩୦।୧୨(ସମିସ):** ଆସନ୍ତା ୧୭ତାରିଖରେ ଲୋକାର୍ପଣ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଥିପାଇଁ ଭବ୍ୟ ପ୍ରତିଷ୍ଠା ଉତ୍ସବ ଆୟୋଜନ ଲାଗି ଚାଲିଛି ଜୋର୍‌ଦାର ପ୍ରସ୍ତୁତି। ଠିକଣା ସମୟରେ ପ୍ରକଳ୍ପ କାମ କିପରି ପୂର୍ଣ୍ଣାଙ୍ଗ ରୂପ ନେବ, ସେଥିଲାଗି ନିୟମିତ ଏହାର ତଦାରଖ କରୁଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଏହି କ୍ରମରେ ଶନିବାର ଶ୍ରୀ ପାଣ୍ଡିଆନ୍ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଏବଂ ଅନ୍ୟ କେତେକ ନିର୍ମାଣାଧୀନ ପ୍ରକଳ୍ପ ବୁଲି ଦେଖିବା ସହ ସମୀକ୍ଷା କରିଛନ୍ତି। ଶ୍ରୀ ପାଣ୍ଡିଆନ ପ୍ରତ୍ୟୁଷରେ ଆଜି ପୁରୀରେ ପହଞ୍ଚିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ପରିକ୍ରମା ପ୍ରକଳ୍ପର ସମୀକ୍ଷା କରିଥିଲେ। ନୂଆବର୍ଷ ଆସୁଥିବାରୁ ଭକ୍ତମାନଙ୍କ ସୁବ୍ୟବସ୍ଥିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ଦିଗରେ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଭକ୍ତଙ୍କ ପାଇଁ ବଡ଼ଦାଣ୍ଡରେ ନିର୍ମାଣାଧୀନ ଶୀତତାପ ନିୟନ୍ତ୍ରିତ ଚଲାପଥ ବୁଲି ଦେଖିବା ସହ ଏଥିରେ ଥିବା ବ୍ୟାରିକେଡ୍ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟ ତଳେ ଭକ୍ତଙ୍କ ପାଇଁ ଅଭ୍ୟର୍ଥନା କେନ୍ଦ୍ର ନିର୍ମାଣ ଚାଲିଛି। ଏଠାରେ ଶ୍ରଦ୍ଧାଳୁମାନେ ବିଶ୍ରାମ ନେଇପାରିବେ। ଏହାକୁ ବୁଲି ଦେଖିବା ସହ କାମକୁ ନେଇ ସନ୍ତୋଷବ୍ୟକ୍ତ କରିଥିଲେ '୫-ଟି' ଅଧ୍ୟକ୍ଷ। ସେହିପରି ଶ୍ରୀଜଗନ୍ନାଥ ବଲ୍ଲଭ କମ୍ପ୍ଲେକ୍ସଠାରୁ ଦୋଳବେଦୀ କୋଣକୁ ସଂଯୋଗ କରୁଥିବା ନୂତନ ରାସ୍ତା 'ଶ୍ରୀଦାଣ୍ଡ'ର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହ ଚାଲିଚାଲି ଯାଇ ଏହାକୁ ଅନୁଧ୍ୟାନ କରିଥିଲେ। ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟର୍ କାମ ଦେଖି ସାରିବା ପରେ ଶ୍ରୀସେତୁ ରାସ୍ତା ଦେଇ ଭୁବନେଶ୍ୱର ଫେରିଯାଇଥିଲେ। ଏହି ସମୟରେ ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଳ ସିଂ, ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ରହି '୫-ଟି' ଅଧ୍ୟକ୍ଷଙ୍କୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

- ■ ଶୀତତାପ ନିୟନ୍ତ୍ରିତ ଶେଡ୍, ଶ୍ରୀଦାଣ୍ଡ ବୁଲି ଦେଖିଲେ
- ■ ଅଭ୍ୟର୍ଥନା କେନ୍ଦ୍ର କାମ ଦେଖି ସନ୍ତୋଷବ୍ୟକ୍ତ କଲେ

# ମାନସ ମଙ୍ଗରାଜଙ୍କୁ ସମ୍ବଲପୁର ସଂସଦୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱ

- ■ ସୌଭାଗ୍ୟଙ୍କୁ ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା କ୍ଷେତ୍ର ଦାୟିତ୍ୱ
- ■ ଅମରେଶ ବୌଦ୍ଧ ଓ ଗୌତମ ଦେବଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ
- ■ ସଭାପତି, ୫-ଟି ଅଧ୍ୟକ୍ଷ ଓ ସଂଗଠନ ସମ୍ପାଦକଙ୍କୁ ଜଣାଇଲେ କୃତଜ୍ଞତା

**ଭୁବନେଶ୍ୱର,୩୦।୧୨(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟସଭା ସାଂସଦ ଏବଂ ବିଜେଡି ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ସମ୍ବଲପୁର ସଂସଦୀୟ କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ମଙ୍ଗରାଜ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ଦାୟିତ୍ୱ ପାଇଥିଲେ। ଆଜି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ଶ୍ରୀ ମଙ୍ଗରାଜଙ୍କୁ ସମ୍ବଲପୁର ସଂସଦୀୟ କ୍ଷେତ୍ର ଦାୟିତ୍ୱ ଦିଆଯାଇଛି। ସେହିପରି ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ସୌଭାଗ୍ୟ ନାୟକଙ୍କୁ ଏବଂ ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସଙ୍କୁ ଦେବଗଡ଼ ଜିଲ୍ଲା ଓ ଅମେରଶ ଜେନାଙ୍କୁ ବୌଦ୍ଧ ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି।

ନୂଆ ଦାୟିତ୍ୱ ପାଇବା ପରେ ଶ୍ରୀ ମଙ୍ଗରାଜ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଦଳର ସଭାପତି ନବୀନ ପଟ୍ଟନାୟକ ମୋତେ ଯେଉଁ ଦାୟିତ୍ୱ ଦେଇଛନ୍ତି, ତାହା ମୁଁ ସୁଚାରୁରୂପେ ନିର୍ବାହ କରିଛି। ଏବେ ମୁଁ ବ୍ରହ୍ମପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରୁଛି ଏବଂ ଆଜି ମୋତେ



'ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଆହୁରି ଟାଣ କରିବି'

'ମୁଖ୍ୟମନ୍ତ୍ରୀଙ୍କ ପାଇଁ ନିର୍ବାଚନ ଆଦୌ ଆହ୍ୱାନ ନୁହେଁ'

ସମ୍ବଲପୁର ଦାୟିତ୍ୱ ଅର୍ପଣ କରିଛନ୍ତି। ସେଥିପାଇଁ ମୁଁ ଦଳର ସଭାପତି ନବୀନ ପଟ୍ଟନାୟକ, '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏବଂ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଅନ୍ତରରୁ କୃତଜ୍ଞତା ଜଣାଉଛି। ଆମ ରାଜ୍ୟରେ ନିର୍ବାଚନ ଆଉ ୩/୪ ମାସ ବାକି ଅଛି। ଏପରି ସମୟରେ ମୋତେ ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି, ତାହା ଦକ୍ଷତାର ସହ ତୁଲାଇବି। ମୁଖ୍ୟମନ୍ତ୍ରୀଙ୍କ ଆସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଉଦ୍ୟମ କରିବି।

ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମଙ୍ଗରାଜ କହିଥିଲେ ଯେ ପ୍ରତିଦିନ କ୍ରମାଗତ ଭାବେ ବିଜେଡିର ଶକ୍ତି ବୃଦ୍ଧି ପାଇ ଚାଲିଛି। ୨୦୦୯, ୨୦୧୪ ଏବଂ ୨୦୧୯ରେ ସମସ୍ତେ ଦେଖିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଆଶା ଓ ଭରସା ବଢ଼ିବଢ଼ି ଚାଲିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ପାଇଁ ନିର୍ବାଚନ ଆଦୌ ଏକ ଆହ୍ୱାନ ନୁହେଁ। ଆଗାମୀ ନିର୍ବାଚନରେ ବିଜେଡି ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରିବ, ଏଥିରେ ସନ୍ଦେହ ନାହିଁ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

## କ୍ୟାବିନେଟର ବଡ଼ ନିଷ୍ପତ୍ତି

# ୨୦୨୪ ଓସିଏସ୍ ପରୀକ୍ଷା ପାଇଁ ବୟସ ସୀମା ୩୮



**ଭୁବନେଶ୍ୱର, ୩୦।୧୨(ସମିସ):** ଓଡ଼ିଶା ସିଭିଲ୍ ସର୍ଭିସ୍ (ବେସାମରିକ ସେବା) ପରୀକ୍ଷା ପାଇଁ ସର୍ବୋଚ୍ଚ ବୟସସୀମା (୩୮ ବର୍ଷ) ୨୦୨୪ ମସିହାରେ ବି ବଳବତ୍ତର ରହିବ। ରାଜ୍ୟ କ୍ୟାବିନେଟ୍‌ରେ ଆଜି ଏହି ପ୍ରସ୍ତାବକୁ ମଞ୍ଜୁରି ମିଳିଛି।

ଓଡ଼ିଶା ବେସାମରିକ ସେବା (ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମ ୧୯୮୯ର ବ୍ୟବସ୍ଥା ଅନୁଯାୟୀ, ରାଜ୍ୟ ସରକାରୀ ପଦବୀ ଓ ସେବାରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସସୀମା ୩୨ ବର୍ଷ ଅଟେ। ତେବେ ବିଭିନ୍ନ କାରଣରୁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେବାରୁ ରାଜ୍ୟ ସରକାର କେବଳ ୩ ନିଯୁକ୍ତି କ୍ୟାଲେଣ୍ଡର୍ ବର୍ଷ (୨୦୨୧, ୨୦୨୨ ଓ ୨୦୨୩)ରେ ଜାରି ହୋଇଥିବା/ହେବାକୁ ଥିବା ବିଜ୍ଞାପନ ପାଇଁ ସରକାରୀ ପଦବୀ ଓ ସେବାରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସସୀମାକୁ ୩୨ରୁ ୩୮ ବର୍ଷକୁ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଥିଲେ। ଇତିମଧ୍ୟରେ ସରକାର ବିଭିନ୍ନ କ୍ୟାଡର୍‌ର ପୁନର୍ଗଠନ କରି ଅନେକ ମୂଳ ପଦବୀ ସୃଷ୍ଟି କରିଛନ୍ତି ଏବଂ ସେଥିରେ ଅନେକ ନିଯୁକ୍ତି ସେବା ନିୟମାବଳୀ ପ୍ରଣୟନ କରିଛନ୍ତି। ପୁନଶ୍ଚ ୭ଟି ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ପ୍ରଣୟନ କରାଯାଇଛି, ଯେଉଁଥିରେ ନୂଆ ସିଲାବସ୍ ଏବଂ ପରୀକ୍ଷା ଢାଞ୍ଚା ଅନ୍ତର୍ଭୁକ୍ତ କରାଯାଇଛି। ଏଣୁ ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ସରକାର ବୟସସୀମା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ମହିଳା ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି ହେଉଥିବା ନିୟମାବଳୀ ଅନୁସାରେ ସର୍ବୋଚ୍ଚ ବୟସସୀମା କୋହଳ ହେବ।

## ■ ୧୨ ନୃତ୍ୟଶିଳ୍ପୀଙ୍କୁ ଚାରୁକଳା ପୁରସ୍କାର

# 'ଜାତିର ଅଗ୍ରଗତିରେ ଐତିହ୍ୟ, ସଂସ୍କୃତିର ଭୂମିକା ଗୁରୁତ୍ୱପୂର୍ଣ୍ଣ'



**ଭୁବନେଶ୍ୱର,୩୦।୧୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀ ମିଳିତ ଆନୁକୂଲ୍ୟରେ ଶନିବାର ୪୧ତମ ରାଜ୍ୟ ଚାରୁକଳା ପୁରସ୍କାର ପ୍ରଦାନ ଉତ୍ସବ ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଶୁଭେଚ୍ଛା ବାର୍ତ୍ତା ଦେଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀ କଳାର ଉନ୍ନତି ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ଶିଳ୍ପୀମାନେ ଉତ୍କର୍ଷ ହାସଲ କରିପାରିଛନ୍ତି। ପୂର୍ବରୁ ୮ଟି ବିଭାଗରେ ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଚଳିତ ବର୍ଷଠାରୁ ୧୬ଟି ବିଭାଗରେ ପୁରସ୍କାର ପ୍ରଦାନ ନିମନ୍ତେ ସରକାର ଘୋଷଣା କରିଥିଲେ।

ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍ କହିଲେ ଯେ ଶିଳ୍ପୀଙ୍କଠାରେ କୌଣସି ଭେଦଭାବର ପାର୍ଥକ୍ୟ ନଥାଏ। ବାସ୍ତବତାକୁ ନିଖୁଣ ରୂପ ଦେବାରେ ଜଣେ ଶିଳ୍ପୀ ସର୍ବଦା ଗୁରୁତ୍ୱ ଦେଇଥାଏ। ଗୋଟିଏ ଜାତିର ଅଗ୍ରଗତି ନିମନ୍ତେ ତା'ର ଐତିହ୍ୟ, ସଂସ୍କୃତି ପ୍ରମୁଖ ଭୂମିକା ତୁଲାଇଥାଏ।

ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ଭାରତରାଏ କହିଲେ ଯେ ଶିଳ୍ପୀମାନଙ୍କର ବାସ୍ତବଧର୍ମୀ କାରୁକାର୍ଯ୍ୟ ସର୍ବଦା ଉତ୍ସାହପ୍ରଦ ରହିଛି। ସେମାନଙ୍କର ଉନ୍ନତି ନିମନ୍ତେ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏକାଡେମୀର ସଭାପତି ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ କମିଟିରେ ରାଜ୍ୟ ବାହାରର ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କୁ ନେଇ ପୁରସ୍କୃତ ହୋଇଥିବା ଶିଳ୍ପୀମାନଙ୍କୁ ଚୟନ କରାଯାଇଛି। ପୁରସ୍କୃତ ହୋଇନଥିବା ଶିଳ୍ପୀମାନେ ନିରନ୍ତର ପ୍ରୟାସ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ।

ଏହି ଅବସରରେ ବିଭିନ୍ନ ବର୍ଗରେ ୧୨ଜଣ ଶିଳ୍ପୀଙ୍କୁ ସେମାନଙ୍କର ଶ୍ରେଷ୍ଠ କଳାକୃତି ପାଇଁ ଚଳିତ ବର୍ଷର ରାଜ୍ୟସ୍ତରୀୟ ଚାରୁକଳା ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କୃତ ଶିଳ୍ପୀମାନଙ୍କୁ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଉପଢୌକନ, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ଦେଇଥିବା ବେଳେ ସ୍ୱତନ୍ତ୍ର ଶାସନ ସଚିବ ତଥା ଏକାଡେମୀର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ମଧୁସୂଦନ ଦାଶ ଧନ୍ୟବାଦ ଦେଇଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁନ୍ଦରଗଡ଼ରେ ବିଜେଡି ଆହୁରି ଶକ୍ତିଶାଳୀ

# ଶଙ୍ଖ ଧରିଲେ ନୃପଚରଣ

**ଭୁବନେଶ୍ୱର,୩୦।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଅବସରପ୍ରାପ୍ତ ଅତିରିକ୍ତ ଏସ୍‌ପି ନୃପଚରଣ ଦଣ୍ଡସେନା ଆଜି ଶଙ୍ଖଭବନ ଠାରେ ବରିଷ୍ଠ ବିଜେଡ଼ି ଉପସଭାପତି ତଥା ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ଶ୍ରୀ ଦଣ୍ଡସେନାଙ୍କୁ ଉପଢୌକନ ଦେଇ ଶ୍ରୀ ମିଶ୍ର ଓ ଶ୍ରୀ ମଙ୍ଗରାଜ ଦଳକୁ ସ୍ୱାଗତ କରିବା ସହିତ ତାଙ୍କର ଯୋଗଦାନ ଫଳରେ ବିଶେଷକରି ସୁନ୍ଦରଗଡ଼ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଉଭୟ ନେତୃବୃନ୍ଦ ବିଶ୍ୱାସବ୍ୟକ୍ତ କରିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଅବସରପ୍ରାପ୍ତ ଅତିରିକ୍ତ ଏସ୍‌ପି ନୃପଚରଣ ଦଣ୍ଡସେନା ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ପୁଲିସ ବିଭାଗରେ ରହି ମୁଁ ଜୀବନ ତମାମ୍ ଲୋକଙ୍କ ସେବା କରିଛି। ସରକାରୀ ଚାକିରୀରୁ ଅବସର ପରେ ଜନସେବାରେ ନିଜକୁ ଉତ୍ସର୍ଗ କରିଛି। ତେବେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶ ସର୍ବଦା ମୋତେ ଅନୁପ୍ରାଣିତ କରିଛି। ଲୋକଙ୍କ ସେବା କରିବା ପାଇଁ ବିଜୁ ଜନତା ଦଳ ହେଉଛି ପ୍ରକୃଷ୍ଟ ମଞ୍ଚ। କାରଣ ସଭାପତିଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ନେତା ଓ କର୍ମୀ ଶୃଙ୍ଖଳିତ ଭାବେ ଓଡ଼ିଶାବାସୀଙ୍କ ସେବାରେ ସମର୍ପଣ ଭାବନା ନେଇ କାର୍ଯ୍ୟ କରିଥାନ୍ତି। ଏହା ହିଁ ମୋତେ ବିଜୁ ଜନତା ଦଳରେ ଯୋଗ ଦେବା ଲାଗି ପ୍ରେରଣା ଦେଇଥିଲା। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ସହ ଦଳ ଯେଉଁ ଦାୟିତ୍ୱ ଦେବ ତାକୁ ସୂଚାରୁରୂପେ ତୁଲାଇବି। ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି ଶ୍ରୀ ଦଣ୍ଡସେନା ପ୍ରକାଶ କରିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ମଙ୍ଗରାଜ କହିଥିଲେ ଯେ ଶ୍ରୀ ଦଣ୍ଡସେନା ଜଣେ ଦକ୍ଷ ଓ ଶୃଙ୍ଖଳିତ ପୁଲିସ ଅଧିକାରୀ ଭାବେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ସେ କାର୍ଯ୍ୟ କରିଥିବା ଅଞ୍ଚଳରେ ତାଙ୍କର ଖ୍ୟାତି ରହିଛି। ସରକାରୀ ଚାକିରୀରୁ ଅବସର ପରେ ସେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହି ଜନସେବା ଜାରି ରଖିଛନ୍ତି। ଶ୍ରୀ ଦଣ୍ଡସେନା ଡେଲକୀ ଖଡିଆ ସମାଜର ରାଜ୍ୟ ସଭାପତି, ଜିଲ୍ଲା ହକି ଆସୋସିଏସନ୍‌ର କାର୍ଯ୍ୟକାରିଣୀ ସଦସ୍ୟ, ଓଡ଼ିଶା ଆଦିବାସୀ ମହାସଂଘର କାର୍ଯ୍ୟକାରିଣୀ ସଦସ୍ୟ, କୋଣାକୁନ୍ଦ ବିକାଶ ମଞ୍ଚର ଉପଦେଷ୍ଟା ଏବଂ ସୁନ୍ଦରଗଡ଼ ଷ୍ଟିଅରିଂ କମିଟିର ସଭାପତି ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ଶ୍ରୀ ଦଣ୍ଡସେନା ବିଜେଡିରେ ମିଶିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ଆଜି ଆମ ଦଳର ସଭାପତିଙ୍କ ଅନୁମୋଦନକ୍ରମେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହେଉଛି। ଶ୍ରୀ ଦଣ୍ଡସେନା ଏବଂ ଅନ୍ୟମାନଙ୍କ ଯୋଗଦାନ ଫଳରେ ତୃଣମୂଳ ସ୍ତରରେ ବିଜେଡି ଆହୁରି ସୁଦୃଢ଼ ହେବ ବୋଲି ଶ୍ରୀ ମଙ୍ଗରାଜ ପ୍ରକାଶ କରିଥିଲେ।



- ଶତାଧିକ ସମର୍ଥକ ଦଳରେ ମିଶିଲେ
- ପ୍ରତିଦିନ ବିଜେଡିର ସଂଗଠନ ସୁଦୃଢ଼ ହୋଇ ଚାଲିଛି: ମାନସ ମଙ୍ଗରାଜ

ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ଖଡ଼ିଆ ସମାଜର ଜିଲ୍ଲା ଉପସଭାପତି ଉଗ୍ରସେନ ପ୍ରଧାନ, ଖଡ଼ିଆ ସମାଜର ରାଜ୍ୟ ଉପସଭାପତି ବିଶେଶ୍ୱର ଦଣ୍ଡସେନା, ଅବସରପ୍ରାପ୍ତ କୃଷି ଅଧିକାରୀ ଦୁର୍ଜନ କୁମାର ବାଗ, ଅବସରପ୍ରାପ୍ତ କୋଲ ଇଣ୍ଡିଆ ଅଫିସର ତୁଳାରାମ ନାୟକ, ସମିତି ସଭ୍ୟ ସିଆପତି ମୁଣ୍ଡ, ସରପଞ୍ଚ ଶ୍ରୀମତୀ ଶକୁନ୍ତଳା ବାଗ, ପୂର୍ବତନ ସରପଞ୍ଚ ଶ୍ରୀମତୀ ଝରଣା ଦଣ୍ଡସେନା, ନାଏବ ସରପଞ୍ଚ ପରମେଶ୍ୱର ଗଣ୍ଡ, ପୂର୍ବତନ ବଡ଼ଗାଁ ବ୍ଲକ ଚେୟାରମ୍ୟାନ ସାରଥି ପାଣ୍ଡେ, ପୂର୍ବତନ ସମିତି ସଭ୍ୟ ସୁନ୍ଦରମଣି ସିଂହ, ପୂର୍ବତନ ସରପଞ୍ଚ ଦୁଷ୍ମନ୍ତ ନାୟକ, ହେମନ୍ତ ମାଝୀ, ୱାର୍ଡ଼ ମେମ୍ବର ଭିକ୍ଟୋରିଆ କୁଲୁ, ପ୍ରତିମା ବିଲୁମ, ସମାଜସେବୀ ସସ୍ମିତା ମଲ୍ଲିକ, ବିନୋଦ ଦଣ୍ଡସେନା, ଦୀପକ ପ୍ରଧାନ, ରମାନନ୍ଦ ମଲ୍ଲିକ, ମନୋଜ ପୃସେଟ, ଅମୂଲ୍ୟ ବେହେରା ପ୍ରମୁଖ ବିଜେଡ଼ିରେ ସାମିଲ୍ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଜେଡ଼ି ମୁଖପାତ୍ର ତୁମ୍ବନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI



ଖେଳରତ୍ନ, ଅର୍ଜୁନ ଫେରାଇଲେ ଵିନେଶ
▸କ୍ରୀଡ଼ା ପୃଷ୍ଠାରେ...

•VOLUME- 41 •ISSUE-186 •BHUBANESWAR •SUNDAY •31 DECEMBER 2023 •PAGE-20 •₹ 6.00
•ବର୍ଷ-୪୧ •ସଂଖ୍ୟା-୧୮୬ •ଭୁବନେଶ୍ୱର •ରବିବାର •୩୧ ଡିସେମ୍ବର ୨୦୨୩ •ପୃଷ୍ଠା-୨୦ •ଟ.୬.୦୦ (ସିନ୍ଦୂରା ସହ)

## ୭ ମାସରେ ସର୍ବାଧିକ ସ୍ତରରେ କରୋନା ସଂକ୍ରମଣ



■ **ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି):** ବିଗତ କିଛି ଦିନ ହେଲା ଦେଶର ବିଭିନ୍ନ ଭାଗରେ କରୋନା ସଂକ୍ରମଣ ବୃଦ୍ଧି ପାଇ ଚାଲିଥିଲା ବେଳେ ସଂକ୍ରମଣ ସ୍ତର ଗତ ୭ ମାସ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ଗତ ୨୪ ଘଣ୍ଟା ଭିତରେ ପୁଣି ନୂଆ ୭୪୩ ସଂକ୍ରମିତଙ୍କୁ ଚିହ୍ନଟ କରାଯିବା ସହିତ ୭ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ରିପୋର୍ଟ ଅନୁସାରେ କେରଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ କର୍ଣ୍ଣାଟକରେ ୨ ଏବଂ ଛତିଶଗଡ଼ ଓ ତାମିଲନାଡୁରେ ଜଣେ ଲେଖାଏଁ ରୋଗୀଙ୍କ ମୃତ୍ୟୁ ହୋଇଛି । ବର୍ତ୍ତମାନ ସୁଦ୍ଧା ଦେଶରେ କରୋନା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩,୯୯୭ରେ ପହଞ୍ଚିଥିଲଶ ବେଳେ ଗତ ଗୁରୁବାର ସୁଦ୍ଧା ଜେଏନ .୧ ଉପ ପ୍ରଜାତି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ରୋଗୀଙ୍କ ସଂଖ୍ୟା ୧୪୫ ରହିଥିବା ଜଣାପଡ଼ିଛି। ୨୦୨୦ ଜାନୁଆରୀ ପର ଠାରୁ ବର୍ତ୍ତମାନ ସୁଦ୍ଧା ମୋଟ ୪, ୫୦,୧୨, ୪୮ଜଣ କରୋନା ସଂକ୍ରମିତ ହୋଇଛନ୍ତି । ସେହିପରି କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ମଧ୍ୟ ୫, ୩୩, ୩୫୮ ରେ ପହଞ୍ଚିଛି ।

**୨୪ ଘଣ୍ଟାରେ ପୁଣି ୭୪୩ ନୂଆ ମାମଲା; ୭ ସଂକ୍ରମିତଙ୍କ ମୃତ୍ୟୁ**

## ଗାଜାରେ ଇସ୍ରାଏଲ ସେନାର ପ୍ରଚଣ୍ଡ ଆକ୍ରମଣ



■ **ତେଲ୍ ଆଭିଭ୍, ୩୦।୧୨ (ଏଜେନ୍ସି):** ହମାସ୍ ବିରୋଧରେ ଇସ୍ରାଏଲର ଆକ୍ରମଣ ୮୫ ଦିନ ଅତିକ୍ରମ କରିଛି। ହମାସ୍ ଆତଙ୍କବାଦୀଙ୍କ ସବୁ ଠିକଣା ଧ୍ୱଂସ କରିବା ଲକ୍ଷ୍ୟରେ ଇସ୍ରାଏଲ ସେନା ଆକ୍ରମଣ ଜାରି ରଖିଥିଲା ବେଳେ ବର୍ତ୍ତମାନ ଗାଜାର ପ୍ରମୁଖ ସହରଗୁଡ଼ିକରେ ଯୁଦ୍ଧାଭିଜାନ ଜାରି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଇସ୍ରାଏଲ ସେନାର ଆକ୍ରମଣରେ ୨୦୦ ରୁ ଅଧିକ ପାଲେଷ୍ଟେନୀୟଙ୍କ ମୃତ୍ୟୁ ହେବା ସହିତ ଶତାଧିକ ଲୋକ ଆହତ ହୋଇଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଗାଜାର ଖାନ୍ ୟୁନୁସ୍ ସହରକୁ କେନ୍ଦ୍ର କରି ଇସ୍ରାଏଲ ସେନା ଆକ୍ରମଣ ଚଳାଇଛି। ଇସ୍ରାଏଲ ଆକ୍ରମଣ ଭୟରେ ପୂର୍ବରୁ ଗାଜା ▸ପୃଷ୍ଠା-୧୮

**୨୪ ଘଣ୍ଟାରେ ୨୦୦ ପାଲେଷ୍ଟେନୀୟ ମୃତ**

**ଧ୍ୱଂସ ହେଲାଣି ୭୦ ପ୍ରତିଶତ ଘର**

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମ ହେବ ଭବ୍ୟ ଏବଂ ଦିବ୍ୟ

# ପଞ୍ଚାୟତ ବୁଲିବ 'ଜଗନ୍ନାଥ' ରଥ

## ମହାପ୍ରଭୁଙ୍କୁ ସମର୍ପଣ ଉଦ୍ଦେଶ୍ୟରେ ଘରକୁ ଘର ବୁଲି ସଂଗ୍ରହ କରାଯିବ ଅରୁଆ ଚାଉଳ, ଗୁଆ

■ **ଭୁବନେଶ୍ୱର, ୩୦।୧୨ (ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଅଧିକ ଭବ୍ୟ ଏବଂ ଦିବ୍ୟ ଭାବରେ ଆୟୋଜନ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ଏ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। ରାଜ୍ୟବାସୀ ଯେପରି ଏହି ପବିତ୍ର କାର୍ଯ୍ୟକ୍ରମର ଦିବ୍ୟତା ଅନୁଭବ କରିପାରିବେ ସେଥିପାଇଁ ଯୋଜନା କରାଯାଇଛି। ନିଷ୍ପତ୍ତି ଅନୁଯାୟୀ, ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ପ୍ରତି ପଞ୍ଚାୟତରେ 'ଜଗନ୍ନାଥ' ରଥ ପରିକ୍ରମା କରିବ। ମହାପ୍ରଭୁଙ୍କୁ ସମର୍ପଣ ଉଦ୍ଦେଶ୍ୟରେ ପ୍ରତି ଘରୁ ଅରୁଆଚାଉଳ ଓ ଗୁଆ ସଂଗ୍ରହ କରାଯିବ। ପଞ୍ଚାୟତସ୍ତରରୁ ଲୋକଙ୍କୁ ଲୋକାର୍ପଣ ଉତ୍ସବ ଦିନ ପୁରୀ ଆଣିବାକୁ ବନ୍ଦୋବସ୍ତ କରାଯିବ। ଯେଉଁମାନେ ଲୋକାର୍ପଣ ଉତ୍ସବର ପ୍ରତ୍ୟକ୍ଷ ଅନୁଭୂତି ନେବା ପାଇଁ ପୁରୀ ନ ଆସି ପାରିବେ, ସେମାନଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ପ୍ରତି ପଞ୍ଚାୟତରେ ଏଲ୍ଇଡି ପରଦା ଲଗାଯାଇ ଏହା ମାଧ୍ୟମରେ ଶ୍ରଦ୍ଧାଳୁଙ୍କ ପାଇଁ ଲୋକାର୍ପଣ ସମାରୋହର ସିଧା ପ୍ରସାରଣ କରାଯିବ। ଆଜିର କ୍ୟାବିନେଟ ବୈଠକ ପରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏବଂ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ଗ୍ରାମାଞ୍ଚଳର ସର୍ବାଙ୍ଗୀଣ ବିକାଶ ପାଇଁ ରାଜ୍ୟ ସରକାର 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ପୂର୍ବରୁ ଆରମ୍ଭ କରିଛନ୍ତି। ଏହା ଗ୍ରାମୀଣ ଓଡ଼ିଶାର ରୂପାନ୍ତରଣ ଯାତ୍ରାକୁ ଆଗକୁ ନେବା ସହ ଓଡ଼ିଶାର ସମୃଦ୍ଧ ଜଗନ୍ନାଥ ସଂସ୍କୃତିକୁ ବିଶ୍ୱବ୍ୟାପୀ କରିବା ପାଇଁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ ଅଟେ। ରାଜ୍ୟବ୍ୟାପୀ ଜଗନ୍ନାଥ ଚେତନାର ପ୍ରଚାର ପ୍ରସାର ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିର ଅନୁରୋଧକ୍ରମେ ରାଜ୍ୟ କ୍ୟାବିନେଟ ନେଇଥିବା ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସମସ୍ତ ୩୧୪ ବ୍ଲକର ପ୍ରତି ପଞ୍ଚାୟତରେ ଘରକୁ ଘର ଯାଇ ଗୁଆ, ଅରୁଆ ଚାଉଳ ପ୍ରତି ପରିବାରରୁ ସଂଗ୍ରହ କରାଯିବ।

ସେହିପରି ପ୍ରତି ଗାଁରେ ଜଗନ୍ନାଥ ରଥ ବୁଲିବା ସହ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିବେ। ପ୍ରତି ଗ୍ରାମରୁ ଯେଉଁ ଗୁଆ, ଚାଉଳ ସଂଗ୍ରହ ହେବ ତାହା ସେହି ପଞ୍ଚାୟତର ଜଗନ୍ନାଥ କିମ୍ବା ଅନ୍ୟ ମନ୍ଦିରରେ ସଂଗୃହୀତ ହୋଇ ରହିବ। ଗ୍ରାମାଞ୍ଚଳରୁ ଗୁଆ ଏବଂ ଚାଉଳ ସଂଗ୍ରହ ପ୍ରକ୍ରିୟା ସରିବା ପରେ ଏହାକୁ ସଂପୃକ୍ତ ବ୍ଲକର କୌଣସି ମନ୍ଦିରରେ ରଖାଯିବ।୧୭ ତାରିଖରେ ଲୋକାର୍ପଣ କାର୍ଯ୍ୟକ୍ରମକୁ ରାଜ୍ୟବ୍ୟାପୀ ସଂଗୃହୀତ ଗୁଆ ଏବଂ ଚାଉଳକୁ ଅଣାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ସେହିପରି ଉକ୍ତ ଲୋକାର୍ପଣ ସମାରୋହରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରୁ ଜନସାଧାରଣ ଯୋଗ ଦେବା ପାଇଁ ରାଜ୍ୟ ସରକାର ବନ୍ଦୋବସ୍ତ କରିଛନ୍ତି। ଏଥିପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ। ତେବେ ଯେଉଁମାନେ ପୁରୀ ଆସିପାରିବେ ନାହିଁ, ସେମାନଙ୍କ ପାଇଁ ମଧ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ଏହିକ୍ରମରେ ପ୍ରତି ପଞ୍ଚାୟତରେ ଏଲ୍ଇଡି ସ୍କ୍ରିନ୍ ମାଧ୍ୟମରେ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ କରାଯିବ। ଯାହାଫଳରେ ଶ୍ରୀକ୍ଷେତ୍ରକୁ ଆସିପାରି ନଥିବା ଲୋକେ ନିଜ ଅଞ୍ଚଳରେ ଥାଇ ଭବ୍ୟ ଉଦ୍ଘାଟନୀ ଉତ୍ସବ ଦେଖିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ଗ୍ରାମପଞ୍ଚାୟତ ଏବଂ ବ୍ଲକ୍ ସ୍ତରରେ ଏ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମୋଟ ୧୩୫.୮୮ କୋଟି ଟଙ୍କା ଅଟକଳକୁ ଅନୁମୋଦନ ମିଳିଛି। ସେହିପରି ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଅଂଶଗ୍ରହଣ ଆମ ଓଡ଼ିଶା, ନବୀନ ଓଡ଼ିଶା ପ୍ରୟାସର ଅନ୍ତର୍ଗତ ଅଟେ। ଏଥିପାଇଁ ପୂର୍ବ ଅନୁମୋଦିତ ବଜେଟ୍ ୪୦୦୦ କୋଟି ଟଙ୍କାରୁ ୪୨୧୪ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

**ଲୋକାର୍ପଣ ସମାରୋହରେ ଯୋଗଦେବାକୁ ପ୍ରତି ପଞ୍ଚାୟତରୁ ପୁରୀ ଆସିବେ ଭକ୍ତ**

**ପ୍ରତି ପଞ୍ଚାୟତରେ ଲାଗିବ ଏଲ୍ଇଡି ସ୍କ୍ରିନ୍, ଲୋକାର୍ପଣ ଉତ୍ସବର ହେବ ସିଧା ପ୍ରସାରଣ**

**'ଆମ ଓଡ଼ିଶା, ନବୀନ ଓଡ଼ିଶା'ରେ ଲୋକାର୍ପଣ ପର୍ବ ସାମିଲ; ବଜେଟ ରାଶି ୪୨୧୪ କୋଟି ଟଙ୍କାକୁ ବୃଦ୍ଧି**




## ପଶୁପତିନାଥ ମନ୍ଦିରରେ ଦିଆଗଲା ନିମନ୍ତ୍ରଣ ଚିଟାଉ



■ **ପୁରୀ, ୩୦।୧୨ (ସମିସ):** ଆଉ ମାତ୍ର ୧୭ଦିନ ପରେ ଲୋକାର୍ପିତ ହେବ ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ବିଶ୍ୱ ଦେଖିବ ବଡ଼ଦେଉଳର ଭବ୍ୟ ରୂପ। ଏହି ଲୋକାର୍ପଣରେ ଉତ୍ସବରେ ସାମିଲ ହେବା ପାଇଁ ଦେଶ ଏବଂ ଦେଶ ବାହାରର ପ୍ରମୁଖ ମନ୍ଦିରର ମୁଖ୍ୟଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଉଛି।

ଗତ ମଙ୍ଗଳବାରଠାରୁ ବିଭିନ୍ନ ଦେବପୀଠରେ ପହଞ୍ଚି ଶ୍ରୀକ୍ଷେତ୍ରକୁ ଆମନ୍ତ୍ରଣ କରୁଛନ୍ତି ଶ୍ରୀମନ୍ଦିର ସେବାୟତ ଓ ଅଧିକାରୀ। ଏହି କ୍ରମରେ ଶନିବାର ନେପାଳ ଦେଶର କାଠମାଣ୍ଡୁସ୍ଥିତ ପଶୁପତିନାଥ ଓ ଗୁହେଶ୍ୱରୀ ଶକ୍ତି ପୀଠର ପ୍ରମୁଖଙ୍କୁ ନିମନ୍ତ୍ରଣ ଚିଟାଉ ପ୍ରଦାନ କରାଯାଇଛି। ପୁରୀରୁ ଯାଇଥିବା ସେବାୟତ ଓ ବରିଷ୍ଠ ଅଧିକାରୀ ଏହି ଦୁଇ ମନ୍ଦିରରେ ପହଞ୍ଚିବା ପରେ ସେମାନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେମାନେ ନିମନ୍ତ୍ରଣପତ୍ର ପ୍ରଦାନ କରି ଲୋକାର୍ପଣ ଉତ୍ସବରେ ସାମିଲ ହେବାକୁ ଅନୁରୋଧ କରିଥିଲେ। ସେହିପରି ରାଜ୍ୟ ମଧ୍ୟରେ ପୁରୀ ଜିଲ୍ଲାର ଅଲାରନାଥ ଓ ବାଳିହରଚଣ୍ଡୀ ମନ୍ଦିରର ମୁଖ୍ୟମାନଙ୍କୁ ସେବାୟତ ଓ ଅଧିକାରୀ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି।

## ପୁଲିସ ଡିଜି ଦାୟିତ୍ୱରେ ଅରୁଣ ଷଡ଼ଙ୍ଗୀ



ବିପିଏସ୍‌ପିଏ ନିର୍ଦ୍ଦେଶକ ସହ ତୁଲାଇବେ ଅତିରିକ୍ତ ଦାୟିତ୍ୱ

■ **ଭୁବନେଶ୍ୱର, ୩୦।୧୨ (ସମିସ):** ଓଡ଼ିଶାର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ପାଇଛନ୍ତି ବରିଷ୍ଠ ଆଇପିଏସ୍ ଅରୁଣ ଷଡ଼ଙ୍ଗୀ। ରାଜ୍ୟ ସରକାର ଆଜି ତାଙ୍କୁ ପୁଲିସ୍ ମହାନିର୍ଦ୍ଦେଶ ଭାବେ ନିଯୁକ୍ତି ଦେଇଛନ୍ତି। ସେ ଏହି ପଦର ଅତିରିକ୍ତ ଦାୟିତ୍ୱରେ ରହିବେ। ନୂଆ ଡିଜିପି ନିଯୁକ୍ତ ହେବା ଯାଏ ସେ ଏହି ପଦ ଦାୟିତ୍ୱରେ ରହିବେ ବୋଲି ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର୍ ଶ୍ରୀ ଷଡ଼ଙ୍ଗୀ ଏବେ ବିପିଏସ୍‌ପିଏ ନିର୍ଦ୍ଦେଶକ ରହିଛନ୍ତି। ବିପିଏସ୍‌ପିଏ ନିର୍ଦ୍ଦେଶକ ସହ ସେ ପୁଲିସ୍ ବିଭାଗର ମୁଖ୍ୟ ଭାବେ କାମ କରିବେ। ଆସନ୍ତା ଡିସେମ୍ବର ୩୧ ତାରିଖରେ ବର୍ତ୍ତମାନର ପୁଲିସ ଡିଜି ସୁନୀଲ କୁମାର ବଂଶଲ ଚାକିରିରୁ ଅବସର ନେବେ। ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଡିଜିପି ଭାବେ ଶ୍ରୀ ଷଡ଼ଙ୍ଗୀ ଶପଥ ନେବେ। ପରବର୍ତ୍ତୀ ପୁଲିସ ଡିଜି ପଦ ନିମନ୍ତେ ରାଜ୍ୟ ସରକାର ମୋଟ ୭ଜଣ ଆଇପିଏସ୍ ଅଫିସରଙ୍କ ତାଲିକା ୟୁପିଏସ୍‌ସିଙ୍କୁ ସୁପାରିସ୍ କରିଛନ୍ତି। ୧୯୮୮ରୁ ୧୯୯୦ ▸ପୃଷ୍ଠା-୧୮

**ନବରଙ୍ଗପୁର ଚାଷୀଙ୍କ ମୁହଁରେ ଖେଳିବ ହସ**

- ପାର୍ବତୀ ଗିରି ସେଚ ପ୍ରକଳ୍ପ ଅଧୀନରେ ୫୦ ହଜାର ଏକର ଜମିକୁ ପାଣି
- ତୁରୀ-ଗୁନ୍ତାତ୍ ପ୍ରକଳ୍ପ ଦ୍ୱାରା ୫୦ ହଜାର ଏକର ଜମିକୁ ପାଣି
- ଚାଷୀ ଓ ମା' ମାନଙ୍କ ଉନ୍ନତି ବିନା ସମାବେଶୀ ନୁହେଁ ବିକାଶ
- କୃଷି ଆମ ଅର୍ଥନୀତି, ସାମାଜିକ ବ୍ୟବସ୍ଥାର ମେରୁଦଣ୍ଡ
- ଭୂତଳ ପାଇପ୍‌ରେ ଯିବ ପାଣି, ଜରୁରୀ ନୁହେଁ ବିସ୍ଥାପନ

## ୨ ହଜାର କୋଟିରେ ହେବ ସେଚ ପ୍ରକଳ୍ପ

■ **ଭୁବନେଶ୍ୱର, ୩୦।୧୨ (ସମିସ):** ନବରଙ୍ଗପୁର ଜିଲ୍ଲାରେ ଚାଷ ଜମିକୁ ପାଣି ଅଭାବ ରହିବ ନାହିଁ। ଭୂତଳ ପାଇପ୍ ଲାଇନ୍ ଦେଇ ଜଳସେଚନ ହେବ। ବଡ଼ କଥା ହେଲା ପ୍ରକଳ୍ପ ପାଇଁ କାହାରିକୁ ନିଜ ଭିଟା ମାଟିରୁ ସ୍ଥାନାନ୍ତର କରାଯିବ ନାହିଁ। ଏହି ଲକ୍ଷ୍ୟ ନେଇ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ଜିଲ୍ଲା ପାଇଁ ୨ଟି ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିଛନ୍ତି। ମାର୍ଚ୍ଚ ମାସରେ ୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ଲୋକେ ପ୍ରସ୍ତାବ ଦେଇଥିଲେ ଆଉ ସେହି ଆଧାରରେ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଆରମ୍ଭ ପାଇଁ ନିଷ୍ପତ୍ତି ନେଇଛନ୍ତି। ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ୧୧ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ରାଜ୍ୟ ସରକାର ୧୨୭୨ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ପ୍ରକଳ୍ପ ଦ୍ୱାରା ନନ୍ଦାହାଣ୍ଡି, ନବରଙ୍ଗପୁର ଓ ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ପ୍ରାୟ ୧୨୦ଟି ଗ୍ରାମର ୫୦ ହଜାର ହେକ୍ଟର ଚାଷ ଜମିକୁ ପାଣି ମିଳିବ। ସେହିପରି ମୁଖ୍ୟମନ୍ତ୍ରୀ ତୁରୀ-ଗୁନ୍ତାତ୍ ଜଳସେଚନ ପ୍ରକଳ୍ପ ▸ପୃଷ୍ଠା-୧୮

**ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**



## ଲୋକକଥା



ଅନ୍ୟାୟରେ କାଳ ବିତେଇ କରନ୍ତି
ଏବେ ହାୟ ନ୍ୟାୟ ଯାତରା,
ଦଳ ସ୍ଥିତି ଆଜି ତଳେ ଲୋଟିଲାଣି
ନେତୃତ୍ୱ ହେବାରୁ ଖତରା !
କର୍ମୀ ଖୋଜୁଛନ୍ତି ସାହାରା,
ଚବିଶ ପାଇଁକି ଏ ଆଖଡ଼ାରେ
ପୂରିବ କି ଭୋଟ ପସରା !!

### ୧୦ ବିଭାଗର ୧୩ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

# ଗାଁ ରୂପାନ୍ତରଣର ନକ୍ସା ଆଙ୍କିବେ ଗ୍ରାମବାସୀ

■ **ଭୁବନେଶ୍ୱର, ୩୦।୧୨ (ସମିସ):** ପ୍ରତି ଗ୍ରାମ ପଞ୍ଚାତରେ ଗୁଞ୍ଜରିତ ହେବ 'ଆମ ଓଡ଼ିଶା, ନବୀନ ଓଡ଼ିଶା'ର ବାର୍ତ୍ତା। ଗାଁରେ ରହୁଥିବା ଜନସାଧାରଣ ନିଜ ପଞ୍ଚାୟତର ସର୍ବାଙ୍ଗୀଣ ବିକାଶ ପାଇଁ ପ୍ରସ୍ତୁତ କରିବେ ନକ୍ସା। ଗାଁ ରୂପାନ୍ତରଣ ଅଭିଯାନରେ ସାମିଲ ହେବେ ଏହାର ପ୍ରକୃତ ହିତାଧିକାରୀ। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ପଦକ୍ଷେପ ଅନ୍ତର୍ଗତ ଗ୍ରାମ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଆୟୋଜନ ପାଇଁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କୁହାଯାଇଛି ଯେ ଗ୍ରାମାଞ୍ଚଳର ସର୍ବାଙ୍ଗୀଣ ବିକାଶ ପାଇଁ ରାଜ୍ୟ ସରକାର ଆମ ଓଡ଼ିଶା ନବୀନ ▸ପୃଷ୍ଠା-୧୮

**କ୍ରୁଟ୍ ମୋ' ବସ୍ ସଂଖ୍ୟାରେ ଯୋଡ଼ିହେବ ୨୦୦ ନୂଆ ଇ-ବସ୍**

**ଭୁବନେଶ୍ୱରରେ ଆଇଆଇପିଏଚ୍ ପାଇଁ ୫ ଏକର ଜମି ଦେବେ ସରକାର**

**୧୧୦ ସହରାଞ୍ଚଳରେ ଏଲ୍ଇଡି ଲାଇଟ୍ ପାଇଁ ଖର୍ଚ୍ଚ ହେବ ୩୧୨ କୋଟି**

**ବ୍ୟାପକ ହେବ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ**

**ନଗର ଉନ୍ନୟନ ବିଭାଗରେ ଅଧୀନରେ ୪୫୬ ନୂଆ ପଦ ସୃଷ୍ଟି**

## କ୍ୟାଡର୍ ପୁନର୍ଗଠନ ସହ ସୃଷ୍ଟିହେବ ନୂଆ ପଦ

■ **ଭୁବନେଶ୍ୱର, ୩୦।୧୨(ସମିସ):** ରାଜ୍ୟ କ୍ୟାବିନେଟ ଅନୁମୋଦନ ମିଳିଥିବା ପ୍ରସ୍ତାବ ମଧ୍ୟରେ ୬ଟି ସେବା ସମ୍ପର୍କିତ ପ୍ରସ୍ତାବ ଥିବା ବେଳେ ଏଥିରେ କ୍ୟାଡର୍ ପୁନର୍ଗଠନ ଏବଂ ନୂତନ ପଦବୀ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇଛି। ଏନେଇ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏବଂ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ, ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଅଧୀନ ଓଡ଼ିଶା ଡିପ୍ଲୋମା ଯନ୍ତ୍ରୀ ▸ପୃଷ୍ଠା-୧୮

**ବିଶ୍ୱ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ନେଇ ବଢ଼ିଲା ଚିନ୍ତା**

## ନୂଆବର୍ଷରେ ଟପିବ ୮୦୦ କୋଟି

■ **ୱାଶିଂଟନ, ୩୦।୧୨ (ଏଜେନ୍ସି):** ଗତ ବର୍ଷକରେ ବିଶ୍ୱ ଜନସଂଖ୍ୟା ପ୍ରାୟ ୭.୫ କୋଟି ବୃଦ୍ଧି ପାଇଛି। ପ୍ରତି ସେକେଣ୍ଡରେ ୪.୩ ଶିଶୁ ଜନ୍ମ ହେଉଛନ୍ତି। ଅର୍ଥାତ୍ ପ୍ରତି ମିନିଟରେ ୨୫୮ ଶିଶୁ ଜନ୍ମଗ୍ରହଣ କରୁଛନ୍ତି। ସେହିପରି ପ୍ରତି ସେକେଣ୍ଡରେ ୨ ଜଣ ଲୋକ ପ୍ରାଣ ହରାଉଛନ୍ତି। ଅର୍ଥାତ୍ ମିନିଟରେ ୧୨୦ ଜଣଙ୍କ ମୃତ୍ୟୁ ହେଉଛି। ଆମେରିକା ସେନସସ୍ ବ୍ୟୁରୋ ପକ୍ଷରୁ ଏହି ସୂଚନା ଦିଆଯାଇଛି। ନୂଆ ବର୍ଷ (ଜାନୁଆରୀ ୧) ରେ ବିଶ୍ୱ ଜନସଂଖ୍ୟା ୮୦୦ କୋଟି ପାର୍ କରିବ ବୋଲି କୁହାଯାଇଛି। ତେବେ ଏହା ପୂର୍ବରୁ ସେପ୍ଟେମ୍ବର ୨୬ରେ ବିଶ୍ୱ ଜନସଂଖ୍ୟା ୮୦୦ କୋଟି ପାର୍ ହୋଇଥିବା ନେଇ ମିଳିତ ଜାତିସଂଘ (ୟୁଏନ) ପକ୍ଷରୁ ଘୋଷଣା କରା ଯାଇଥିଲା। ଏହାକୁ ନେଇ ଆମେରିକା ବ୍ୟୁରୋ ପକ୍ଷରୁ କୁହାଯାଇଛି ଯେ ଜାତିସଂଘ ତଥ୍ୟ ଏହାଠାରୁ ଭିନ୍ନ। କାରଣ କିଛି ଦେଶରେ ଜନ୍ମ ଏବଂ ମୃତ୍ୟୁହାର ଗଣନା ପାଇଁ ସଠିକ୍ ବ୍ୟବସ୍ଥା ନାହିଁ। ସୂଚନାଯୋଗ୍ୟ ଯେ ଏବେ ଜନସଂଖ୍ୟାରେ ଭାରତ ଆଗରେ ରହିଛି। ଏହା ପଛକୁ ଚୀନ୍, ଆମେରିକା, ଇଣ୍ଡୋନେସିଆ, ପାକିସ୍ତାନ, ନାଇଜେରିଆ, ବ୍ରାଜିଲ, ବାଂଲାଦେଶ, ରୁଷ୍ ଏବଂ ମେକ୍ସିକୋ ରହିଛି।



**ବର୍ଷକରେ ବିଶ୍ୱ ଜନସଂଖ୍ୟା ୭.୫ କୋଟି ବୃଦ୍ଧି**

**ପ୍ରତି ମିନିଟରେ ଜନ୍ମ ହେଉଛନ୍ତି ୨୫୮ ଶିଶୁ**

**ମିନିଟ୍‌କେ ୧୨୦ ଜଣ ପ୍ରାଣ ହରାଉଛନ୍ତି**



# ହେମନ୍ତ ସୋରେନଙ୍କୁ ଇଡିର ସପ୍ତମ ସମନ

- ବୟାନ ରେକର୍ଡ କରିବାକୁ ଶେଷ ସୁଯୋଗ
- ସ୍ଥାନ-ସମୟ ଧାର୍ଯ୍ୟ କର; ଅଧିକାରୀ ଜେରା କରିବେ

**ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି):** ଜମି ଦୁର୍ନୀତି ମାମଲାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ସପ୍ତମ ଥର ପାଇଁ ସମନ ଜାରି କରିଛି। ମନି ଲଣ୍ଡରିଂ ନିରୋଧ୍ ଆଇନ (ପିଏମ୍ଏଲ୍ଏ) ର ଧାରା ୫୦ ଅନୁଯାୟୀ ବୟାନ ରେକର୍ଡ କରିବାକୁ ତାଙ୍କୁ ଶେଷ ସୁଯୋଗ ଦିଆଯାଇଛି। ଏହା ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଇଡି ଚେତାଇ ଦେଇଛି। ନିଜେ ସମୟ, ତାରିଖ ଏବଂ ସ୍ଥାନ ଧାର୍ଯ୍ୟ କରି ସୂଚନା ଦେଲେ ଯାଞ୍ଚ ଅଧିକାରୀ ପହଞ୍ଚି ଜେରା କରିବେ ବୋଲି ସମନରେ କୁହାଯାଇଛି। ଏହା ଉପରେ ଜବାବ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ୨ ଦିନ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ଇଡି କାର୍ଯ୍ୟାଳୟରେ ଲିଖିତ ସୂଚନା ଦେବାକୁ କୁହାଯାଇଛି। ସମନରେ କୁହାଯାଇଛି ଯେ ସୋରେନ ଜାଣିଶୁଣି ମାମଲାର ଯାଞ୍ଚରୁ ଦୂରେଇ ରହୁଛନ୍ତି। ସମନକୁ ଅବହେଳା କରୁଛନ୍ତି। ଯଦି ପୁଣି ଜାଣିଶୁଣି ସମନକୁ ଅବହେଳା କରନ୍ତି ତେବେ ଇଡି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ପୂର୍ବରୁ ୬ ଥର ସମନ ଜାରି କରାଗଲାଣି। ଏହା ଉପରେ ମୁଖ୍ୟମନ୍ତ୍ରୀ ଆଧାରହୀନ କାରଣ ଦର୍ଶାଉଛନ୍ତି। ଏ ପର୍ଯ୍ୟନ୍ତ ଇଡି କାର୍ଯ୍ୟାଳୟରେ ଉପସ୍ଥିତ ହୋଇନାହାନ୍ତି। ଏଥିଯୋଗୁଁ ତଦନ୍ତରେ ସମସ୍ୟା ସୃଷ୍ଟି ହେଉଛି। ବଡ଼ଗାଇ ଅଞ୍ଚଳର ଉପନିରୀକ୍ଷକ ଭାନୁ ପ୍ରତାପ ପ୍ରସାଦଙ୍କ ଘରେ ହୋଇଥିବା ଚଢ଼ଉରୁ ଜମି ସମ୍ବନ୍ଧିତ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିଲା। ଏବେ ଏହାର ତଦନ୍ତ ଚାଲିଛି। ଏହି ମାମଲାରେ ଜେରା ପାଇଁ ସମନ ଜାରି କରାଯାଇଛି।

# ଲଖବୀର ସିଂହ ଲାଣ୍ଡା ଆତଙ୍କବାଦୀ ଘୋଷିତ



**ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି)**

କାନାଡ଼ାରେ ଥିବା ପଞ୍ଜାବ ଗ୍ୟାଙ୍ଗଷ୍ଟର ଲଖବୀର ସିଂହ ଲାଣ୍ଡା (୩୩) କୁ ଭାରତ ସରକାର ଆତଙ୍କବାଦୀ ଘୋଷଣା କରିଛନ୍ତି। ସେ ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ ବବର ଖାଲସା ଇଣ୍ଟରନ୍ୟାସନାଲ (ବିକେଆଇ) ସହ ଜଡ଼ିତ ରହିଛି। ଏବେ ଲାଣ୍ଡା କାନାଡ଼ାର ଏଡମୋଣ୍ଟନ ଅଲ୍‌ବର୍ଟାରେ ରହୁଛି। ସୀମା ପାର ଏଜେନ୍ସି ତାକୁ ସମର୍ଥନ ଦେଉଛନ୍ତି। ପଞ୍ଜାବ ଥାନାରେ ହୋଇଥିବା ରକେଟ ପ୍ରୋପେଲ୍ଡ ଗ୍ରେନେଡ଼ ଆକ୍ରମଣରେ ସେ ସାମିଲ ଥିଲା। ଏହା ବ୍ୟତୀତ ସେ ପଞ୍ଜାବରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇବା ପାଇଁ ଆଇଇଡି, ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଯୋଗାଣ କରୁଛି। ୨୦୨୧ରେ ମୋହାଲୀ ସ୍ଥିତ ପୁଲିସ ଗୁଇନ୍ଦା ମୁଖ୍ୟାଳୟ ଆକ୍ରମଣର ସେ ମାଷ୍ଟରମାଇଣ୍ଡ ଥିଲା। ସେ ପାକିସ୍ତାନରେ ଥିବା ଆତଙ୍କବାଦୀ ହରବିନ୍ଦର ସିଂହ ରିନ୍ଦାର ଘନିଷ୍ଠ। ଲାଣ୍ଡା ଅମୃତସର ଜିଲ୍ଲା ତରନତାରନ ସ୍ଥିତ କିରିୟନ ଗ୍ରାମର ବାସିନ୍ଦା। ସେ ୨୦୧୭ରେ କାନାଡ଼ା ପଳାଇ ଥିଲା। ସେଠାରେ ରହି ପଞ୍ଜାବରେ ବଟି ଆଦାୟ, ନିଶା କାରବାର, ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଛି।

## ୫୫୦ ବର୍ଷ ଅପେକ୍ଷା କଲ, ଆଉ କିଛି ଦିନ ଅପେକ୍ଷା କର : ମୋଦୀ

# ୨୨ରେ ଅଯୋଧ୍ୟା ନ ଆସିବାକୁ ଶ୍ରଦ୍ଧାଳୁଙ୍କୁ ନିବେଦନ

- ମହର୍ଷି ବାଲ୍ମିକୀ ବିମାନ ବନ୍ଦର ,ରେଳ ଷ୍ଟେସନ ଉଦ୍‌ଘାଟିତ
- ୬ ବନ୍ଦେ ଭାରତ ଓ ଦୁଇ ଅମୃତ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି)**

ଅଯୋଧ୍ୟାରେ ନବ ନିର୍ମିତ ଭବ୍ୟ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଲାଗି ଆଉ ରହିଛି ହାତ ଗଣତି ସମୟ। ଜାନୁଆରୀ ୨୨ ତାରିଖରେ ଏହି କାର୍ଯ୍ୟ ସମ୍ପାଦିତ ହେବାକୁ ଥିବା ବେଳେ ଦେଶ ବିଦେଶର କୋଟି କୋଟି ରାମ ଶ୍ରଦ୍ଧାଳୁ ଏହି ଶୁଭ ଏବଂ ଐତିହାସିକ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି। କେବଳ ଅପେକ୍ଷା ନୁହେଁ, ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେବା ପାଇଁ ମଧ୍ୟ ସମସ୍ତଙ୍କ ମନରେ ଉଲ୍ଲାସ ଓ ଆଶା ସଞ୍ଚାରିତ ହୋଇଛି। କିନ୍ତୁ ଏହି ଦିନରେ ସମସ୍ତେ ଅଯୋଧ୍ୟା ନ ଆସିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୪୦ କୋଟି ଦେଶବାସୀଙ୍କୁ ବିନମ୍ର ନିବେଦନ କରିଛନ୍ତି। ଶନିବାର ଦିନିକିଆ ଅଯୋଧ୍ୟା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ମୋଦୀ ମହର୍ଷି ବାଲ୍ମିକୀ ଆନ୍ତର୍ଜାତିକ ବିମାନ ବନ୍ଦର ଏବଂ ସଂପ୍ରସାରିତ ବିକଶିତ ରେଳ ଷ୍ଟେସନକୁ ଲୋକାର୍ପିତ କରିବା ଅବସରରେ ଏହା କହିଛନ୍ତି। ମୋଦୀ କହିଛନ୍ତି ଯେ, ପ୍ରଭୁ ଶ୍ରୀରାମଙ୍କୁ ତାଙ୍କ ଜନ୍ମ ସ୍ଥାନରେ ପ୍ରତିଷ୍ଠା କରିବାର ଲଢେଇ ଏବେ ନୁହେଁ। ଦୀର୍ଘ ୫୫୦ ବର୍ଷ ହେଲା ତାଙ୍କ ଭକ୍ତ ସମାଜ ଏଥିପାଇଁ ଲଢେଇ କରିଆସିଛନ୍ତି। କିନ୍ତୁ ଆଜି ଏହି ପ୍ରତୀକ୍ଷାର ଅନ୍ତ ହୋଇଛି। ଭବ୍ୟ ନଗରୀ ଅଯୋଧ୍ୟାରେ ପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ମୁହୂର୍ତ୍ତକୁ ଅଙ୍ଗେ ନିଭାଇବା ପାଇଁ ପ୍ରତି ରାମ ଶ୍ରଦ୍ଧାଳୁଙ୍କ ହୃଦୟ ଏକପ୍ରକାର ବିଚଳିତ ହୋଇପଡ଼ିଛି। ସମସ୍ତେ ଏହି ଦିନ ଅଯୋଧ୍ୟାରେ ପହଞ୍ଚିବାକୁ ବ୍ୟଗ୍ର। କିନ୍ତୁ ଗୋଟିଏ ଦିନରେ ଏତେ ସଂଖ୍ୟକ ଲୋକ ଏକାଠି ହେବା ସମ୍ଭବ ନୁହେଁ। ଏହାଦ୍ୱାରା ସୁରକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭ କରି ରହିବା,ଖାଇବା ଏବଂ ସ୍ୱଚ୍ଛତା ରକ୍ଷା କରିବା ଅସମ୍ଭବ ହୋଇପଡ଼ିବ। ପ୍ରଥମେ ପ୍ରଭୁଙ୍କ କାର୍ଯ୍ୟ ସମାପନ ହେଉ ଏବଂ ଏହାପରେ ଯିଏ ଚାହିଁବେ ଅଯୋଧ୍ୟା ଆସ ପ୍ରଭୁ ରାମଙ୍କ ଦର୍ଶନ କରିବା ଉଚିତ ହେବ। ଆମେ ୫୫୦ ବର୍ଷ ଅପେକ୍ଷା କଲେ, ଆଉ କିଛି ଦିନ ଅପେକ୍ଷା କରିବା ସମସ୍ତଙ୍କ ପାଇଁ ଉଚିତ ହେବ ବୋଲି ମୋଦୀ କହିଛନ୍ତି। ବରଂ ଏହି ଦିନ ସମସ୍ତେ ଘରେ ରହି ରାମଜ୍ୟୋତି ଜାଳି ଭକ୍ତିପ୍ଳୁତ ମନରେ ପ୍ରଭୁ ଶ୍ରୀରାମଙ୍କ ପ୍ରତି ନିଜ ନିଜର ଅର୍ଘ୍ୟ ଅର୍ପଣ କରିବେ। ଘରେ ଘରେ ଦୀପୋତ୍ସୋପ ପାଳନ କରିବେ। ଏଥିସହିତ ଜାନୁଆରୀ ୧୪ ରୁ ୨୨ ତାରିଖ ଯାଏଁ ସପ୍ତାହବ୍ୟାପି ସମସ୍ତେ ନିଜ ନିଜ ଅଞ୍ଚଳର ମନ୍ଦିର ଏବଂ ତୀର୍ଥସ୍ଥଳଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଚଳାଇବା ଉଚିତ ହେବ ବୋଲି ମୋଦୀ କହିଛନ୍ତି। ଏହି ଅବସରରେ ଶନିବାର ଅଯୋଧ୍ୟାକୁ ପ୍ରଥମ ବିମାନ ଉଡାଣ ଭରିବା ସହିତ ବିଭିନ୍ନ ରୁଟ୍‌ରେ ମୋଦୀଙ୍କ ଦ୍ୱାରା ୬ ବନ୍ଦେ ଭାରତ ଏକ୍ସପ୍ରେସ ଓ ଦୁଇ ଅମୃତ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ ହୋଇଛି। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦୀ ୧୫ ହଜାର କୋଟିରୁ ଅଧିକ ଭିତ୍ତିଭୂମି ପ୍ରକଳ୍ପର ମଧ୍ୟ ଉଦ୍‌ଘାଟନ କରିଛନ୍ତି।



# ୪୧ କୋଟିର ବଙ୍ଗଳାରୁ ମିଳିଲା ୩ ମୃତଦେହ

- ଭାରତୀୟ ବଂଶୋଦ୍ଭବ ପରିବାରର ମୃତ୍ୟୁ
- ପରିବାର ଉପରେ ଥିଲା ୮୩ କୋଟିର ଋଣଭାର

**ମାସାଚୁସେଟ୍‌ସ, ୩୦।୧୨ (ଏଜେନ୍ସି):** ଆମେରିକା ମାସାଚୁସେଟ୍‌ସରେ ରହୁଥିବା ଏକ ଭାରତୀୟ ବଂଶୋଦ୍ଭବ ପରିବାରର ମୃତଦେହ ମିଳିଛି। ୪୧ କୋଟିର ବଙ୍ଗଳାରୁ ରାକେଶ କମଲ (୫୭) ତାଙ୍କ ପତ୍ନୀ ଟିନା (୫୪) ଏବଂ ଝିଅ ଏରିୟାନା



(୧୮) ର ମୃତଦେହ ଜବତ କରାଯାଇଛି। ଗୁରୁବାର ସନ୍ଧ୍ୟା ୭ଟା୩୦ (ସ୍ଥାନୀୟ ସମୟ) ରେ କମଲଙ୍କ ପରିବାରର ଜଣେ ସମ୍ପର୍କୀୟ ତାଙ୍କ ଘରକୁ ଯାଇଥିଲେ। ଏହା ପରେ ମାମଲା ସାମ୍ନାକୁ ଆସିଥିଲା। ରାକେଶଙ୍କ ମୃତଦେହ ନିକଟରୁ ପୁଲିସ ଏକ ପିସ୍ତଲ ମଧ୍ୟ ଜବତ କରିଛି। କମଲଙ୍କ ପରିବାର ଉପରେ ପ୍ରାୟ ୮୩ କୋଟି ଟଙ୍କାର ଋଣ ଥିଲା। ଏହି ପରିବାର ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ। ପୁଲିସ ଏହାକୁ ଘରୋଇ ହିଂସା ମାମଲା କହିଛି। ତେବେ ଘରୁ ସେମିତି କିଛି ଜଣାପଡୁ ନାହିଁ। ଭଙ୍ଗାରୁଜାର କୌଣସି ଚିହ୍ନବର୍ଣ୍ଣ ନାହିଁ। ତିନି ଜଣଙ୍କ ମୃତ୍ୟୁ କେବେ ଏବଂ କିପରି ହୋଇଥିଲା ତାହା ଜାଣିବାକୁ ଯାଞ୍ଚ କରାଯାଉଛି। କମଲଙ୍କ ପରିବାର ଆମେରିକା ଟେକ୍ ଉଦ୍ୟୋଗରେ ନାମ କମାଇ ଥିଲେ। ସେ ଏକ 'ଏଜୁକେଶନ ସିଷ୍ଟମ କମ୍ପାନୀ' 'ଏଜୁନୋଭା' ଚଲାଉ ଥିଲେ। ଏବେ ଏହି କମ୍ପାନୀ ବନ୍ଦ ହୋଇଯାଇଛି। ଫଳରେ ସେ କୋଟିପତିରୁ ଋଣ ଖିଲାପକାରୀ ବନି ଯାଇଥିଲେ। କିଛି ଦିନ ତଳେ ଦମ୍ପତି ଦେବାଳିଆ ଘୋଷଣା କରିବା ପାଇଁ ଆବେଦନ କରିଥିଲେ। ତେବେ ଏହାକୁ ଖାରଜ କରିଦିଆଯାଇଥିଲା। ତାଙ୍କ ଘର ମଧ୍ୟ ନିଲାମ ହୋଇଥାନ୍ତା।

# ନିର୍ବାଚନ ଲଢ଼ିପାରିବେନି ଇମ୍ରାନ ଖାନ୍



**ଇସଲାମାବାଦ, ୩୦।୧୨ (ଏଜେନ୍ସି):** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ବଡ଼ ଝଟ୍‌କା ଲାଗିଛି। ତାଙ୍କ ପ୍ରାର୍ଥୀପତ୍ରକୁ ପାକିସ୍ତାନ ନିର୍ବାଚନ କମିଶନ (ଇସିପି) ଖାରଜ କରିଦେଇଛନ୍ତି। ଏବେ ଫେବୃଆରୀ ୮ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଇମ୍ରାନ ଅଂଶଗ୍ରହଣ କରିପାରିବେ ନାହିଁ। ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲାଗିଛି। ସେ ତୋଶାଖାନା ମାମଲାରେ ଗତ ଅଗଷ୍ଟରୁ ଜେଲ୍‌ରେ ଅଛନ୍ତି। ଇମ୍ରାନ୍ ଜେଲ୍‌ରେ ଥାଇ ଲାହୋର ଏବଂ ମିୟାଁୱାଲୀ ଅଞ୍ଚଳରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଇସିପିଙ୍କ ସୂଚନା ଅନୁଯାୟୀ ଇମ୍ରାନଙ୍କ ବିରୋଧରେ ଶହେରୁ ଅଧିକ ମାମଲା ଚାଲିଛି। ସେ ଲାହୋର କ୍ଷେତ୍ରର ଭୋଟର ମଧ୍ୟ ନୁହଁନ୍ତି। ତେଣୁ ତାଙ୍କ ପ୍ରାର୍ଥୀପତ୍ରକୁ ଖାରଜ କରିଦିଆଯାଇଛି।

# ଚେକ୍ ବାଉନ୍ସ ମାମଲା: ମନ୍ତ୍ରୀଙ୍କ ଉପରେ ୬.୯୬ କୋଟି ଜରିମାନା

**ବେଙ୍ଗାଲୁରୁ, ୩୦।୧୨ (ଏଜେନ୍ସି):** ଚେକ୍ ବାଉନ୍ସ ମାମଲାରେ କର୍ଣ୍ଣାଟକ ଶିକ୍ଷାମନ୍ତ୍ରୀ ମଧୁ ବଙ୍ଗରପ୍ପା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସ୍ୱତନ୍ତ୍ର କୋର୍ଟ ତାଙ୍କ ଉପରେ ୬.୯୬ କୋଟି ଟଙ୍କାର ଜରିମାନା ଲଗାଇଛନ୍ତି। ଏହା ଅଲଗା ଭାବେ ସରକାରଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ମନ୍ତ୍ରୀ ଜରିମାନା ଦାଖଲ ନ କରିବେ ତେବେ ୬ ବର୍ଷ ଜେଲ୍ ଦଣ୍ଡ କାଟିବାକୁ ପଡ଼ିବ। ଏହି ମାମଲା ୨୦୧୬ର ସେତେବେଳେ ମନ୍ତ୍ରୀ ଆକାଶ ଅଡିଓ କମ୍ପାନୀର ଏମ୍‌ଡି ଥିଲେ। ସେତେବେଳେ ସେ ରାଜେଶ ଏକ୍ସପୋର୍ଟ୍ସ ନାମରେ ୬.୬୦ କୋଟିର ଚେକ୍ ଦେଇଥିଲେ। ଏହି ଚେକ୍ ବାଉନ୍ସ ହେବାରୁ ମନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା।

- ୭ ରାଜ୍ୟରେ ଘନ କୁହୁଡ଼ି

# ହିମାଚଳ-ୟୁପିରେ ୫ ଜଣଙ୍କ ମୃତ୍ୟୁ

- ଦିଲ୍ଲୀରେ ୮୦ ବିମାନ, ୩୦ ଟ୍ରେନ୍ ପ୍ରଭାବିତ

**ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି):** ରାଜସ୍ଥାନ, ମଧ୍ୟପ୍ରଦେଶ ସମେତ ୭ ରାଜ୍ୟରେ ଶନିବାର ସକାଳେ ଘନ କୁହୁଡ଼ି ଦେଖିବାକୁ ମିଳିଛି। ଆଗାମୀ ୨ ଦିନ ମଧ୍ୟ ଏପରି ପାଗ ଜାରି ରହିବ। ଏହାକୁ ନେଇ ଦିଲ୍ଲୀ, ପଞ୍ଜାବ, ହରିୟାଣା, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶକୁ ପାଣିପାଗ ବିଭାଗ (ଆଇଏମଡି) ରେଡ ଆଲର୍ଟ ଜାରି କରିଛି। ଏହି କୁହୁଡି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ହିମାଚଳ ପ୍ରଦେଶ ଏବଂ ଉତ୍ତରପ୍ରଦେଶ (ୟୁପି)ରେ ସଡ଼କ ଦୁର୍ଘଟଣା ଘଟି ୫ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ କ୍ରମାଗତ ଚତୁର୍ଥ ଦିନ ପାଇଁ ଦିଲ୍ଲୀ ବିମାନବନ୍ଦରରେ ବିମାନ ଉଡ଼ାଣ ବିଳମ୍ବିତ ହୋଇଛି। ସକାଳ ୮ଟା ସୁଦ୍ଧା ୮୦ ବିମାନ ଏବଂ ୩୦ ଟ୍ରେନ ନିର୍ଦ୍ଧାରିତ ସମୟରେ ଯାତ୍ରା କରିପାରି ନାହିଁ। ଉତ୍ତର ରେଳବାଇର ସୂଚନା ଅନୁଯାୟୀ ଅଧିକାଂଶ ଟ୍ରେନ୍ ୨ରୁ ୬ ଘଣ୍ଟା ବିଳମ୍ବରେ ଚାଲୁଛି। ଏହା ପୂର୍ବରୁ ଗୁରୁବାର ୧୩୪ ବିମାନ ବିଳମ୍ବରେ ଉଡ଼ାଣ ଭରିଥିଲା। ଏଥିରେ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ସାମିଲ ଥିଲା।

# ରେଜାଙ୍ଗ-ଲାରେ ମେଜର ସୈତାନ ସିଂହଙ୍କ ସ୍ମାରକ ଧ୍ୱଂସ




**ବଫର ଜୋନ୍‌ରେ ଥିଲା, ଚୀନ୍ ଚାପରେ ଭଙ୍ଗା ଯାଇଛି:କଂଗ୍ରେସ**

**ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି)**

ଲଦାଖର ଚୁସୁଲରେ ଥିବା ରେଜଙ୍ଗାଲା (୧୯୬୨) ଯୁଦ୍ଧର ମହାନାୟକ ମେଜର ସୈତାନ ସିଂହଙ୍କ ସ୍ମାରକକୁ ଧ୍ୱଂସ କରିଦିଆଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏକ ଭିଡିଓ ଜାରି କରି ଏହି ସୂଚନା ଦେଇଛନ୍ତି। ଏହି ଖବର ଅତ୍ୟନ୍ତ କଷ୍ଟଦାୟକ ବୋଲି କହିଛନ୍ତି। ଚୀନ୍ ଚାପରେ ଏପରି କରାଯାଇଛି ବୋଲି ଖଡଗେ ଅଭିଯୋଗ କରିଛନ୍ତି। ଚୀନ୍ ସହ ଆଲୋଚନା ପରେ ଏହି ଭାରତୀୟ କ୍ଷେତ୍ର ବଫର ଜୋନ୍‌କୁ ଆସିଯାଇଛି। କେନ୍ଦ୍ର ସରକାର ଚୀନ୍‌ର କୁଟୀଳ ଚକ୍ରାନ୍ତ ଆଗରେ ନଇଁ ଯାଇଛନ୍ତି। ମାତ୍ର ଏଭଳି କିଛି ହୋଇନାହିଁ ବୋଲି ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ଅରିନ୍ଦମ ବାଗଚୀ କହିଛନ୍ତି। ସୂଚନା ଅନୁଯାୟୀ ଲଦାଖ ଅଟୋନମସ ହିଲ୍ ଡେଭଲପମେଣ୍ଟ କାଉନସିଲର ସଦସ୍ୟ ଖୋନଚୋକ ଷ୍ଟେନଜିନ ଗତ ୨୫ ତାରିଖରେ ଏହି ଦାବି କରିଥିଲେ। ସେ ଏକ ସାକ୍ଷାତକାରରେ କହିଥିଲେ ଯେ ମୁଖପାରିରୁ ରେଚିନଲା ଏବଂ ରେଜାଙ୍ଗଲା ପର୍ଯ୍ୟନ୍ତ ଆସୁଥିବା ସମସ୍ତ କ୍ଷେତ୍ର ବଫର ଜୋନ୍‌ରେ ରହିଛି। ଏହି ସ୍ଥାନକୁ ଯିବାକୁ କାହାରିକୁ ଅନୁମତି ଦିଆଯାଇ ନାହିଁ। ଅନ୍ୟ କିଛି ରିପୋର୍ଟ ଅନୁଯାୟୀ ୧୧୪ ସହିଦଙ୍କ ସ୍ମୃତିରେ ୧୯୬୩ ଅଗଷ୍ଟ ୫ରେ ଏହି ଯୁଦ୍ଧ ସ୍ମାରକ ନିର୍ମାଣ କରାଯାଇଥିଲା। ଏହାର ମରାମତି ପରେ ୨୦୨୧ ନଭେମ୍ବରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହାକୁ ଉଦ୍‌ଘାଟନ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ଯେଉଁ ସ୍ମାରକ କଥା କହୁଛନ୍ତି ତାହାକୁ ୨୦୨୧ ଫେବୃଆରୀ ୧୦ରେ ବିଘଟନର ଅଂଶ ଭାବେ ହଟାଇ ଦିଆଯାଇଥିଲା। ତେବେ ଏହାର କୌଣସି ଐତିହାସିକ ମହତ୍ତ୍ୱ ନାହିଁ ବୋଲି କୁହାଯାଉଛି।

- ରାଜସ୍ଥାନ ମନ୍ତ୍ରିମଣ୍ଡଳ ସଂପ୍ରସାରଣ

# ଶପଥନେଲେ ୨୨ ମନ୍ତ୍ରୀ; ୧୨ ମନ୍ତ୍ରୀଙ୍କୁ କ୍ୟାବିନେଟ ପାହ୍ୟା

**ଜୟପୁର,୩୦।୧୨(ଏଜେନ୍ସି):** ରାଜସ୍ଥାନରେ ଭଜନ ଲାଲ ଶର୍ମାଙ୍କ ମନ୍ତ୍ରିମଣ୍ଡଳର ଶନିବାର ସଂପ୍ରସାରଣ ହୋଇଛି। ବରିଷ୍ଠ ନେତା ରାଜ୍ୟବର୍ଦ୍ଧନ ସିଂହ ରାଠୋରଙ୍କ ସମେତ ୨୨ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।ରାଜଭବନରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ରାଜ୍ୟପାଳ କଲରାଜ ମିଶ୍ର ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ୨୨ ଜଣ ବିଧାୟକଙ୍କ ମଧ୍ୟରୁ ୧୨ ଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଭାବେ ଶପଥ ନେଇଥିଲା ବେଳେ ୫ ଜଣ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ଏବଂ ଆଉ ୫ ଜଣ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। କ୍ୟାବିନେଟ ମନ୍ତ୍ରୀଙ୍କ ମଧ୍ୟରେ ରଜ୍ୟବର୍ଦ୍ଧନ ସିଂହ ରାଠୋର, ଗଜେନ୍ଦ୍ର ସିଂହ ଖିନବସର, ବାବୁଲାଲ ଖାରାଡି, କିରୋଡି ଲାଲ ମୀନା, ମଦନ ଦିଲାୱର, ଜୋଗାରାମ ପଟେଲ, ସୁରେଶ ସିଂହ ରାୱତ, ଅବିନାଶ ଗେହଲଟ, ଜୋରାରାମ କୁମାୱତ, ହେମନ୍ତ ମୀନା, କନ୍ହୈୟା ଲାଲ ଚୌଧୁରୀ ଓ ସୁମିତ ଗୋଦାରା ରହିଛନ୍ତି।ସଞ୍ଜୟ ଶର୍ମା, ଗୌତମ କୁମାର, ଝାବର ସିଂହ ଖାର୍ରା, ସୁରେନ୍ଦ୍ର ପାଲ ସିଂହ ଓ ହୀରାଲାଲ ନାଗର ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ଭାବେ ଶପଥ ନେଇଛନ୍ତି। ସେହିପରି ରାଷ୍ଟ୍ରମନ୍ତ୍ରୀ ଭାବେ ଓଟାରାମ ଦେୱାସି, ମଞ୍ଜୁ ବାଘମର, ବିଜୟ ସିଂହ ଚୌଧୁରୀ, କେକେ ବିଷ୍ଣୋଇ ଓ ଜବାହର ସିଂହ ବେଢ଼ା ଶପଥ ଗ୍ରହଣ କରିଛନ୍ତି।

## ନିର୍ବାଚନ ନ ଜିତି ବି ମନ୍ତ୍ରୀ ହେଲେ ସୁରେନ୍ଦ୍ର ପାଲ୍ ଟିଟି

### ବିଜେପିକୁ ଘେରିଲା କଂଗ୍ରେସ



ଭଜନଲାଲ ସରକାରଙ୍କ ମନ୍ତ୍ରିମଣ୍ଡଳ ସଂପ୍ରସାରଣରେ ସୁରେନ୍ଦ୍ର ପାଲ୍ ସିଂ ଟିଟି ନିର୍ବାଚନ ଜିତିବା ପୂର୍ବରୁ ମନ୍ତ୍ରୀ ହୋଇଛନ୍ତି। ତାଙ୍କୁ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଦାୟିତ୍ୱ ଦିଆଯାଇଥିଲା ବେଳେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି। ସୁରେନ୍ଦ୍ର ଶ୍ରୀକରଣପୁର ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନରେ ବିଜେପିର ପ୍ରାର୍ଥୀ ହୋଇଥିଲେ ହେଁ ନିର୍ବାଚନ ଜିତି ନାହାନ୍ତି। ତେଣୁ ଏହାକୁ ନେଇ ବିବାଦ ଉପୁଜିଛି। ବିଶେଷକରି କଂଗ୍ରେସ ଏହି ପ୍ରସଙ୍ଗକୁ ନେଇ ବିଜେପିକୁ ଘେରିବା ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଆସନରେ ୭୫ ବର୍ଷୀୟ କଂଗ୍ରେସ ନେତା ଗୁରମିତ୍ ସିଂ କୁନ୍ନର ବିଧାୟକ ଥିଲେ । ଏଥର ନିର୍ବାଚନରେ ବି ଦଳ ପକ୍ଷରୁ ତାଙ୍କୁ ଟିକଟ ଦିଆଯାଇଥିଲା। କିନ୍ତୁ ନିର୍ବାଚନ ପୂର୍ବରୁ ତାଙ୍କର ପରଲୋକ ହୋଇଥିଲା । ଏହାପରେ ଏହି ଆସନରେ ନିର୍ବାଚନ ସ୍ଥଗିତ ରଖାଯାଇଥିଲା।

# ରାଜସ୍ଥାନ ଡିଜିପି ଭାବେ ଦାୟିତ୍ୱନେଲେ ଉତ୍କଳ ରଞ୍ଜନ



**ଜୟପୁର,୩୦।୧୨(ଏଜେନ୍ସି):** ରାଜସ୍ଥାନର ନୂଆ ପୁଲିସ ମହାନିର୍ଦ୍ଦେଶକ ଭାବେ ୧୯୮୮ ବ୍ୟାଚ୍ ଆଇପିଏସ୍ ଉତ୍କଳ ରଞ୍ଜନ ସାହୁ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତକାଲି ତାଙ୍କର ନିଯୁକ୍ତି ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା ବେଳେ ଶନିବାର ସେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି। ରାଜସ୍ଥାନରେ ଆଇନଶୃଙ୍ଖଳା ବଜାୟ ରଖିବା ସହିତ ଗ୍ୟାଙ୍ଗଷ୍ଟାରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ସର୍ବାଧିକ ଗୁରୁତ୍ୱ ଦେବେ ବୋଲି ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଡିଜିପି ଶ୍ରୀ ସାହୁ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜସ୍ଥାନରେ ବିଜେପି ସରକାର ପ୍ରତିଷ୍ଠା ହେବାର କିଛି ଦିନ ପରେ ଡିଜିପି ରହିଥିବା ଉମେଶ ମିଶ୍ର ସ୍ୱେଚ୍ଛାକୃତ ଅବସର ନେବାକୁ ଘୋଷଣା କରିଥିଲେ। ଏହାପରେ ହୋମଗାର୍ଡ ଡିଜି ରହିଥିବା ଶ୍ରୀ ସାହୁଙ୍କ ନାମ ପରବର୍ତ୍ତୀ ପୁଲିସ ଡିଜି ଭାବେ ଘୋଷଣା କରାଯାଇଥିଲା।

## ନିର୍ବାଚନ ପାଖଉଛି, ଦୂରତା ବଢୁଛି

# ଇଣ୍ଡିଆ ମେଣ୍ଟର ଆସନବଣ୍ଟା ଏବେ ବି ଅସ୍ପଷ୍ଟ

## ତିନି ରାଜ୍ୟରେ ଏକାକୀ ଲଢିବେ ଆପ୍, ଟିଏମ୍‌ସି, ୟୁବିଟି

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି)**

୨୦୨୪ ନିର୍ବାଚନରେ ବିଜେପିକୁ କ୍ଷମତାରୁ ହଟାଇବା ଲାଗି କଂଗ୍ରେସ ନେତୃତ୍ୱରେ ଏକାଠି ହୋଇଥିଲେ ୨୬ରୁ ଅଧିକ ବିରୋଧୀ ଦଳ। 'ଇଣ୍ଡିଆ' ମେଣ୍ଟ ନାମରେ ଗଠନ ହୋଇଥିବା ଏହି ମେଣ୍ଟର ନେତାମାନେ ମୋଦୀ ସରକାରକୁ ଯେକୌଣସି ମତେ ଗାଦିଚ୍ୟୁତ କରିବାକୁ ପଣ କରି ବିଭିନ୍ନ ବୈଠକରେ ରଣନୀତି ପ୍ରସ୍ତୁତ କରିଥିଲେ। ବିଗତ ଦିନରେ ପାଟନା, ବେଙ୍ଗାଲୁରୁ ଏବଂ ମୁମ୍ବାଇରେ ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ନିକଟରେ ଦିଲ୍ଲୀରେ ମଧ୍ୟ ମେଣ୍ଟ ନେତାମାନେ ଏକାଠି ହୋଇଥିଲେ। କିନ୍ତୁ ସବୁ ବୈଠକରେ ଯେଉଁ ପ୍ରସଙ୍ଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ତାହା ହେଉଛି ୨୦୨୪ ନିର୍ବାଚନ ପାଇଁ ଆସନ ବଣ୍ଟନ ବୁଝାମଣା। ଏହି ପ୍ରସଙ୍ଗ ଉପରେ ସବୁ ବୈଠକରେ ଆଲୋଚନା ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ବରଂ ମେଣ୍ଟର କିଛି ପ୍ରମୁଖ ଦଳ ଏକାକୀ ନିର୍ବାଚନ ଲଢିବାକୁ ଇତିମଧ୍ୟରେ ଘୋଷଣା କରିସାରିଛନ୍ତି। ପୂର୍ବରୁ ପଞ୍ଜାବରେ ଏକାକୀ ଲୋକସଭା ନିର୍ବାଚନ ଲଢିବାକୁ ଆମ୍ ଆଦମୀ ପାର୍ଟି ଘୋଷଣା କରିସାରିଥିଲା ବେଳେ ନିକଟରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ମଧ୍ୟ ସମାନ କଥା ଦୋହରାଇଛନ୍ତି। ପଶ୍ଚିମବଙ୍ଗରେ ତାଙ୍କ ଦଳ ଏକାକୀ ନିର୍ବାଚନ ଲଢିବ ବୋଲି ମମତା କହିଛନ୍ତି। ଏତିକିରେ ବି କଥା ଶେଷ ହୋଇ ନାହିଁ। ମହାରାଷ୍ଟ୍ରରେ ମଧ୍ୟ ସମାନ ସ୍ଥିତି ଉପୁଜିଛି। ଏଠାରେ ମହାଅଘାଡି ମେଣ୍ଟରେ ଉଦ୍ଧବ ଠାକରେଙ୍କ ଶିବସେନା(ୟୁବିଟି) ସହ ଏନସିପି ଏବଂ କଂଗ୍ରେସ ରହିଛି। କିନ୍ତୁ ଆଗାମୀ ନିର୍ବାଚନ ପାଇଁ ଆସନ ବଣ୍ଟନ ବୁଝାମଣା ହୋଇପାରି ନାହିଁ। ମହାରାଷ୍ଟ୍ରର ମୋଟ ୪୮ଟି ଲୋକସଭା ଆସନ ମଧ୍ୟରୁ ୨୩ଟି ଆସନରେ ୟୁବିଟି ଲଢିବ ବୋଲି ଉଦ୍ଧବ ଦାବି କରିଥିଲେ। କିନ୍ତୁ ସାଂପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି କଂଗ୍ରେସ ୨୩ଟି ଆସନ ୟୁବିଟିକୁ ଛାଡିପାରିବ ନାହିଁ ବୋଲି ସ୍ପଷ୍ଟ କରିବା



ପରେ ଏଠାରେ ମଧ୍ୟ ଆସନବଣ୍ଟାକୁ ନେଇ ସମସ୍ୟା ଦେଖାଯାଇଛି। ଏହାକୁ ନେଇ ଉଦ୍ଧବ କ୍ଷୁବ୍ଧ ହେବା ସହିତ ଏକାକୀ ଲଢିବାକୁ ପ୍ରସ୍ତୁତ ହେଉଥିବା କୁହାଯାଉଛି। ସେପଟେ ଉତ୍ତରପ୍ରଦେଶ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ମଧ୍ୟ ମେଣ୍ଟ ଆଭିମୁଖ୍ୟକୁ ନେଇ ବିମୁଖ ରହିଛନ୍ତି। ତେଣୁ ଏଭଳିସ୍ଥଳେ ଇଣ୍ଡିଆ ମେଣ୍ଟର ଅଭିପ୍ରାୟ ଆଗକୁ କେତେଦୂର ସଫଳ ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି।

■ ପୋକତୁଙ୍ଗା ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର

## କେନ୍ଦ୍ରୀୟ ଟିମ୍‌ର ଜାତୀୟ ସ୍ୱାସ୍ଥ୍ୟ ଗୁଣବତ୍ତା ଯାଞ୍ଚ




**ଅନୁଗୋଳ, ୩୦।୧୨(ସମିସ):** ଜାତୀୟସ୍ତରୀୟ ଏକ ଟିମ ଗୁଣବତ୍ତା ନିଶ୍ଚିତତାମାନକ ଆକଳନ ଲାଗି ଅନୁଗୋଳ ବ୍ଲକ ପୋକତୁଙ୍ଗା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ପରିଦର୍ଶନ କରିଥିଲେ।ଜନସ୍ୱାସ୍ଥ୍ୟ ସେବାରେ ଗୁଣାତ୍ମକମାନ ବୃଦ୍ଧି କରିବାକୁ ସରକାରଙ୍କ ଏକ ବ୍ୟାପକ ସ୍ୱୀକୃତି ପ୍ରକ୍ରିୟା ହେଉଛି ଏହି ଆକଳନର ମୁଖ୍ୟଲକ୍ଷ୍ୟ। ରୋଗୀ ଅଧିକାର, କ୍ଲିନିକାଲ୍ ସେବା, ସଂକ୍ରମଣ ନିୟନ୍ତ୍ରଣ, ଗୁଣବତ୍ତା ପରିଚାଳନା ଆଦି ଗୋଷ୍ଠୀସ୍ତରୀୟ ସେବା ଗୁଡିକ ଉପରେ ମୁଖ୍ୟତଃ ଆକଳନ ହୋଇଥିଲା। ଏହି ଜାତୀୟ ଟିମ୍‌ରୁ ଡ଼ଃ ସୌମ୍ୟ ମଣ୍ଡଳ ଓ ଭି.ଇନ୍ଦିରା ପ୍ରତିନିଧିତ୍ୱ କରିଥିଲେ। ପୋକତୁଙ୍ଗା ଆରୋଗ୍ୟ ଉପକେନ୍ଦ୍ରର ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ କଲ୍ୟାଣୀ ଦଳବେହେରା, ମହିଳା ସ୍ୱାସ୍ଥ୍ୟକର୍ମୀ ମୀନାକ୍ଷୀ ମିଶ୍ର, ସ୍ୱାସ୍ଥ୍ୟକର୍ମୀ ବିନୟ ପ୍ରଧାନ ଏହି ଆକଳନ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଉତ୍ତର ରଖିଥିଲେ। ଏହି ଆକଳନ ପ୍ରସ୍ତୁତିରେ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଡ଼ଃ ପୂର୍ଣ୍ଣିମା ଉଦଗାତା, ଡିପିଏମ ଦୀପକ ମହାନ୍ତି, ବନ୍ତଲା ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଘନଶ୍ୟାମ ବେହେରା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ସତ୍ୟ ନାରାୟଣ ସାହୁ, ଡ଼ଃ ଦୀପକ ସାହୁ, ଡ଼ଃ ବିଜୟ ପ୍ରଧାନ, ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରମୁଖ ପରାମର୍ଶଦାତା ଓ ବ୍ଲକ ସ୍ୱାସ୍ଥ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପୋକତୁଙ୍ଗା ପଞ୍ଚାୟତ ସରପଞ୍ଚ ସୁଜିତ ମହାଳିକ, ସମସ୍ତ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

## ତାଳଚେର ମାଟିର ଝିଅ ତପସ୍ୱିନୀ ସୁପର ମିସ୍ ଓଡ଼ିଶା ସାଇନିଂ ଆଇକନ୍



**ଅନୁଗୋଳସଦର, ୩୦।୧୨(ସମିସ):** ତାଳଚେର ଭରତପୁର ନେହେରୁ ସାଇନିଂ ଶତାବ୍ଦୀ ନଗର କଲୋନୀ ନିବାସୀ ତପସ୍ୱିନୀ ଦାଶ, ରାଉରକେଲାର ଭଞ୍ଜ ଭବନରେ ଅନୁଷ୍ଠିତ ସୁପର ମିସ୍ ଓଡ଼ିଶା ସାଇନିଂ ଆଇକନ୍ ସିନିୟର ସୁପର ମିସ୍ ଓଡ଼ିଶା ଆଇକନ୍ ଟାଇଟଲ ହାସଲ କରିଛନ୍ତି। ତପସ୍ୱିନୀ ଆଗକୁ ଜଣେ ଉଚ୍ଚ ମଡେଲର ହେବାର ସ୍ୱପ୍ନ ଦେଖୁଥିବା ସହିତ ଆଗକୁ ଉଚ୍ଚସ୍ତରରେ ପହଞ୍ଚିବା ପାଇଁ ତାଙ୍କର ସାଧନା ଜାରି ବଜାୟରଖିବା ପାଇଁ କହିଛନ୍ତି।

### ଦେଶର ୧୦୦ ଅତ୍ୟଧିକ ପ୍ରଦୂଷିତ ସହରାଞ୍ଚଳ ମଧ୍ୟରେ ଅନୁଗୋଳ ଓ ତାଳଚେର

# ପ୍ରଦୂଷଣ ରୋକିବାକୁ କାର୍ଯ୍ୟକାରୀ ହେଉନି ଆକ୍ସନ ପ୍ଲାନ୍

ଅନୁଗୋଳ, ୩୦।୧୨(ସଂଗ୍ରାମ ଦାସ)



ଦେଶରେ ଅତ୍ୟଧିକ ପ୍ରଦୂଷିତ ୧୦୦ସହରାଞ୍ଚଳ ମଧ୍ୟରେ ଅନୁଗୋଳ ଜିଲ୍ଲାର ତାଳଚେର ଓ ଅନୁଗୋଳ ସହରାଞ୍ଚଳ ରହିଛି। ଭାରତ ସରକାରଙ୍କ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଏହି ୨ଟି ଅଞ୍ଚଳକୁ ଚିହ୍ନଟ କରାଯାଇଛି। ଯାହାକି ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହି ଦୁଇଟି ପ୍ରଦୂଷିତ ଅଞ୍ଚଳକୁ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଗତ ୨୦୧୯-୨୦ରୁ ପ୍ଲାନ ପ୍ରସ୍ତୁତି ଶେଷ ହୋଇ ଆର୍ଥିକ ମଞ୍ଜୁରୀ ସରିଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନି। ସାରା ଦେଶରେ ପ୍ରଦୂଷଣ ହାର ବଢ଼ିବଢ଼ି ଚାଲିଛି। ଭାରତ ସରକାରଙ୍କ ସର୍ବେକ୍ଷଣ ଅନୁସାରେ ଦେଶରେ ୧୦୨ଟି ଅଞ୍ଚଳ ସର୍ବାଧିକ ପ୍ରଦୂଷିତ। ସେଥି ମଧ୍ୟରୁ ଓଡ଼ିଶାରେ ୭ଟି ଅଞ୍ଚଳ ଅନ୍ତର୍ଭୁକ୍ତ। ସେହି ୭ଟି ଅଞ୍ଚଳ ଭିତରେ ଅନୁଗୋଳ ଜିଲ୍ଲାର ତାଳଚେର ଓ ଅନୁଗୋଳ ରହିଛି। ଏଠାରେ ପ୍ରଦୂଷଣର ମାତ୍ର ଏତେ ଅଧିକ ଯେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ଲୋକେ ଘରୁ ବାହାରିଲେ ପ୍ରଦୂଷଣର ବିଷବଳୟ ଭେଦ କରି ଯିବାକୁ ପଡୁଛି। ଯୁଆଡେ ଚାହିଁଲେ ଖାଲି ଧୂଳିଧୂଆଁ। କୂଅପୋଖରୀ, ଘର ଅଗଣା, ଗଛପତ୍ର ସବୁଆଡେ ଧୂଳିର ଅସ୍ତରଣ ଜମୁଛି। ଦିନକୁ ଦିନ ପରିସ୍ଥିତି ଏତେ ଜଟିଳ ହେଲାଣି ବଞ୍ଚିବା କଷ୍ଟକର ହୋଇ ପଡୁଛି। ନାନା ପ୍ରକାର ରୋଗର ଶିକାର ହେଉଛନ୍ତି ଅଧିକାଂଶ ଲୋକ। ସର୍ବେକ୍ଷଣ ରିପୋର୍ଟ ଅନୁସାରେ ତାଳଚେର ଅଞ୍ଚଳରେ ବ୍ୟାପକ କୋଇଲାଖଣି ଏବଂ କୋଲୱାସରୀ କାରଖାନା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କାରଣ କୋଇଲା ଖଣିରୁ ଦୈନିକ ହଜାର ହଜାର ସଂଖ୍ୟାରେ କୋଇଲା ବୋଝେଇ ଟ୍ରେନ ଏବଂ ଟ୍ରକ୍ ଯାତାୟତ କରୁଛି। ସେହିପରି କାରଖାନା ଗୁଡିକୁ ବାହାରୁ ସବୁଦିନେ ଶତାଧିକ ଟ୍ରକ ଯୋଗେ କଞ୍ଚାମାଲ ଆସୁଛି। ତେଣୁ ଆବଶ୍ୟକତା ଠାରୁ ଅଧିକ ଗାଡି ଚଳାଚଳ ଯୋଗୁ ହିଁ ପ୍ରଦୂଷଣ ବଢୁଥିବା ରିପୋର୍ଟରେ ଦର୍ଶାଯାଇଛି। ଏହା ବ୍ୟତିତ ଏଠାରେ ପର୍ଯ୍ୟାପ୍ତ କୋଇଲା ମିଳୁଥିବାରୁ ବହୁ ସଂଖ୍ୟାରେ ଢ଼ାବା ହୋଟେଲ ଓ ବସ୍ତି ଗୁଡିକରେ ଲୋକେ କୋଇଲା ଜାଳି ରୋଷେଇ କରୁଛନ୍ତି। ଯାହାକି ପ୍ରଦୂଷଣର ଅନ୍ୟ ଏକ କାରଣ ବୋଲି ଉଲ୍ଲେଖ କରାଯାଇଛି। ନିୟନ୍ତ୍ରଣ ଓ ପ୍ରତିକାର ଅଭାବରୁ ଦିନକୁ ଦିନ ପ୍ରଦୂଷଣ ବଢ଼ି ଚାଲିଛି। ଅନୁଗୋଳ ଓ ତାଳଚେର ଅଞ୍ଚଳର ବାୟୁ ମଣ୍ଡଳରେ ପିଏମ୍ ୧୦, ପିଏମ୍୨.୫, ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଆଦି ମାତ୍ରା ଯେତିକି ରହିବା କଥା ତାଠାରୁ ଯଥେଷ୍ଟ ଅଧିକ ରହୁଛି। ଯାହାକି ମଣିଷ ସୁସ୍ଥ ଭାବେ ବଞ୍ଚିବା ଆଦୌ ସହଜ ନୁହେଁ। ତେବେ ଏହି ଦୁଇଟି ଅଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଭାରତ ସରକାର କଡା ପଦକ୍ଷେପ ଗ୍ରହଣ କରିଛନ୍ତି। ନେସନାଲ ଗ୍ରୀନ ଟ୍ରିବ୍ୟୁନାଲ, ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ, ଏନଭାରନମେଣ୍ଟ ଏଣ୍ଡ ପଲ୍ୟୁସନ ବିଭାଗ ଏବଂ ସେଣ୍ଟର ଫର ସାଇନସ୍ ଏଣ୍ଡ ଟେକ୍‌ନୋଲୋଜି ମିଳିତ ଭାବେ ଉଚ୍ଚସ୍ତରୀୟ ବୈଠକରେ ଗତ ୨୦୧୯-୨୦ରେ ଏଥିପାଇଁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଏହି ପ୍ଲାନ ଅନୁସାରେ ପରିବହନ ବିଭାଗ ଓ ଖଣି ବିଭାଗକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ କଡା ତାଗିଦ କରାଯାଇଛି। ବିଶେଷ କରି ଜାନବାହାନ ଗୁଡ଼ିକ ନିୟନ୍ତ୍ରଣ ପାଇଁ ଉଚ୍ଚମାନର ଇଞ୍ଜିନ ବ୍ୟବହାର କରିବା, ଅତି ପୁରୁଣା ଗାଡି ଗୁଡିକୁ ଚଳାଚଳ ପାଇଁ ଅନୁମତି ନଦେବା, କୋଇଲା ପରିବହନ କରୁଥିବା ଟ୍ରକ୍ ଏବଂ ଟ୍ରେନ ଗୁଡିକରେ ପାଲବାନ୍ଧିବା ସହ ଅନ୍ୟାନ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆ ଯାଇଛି। ଏହାଛଡା ପ୍ରତ୍ୟକ ଖଣି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ସେମାନଙ୍କ କରିଡର ରୋଡ଼ ଗୁଡିକୁ ତୁରନ୍ତ ଶେଷ କରିବା, ଟ୍ରକ୍ ଚଳାଚଳ କରୁଥିବା ରାସ୍ତା ଗୁଡିକରେ ନିୟମିତ ପାଣି ସିଞ୍ଚନ କରିବା, ବ୍ୟାପକ ବୃକ୍ଷ ରୋପଣ କରିବା ଏବଂ ସବୁ ଖଣି ନିଶ୍ଚିତ ଭାବେ ଅନ ଲାଇନ ମନିଟରିଂ ସିଷ୍ଟମ ଲଗାଇବା ବାଧ୍ୟତାମୂଳକ କରାଯାଇଛି। ଏହି ପଦକ୍ଷେପ ଗୁଡିକ ସଠିକ ଢଙ୍ଗରେ କାର୍ଯ୍ୟକାରୀ କରାଇବାକୁ ତାଳଚେର ଅଞ୍ଚଳ ପାଇଁ ଏନ୍‌ଆଇଆଇଟି ଏବଂ ଅନୁଗୋଳ ପାଇଁ ଆଇଆଇଟି ଖଡ଼ଗପୁରକୁ ଦାୟିତ୍ୱ ଦିଆସରିଛି। ତାଳଚେର ଅଞ୍ଚଳରେ କାମ କିଛି ଅଗ୍ରଗତି ହୋଇଛି। କିନ୍ତୁ ଅନୁଗୋଳରେ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇ ପାରିନାହିଁ। ତାଳଚେର ଅଞ୍ଚଳରେ ଖଣି ଗୁଡିକରେ ୬ଟି ଅନ୍‌ଲାଇନ ମନିଟରିଂ ସିଷ୍ଟମ ଲଗା ଯାଇଛି। ରାଜ୍ୟ ସରକାରଙ୍କ ଉଦ୍ୟମରେ ଅନୁଗୋଳ ପ୍ରଦୂଷଣ ବିଭାଗ କାର୍ଯ୍ୟାଳୟ ପରିସରରେ ଦୁଇ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ମନିଟରିଂ ମେସିନ ଗତ ଜାନୁଆରି ମାସରୁ ଲାଗିଛି। ହେଲେ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁଁ ନିୟନ୍ତ୍ରଣ ହୋଇପାରୁନାହିଁ ପ୍ରଦ୍ୟୁଷଣ। ଏବେ ସମସ୍ତଙ୍କର ଅପେକ୍ଷା କେବେ ପ୍ରଦୂଷଣ ବଳୟରୁ ମିଳିବ ମୁକ୍ତି। ତେବେ ସରକାର ଯେତେ ଯୋଜନା କଲେ ମଧ୍ୟ ମୁଖ୍ୟତଃ ଖଣି ଓ କାରଖାନା ଗୁଡିକୁ ନିୟନ୍ତ୍ରଣ କରାନଗଲେ ଯୋଜନା ଯୋଜନା ଭିତରେ ହିଁ ରହିଯିବ। ଲୋକେ ଏମିତି ପ୍ରଦୂଷଣ ଭିତରେ ଜର୍ଜରିତ ହେଉଥିବେ ବୋଲି ପରିବେଶ ପ୍ରେମୀ କହୁଛନ୍ତି।

## କେନାଲକୁ ଖସିଲା ବୋଲେରୋ ; ଚାଳକ ମୃତ

**ଅନୁଗୋଳ, ୩୦।୧୨(ସମିସ):** ଅନୁଗୋଳ ଜିଲ୍ଲା ତାଳଚେର ସମଲ ବ୍ୟାରେଜ୍ ଦକ୍ଷିଣ ଶାଖା କେନାଲ ରୋଡର ଗୁରୁଜାଙ୍ଗ- ଜନ୍ଦାବାହାଳ ବଙ୍ଗାରୁ ଜୋର ନିକଟରେ ୩୦ ଫୁଟ କେନାଲ ତଳକୁ ଖସିଲା ବୋଲେରୋ। ଘଟଣା ସ୍ଥଳରେ ବୋଲେରୋ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ଖମାର ବନ୍ଧକାନି ଅଞ୍ଚଳର ଦେବେନ୍ଦ୍ର ପ୍ରଧାନ। ସୂଚନା ଅନୁସାରେ ଦେବେନ୍ଦ୍ର ଶୁକ୍ରବାର ବିଳମ୍ବିତ ରାତିରେ ଖମାର ଅଞ୍ଚଳରୁ ତାଳଚେର ଆସୁଥିବା ବେଳେ ଭାରସ୍ୟମ ହରାଇ କେନାଲ ତଳକୁ ପସିଯିବା ପରେ ପାଖରେ ଯାଇଥିବା ବଙ୍ଗାରୁ ଜୋରରେ ଗାଡି ଓଲଟି ପଡ଼ିଥିବାରୁ ଘଟଣାସ୍ଥଳରେଁ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକ ଉକ୍ତ ରାସ୍ତାରେ ଯିବା ବେଳେ ଗାଡିଟି ପାଣି ଭିତରେ ଓଲଟି ପଡ଼ିଥିବା ଦେଖି ଅଗ୍ନିଶମ ବିଭାଗ ଓ ପୁଲିସକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଁଞ୍ଚôଚ ପାଣି ଭିତରେ ପଡ଼ିଥିବା ବୋଲେରୋ ଚାଳକଙ୍କୁ ଉଦ୍ଧାର କରିଥିଲେ। ପରେ ତାଳଚେର ପୁଲିସ ପହଁଞ୍ଚôଚ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ପରେ ଏକ ଏକ କ୍ରେନ ମାଧ୍ୟମରେ ବୋଲେରୋକୁ କେନାଲରୁ ଉଠାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ସାମ୍ବାଦିକ ଶ୍ୟାମାନୁଜଙ୍କ ପରଲୋକ



ଅନୁଗୋଳ, ୩୦।୧୨(ସମିସ) :ଦିଲ୍ଲୀରେ ଦୀର୍ଘବର୍ଷ ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗରେ ସାମ୍ବାଦିକତା କରୁଥିବା ଅନୁଗୋଳ ଗାନ୍ଧୀମାର୍ଗ ଅମଳାପଡ଼ା ବାସିନ୍ଦା ଶ୍ୟାମାନୁଜ ଦାସଙ୍କ ଶୁକ୍ରବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। କିଛି ମାସ ହେଲା ସେ ବିରଳ ସ୍ନାୟୁରୋଗରେ ପୀଡିତ ଥିଲେ। କମ୍ପୁଟର ଇଞ୍ଜିନିୟରିଂ ପରେ ଦିଲ୍ଲୀର ଜଣାଶୁଣା ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେସନ୍ (ଆଇଆଇଏମ୍‌ସି)ରୁ ସାମ୍ବାଦିକତା ପାଠ୍ୟକ୍ରମ ପରେ ୧୯୯୪ରେ ନୂତନ ଭାବେ ଉନ୍ମୋଚିତ ଭଏସ୍ ଆଣ୍ଡ ଡାଟା ପତ୍ରିକା (ସାଇବର୍ ମିଡିଆ)ରେ ଯୋଗ ଦେଇଥିଲେ। ଟେକ୍ନୋଲୋଜି କ୍ଷେତ୍ରରେ ଅଦଳବଦଳ ପରିବର୍ତ୍ତନର ଏକ ଯୁଗରେ ସେ ଜଣେ ଲେଖକ ତଥା ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ। ଡାଟା ଏବଂ ଆନାଲିଟିକ୍ସ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ତାଙ୍କୁ ସାଇବର ମିଡିଆରେ ପ୍ରମୁଖ ଗବେଷଣା ପଦକ୍ଷେପଗୁଡ଼ିକର ଦାୟିତ୍ୱରେ ରହି ପରବର୍ତ୍ତୀ ସମୟରେ ସେ ଡାଟାକେଷ୍ଟ ମାଗାଜିନର ସମ୍ପାଦକ ଭାବରେ ନିଯୁକ୍ତ ହେଲେ। ୨୦୧୫ ରେ ସେ ୯.୯ ଗ୍ରୁପ୍‌ରେ ଯୋଗ ଦେଇଥିଲେ ଏବଂ ଏଣ୍ଟରପ୍ରାଇଜ୍ ଟେକ୍ନୋଲୋଜି ଗ୍ରୁପ୍‌ର ସମସ୍ତ ସମ୍ପାଦକୀୟ ଦାୟିତ୍ୱ ନେଇଥିଲେ। ତାଙ୍କ ବିୟୋଗରେ ଅନୁଗୋଳରେ ଶୋକରଛାଇ ଖେଳିଯାଇଛି। ତାଙ୍କର ଅନ୍ତେଷ୍ଟି ଦିଲ୍ଲୀରେ ସମ୍ପନ୍ନ ହୋଇଛି।

### ରାଜ୍ୟ ଓ ଜାତୀୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା

## ଅନୁଗୋଳ ଖେଳାଳିଙ୍କ ସଫଳତା




ଅନୁଗୋଳ, ୩୦।୧୨(ସମିସ)

ଚଳିତ ମାସ ୨୬ ତାରିଖରୁ ୨୮ତାରିଖ ପର୍ଯ୍ୟନ୍ତ ୨୦ ତମ୍ ରାଜ୍ୟସ୍ତରୀୟ ତାଏ କୋଣ୍ଡୋ ପ୍ରତିଯୋଗିତା ଭଦ୍ରକ ଜିଲ୍ଲା ଅଗ୍ରସେନ ଭବନ ଠାରେ ଅନୁଷ୍ଠିତ ଥିଲା। ଉକ୍ତ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାର ୧୯ ଜଣ ଖେଳାଳି ୪ ଜଣ ବିଚାରକ ଓ ଜଣେ କୋଚ୍ ଅଂଶ ଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଖେଳାଳିମାନେ ୧୬ ଟି ପଦକ ହାସଲ କରି ଅନୁଗୋଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପଦକ ହାସଲ କରିଥିବା ଛାତ୍ରଛାତ୍ରୀ ଲକ୍ଷ୍ନୌ ଠାରେ ହେବାକୁ ଥିବା ଜାତୀୟସ୍ତରୀୟ ତାଏକୋଣ୍ଡୋ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ ବୋଲି ଭାରତର ତାଏକୋଣ୍ଡୋ ପ୍ରତିଷ୍ଠାତା ( ଜଣକ) ଡ, ଜୀମିଅର୍ ଜଗଦୀୟାନି ଓ ତାଓ ସମ୍ପାଦନ ରବିନାରାୟଣ ପାଣିଗ୍ରାହୀ ପ୍ରକାଶ କରୁଛନ୍ତି। ସେହି ଭଳି ରାଜ୍ୟସ୍ତରୀୟ ସ୍କୋ ଏ ପ୍ରତିଯୋଗୀତା ରେ ପଦକ ହାସଲ କରିଥିବା ଛାତ୍ରଛାତ୍ରୀମାନେ ଜାତୀୟସ୍ତରୀୟ ପ୍ରତିଯୋଗିତା ଜାନୁଆରୀ ୪ ରୁ ୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ରାଜସ୍ଥାନ ଅଭିମୁଖେ ଯାତ୍ରା କରିବେ। ଜାତୀୟ ସ୍କୋଏ ପ୍ରତିଯୋଗିତାର ଅଂଶ ଗ୍ରହଣ କରିଥିବା ବାଳିକା ବିଭାଗର ଶ୍ରୀୟାଶ୍ରୀ ପ୍ରଧାନ, ଦୃଷ୍ଟି ସିଂହ ଯାଦବ, ସ୍ୱତି ସ୍ୱାଗତିକା ଦାସ ଓ କାବ୍ୟା ଦାଶ, ବାଳକ ବିଭାଗର ଏସ କେ କସିଫ, କେ ସାଇ ଆଦିତ୍ୟ, ସିତାଂଶୁ ସ୍ଥିତପ୍ରଜ୍ଞା ନୟକ ଅଂଶ ଗ୍ରହଣ କରିବେ, ଉକ୍ତ ପ୍ରତିଯୋଗୀଙ୍କୁ ଅନୁଗୋଳ ଜିଲ୍ଲାର କ୍ରିଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ଶାରୀରିକ ଶିକ୍ଷା ନିରୀକ୍ଷକ ଭିକାରୀ ବନ୍ଧୁ ସାହୁ, ଅନୁଗୋଳ ତାଏକୋଣ୍ଡୋ ସଂଘ ଅନୁଗୋଳର ସଭାପତି ନୀଳମଣି ରାଉତ, ଉପସଭାପତି ଶକ୍ତି ପ୍ରାସାଦ ପଟ୍ଟନାୟକ, ଓ ପର୍ଶୁରାମ ଦାଶ, ଆଇନ୍‌ଜୀବୀ ଓ ଉପଦେଷ୍ଟା ପ୍ରଦୀପ କୁମାର ଦେବତା ପ୍ରମୁଖ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଁଛନ୍ତି। ଉକ୍ତ ଛାତ୍ରଛାତ୍ରୀ ଅନୁଗୋଳ ତାଏକୋଣ୍ଡୋ ପ୍ରତିଷ୍ଠାତା ଓ ସମ୍ପାଦକ ଦୁଷ୍ୟନ୍ତ କୁନାର ନାଥଙ୍କ ଠାରୁ ଶିକ୍ଷା ଗ୍ରହଣ କରିଛନ୍ତି।


DSPL-497

ଓଡ଼ିଶାରେ ମତ୍ସ୍ୟବିକାଶ ଓ ଆତ୍ମନିଯୁକ୍ତି ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା

**ମତ୍ସ୍ୟ ପୋଖରୀ ଯୋଜନା:** ନୂତନ ପୋଖରୀ ଖନନ ଓ ମାଛଚାଷ ପାଇଁ ଆବଶ୍ୟକ ଆନୁସଙ୍ଗିକ ଖର୍ଚ୍ଚ ବାବଦରେ ହେକ୍ଟର ପ୍ରତି ୧୧,୦୦,୦୦୦ ଟଙ୍କାର ପ୍ରକଳ୍ପ ବ୍ୟୟ ବରାଦ କରାଯାଇଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି ।



**ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପଞ୍ଚାୟତ ପୋଖରୀ ରେ ମାଛ ଚାଷ:** ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କ ଆର୍ଥିକ ବିକାଶ ଓ ସଶକ୍ତିକରଣ ପାଇଁ ଗଠିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀ ଦୀର୍ଘ ମିଆଦି ସୂତ୍ରରେ ଲିଜ ଦିଆଯାଇ ମାଛଚାଷ କରାଯାଉଛି। ଏଥିରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ୪,୦୦,୦୦୦ ଟଙ୍କା ରଖାଯାଇଛି। ପ୍ରକଳ୍ପମୂଲ୍ୟର ୬୦ ପ୍ରତିଶତ ଅର୍ଥାତ ସର୍ବାଧିକ ୨,୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି।

**ଜଳକୃଷି ନିମନ୍ତେ ଆବଶ୍ୟକ ଯନ୍ତ୍ରପାତି ବହୁଳ ବ୍ୟବହାର:** ଜଳକୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଓ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରିବା ନିମନ୍ତେ ଆବଶ୍ୟକ ବାୟୁ ଚାଳନା ପମ୍ପ (Aerator ), ବାୟୁ ସଞ୍ଚାଳନ ଯନ୍ତ୍ର (Air Blower ), ଜୈବ ସୁରକ୍ଷା ଜାଲ, ମାଛଧରା ଜାଲ ଆଦି ସରଞ୍ଜାମ କିଣିବା ପାଇଁ ପ୍ରକଳ୍ପ ମୂଲ୍ୟର ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ବାୟୋଫ୍ଲକ ପଦ୍ଧତିରେ ମାଛଚାଷ:** କମ ଜାଗାରେ, କମ ଜଳରେ ଓ କମ ଖର୍ଚ୍ଚରେ ଅଧିକ ମାଛ ଉତ୍ପାଦନ ପାଇଁ ନୂତନ ଜ୍ଞାନକୌଶଳ ଯୁକ୍ତ ବାୟୋଫ୍ଲକ ପଦ୍ଧତିରେ ମାଛଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ଖାରିଜଳରେ ମାଛ ଓ ଚିଙ୍ଗୁଡିଚାଷ ନିମନ୍ତେ ପ୍ରୋତ୍ସାହନ:** ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାରେ ମାଛ ଓ ଚିଙ୍ଗୁଡି ଚାଷକୁ ଅଧିକ ବ୍ୟାପକ କରିବା ନିମନ୍ତେ ନୂତନ ପୋଖରୀ ଖନନ ଓ ଚାଷ ନିମନ୍ତେ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି।ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ଡଙ୍ଗା, ଇଞ୍ଜିନ୍ ଓ ଜାଲ ନିମନ୍ତେ ସହାୟତା:** ସାମୁଦ୍ରିକ ମତ୍ସ୍ୟଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ନୂତନ ଡଙ୍ଗା, ଜାଲ ଓ ଇଞ୍ଜିନ ଯୋଗାଇ ଦିଆଯାଉଛି। ଏଥିରେ ପ୍ରକଳ୍ପ ମୂଲ୍ୟ ୧୦ ଲକ୍ଷ ଟଙ୍କା ଉପରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

**ମତ୍ସ୍ୟ ପରିବହନ ନିମନ୍ତେ ଶୀତଳିକରଣ ଯାନ:** ଖାଉଟିମାନଙ୍କୁ ସତେଜ ଓ ତଟକା ମାଛ ଯୋଗାଣ ଓ ମତ୍ସ୍ୟ ପରିବହନ ବେଳେ ମାଛକୁ ସତେଜ ରଖିବା ପାଇଁ ଇନସୁଲେଟେଡ ଟ୍ରକ, ମୋପେଡ ସହ ବରଫ ବାକ୍ସ, ଅଟୋ ସହ ବରଫ ବାକ୍ସ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

OIPR-06030/13/0012/2324

ଅଧିକ ବିବରଣୀ ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

## ଅସହାୟଙ୍କୁ କମ୍ବଳ ବଣ୍ଟନ



**ରାଜନଗର, ୩୦।୧୨(ସମିସ):** ସାଇନ ଫାଉଣ୍ଡେସନ ପକ୍ଷରୁ ଗରିବ, ଅସହାୟ, ମାନସିକ ବିକୃତ, ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ରାଜନଗର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡାର ବିଭିନ୍ନ ବଜାର, ଗାଁ ଏବଂ ଶ୍ରୀ ବଳଦେବଜୀଉ ମନ୍ଦିର ସମ୍ମୁଖରେ ବସିଥିବା ଭିକ୍ଷୁକଙ୍କୁ ସଂଗଠନର କର୍ମକର୍ତ୍ତା କମ୍ବଳ ବଣ୍ଟନ କରିବା ସହ ଖାଦ୍ୟପାନୀୟ ଜଳ ବଣ୍ଟନ କରିଛନ୍ତି। ନିହାର ରଂଜନ ବିଶ୍ୱାଳ, ସମୀର ବାଇ, ତପନ ମହାନ୍ତି, ପ୍ରତାପ ନାୟକ, ନିରାକାର ସେଠୀ, କବିତା ନାୟକ, ବର୍ଷାରାଣୀ ରାଉତ, ବାସୁଦବେ ମଲ୍ଲିକ, ସୁଜାତା ମହାନ୍ତି, ରଶ୍ମୀ ରଂଜିତା ସ୍ୱାଇଁ, ବିଷ୍ଣୁ ଚରଣ ଦାସ, ବିଷ୍ଣୁ ଚରଣ ଧଳ, ଦୁଷ୍ମନ୍ତ ନାୟକ, ହରେକୃଷ୍ଣ ପାତ୍ର, ଅମିତାଭ ପରିଡା, ରଂଜନ ପାତ୍ର, ମଣିରାମ ସାହୁ, ଅମର ନାୟକ, ଗଣେଷ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ଦିବାକର ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି



**ପଟ୍ଟାମୁଣ୍ଡାଇ,୩୦।୧୨(ସମିସ):** ପଟ୍ଟାମୁଣ୍ଡାଇ କଳା ନିକେତନରେ ଦିବାକର ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକ ଅନୁଷ୍ଠିତ ହୋଇଯାଇଛି। କାଉନସିଲର ଗୋପିବଲ୍ଲଭ ନାୟକ ସଭାପତିତ୍ୱ କରିଥିଲେ। କସ୍ତୁରୀ କଳା ନିକେତନର ସଭାପତି ଶିକ୍ଷାବିତ ସୁରେଶଚନ୍ଦ୍ର ଜେନା, କୃପାସିନ୍ଧୁ ନାୟକ, ପ୍ରମୋଦ ସାହୁ, ଗୋପିନାଥ ତ୍ରିପାଠୀ, ମିଟୁ ମନୋଜ ନାୟକ, ଅମୂଲ୍ୟ ପରିଡା, ସାମ୍ବାଦିକ ଡା. ଅଲେଖ ଶର୍ମା, କ୍ଷୀରୋଦ ମଲିକ, ଚିତ୍ତରଞ୍ଜନ ମଲ୍ଲିକ, ଚନ୍ଦନ ପାତ୍ର, ଗିରିଜା ସାମଲ, ସନ୍ତୋଷ ଜେନା, ବିଭୁତିଚନ୍ଦ୍ର ମଲ୍ଲିକ, ଦେବାଶିଷ ନାୟକ, ଅନନ୍ତ ସାହୁ, ତପନ ତରାଇ, ଅନନ୍ତ ସାହୁ, ସୁଶାନ୍ତ ତରାଇ, ଶରତଚନ୍ଦ୍ର ବିଶ୍ୱାଳ, ଅନିରୁଦ୍ଧ ଦାଶ ପ୍ରମୁଖ ଦିବାକର ବାବୁଙ୍କ ଗୁଣ ଗାନ କରିଥିଲେ। ଶେଷରେ ଗୋପିନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ ପରିବାର ଝାଡ଼ାବାନ୍ତିରେ ଆକ୍ରାନ୍ତ

**ପଞ୍ଚୁପାଣ୍ଡବ, ୩୦।୧୨(ସମିସ):** ବେଣିପୁର ପଞ୍ଚାୟତ ବଜାର ଗ୍ରାମର ସେଠୀ ସାହିର ୩ଟି ପରିବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏହି ସାହିର ଧନୁର୍ଜୟ ସେଠୀ, ପ୍ରମିଳା ସେଠୀ, ଭାନୁମତି ସେଠୀ, ପ୍ରମୋଦ ସେଠୀ, ଜଗବନ୍ଧୁ ସେଠୀ, ମହେନ୍ଦ୍ର ସେଠୀ, ସିପୁନା ସେଠୀ ପ୍ରମୁଖ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଘରେ ରହି ଚିକିତ୍ସିତ ହେଉଛନ୍ତି।

## ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣାରେ ୩ କୋର୍ଟ ଚାଲାଣ

**ପାରାଦୀପ,୩୦।୧୨(ସମିସ):** ପାରାଦୀପ ଲକ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣାରେ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏମାନେ ହେଲେ ଉଦୟ ବିହାରରେ ରହୁଥିବା ତିର୍ତ୍ତୋଲ ଥାନା ବେଗୁନିଆର ଚନ୍ଦ୍ରଶେଖର ନାୟକ, ବିଲୁଆପଡ଼ାରେ ରହୁଥିବା କୁଜଙ୍ଗ ଗଣ୍ଡିକିପୁରର ଶ୍ରୀବତ୍ସ ସାମଲ ଓ ବିଲୁଆପଡ଼ାରେ ରହୁଥିବା କୁଜଙ୍ଗ ମଙ୍ଗରାଜପୁରର ସାଗର ତରାଇ। ମହିଳାଙ୍କ ଅଭିଯୋଗ ଆଧାରରେ ଲକ ଥାନା ପୁଲିସ ଏମାନଙ୍କୁ ଉଠାଇ ଆଣି ପଚରା ଉଚରା କରୁଥିଲା। ଏଥିରେ ଉକ୍ତ ୩ ଜଣଙ୍କ ସମ୍ପୃକ୍ତି ଥିବା ତଦନ୍ତରୁ ଜାଣିବା ପରେ କୋର୍ଟ ଚାଲାଣ କରିଛି। ବିବାଦରୁ ମହିଳା ଜଣକ ଘର ଛାଡି ପଳାଇଥିଲେ। ଅଭିଯୁକ୍ତଙ୍କ ଭିତରେ ଥିବା ତାଙ୍କର ସମ୍ପର୍କୀୟ ଭିଣୋଇ ଓ ତାଙ୍କର ୨ଜଣ ବନ୍ଧୁ ତାଙ୍କୁ ପାଇବା ପରେ ଘରେ ଛାଡିଦେବାକୁ କହି ବିଲୁଆପଡାରେ ଦୁଷ୍କର୍ମ କରିଥିଲେ ବୋଲି ପୁଲିସ କହିଛି।

## ରାସନ ବଣ୍ଟନ ବନ୍ଦ ପାଇଁ ରିଟେଲରଙ୍କ ଚେତାବନୀ

**ବିରିଡି,୩୦।୧୨(ସମିସ):** ସର୍ବଭାରତୀୟ ଡିଲର୍ସ ଫେଡେରେସନ ଡାକରାରେ ଶନିବାର ସିଦ୍ଧବଟରେ ବିରିଡି ବ୍ଲକ୍ ରିଟେଲର ସଂଘର ଏକ ଜରୁରୀ ବୈଠକ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଇବ୍ରାହିମ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଧନେଶ୍ୱର ବେହେରା, କୋଷାଧକ୍ଷ ଅଭୟ ମହାନ୍ତି, ସଭ୍ୟ ଦୁର୍ଗାପ୍ରସାଦ ସ୍ୱାଇଁ, ସୁଦାମଚରଣ ଖଟେଇ, ଜୀବନ କର, ରବୀନ୍ଦ୍ର ଜେନା, ନିରଞ୍ଜନ କର, ଅଜୟ ଦାସ, କୃଷ୍ଣଚନ୍ଦ୍ର ବେହେରା, ଉର୍ମିଳା ମିଶ୍ର, ରଂଜିତ ଜେନା, ଶରତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଭାଗ ପାଖରେ ସେମାନଙ୍କ ବକେୟା ପଡିଛି। ଏଣୁ ଜାନୁଆରୀରୁ ରାସନ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ବନ୍ଦ କରିବାକୁ ବୈଠକରେ ଚେତାବନୀ ଦିଆଯାଇଛି।

## ଧାନବିଲରେ ନିଆଁ ଲଗାଇଦେଲା ଦୁର୍ବୃତ୍ତ

**ବାଲିକୁଦା,୩୦।୧୨(ସମିସ):** ବାଲିକୁଦା ତହସିଲ ଅଧୀନ ଗରାମ ଓ ଅରିଲୋ ପଞ୍ଚାୟତର ୧୫ରୁ ଅଧିକ ଚାଷୀଙ୍କ ଧାନ କ୍ଷେତରେ ଜଣେ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛି। ଏହା ଫଳରେ ୪ଏକରରୁ ଅଧିକ ଧାନ ଫସଲ ଅମଳ ପୂର୍ବରୁ ଜଳି ଯାଇଛି। ସଦେଇପୁର ଗ୍ରାମର ସୁରେନ୍ଦ୍ର ମିଶ୍ର ନିଆଁ ଲଗାଇ ଦେଇଥବା ଚାଷୀ ଥାନାରେ ଅଭିଯୋଗ କରିଛନ୍ତି। ଧାନ କ୍ଷେତ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ବାଲିକୁଦା ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ଶିବରମ ଶାନ୍ତି ଓ ତାଙ୍କ ଟିମ୍ ପହଞ୍ଚିବା ବେଳକୁ ଧାନ କ୍ଷେତ ପୋଡି ଯାଇଥିଲା।

### ● ଚାନ୍ଦୋଳ କଲେଜରେ 'ନୂଆ-ଓ'ର ଉଦ୍‌ଯାପନୀ ଉତ୍ସବ

# ମହକିବ ଯୁବଗୋଷ୍ଠୀଙ୍କ ପ୍ରତିଭା

**ଡେରାବିଶ, ୩୦।୧୨(ସମିସ)**




ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ଗତ ମାସ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା 'ନୂଆ-ଓ' ତଥା 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଲକ୍ଷ୍ମଣ ଦାଶ ସଭାପତିତ୍ୱ କରିଥିଲେ। ଓଡ଼ିଶା ଉଚ୍ଚନ୍ୟାୟାଳୟର ଅଧିବକ୍ତା ଗିରିଜାନନ୍ଦ ନାୟକ ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ତଥା ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ ଅଗ୍ରୱାଲ୍ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଏହି ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳ ଯୁବକଯୁବତୀଙ୍କ ପ୍ରତିଭା ବିକଶିତ ହେବ। ଏହି ଯୁବ ପ୍ରତିଭାଙ୍କ ପ୍ରତିଭା ମହକିବ ବୋଲି ଶ୍ରୀ ଅଗ୍ରୱାଲ ତାଙ୍କ ବକ୍ତବ୍ୟରେ କହିଥିଲେ। ଯୁବକମାନଙ୍କ ବୌଦ୍ଧିକ ଓ ଶାରୀରିକ ବିକାଶ ରାଜ୍ୟକୁ ବିକଶିତ କରିପାରିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥିଭାବ କାର୍ଯ୍ୟକ୍ରମର ଜିଲ୍ଲା ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରମୋଦ ବେହେରା ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ଶ୍ରୀମତୀ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହକାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିଥିଲେ। ଅଧ୍ୟାପକ ସଂଜୟ ନାୟକ, ଅଧ୍ୟାପିକା ସୁକନ୍ୟା ମହାନ୍ତି, ଅଧ୍ୟାପିକା ସାଶ୍ୱତି ପ୍ରଜ୍ଞା ସାହୁ, ମନିଷା ଦାସ, ମନିଷା ମହାରଣା ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଅଧ୍ୟାପକ ପ୍ରଦୀପ ରାଉତ ଓ ଦିବ୍ୟ ଦାସ ଭକ୍ତି ସଙ୍ଗୀତ ଗାଇଥିଲେ। ବିଚାରକ ଭାବେ ପ୍ରାଧ୍ୟାପକ ଅକ୍ଷୟ ବଳ, ଦିଲ୍ଲୀପ ଭୂୟାଁ, ଅଧ୍ୟାପକ ପ୍ରଭାକର ଦାସ, ପ୍ରହ୍ଲାଦ ମାଝି, ଶଶିଭୂଷଣ ଜେନା, ବରଦା ପ୍ରସାଦ ଜେନା, ବେଦପ୍ରକାଶ ନାୟକ, ଦେବାଶିଷ ମହନ୍ତ, ପ୍ରତାପ ଜେନା, ବିମଳ ବାରିକ ଓ ଅଧ୍ୟାପିକା ଝରାଶ୍ରୀ ପରିଜା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାଧ୍ୟାପିକା ମିନାକ୍ଷୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସାଧୁ ଧାନ ବ୍ୟବସାୟୀଙ୍କ କବଳରେ ଚାଷୀ

**ଏରସମା,୩୦।୧୨(ସମିସ):** ପଏଡା ଓ ସୋମପୁର ପଞ୍ଚାତରେ ଧାନ ବ୍ୟବସାୟମାନେ ଚାଷୀଙ୍କୁ ଲୁଟିବାକୁ ବସିଲେଣି। ଚାଷୀଙ୍କୁ କମ୍ ମୂଲ୍ୟ ଦେଇ କଟିନଝଟିନ କରି ଠକୁଛନ୍ତି। ରାତି ପାହିଲେ ବ୍ୟବସାୟ ଛୋଟ ଡାଲା ଗାଡି ସାହାଯ୍ୟରେ ଅଖା ଧରି ଚାଷୀଙ୍କ ଘରୁ ଧାନ ଉଠାଉଛନ୍ତି। ଚମ୍ପାହାଟ ଡିହସାହିରେ ଜଣେ ଧାନ ବ୍ୟବସାୟୀ କଣ୍ଟାରେ କମ୍ କରି ନେଉଥିବା ବେଳେ ସ୍ଥାନୀୟ ଲୋକେ ଘେରିବାରୁ ସେ ପଳିଥିଲେ।

## ମାଙ୍କଡ଼ର ଶୁଦ୍ଧିକ୍ରିୟା

**ମହାକାଳପଡ଼ା,୩୦।୧୨(ସମିସ):** ବେଣାକନ୍ଦାରେ ଏକ ମାଙ୍କଡ଼ ପାଇଁ ଶୁଦ୍ଧିକ୍ରିୟା କରାଯାଇଛି। ଦିବାକର ମାଇତି ନାମକ ବ୍ୟକ୍ତିଙ୍କ ଘର ଅଗଣାରେ ମାଙ୍କଡ଼ଟି ବସିଥିଲା; ହେଲେ ଅସୁସ୍ଥତା ବଶତଃ ଆଉ ଯାଇ ପାର ନ ଥିଲା। ପ୍ରାଣୀ ଚିକିତ୍ସକଙ୍କୁ ଡାକି ଦିବାକର ଚିକିତ୍ସା କରାଇଥିଲେ; ମାତ୍ର ମାଙ୍କଡ଼ଟି ଆଖି ବୁଜିଥିଲା। ଏହାପରେ ସେ ମାଙ୍କଡ଼ର ସତ୍କାର କରିଥିଲେ। କେବଳ ସତ୍କାର କରି ନ ଥିଲେ; ବରଂ ଏଥିଲାଗି ଶୁଦ୍ଧିକ୍ରିୟା କରିଛନ୍ତି। ଯଜ୍ଞ କରି ଭୋଜିଭାତ ଦେଇଛନ୍ତି। ଏଥିରେ ସ୍ମୃତିପ୍ରଭା ଗିରି, ଶ୍ରୀହରି ଖଟୁଆ, ରାଜୁ ଭୂୟାଁ, ନନ୍ଦ ମଣ୍ଡଳ, କୃଷ୍ଣ ମଣ୍ଡଳ, ଚନ୍ଦନ ଗିରି, ଶୁଭ୍ରାଂଶୁ ଗିରି, ଭବେଶ ମାଇତି, ପ୍ରମୋଦ ପଟ୍ଟୟା ପ୍ରମୁଖ ଗ୍ରାମବାସୀ ସାମିଲ ହୋଇଥିଲେ।

## ପୁଲିସ ବିରୋଧରେ ବୃଦ୍ଧଙ୍କ ଏସ୍‌ପିଙ୍କୁ ଅଭିଯୋଗ

**ଡେରାବିଶ,୩୦।୧୨(ସମିସ):** ଡେରାବିଶ ଥାନା ଖମୋଳ ଜହ୍ନିମୂଳ ଗ୍ରାମର ମଥୁରୀ ମୋହନ ବାରିକ (୮୨)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଚୁପ୍ ବସିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ସମର୍ଥନ କରୁଛି। ବୃଦ୍ଧଙ୍କ ବିରୋଧରେ ଏକ ପାଲଟା ଅଭିଯୋଗ କରିବାକୁ ଅଭିଯୁକ୍ତକୁ ପୁଲିସ ଉସୁକାଇଛି। ଶେଷରେ ଏହି ବୃଦ୍ଧ ଜଣକ ପୁଲିସ ଉପରୁ ଭରସା ତୁଟାଇ ଏସ୍‌ପିଙ୍କ ନିକଟରେ ଫେରାଦ୍ ହୋଇଛନ୍ତି।

## ଡେଲ୍‌ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଡେରାବିଶ, ୩୦।୧୨(ସମିସ)**




ଯଅଁରାବାରିମୂଳ ପଞ୍ଚାୟତ ଭିତରବମ୍ପ ସ୍ଥିତ ଡେଲଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଅଧୀନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଦୀପ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଅଧକ୍ଷ ଡକ୍ଟର ବିବେକାନନ୍ଦ ମିଶ୍ର, ଯାତ୍ରା କଳାକାର ବିଶ୍ୱଭୂଷଣ ପଣ୍ଡା, ନାୟିକା ରୂପଶ୍ରୀ ମହାପାତ୍ର, ଖଳନାୟକ ଶଶାଙ୍କ ଶେଖର ସିଂ ଓ ହାସ୍ୟ ଅଭିନେତା ଅରୁଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ମେହେଶଚନ୍ଦ୍ର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁବ୍ରତ ଦାସ, ବିକ୍ରମ ବିହାରୀ ବିଶ୍ୱାଳ, ଗଦାଧର ବେହେରା, ସୁବାଷ ଚନ୍ଦ୍ର ତ୍ରିପାଠୀ, ଅଶୋକ ମିଶ୍ର, ଅଶୋକ ଦାସ, ବିକାଶ ସ୍ୱାଇଁ, ବିଭୂତି ଭୂଷଣ ଦାସ, ଡକ୍ଟର ପବିତ୍ର ନନ୍ଦ, ଅଧ୍ୟାପିକା ମମତା ପ୍ରଧାନ, ନମିତା ମହାରଣା ପ୍ରମୁଖ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। ନନ୍ଦିନୀ ସାହୁ, ରୁପାଲି ପଣ୍ଡା, ଆଶାଲତା ବେହେରା ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୁରେନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରାମଚନ୍ଦ୍ର ଶତପଥୀ, ନାରାୟଣ ମହାପାତ୍ର, ଅଶୋକ ଦାସ, ବୈଷ୍ଣବ ସ୍ୱାଇଁ, ପ୍ରେମାନନ୍ଦ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ମମତା ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ବାଚନ ପାଇଁ ତାଲିମନେଲେ ସେକ୍ଟର ଅଧିକାରୀ



**କେନ୍ଦ୍ରାପଡ଼ା,୩୦।୧୨(ସମିସ)**

୨୦୨୪ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସେକ୍ଟର ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ଶନିବାର ସଂସ୍କୃତି ଭବନରେ ଏହି ତାଲିମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ରିତ ଋତୁରାଜ ତାଲିମ ପ୍ରଦାନ କରିଥିଲେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜଳନ୍ଧର ଜାଲି, ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ବିଡ଼ିଓ, ତହସିଲଦାର, ସେକ୍ଟର ଅଧିକାରୀ, ଏସ୍‌ଡିପିଓ, ଥାନା ଅଧିକାରୀ ପ୍ରମୁଖ ତାଲିମ ନେଇଥିଲେ।

## ଭିତରକନିକାରେ ପର୍ଯ୍ୟଟକଙ୍କ ମଧ୍ୟରେ ଗଣ୍ଡଗୋଳ

**ରାଜନଗର,୩୦।୧୨(ସମିସ):** ଭିତରକନିକା ବୁଲି ଆସିଥିବା ଦୁଇଟି ଗ୍ରୁପର ପର୍ଯ୍ୟଟକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗୋଟିଏ ଛୋଟ ଜାଗାରେ ଦୁଇଟି ଗ୍ରୁପ ରୋଷେଇ କରି ଖାଇବା ବେଳେ ଯୁକ୍ତତର୍କ ହୋଇଥିଲା। ପରେ ବାଡିଆପିଟା ହୋଇଛନ୍ତି। ଏହି ଘଟଣାରେ ୩ଜଣ ଆହତ ହୋଇଛନ୍ତି। ଦୁଇଟି ଗ୍ରୁପର ପର୍ଯ୍ୟଟକ ଖୋଲା ନିକଟରେ ଏକ ଘରୋଇ ଜାଗାକୁ ଭଡା ନେଇ ରୋଷେଇ କରିଥିଲେ। ଭିତରକନିକା ବୁଲି ସାରିବା ପରେ ଏକାସାଙ୍ଗରେ ରୋଷେଇ ହୋଇଥିବା ସ୍ଥାନରେ ପହଞ୍ଚିଥିଲେ। ଗୋଟିଏ ଗ୍ରୁପ ବସି ଖାଇଥିବା ବେଳେ ଅନ୍ୟ ଏକ ଗ୍ରୁପ ଛିଡା ହୋଇ ଖାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ବାଡିଆପିଟା ହୋଇଥିଲା। ସ୍ଥିତି ଏପରି ହୋଇଥିଲା ବିଅର ବୋତଲ ଭାଙ୍ଗି ବାଡିଆପିଟା ହୋଇଥିଲେ। ଏହି ଘଟଣାରେ ୨ଜଣ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଏକ ହୋଟେଲର ଯୁବକ ପ୍ରକାଶ ବେହେରା (୨୭) ଆହତ ହୋଇଛନ୍ତି। ଖବର ପାଇ ତାଳଚୁଆ ସାମୁଦ୍ରିକ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆପୋଷ ସମାଧାନ କରିଛି।

## ଶାରଦା ଏକାଡେମୀ ୧୯୮୩ ବ୍ୟାଚ୍ ବନ୍ଧୁମିଳନ



**ଡେରାବିଶ, ୩୦।୧୨(ସମିସ)**

ଯଅଁରାବାରିମୂଳ ପଞ୍ଚାୟତ ଗରାମ ନିକଟସ୍ଥ ରାମଚଣ୍ଡୀ ମନ୍ଦିରରେ ଛକନାସ୍ଥିତ ଶାରଦା ଏକାଡେମୀର ୧୯୮୩ ବ୍ୟାଚ୍ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଫୁଲ୍ଲ ନାୟକ, ଦିଗାମ୍ବର ସାହୁ, ଅଶୋକ ଲେଙ୍କା, ପ୍ରଶାନ୍ତ ରାଉତ, ଦାମୋଦର ମହାନ୍ତି ଓ ବିଣାପାଣି ତ୍ରିପାଠୀ ପ୍ରମୁଖଙ୍କ ଉଦ୍ୟମରେ ଏହା ଆୟୋଜିତ ହୋଇଥିଲା। ସମସ୍ତେ ସ୍କୁଲ ଜୀବନର ସ୍ମୃତି ଅନୁଭୂତିକୁ ପୁଣି ଥରେ ଏହି ବନ୍ଧୁ ମିଳନରେ ତାଜା କରିଥିଲେ। ଗୋଲଖ ବିହାରୀ ମଲିକ, ଦାମୋଦର ମହାନ୍ତି, କନକଲତା ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ଆକ୍ରମଣରେ ଶାଢି ଶୋ' ରୁମ୍ ମାଲିକ ଗୁରୁତର

**କେନ୍ଦ୍ରାପଡ଼ା,୩୦।୧୨(ସମିସ):** ଟାଉନ ଥାନା ଅଧୀନ ବଡ଼ହାଟର ଏକ ଶାଢ଼ି ଶୋ' ରୁମ୍‌ର ମାଲିକ ମିର ଖାଦିମ ବକ୍ସଙ୍କୁ କେତେକ ଦୁର୍ବୃତ୍ତ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ସେ ଦୋକାନରେ ବସିଥିବା ବେଳେ ହଠାତ ୧୨ ଜଣ ମୁଖାପିନ୍ଧା ଯୁବକ ତାଙ୍କ ଦୋକାନ ଭିତରେ ପଶିଥିଲେ। ହାତରେ ଖଣ୍ଡା, ହକି ଷ୍ଟିକ୍ ଧରି ଦୋକାନର ଆସବାବପତ୍ର ଭାଙ୍ଗିଥିଲେ। ସେ ଏହାର ବିରୋଧ କରିବାରୁ ତାଙ୍କୁ ସେମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ମିରଙ୍କ ମୁଣ୍ଡ, ଛାତିରେ ପ୍ରହାର ବାଜିବାରୁ ରକ୍ତାକ୍ତ ହୋଇ ଅଚେତ ହୋଇ ପଡ଼ିଥିଲେ। ସେ ମରିଯାଇଥିବା ଭାବି ସେଠାରୁ ସେମାନେ ପଳାଇଥିଲେ। ସ୍ଥାନୀୟ ବ୍ୟବସାୟୀ ତାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥାଇପାରେ ବୋଲି ପୁଲିସ ସନ୍ଦେହ କରିଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଚତୁରାନନ୍ଦ ସାହୁ
ଗ୍ରାମ-ମଙ୍ଗଳପୁର, ପୋ-କୁଣ୍ଡପଙ୍ଗା, ଓଡାପଡା ବ୍ଲକ, ଢେଙ୍କାନାଳ
ଆବିର୍ଭାବ : ୨୨.୦୨.୧୯୪୫ , ସ୍ୱର୍ଗାରୋହଣ : ୨୧.୧୨.୨୦୨୩
ନିଷ୍କପଟ ଓ ନିଷ୍ପାପର ସମାଜସେବୀ, ପାଲାପ୍ରେମୀ, ଧର୍ମପରାୟଣ ବ୍ୟକ୍ତିତ୍ୱ । ତୁମ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ ପରିବାର : ସହଧର୍ମିଣୀ - କୁନୀ ସାହୁ
ପୁତ୍ର ଓ ପୁତ୍ରବଧୂ - ନିରଞ୍ଜନ ଓ ଜୟନ୍ତୀ, କ୍ଷୀରୋଦ ଓ ଉର୍ମିଳା, ନିରାକାର ଓ ସନ୍ତୋଷିନୀ, ଝିଅ ଓ ଜ୍ୱାଇଁ - ନିରୁପମା, ଅନୁପମା ଓ ଅରକ୍ଷିତ, ରୁନୁ ଓ ଜିତେନ୍ଦ୍ର, ନାତିନାତୁଣୀ - ରିଶି, ଜିଶି, ଆର୍ଯ୍ୟନ, ଅର୍ମାନ, ମନିଷ, ମିଷ୍ଟି, ମୋନାଲିଶା, ବାବୁ, ସିବୁ, ନିଲେଶ ଓ ଲିଟଲି ।

# କାନାଡାରୁ ବଢିଲା ସହଯୋଗର ହାତ

**କେନ୍ଦ୍ରାପଡ଼ା,୩୦।୧୨(ସମିସ)**

### ଘରେ ପହଞ୍ଚିଲା ମେଡ଼ିକାଲ ଟିମ୍



ସକାଳ ପ୍ରଭାବ

ଦୈନିକ 'ସକାଳ'ରେ ଗତ ୨୭ ତାରିଖରେ ମରଣ ସହ ଲଢୁଛନ୍ତି ରବୀନ୍ଦ୍ର' ଶୀର୍ଷକ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ତତ୍ପର ହୋଇଛି। ଗଦରପୁରର ଅସହାୟ ରବୀନ୍ଦ୍ର ସେଠିଙ୍କ ନିକଟରେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ମେଡ଼ିକାଲ ଟିମ୍ ପହଞ୍ଚ ତାଙ୍କର ସମସ୍ତ ମେଡ଼ିକାଲ ଟେଷ୍ଟ ରିପୋର୍ଟ ଯାଞ୍ଚ କରିଛି। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ତାଙ୍କର ଚିକିତ୍ସା ହେବା ସହ ସମସ୍ତ ଔଷଧ ବ୍ୟବସ୍ଥା କରାଯିବାକୁ ଟିମ୍‌ରେ ଥିବା ନିରଞ୍ଜନ କର ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ କାନାଡାରେ ଅବସ୍ଥାପିତ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ବ୍ୟକ୍ତି ଏହି ଖବର 'ସକାଳ'ରୁ ଜାଣିବା ପରେ ନିଜ ନାମ ଗୋପନ ରଖି ସମାଜସେବୀ ରମାକାନ୍ତ ବେହେରାଙ୍କ ଜରିଆରେ ରବୀନ୍ଦ୍ରଙ୍କ ପରିବାରକୁ ସମସ୍ତ ପ୍ରକାରର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ରବୀନ୍ଦ୍ରଙ୍କ ଔଷଧ ଏବଂ ପିଲାଙ୍କ ପାଠପଢ଼ା ପାଇଁ ରମାକାନ୍ତଙ୍କ ଜରିଆରେ ଆର୍ଥିକ ସହାୟତା ପଠାଇଛନ୍ତି। ପ୍ରକାଶଯୋଗ୍ୟ, ୪୨ ବର୍ଷିୟ ରବୀନ୍ଦ୍ରଙ୍କୁ ବ୍ରେନ୍ ଷ୍ଟ୍ରୋକ ହେବା ପରେ ମରଣ ସହ ଲଢେଇ କରୁଛନ୍ତି। ଯାହାକିଛି ଅର୍ଥ ଥିଲା ଚକିତ୍ସାରେ ସବୁକିଛି ଖର୍ଚ୍ଚ ହୋଇଯାଇଛି। ୱାଚିଂ କାମ କରି ସେ ପରିବାର ଚଳାଉଥିଲେ; ହେଲେ ବ୍ରେନ ଷ୍ଟ୍ରୋକ ହେବା ପରେ ପକ୍ଷାଘାତ ହୋଇ ନିଜ କାମ ନିଜେ କରିବାକୁ ଅସମର୍ଥ ହୋଇପଡ଼ିଛନ୍ତି। ପରିବାର ଚଳିବା ମଧ୍ୟ କଷ୍ଟକର ହୋଇ ପଡୁଛି।

# କ୍ଷୀର ବୋଝେଇ ଗାଡ଼ି ଦୁର୍ଘଟଣାରେ ୨ ଗୁରୁତର



**ହିନ୍ଦୋଳ, ୩୦।୧୨(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ କ୍ଷୀର ବୋଝେଇ ପିକଅପ ଗାଡ଼ି ଦୁର୍ଘଟଣାରେ ଦୁଇ ଗୁରୁତର ହୋଇଛନ୍ତି। ଖବରରୁ ପ୍ରକାଶ ଅନୁଗୋଳ ଜିଲ୍ଲାର ଅନୁଗୋଳ ଥାନା ଅଞ୍ଚଳର ତାମ୍ରିତ କଲୋନୀ କେନାଲ ଅଞ୍ଚଳର ଅନାଦି ବେହେରାଙ୍କ ପୁଅ ଟୁକୁ ବେହେରା(୪୮) ଓ ଗାଡି ଡ୍ରାଇଭର କୃଷ୍ଣ ବିଶ୍ୱାଳଙ୍କ ପୁଅ ମଣ୍ଟୁ ବିଶ୍ୱାଳ ଏକ ପିକ୍‌ଅପ୍ ଗାଡି ଯୋଗେ ବେପାର ପାଇଁ କ୍ଷୀର ଆଣିବାକୁ ଭୁବନେଶ୍ୱର ଯାଉଥିବା ସମୟରେ ଭାରସାମ୍ୟ ହରାଇ ହିନ୍ଦୋଳ ଉପଖଣ୍ଡ ରସୋଳ ଥାନା ଅନ୍ତର୍ଗତ ସୁକିଆବାଉଡି ପେଟ୍ରୋଲପମ୍ପ ନିକଟରେ ଏକ ଗଛରେ ପିଟି ହୋଇଯିବାରୁ ଦୁଇଜଣ ଗୁରୁତର ହୋଇଥିଲେ। ଖବର ପାଇ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଉଭୟଙ୍କୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଉଭୟଙ୍କୁ ବାହାର କରାଯାଇ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ଦ୍ୱାରା ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ଆଣିଥିଲେ। ଟୁକୁ ବେହେରାଙ୍କ ଗୋଡ଼ ଭାଙ୍ଗି ଜାଇଥିବାସହ ହାତ ଓ ଛାତିରେ ଗଭୀର ଆଘାତ ଲାଗିଛି ଏବଂ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଢେଙ୍କାନାଳ ପଠାଯାଇପାରେ ବୋଲି ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ ଅନ୍ୟପକ୍ଷରେ ମଣ୍ଟୁ ବିଶ୍ୱାଳ ମଧ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

# ମହିଳାଙ୍କ ଠାରୁ ଟଙ୍କା ଓ ସୁନା ଅଳଙ୍କାର ଲୁଟିନେଲେ



**ଢେଙ୍କାନାଳ, ୩୦।୧୨ (ସମିସ):** ଠାକୁରଙ୍କୁ ଦର୍ଶନ କରାଇଦେବା ଘର ଲୋକଙ୍କ ଉପରେ ଥିବା ବିପଦ ଦୂରିଭୁତ କରିଦେବା କହି ମାଆ ଝିଅଙ୍କ ଠାରୁ ଟଙ୍କା ଓ ତିନି ଲକ୍ଷରୁ ଅଧିକ ଟଙ୍କାର ସୁନା ଲୁଟି ନେଲା ଭଣ୍ଡ ବାବା। ଢେଙ୍କାନାଳ ସହରର ଗହଳି ସ୍ଥାନ ମୀନାବଜାରରେ ଘଟିଛି ଏଭଳି ଆଶ୍ଚର୍ଯ୍ୟ ଜନକ ଘଟଣା। ମାଆ ସ୍ୱର୍ଣ୍ଣ ପ୍ରଭା ସାହୁଙ୍କ ଠାରୁ ଆଠ ହଜାର ଟଙ୍କା ଦୁଇଟି ସୁନା ମୁଦି ଓ ସୁନା ଚେନ୍ ସହ ମଙ୍ଗଳସୂତ୍ର ଲୁଟିନେଲେ ଦୁଇ ଭଣ୍ଡ ବାବା। କାମାକ୍ଷାନଗର ଅଞ୍ଚଳର ମାଆ ସ୍ୱର୍ଣ୍ଣପ୍ରଭା ସାହୁ ଓ ଝିଅ ବଜାରକୁ ମୋବାଇଲ ରିପାରିଙ୍ଗ କରି ଫେରୁଥିବା ବେଳେ ରାସ୍ତାରେ ଅଟକାଇଥିଲେ ଦୁଇ ଭଣ୍ଡ ବାବା। ସ୍ୱର୍ଣ୍ଣ ପ୍ରଭା ସାହୁଙ୍କୁ ଠାକୁରଙ୍କୁ ଦର୍ଶନ କରାଇଦେବାକୁ କହିଥିଲେ। ତା ସହ ତାଙ୍କ ନାବାଳକ ପୁଅ ଝିଅ ଓ ସ୍ୱାମୀଙ୍କ ଉପରେ ବିପଦ ଥିବା କହି ବିଶ୍ୱାସ ଜନ୍ମାଇଥିଲେ ଦୁଇ ଭଣ୍ଡ ବାବା। ପରେ ସ୍ୱର୍ଣ୍ଣ ପ୍ରଭାଙ୍କ ଠାରୁ ସମସ୍ତ ଟଙ୍କା ଭର୍ତ୍ତି ବ୍ୟାଗ ଓ ସୁନା ଦେବାକୁ କହିଥିଲେ।ପରେ ୫୧ ପାଦ ଆଗକୁ ଯିବାକୁ କହିଥିଲେ ଦୁଇ ଭଣ୍ଡ ବାବା। କିନ୍ତୁ ସ୍ୱର୍ଣ୍ଣପ୍ରଭା ଆଗକୁ ଯାଇ ଫେରି ଦେଖିବା ବେଳକୁ ଦୁଇ ବାବା ଖସି ପଳାଇଥିଲେ।ଘଟଣା ସମ୍ପର୍କରେ ଖବରପାଇ ଟାଉନଥାନା ପୁଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ସିସି ଟିଭି ଆଧାରରେ ତଦନ୍ତ ଆରମ୍ଭ କରିଛନ୍ତି।

**ଜିଲ୍ଲା ଆପାତକାଳୀନ ବୈଠକ**

# ଶିକ୍ଷାନୁଷ୍ଠାନ ନିୟମିତ ମକ୍‌ଡ୍ରିଲ୍ ଅଭ୍ୟାସ ଜାରି ରଖିବାକୁ ନିର୍ଦ୍ଦେଶ



**ଢେଙ୍କାନାଳ,୩୦।୧୨(ସମିସ):** ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟର ସଦଭାଵନା ସଭାଗୃହରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନରେ କୌଣସି ଅଘଟଣ ଘଟିଲେ ତାର ପୂର୍ଣ୍ଣ ପ୍ରତିକାରେ କରିବାପାଇଁ ସମସ୍ତ ଶିକ୍ଷାନୁଷ୍ଠାନ ନିୟମିତ ଭାବେ ମକଡ୍ରିଲ୍ ଅଭ୍ୟାସ ଜାରି ରଖିବାକୁ ନିର୍ଦ୍ଦେଶ ଦେବାସହିତ ନିୟୋଜିତ ସୁରକ୍ଷାଧିକାରୀମାନେ ସଦାସର୍ବଦା ସଂପୂର୍ଣ୍ଣ ପ୍ରସ୍ତୁତ ରହିବାକୁ କହିଛନ୍ତି। କାରଖାନାର କର୍ମଚାରୀ ଏବଂ ସଂଲଗ୍ନ ଅଞ୍ଚଳବାସୀଙ୍କ ନିରାପତ୍ତା ପ୍ରତି ସତର୍କ ରହିବାକୁ କହିଛନ୍ତି। କୌଣସି ପ୍ରକାରର ଦୁର୍ଘଟଣା ଘଟିଲେ ତୁରନ୍ତ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନକୁ ଜଣାଇବାସହିତ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରିବାକୁ କହିଛନ୍ତି। ଦୁର୍ଘଟଣା ଘଟିଲେ ଅନ୍ୟ ଶିକ୍ଷାନୁଷ୍ଠାନର ସହାୟତା ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ରାସାୟନିକ ଦୁର୍ଘଟଣା ପ୍ରଭାବ ଏବଂ ଏହାର ପ୍ରତିକାର ସମ୍ପର୍କରେ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କୁ ଅଧିକ ସଚେତନ କରିବାକୁ ପରାମର୍ଶ ଦେଇଛନ୍ତି। ଫ୍ୟାକ୍ଟ୍ରି ଆଣ୍ଡ ବ୍ୱଏଲର୍ସର ଡେପୁଟି ନିର୍ଦ୍ଦେଶକ ରମେଶ କୁମାର ବେହେରା ଯୋଗଦେଇ ଶିକ୍ଷାନୁଷ୍ଠାନ ଗୁଡିକ ଅଧିକ ନୁତନ ଜ୍ଞାନକୌଶଳ ପ୍ରୟୋଗ କରି କିପରି ଧନଜୀବନ ହାନୀକୁ କମ କରିପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ଏହି ବୈଠକ ପ୍ରାରମ୍ଭରେ ଫ୍ୟାକ୍ଟ୍ରି ଆଣ୍ଡ ବ୍ୱଏଲର୍ସର ସହକାରୀ ନିର୍ଦ୍ଦେଶିକା ଇଂ ପୁଷ୍ପମିତ୍ରା ଜେନା ଯୋଗଦେଇ ଜିଲ୍ଲାରେ ୯୮ଟି ପଞ୍ଜିକୃତ ଶିକ୍ଷାନୁଷ୍ଠାନ ଥିବା ବେଳେ ସେଥିରୁ ୨୪ଟି ଶିକ୍ଷାନୁଷ୍ଠାନରେ ବିପଦଜନକ ରାସାୟନିକ ପଦାର୍ଥ ବ୍ୟବହାର ହେଉଥିବା ପ୍ରକାଶ କରି ଜିଲ୍ଲା ଆପାତକାଳୀନ ଗ୍ରୁପର କାର୍ଯ୍ୟକାରୀତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଦୁର୍ଘଟଣାକୁ ଏଡାଇବା ଏବଂ ଏହାର ପ୍ରତିକାର ନିମନ୍ତେ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ଓ ବ୍ୟବସ୍ଥା ସମ୍ପର୍କରେ ଟାଟାଷ୍ଟିଲ ମେରାମୁଣ୍ଡଲୀ, ନବ ଲିମିଟେଡ୍, ଜିଏମଆର କମଳାଙ୍ଗ ଏନର୍ଜି, ବିଆରଜି ଆଇରନ ଆଣ୍ଡ ଷ୍ଟିଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପାୱାର ପଏଣ୍ଟ ପ୍ରଦର୍ଶନ କରାଯାଇଥିଲା।

ଶେଷରେ ଆପାତକାଳୀନ ଅଧିକାରୀ ଅଶ୍ୱିନୀ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଭୁତି ଭୁଷଣ ମହାପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଅଗ୍ନିଶମ ଅଧିକାରୀ ଓ ଓସଡମାର ବିଆରଆର କନସଲଟାଣ୍ଟ ପ୍ରମୁଖ ଯୋଗଦେଇଥିଲେ।

# କଙ୍କଡ଼ାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ -ଓ'କାର୍ଯ୍ୟକ୍ରମ ଉଦ୍‌ଯାପିତ




**କଙ୍କଡ଼ାହାଡ଼,୩୦।୧୨(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ "ନୂଆ-ଓ' ଯୁବ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ଅନୁଷ୍ଠିତ ବିଭିନ୍ନ ଜନ ସଚେତନତା ସହ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ନିର୍ବାଚନ ମଣ୍ଡଳୀ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ , ମୁଖ୍ୟବକ୍ତା କଙ୍କଡ଼ାହାଡ଼ ପଞ୍ଚାୟତ ସମିତି ର ଅଧକ୍ଷା ଚାରୁଲତା ମିଶ୍ର, ସମ୍ମାନିତ ଅତିଥି ଭାବେ ବିଡିଓ ଯଶୋବନ୍ତ ଦେହୁରୀ, ସମାଜସେବୀ ରମେଶ ଚନ୍ଦ୍ର ମିଶ୍ର, ରାଜକିଶୋର ସାହୁ, ବିମଳ କୁମାର ସାହୁ ପ୍ରମୁଖ ଯୋଗ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରେମା ନନ୍ଦ ନାୟକ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଉପରେ ଛାତ୍ର ଛାତ୍ରୀ ଙ୍କ ମଧ୍ୟ ରେ ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏହି ଉଦଯାପନ ଉତ୍ସବ ରେ କୃତୀ ଛାତ୍ରଛାତ୍ରୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଂସ୍କୃତଅଧ୍ୟାପକ ଲକ୍ଷ୍ମୀ କାନ୍ତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଖେଳ ପରାମର୍ଶ ଦାତା ଅଧ୍ୟାପକ ଅଜୟ କୁମାର ଚିନୀରା, ସଂସ୍କୃତିକ ଅଧିକାରିଣୀ ଅଧ୍ୟାପିକା ମଧୁସ୍ମିତା ନନ୍ଦ, ଇଂରାଜୀ ଅଧ୍ୟାପିକା ରାକବେନ ପତିଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଢେଙ୍କାନାଳ ମହାବିଦ୍ୟାଳୟର 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଢେଙ୍କାନାଳ,୩୦।୧୨(ସମିସ):** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ନୂଆ-ଓ ଯୁବ ଓଡିଶା,ନବୀନ ଓଡିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ.ପୂର୍ଣ୍ଣଚନ୍ଦ୍ର ବରାଳ ଅଧ୍ୟକ୍ଷତା କରିଥିଲେ। ନୂଆ ଓ କାର୍ଯ୍ୟକ୍ରମର ବିଚାର ଧାରା ସମାଜସେବାରେ ଅନୁପ୍ରାଣୀତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ନୋଡାଲ ଅଫିସର ଡ.ଦେବାଶିଷ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ଅମୃତ କୁମାର ସେଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିବା ବେଳେ ଡ.ମଞ୍ଜୁଳିକା ନାୟକ,ଡ.ଭୁପେଶ ସାହୁ,ତପନ କୁମାର ସେଠୀ,ଡ.ସାଧୁଚରଣ ନାୟକ କାର୍ଯ୍ୟକ୍ରମ ସଂଯୋଜନା ଏବଂ ପରିଚାଳନା କରିଥିଲେ।

# ସାଆନ୍ଦା ଆଞ୍ଚଳିକ ବିଦ୍ୟାଳୟାରେ 'ନୂଆ-ଓ' କାର୍ଯ୍ୟକ୍ରମ



**କାମାକ୍ଷାନଗର,୩୦।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ସାଆନ୍ଦା ଆଞ୍ଚଳିକ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ଆଇୱାଇଡିପି କାର୍ଯ୍ୟକ୍ରମ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଲେଜ ଅଧ୍ୟକ୍ଷ ଶିଶିର ଦେହୁରୀ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡଃ ନୃସିଂହ ଚରଣ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଢ଼େଙ୍କାନାଳ ଜିଲ୍ଲା ସାଧାରଣ ସମ୍ପାଦକ ଗୌତମ ପାଣୀ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ବର୍ତ୍ତମାନ ପ୍ରତ୍ୟେକ ଯୁବପିଢ଼ିକୁ ଆଗକୁ ନେବା ପାଇଁ ଯେଉଁ ପ୍ରୟାସ ଜାରି ରଖିଛନ୍ତି ସେ ଦିଗରେ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଭେଲୋର ଇନଷ୍ଟିଚ୍ୟୁଟ ଚାନସେଲ୍‌ରଙ୍କ ସିନର୍ଜି କଲେଜ ପରିଦର୍ଶନ



**ଢେଙ୍କାନାଳ,୩୦।୧୨(ସମିସ):** ସ୍ଥାନୀୟ ସିନର୍ଜି ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିକୁ ଭେଲୋର ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଚାନସେଲର ତଥା ପ୍ରତିଷ୍ଠାତା ଡ.ଜି ବିଶ୍ୱନାଥନ ପରିଦର୍ଶନରେ ଆସିଥିବାର ଜଣାପଡିଛି। ଏହି ଅବସରରେ ସେ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ଏବଂଅତ୍ୟାଧୁନିତ ଶିକ୍ଷେ ପ୍ରଣାଳୀ ବିଷୟରେଆଲୋଚନା କରିଥିଲେ। ଭାରତର ବିକାଶରେ ଉଚ୍ଚ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ଭେଲୋର ସଂସ୍ଥା ଉପରେ ଲୋକମାନଙ୍କ ବିଶ୍ୱାସ ଉପରେ ସୂଚନା ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଭଲ ପ୍ରଦର୍ଶନ କରିବା ସହିତ ପ୍ଲେସମେଣ୍ଟ ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସିନର୍ଜୀର ସିଏମଟି ବିନୋଦ ଦାଶଙ୍କ ସହିତ ଅନ୍ୟମାନେ ଉପସ୍ଥିତ ରହିଥିଲେ।ଶେଷରେ କଳ୍ପନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ସିନର୍ଜୀ ମହାବିଦ୍ୟାଳୟର ଛାତ୍ୟଛାତ୍ରୀ,ଅଧ୍ୟାପକ ,ଅଧ୍ୟାପିକା ଏବଂ କର୍ମଚାରୀ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ମିଶ୍ର ଜଣାଇଛନ୍ତି।

# ହାତୀ ପାଇଁ ଉଜାଗର ଖଙ୍କିରାବାସୀ



**ଗନ୍ଦିଆ,୩୦।୧୨(ସମିସ):** ଢେଙ୍କାନାଳ ଜିଲ୍ଲାର ଷଡଙ୍ଗୀ ବନାଞ୍ଚଳ ଖଙ୍କିରା ଜଙ୍ଗଲସ୍ଥିତ ବ୍ରାହ୍ମଣ ତଇଳାଟ୍ରେଞ୍ଚ ଖୋଳା ହୋଇ ନଥିବା ସ୍ଥାନରୁ ଦୀର୍ଘ ଦିନ ଧରି ହାତୀପଲ ଗାଆଁରେ ପଶି ଫସଲ ଓ ଧାନ ଚାଉଳ ନଡ଼ିଆ ଗଛ ଭାଙ୍ଗି ଖାଇ ଉପଦ୍ରବ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ହାତିପଲ ବ୍ରାହ୍ମଣ ତଇଳାସ୍ଥିତ ଦିଲୁମିଶ୍ର ବାରିରୁ ବିଲାତି ବାଭରଣ ଓ ଧାନ ଖାଇବା ପରେ ଉଠିଯାଇ ଯାଜପୁର ଜିଲ୍ଲାର ବନ୍ଧତଳ, ଲାଉଲଭ,ବେଗା ଅଞ୍ଚଳରେ ଆତଙ୍କ ଖେଳାଇଥିଲା। ଶନିବାର ପ୍ରାତଃ ୬ଟା ସମୟରେ ପୁନଃ ଆସି ଖଙ୍କିରା ଗ୍ରାମର ରସାଦେହୁରୀ କୁହୁରିପାଟଣାରୁ ଧାନ ଖାଇ ମଠବାରି ମଧ ଦେଇ ଖଙ୍କିରା ଗ୍ରାମରେ ପଶିଯାଇ ଉପଦ୍ରକ କରିଥିଲେ। ଘଉଡାଇବାକୁ ଯେତେ ଚେଷ୍ଟା କଲେ ହାତୀପଲ ନାକେଦମ କରି ନବଲାଉଲଇ ଗ୍ରାମ ମଧ୍ୟରେ ପଶି କଣ୍ଟାମାଳିଆ କାଜୁ ବଗିଚାରେ ପଶି ରହିଛି। ଦିର୍ଘଦିନ ଧରି ହାତୀ ଉପଦ୍ରବ କରୁଥିବା ବେଳେ ବନବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଯେତେଦିନ ଯାଏ ବ୍ରାହ୍ମଣ ତଇଳାଅଞ୍ଚଳରେ ଛାଡିଦିଆଯାଇଥିବା ବାଟରେ ଟ୍ରେଞ୍ଚ ଖୋଳା ନହୋଇଛି ସେତେଦିନ ଯାଏ ହାତୀ ଉପଦ୍ରବ ଚାଲିବ। ଏବାବଦରେ ବହୁବାର ଅଭିଯୋଗ ପରେ କିଛି ସୁଫଳ ମିଳିପାରିନଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି।

# ନାଧରା ମକରପର୍ବ ପାଇଁ ପ୍ରସ୍ତୁତି ବୈଠକ



**ଓଡାପଡା,୩୦।୧୨(ସମିସ) :** ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ନାଧରା ମକରମେଳା ପାଇଁ ଶନିବାରଦିନ ମା'ରାମଚଣ୍ଡୀଙ୍କ ବିଜେସ୍ଥଳୀ ବୈଠକ ଗୃହରେ ଢେଙ୍କାନାଳ ସଦର ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାମଚଣ୍ଡୀ ଠାକୁରାଣୀ ଓ ଶ୍ରୀ କନକେଶ୍ୱର ମହାଦେବ ବିଜେ ବଳରାମପ୍ରସାଦରେ ପବିତ୍ର ମକରପର୍ବ ଆସନ୍ତା୨୦୨୪ ମସିହା ଜାନୁଆରୀ ୧୫ ତାରିଖ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇ ଜାନୁଆରୀ ୧୮ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ମହାସମାରୋହରେ ପାଳନ ହେବ। ଏଥି ସହିତ ଜାନୁଆରୀ ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ମା'ରାମଚଣ୍ଡୀଙ୍କ ପୀଠରେ ଶ୍ରୀବିଷ୍ଣୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ ।

ଏହି ସମୟ ମଧ୍ୟରେ ବିଜେସ୍ଥଳୀ ଓ ଯାତ୍ରାପଡିଆରେ ଭକ୍ତମାନଙ୍କର ସୁରକ୍ଷିତ ଗମନାଗମନ, ଠାକୁରଙ୍କ ଦର୍ଶନ, ପ୍ରସାଦସେବନ, ସ୍ୱାସ୍ଥ୍ୟସେବା ସୁଚାରୁରୂପେ ସମ୍ପାଦନା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ୫୫ ନମ୍ବର ଜାତୀୟ ରାଜପଥ ନାଧରା ଛକଠାରୁ ମନ୍ଦିର ଓ ଯାତ୍ରାପଡିଆ ଦେଇ ଶରଣଶ୍ରୀକ୍ଷେତ୍ର, ଏକଘରିଆ ଓ ଗୁଡିଆକାଟେଣି ଛକ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଦୂରକରିବା, ମନ୍ଦିର ମଧ୍ୟକୁ ପଲିଥିନ୍‌ରେ ଭୋଗନନେବା, ପରିବେଶକୁ ପରିଷ୍କାର ପରିଛନ୍ନ ରଖିବା, ପାନୀୟଜଳ ଯୋଗାଣ, ସନ୍ଧ୍ୟା ସମୟରେ ରାସ୍ତା ଓ ଯାତ୍ରାପଡିଆରେ ଆଲୋକୀକରଣ, ଯାନବାହନ ପାର୍କିଂ, ଅସ୍ଥାୟୀ ଟୟଲେଟ, ଖାଦ୍ୟସୁରକ୍ଷା, ନଦୀରେ ସୁରକ୍ଷିତ ଭାବେ ଯାତାୟତ କରିବା ଆଦି ଆଲୋଚନା ହୋଇଥିଲା।

ଉକ୍ତ ବୈଠକରେ ଓଡାପଡା ତହସିଲଦାର ମହେଶ୍ୱର ବେହେରା, ମୋଟଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଜିତେନ୍ଦ୍ର ମଲ୍ଲିକ, ନାଧରା ସରପଞ୍ଚ ମନସ୍ୱିନୀ ପୃଷ୍ଟିଙ୍କ ସମେତ ଆରଡବ୍ଲୁଏସଏସ , ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟବିଭାଗ, ବନବିଭାଗ, ଯଜ୍ଞକମିଟି , ଗ୍ରାମବାସୀ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସରପଞ୍ଚ ମନସ୍ୱିନୀ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ପୀଠସ୍ଥଳୀ, ଯଜ୍ଞସ୍ଥଳ, ନଦୀକୂଳ ଓ ଯାତ୍ରାପଡିଆ ବୁଲି ତଦନ୍ତ କରାଯାଇଥିଲା ।

DADLS-70



ଓଡ଼ିଶା ସରକାର

## ରାଜ୍ୟସ୍ତରୀୟ ବୀରତା ଦିବସ

(ଶହୀଦ ମାଧୋ ସିଂହଙ୍କ ସ୍ମୃତିରେ)

୩୧ ଡିସେମ୍ବର, ୨୦୨୩

ସକାଳ ଘ. ୮.୩୦ ମିନିଟ - ଜୟଦେବ ଭବନ, ଭୁବନେଶ୍ୱରଠାରେ ଶହୀଦ ମାଧୋ ସିଂହଙ୍କ ଫଟୋଚିତ୍ରରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୫ ଘଟିକା: ରାଜବାଟୀ ପ୍ରାଙ୍ଗଣ (ପୁଲୁସ) ଘେଁସ, ବରଗଡ଼
ଶହୀଦ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ ଓ ଶୋଭାଯାତ୍ରା
ସନ୍ଧ୍ୟା ୬ ଘଟିକା: ସ୍ମୃତି ସଭା, ସ୍ଥାନ-ରାଜବାଟୀ ପ୍ରାଙ୍ଗଣ

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ସୁଶାନ୍ତ ସିଂ, ମାନ୍ୟବର ବିଧାୟକ, ଭଟଲି
ସ୍ୱତନ୍ତ୍ର ଅତିଥି - ଶ୍ରୀମତୀ ମାନିନୀ ଭୋଇ, ଅଧକ୍ଷା, ଜିଲ୍ଲା ପରିଷଦ, ବରଗଡ଼
- କସ୍ତୁରୀ ମହାପାତ୍ର, ସଂପାଦିକା, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ
- ଶ୍ରୀମତୀ ମୋନିଷା ବାନାର୍ଜୀ, ଜିଲ୍ଲାପାଳ, ବରଗଡ଼
ବିଶିଷ୍ଟ ଅତିଥି - ପଦ୍ମଶ୍ରୀ ଡ. ହଳଧର ନାଗ
ସମ୍ମାନନୀୟ ଅତିଥି - ଶ୍ରୀଯୁକ୍ତ ଆଲୋକ କୁମାର ପଟେଲ, ଉପଜିଲ୍ଲାପାଳ, ପଦ୍ମପୁର
- ଶ୍ରୀମତୀ କଲ୍ୟାଣୀ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବରଗଡ଼
- ଶ୍ରୀମତୀ ବବି ପ୍ରଧାନ, ଅଧକ୍ଷା, ପଂଚାୟତ ସମିତି, ସୋହେଲା
ମୁଖ୍ୟବକ୍ତା - ଶ୍ରୀଯୁକ୍ତ ସୁଶାନ୍ତ ମିଶ୍ର, ଅଧାପକ, ବି.ଏମ୍. କଲେଜ, ଦହିତା

ଲହରୀ ସାଂସ୍କୃତିକ ଅନୁଷ୍ଠାନ, ସମ୍ବଲପୁର ତରଫରୁ ବିଶିଷ୍ଟ ସମ୍ବଲପୁରୀ କଣ୍ଠଶିଳ୍ପୀ ପଦ୍ମିନୀ ଦୋରା ଓ ସାଥୀ ଏବଂ ଚଟନି ମାଷ୍ଟର ଡ୍ୟାନ୍ସ ଗ୍ରୁପ୍, ଲେବଡ଼ି, ବରଗଡ଼ଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ଜିଲ୍ଲା ପ୍ରଶାସନ, ବରଗଡ଼, ଶହୀଦ କୁଞ୍ଜଳ ସିଂହ କ୍ଲବ୍, ଘେଁସ, ଶହୀଦ ମାଧୋ ସିଂହ ଗ୍ରାମ୍ୟ ଉନ୍ନୟନ କମିଟି, ଘେଁସ, ବରଗଡ଼ଙ୍କ ମିଳିତ ସହଯୋଗରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମରେ ଜନସାଧାରଣ ଯୋଗଦେଇ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0235/2324

# କାହାର କାହାଣୀ



ମୂଳ ରଚନା: ଗୁଲଜାର

ଅନୁବାଦ: ଶରତ ଚନ୍ଦ୍ର ଆଚାର୍ଯ୍ୟ

ଯେଉଁଦିନ ସ୍କୁଲ ମାଗାଜିନ୍‌ରେ ତା'ର ଗୋଟେ କାହାଣୀ ପ୍ରକାଶିତ ହୋଇଥିଲା, ସେଦିନ ଅନୁଭବ କଲି ଅନ୍ନୁର ନାଁରେ ଗୋଟେ ଦମ୍ ଅଛି – ଅନିଲ କୁମାର ଚଟ୍ଟୋପାଧ୍ୟାୟ।

ସ୍କୁଲରେ ପଢ଼ିବା ବେଳୁ ଜଣେ ପ୍ରସିଦ୍ଧ କଳାକାର ହେବା ପାଇଁ ଆଗ୍ରହ ଥିଲା ତା'ର। ଅନେକ କାହାଣୀ ତା' ମନକୁ ଆସୁଥିଲା ମଧ୍ୟ। ମୋର ବିଶ୍ୱାସ ଥିଲା ଯେ, ଲେଖକ, ଗୀତିକାର, ହେବା ଭଗବାନଙ୍କ ଆଶୀର୍ବାଦ ନ ହେଲେ ତ ସମସ୍ତେ ସାହିତ୍ୟିକ ହୋଇଯାଆନ୍ତେ ! ଅନ୍ନୁ ପାଖରେ ଏ ଗୁଣ ଥିଲା । ଯାହାକୁ ଅନେକ ମହାନ ଲୋକଙ୍କ ଜନ୍ମଜାତ ପ୍ରତିଭା ବୋଲି କୁହାଯାଏ।

ଆମେ ପିଲି-ବାଡ଼ି ଖେଳ ଖେଳୁଥିବା ବେଳେ ଖଣ୍ଡେ ଦୂରରେ ବସି ନୋଟ୍ ଖାତାରେ କିଛି ଲେଖୁଥାଏ ଅନ୍ନୁ କିମ୍ବା ଭାବୁଥାଏ । ତା' ମନ ଭିତରେ କ'ଣ ଚାଲିଛି ଏହା ଜାଣିବା ପାଇଁ ଆମ ଭିତରେ ଗୋଟେ ଉତ୍ସୁକତା ଥାଏ ସବୁବେଳେ। ଏମିତି ଗହଳି-ଚହଳି, ପାଟି-ତୁଣ୍ଡ ଭିତରେ ସେ କେମିତି ଏକ ଚରିତ୍ରକୁ ଜନ୍ମ ଦେଉଛି ଏବଂ ତାକୁ କାଗଜ ଉପରେ ଉତାରି ପାରୁଛି ମଧ୍ୟ। ପୁଣି ଅନ୍ନୁର ଚରିତ୍ର ଚଲା-ଚଲି କରିବା ଆରମ୍ଭ କରିଦିଏ। ନିଜ ଇଚ୍ଛା ଅନୁସାରେ ଯେଉଁଠିକୁ ଚାହେଁ ଚରିତ୍ରକୁ ସେଠିକୁ ପଠାଇଦିଏ ଅନ୍ନୁ। ଯାହା ଚାହେଁ ତାଦ୍ୱାରା ବି କରିନିଏ ଏବଂ ଯେଉଁ ଯେଉଁ ରାସ୍ତାଦେଇ ଚରିତ୍ର ଯାଇଥାଏ, କାହାଣୀଟିଏ ସେ ରାସ୍ତା ସହ ଗଢ଼ି ହୋଇ ଯାଇଥାଏ। ବାଃ । କାହାଣୀକାର ହେବା ତ ବଡ଼ ଚମତ୍କାର କାର୍ଯ୍ୟ – ଯାହାକୁ ଚାହିଁବ ମାରିଦିଅ... ଯାହାକୁ ଚାହଁ ଜୀବନ୍ତ କରିଦିଅ। ଆଶ୍ଚର୍ଯ୍ୟର କଥା ତ ଏଇଟା, ନୁହେଁ କି ?

ଅନ୍ନୁ ହସିଲା। ଏହା କଲେଜ ବେଳର କଥା।

ଏମିତି ନୁହେଁ। ମୋ ଚରିତ୍ରମାନେ ମନଗଢ଼ା ନୁହଁନ୍ତି, ସେମାନେ ମୋ ଅଧୀନରେ ବି ନାହାନ୍ତି ବରଂ ସେମାନଙ୍କ ଅଧୀନରେ ମୁଁ।

ଏବେ ଜଣେ ଲେଖକ ପରି କଥାବାର୍ତ୍ତା କରୁଛି ଅନ୍ନୁ। ତା' କାହାଣୀ "ପ୍ରତାପ", "ଯୁଦ୍ଧ", "ମିଳାମିଶା" ଯେତେବେଳେ ରବିବାର ପୃଷ୍ଠାରେ ବାହାରୁଥିଲା ବହୁତ ଗର୍ବ ଲାଗୁଥିଲା ମୋତେ। ମାଆକୁ ଖବରକାଗଜ ଦେଖାଇଲି। ଏଇ ଦେଖ, ଅନ୍ନୁର କାହାଣୀ। ଅନିଲ କୁମାର ଚଟ୍ଟୋପାଧ୍ୟାୟ – ତା' ନାଁ ।

" ଆଚ୍ଛା...ଶୁଣା ତ ।"

"କାହାଣୀ ପଢ଼ି ଶୁଣେଇଲି ମାଆକୁ। ଜଣେ ଗରିବ ମୋଚିର କାହାଣୀ। ଲୁହ ଭରିଗଲା ମାଆଙ୍କ ଆଖିରେ।"

"ଆରେ ଏହା ପରା ଆମ ସାହି ଭୀକୁ ମୋଚିର କାହାଣୀ। ତା' ମାଆ ସହ ଏସବୁ ଘଟିଥିଲା। ମୁଁ ମଧ୍ୟ ଜାଣିନଥିଲି ଏ କଥା। ପୂର୍ବରୁ ତା' କାହାଣୀ ଲେଖିବା ବିଷୟରେ ଯେଉଁ କଥା ଅନ୍ନୁ ମୋତେ କହିଥିଲା ସେ କଥା ଶୁଣେଇଲି ମାଆକୁ।"

"ତା' କାହାଣୀ ମନଗଢ଼ା ନୁହେଁ ମାଆ। ସିଏ ତ ଚରିତ୍ରକୁ ଜନ୍ମ ଦିଏ ନାହିଁ ବରଂ ଆଖପାଖରୁ ଚରିତ୍ର ଖୋଜେ, ବାଛେ। ଏଥିପାଇଁ କେବଳ ଆଖି ଓ କାନ ନୁହେଁ, ବିଚାର ଓ ବିବେଚନାର ଝରକା ମଧ୍ୟ ଖୋଲା ରଖିବାକୁ ପଡ଼ିବ। "

ବୋଧହୁଏ ମୋ' କଥାରେ ବହୁତ ପ୍ରଭାବିତ ହେଲେ ମାଆ, ଯାହା ଥିଲା ବାସ୍ତବରେ ଅନ୍ନୁର କଥା।

ସାହିରେ ଗୋଟେ ବଡ଼ ଜାମୁକୋଳି ଗଛଥିଲା। ତା' ତଳେ ବସୁଥିଲା ଭୀକୁ ମୋଚି। ସାରା କଲୋନୀର ଲୋକମାନଙ୍କ ଜୋତା ତା' ନିକଟକୁ ଆସୁଥିଲା। ସେଇ ଜାଗାଥିଲା ଅନ୍ନୁର ଆଡ୍ଡାସ୍ଥଳୀ।

ପୁଅ ଘସୀଟାକୁ ଜୋତାରେ ଟାଙ୍କ ମାରିବା ଶିଖାଉଥିଲା ଭୀକୁ। ଯେତେବେଳେ ଭୀକୁର କଥା ତାକୁ ହିଁ ପଢ଼ି ଶୁଣେଇଲି, ତା' କଣ୍ଠ ବାଷ୍ପରୁଦ୍ଧ ହୋଇଗଲା ଯେମିତି।

"ଆମ ଦୁଃଖ କଷ୍ଟ ତୁମେମାନେ ଦେଖୁଛ, ବୁଝିପାରୁଛ। ଆମ କାହାଣୀ ତୁମେ ଜାଣିବନି ତ ଆଉ ଜାଣିବ କିଏ?"

ଅନ୍ନୁ ପ୍ରତି ମୋର ଗୁରୁତ୍ୱ ସେଦିନଠାରୁ ଅଧିକ ବଢ଼ିଗଲା। ବାସ୍ତବରେ ସେ ଥିଲା ଜନ୍ମଜାତ ପ୍ରତିଭାଶାଳୀ।



କଲେଜ ଶେଷହେବା ପରେ ଦିଲ୍ଲୀ ଛାଡ଼ି ମୁମ୍ବାଇ ଚାଲିଗଲି ମୁଁ। ମୋର ଚାକିରି ହୋଇଯାଇଥିଲା। ଏବଂ ଅନ୍ନୁ ତା' ବଡ଼ଭାଇଙ୍କ 'ବୈଠକ'ରେ ସାହାଯ୍ୟ କରୁଥିଲା, ଅନ୍ନୁର ବଡ଼ଭାଇ ଯେଉଁଠି ଆୟୁର୍ବେଦିକ ଏବଂ ହୋମିଓପ୍ୟାଥିକ ଔଷଧ ଲୋକମାନଙ୍କୁ ଦେଉଥିଲେ, ସେଇ କୋଠରିକୁ 'ବୈଠକ' ବୋଲି କହୁଥିଲେ। କୌଣସି ସରକାରୀ କାର୍ଯ୍ୟାଳୟରେ ଚାକିରି କରିଥିଲେ ମଧ୍ୟ ସକାଳ ଓ ସନ୍ଧ୍ୟାରେ ଦୁଇ ଦୁଇ ଘଣ୍ଟା ଔଷଧ ଦୋକାନରେ ବସୁଥିଲେ। ଅନେକ ଖୋଜାଖୋଜି କରି ଅନ୍ନୁ ପାଇଁ ଦୁଇ ତିନିଟା ଚାକିରିର ବ୍ୟବସ୍ଥା କରିଥିଲେ। ସେ ଚାକିରି କରିବାକୁ ରାଜି ହେଉନଥିଲା।

ଭଉଣୀର ବାହାଘର ପାଇଁ ଦିଲ୍ଲୀ ଯାଇଥିବା ବେଳେ ଦେଖାହୋଇଥିଲା ତାଙ୍କ ସହ। ରୋଗରେ ପୀଡ଼ିତ ଥିଲେ ସେ। ମତେ କହିଥିଲେ – ତମେ ଟିକେ ଅନ୍ନୁକୁ ବୁଝାଅ। କିଛି ବି କାମଦାମ କରୁ। ଖାଲି ସାରା ଦୁନିଆଁକୁ ନେଇ ଗପ ଲେଖିଲେ କ'ଣ ଲାଭ ମିଳିବ।

ନୀରବରେ ଶୁଣୁଥିଲି ତାଙ୍କ କଥା। ଅନେକ ସମୟ ଯାଏଁ ନିଜ ଭିତରେ ଥିବା କଥା କହି ଚାଲିଥିଲେ ସେ। ଶେଷରେ କହିଥିଲେ - ସେ ହାରାମଜାଦୀ ଯା ପିଛା ଛାଡ଼ିଦେଲେ ସବୁ ଠିକ୍‌ଠାକ୍ ହୋଇଯିବ।

"ଏ ହାରାମଜାଦୀ କିଏ, କହ ତ?" ଅନ୍ନୁକୁ ପଚାରିଲି।

"ମୋ କାହାଣୀ ହିଁ ମୋ ପ୍ରେମିକା ବୋଲି ଭାଇ କୁହନ୍ତି। ବାସ୍ ତାକୁ ହିଁ ଗାଳି ଦେଇଛନ୍ତି। ସେ ବୁଝି ପାରୁନାହାନ୍ତି। ସେ ରୋଗରେ ଚିକିତ୍ସା କରୁଛନ୍ତି, ମୁଁ ସମାଜ ଏବଂ ମଣିଷର ଅନ୍ତଃକରଣର। ଅନ୍ଧାରରେ ପଥହରା ମଣିଷ ପାଇଁ ଆଲୋକ ଜଳାଉ ଅଛି, ପରାଧୀନତାର ଶିକୁଳି କାଟିବାର ଅସ୍ତ୍ର ଯୋଗାଉଅଛି।"

ଇଚ୍ଛା ହେଉଥିଲା ତାଳି ବଜାଇବା ପାଇଁ। ଅନେକ ସମୟ ପର୍ଯ୍ୟନ୍ତ କହୁଥିଲା ସେ। ମତେ ସୂଚନା ଦେଲା – ତା' ର ପ୍ରଥମ ବହି ଛପାହେବା ପାଇଁ ପ୍ରସ୍ତୁତ।

ବଡ଼ ବଡ଼ ପତ୍ର-ପତ୍ରିକାରେ ତା' କାହାଣୀ ଛପା ହେଉଛି। ଅନେକ ସମ୍ପାଦକ ଲେଖା ମାଗୁଛନ୍ତି କିନ୍ତୁ ସମସ୍ତଙ୍କ ପାଇଁ ଲେଖିପାରୁନି। ଉପନ୍ୟାସଟିଏ ଲେଖୁଛି ମଧ୍ୟ। ହେଲେ 'ବୈଠକ'ରୁ ସମୟ ବାହାର କରି ନ ପାରିବାରୁ ଲେଖା ଶେଷ ହୋଇ ପାରୁନି। ବଡ଼ ଭାଇ ମଧ୍ୟ ବହୁତ ବେମାର ରହୁଛନ୍ତି। ଏବଂ ତାଙ୍କ ଦୁଇଟି ଛୁଆ ! ବିଚରା ! ସେ ପିଲାମାନଙ୍କୁ ନେଇ ଏକ କାହାଣୀ ଭାବିଛି।

ତା' ସହ କଥାବାର୍ତ୍ତାରେ ଅନେକ ବଡ଼ ବଡ଼ ଲେଖକଙ୍କ ନାଁ କହିଲା। କିଛି ନାଁ ଶୁଣିନଥିଲି ମୁଁ, ଆଉ କେତେକଙ୍କ ପରିଚୟ ସେ ଦେଲା। ସଆଦତ୍ ହସନ୍ ମଣ୍ଟୋ, ଆହମଦନଦୀମ୍, କାସମୀ, କୃଷ୍ଣଚନ୍ଦ୍ର, ରାଜେନ୍ଦ୍ର ସିଂ ବେଦୀଙ୍କ ପରେ କାଫ୍‌କା ଏବଂ ସାର୍ତ୍ରଙ୍କ ନାମ ମୋ ପାଇଁ ନୂଆ ଥିଲା। ସେ କହୁଥିବା ଅନେକ କଥା ମୋ ମୁଣ୍ଡ ଉପର ଦେଇ ଚାଲି ଯାଉଥିଲା ଯେମିତି। ପ୍ରଥମେ ସେ କାହାଣୀର ପ୍ଲଟ୍ କହୁଥିଲା ଏବେ କାଫ୍‌କାଙ୍କ Symbolism ଏବଂ ସାର୍ତ୍ରଙ୍କ Existentialism ବିଷୟରେ। ମତେ ଲାଗିଲା ଏ ସବୁ ଭିତରେ କାହାଣୀ ଗୌଣ ହୋଇଯାଇଛି। କିନ୍ତୁ ଅନିଲ କୁମାର ଚଟ୍ଟୋପାଧ୍ୟାୟ ମତେ କହୁଥିଲା – "କାହାଣୀ କେବଳ ଗୋଟେ ପ୍ଲଟ୍ ଏବଂ ସେଥିରୁ ଜନ୍ମ ନେଇଥିବା ଚରିତ୍ରମାନଙ୍କର ସଂପର୍କ ନୁହେଁ, ବରଂ ମାନସିକ ଦୁର୍ଘଟଣାର ପ୍ରଭାବକୁ..."

ମୋ ବୁଝିବା ବାହାରେ ଥିଲା ଏହି କଥା, କିନ୍ତୁ ତା' କହିବା ଶୈଳୀରେ ତନ୍ମୟ ହୋଇଯାଇଥିଲି ମୁଁ।

ଥରେ ମୁମ୍ବାଇ ଆସିଥିଲା ଅନିଲ । 'ଲେଖକ ସମ୍ମିଳନୀ' ରେ ଅଂଶ ଗ୍ରହଣ କରିବା ପାଇଁ। ନିଜେ ଦସ୍ତଖତ କରି ମୋତେ ଦେଇଥିବା ତା'ର ଚାରୋଟି ବହି ଆଲମାରିରୁ କାଢ଼ି ଦେଖାଇଲି। ଅବଶ୍ୟ ବହି ଦେଖାଇବା ବେଳେ ବେଶ୍ ଗର୍ବ ଅନୁଭବ କରୁଥିଲି ମୁଁ। ଏତେ ବଡ଼ ଲେଖକଙ୍କ ବହି ମୋ ଆଲମାରିରେ ଅଛି...ନିଜେ ଲେଖକ ମଧ୍ୟ ମୋ ଘରେ। ଘର କଥା ପିଲାଙ୍କ କଥା ପଚାରିବାରୁ ଉତ୍ତର ମିଳିଲା – "ବଡ଼ ଭାଇ ଚାଲିଗଲେ ଏବଂ ସମ୍ପର୍କୀୟମାନେ ମିଶି ବିଧବା ଭାଉଜ ସହ ମୋର ବାହାଘର ନିଷ୍ପତ୍ତି ନେବା ଯୋଗୁଁ ବାହା ହେବାକୁ ପଡ଼ିଲା ମୋତେ। ଏବେ ମୋର ମଧ୍ୟ ଦୁଇଟି ଛୁଆ। ନିଜ ଜୀବନ ବିଷୟରେ ଆହୁରି ଅନେକ କଥା କହି ଫେରିଯାଇଥିଲା ଅନିଲ।"

ଏବେ ପ୍ରାୟତଃ ତା' ବିଷୟରେ ବିଭିନ୍ନ ଖବରକାଗଜରେ ବାହାରୁଥିବା ଲେଖା ପଢ଼ୁଛି ମୁଁ। ନୂଆ ବହି ବାହାରିଲେ....ମୋ ପାଖକୁ ନିଶ୍ଚୟ ପଠାଏ ସେ।

ଅନେକ ବର୍ଷ ପରେ ପୁଣି ଦିଲ୍ଲୀ ଯିବାକୁ ପଡ଼ିଲା। ମୋ' ସ୍ତ୍ରୀକୁ ମଧ୍ୟ ସାଥିରେ ନେଇଥିଲେ। ମୋ ଲେଖକ ସାଙ୍ଗ ସହ ମିଶିବା ପାଇଁ ବହୁତ ଇଚ୍ଛା ଥିଲା ତା'ର।

ସେଦିନ ସନ୍ଧ୍ୟାରେ, ଜାମୁଗଛ ତଳେ ଅନ୍ନୁର ଜୋତା ପଲିସ କରୁଥିଲା ଘସୀଟା। ଏବେ ଯାଏଁ ମଧ୍ୟ ଏହି ସ୍ଥାନଟି ଥିଲା ତା' ଖଟି ଜାଗା। ଆମ ପରସ୍ପର ମଧ୍ୟରେ କାହାଣୀ, ଉପନ୍ୟାସକୁ ନେଇ ଚର୍ଚ୍ଚା ଚାଲିଲା।

ନୂଆ କାହାଣୀ ପାଇଁ ସବୁଠାରୁ ବଡ଼ ଆଧାର ହେଉଛି ସତ୍ୟ ପରିବର୍ତ୍ତିତ ଭାବବୋଧ। ତାହା ସତ୍ୟ ନୁହେଁ, ଯାହା ଦେଖାଯାଇଛି। ବରଂ ପ୍ରକୃତ ସତ୍ୟ ଏହା ଯାହା ଦୃଷ୍ଟି ଆଢୁଆଳରେ ଥାଏ। କାହାଣୀ କେବଳ ଏକ Logical relationship ନାମ ନୁହେଁ, ବରଂ ସେହି ଗୁଣବତ୍ତାର ନାମ, ଯାହା ଚରିତ୍ରମାନଙ୍କ ପାଇଁ Subconscious ରେ ବାସ୍ତବରେ ରହିଥାଏ ।

ଆଁ କରି ଚୁପ୍‌ଚାପ୍ ଶୁଣୁଥିଲି ମୁଁ, ଅନର୍ଗଳ କହି ଚାଲିଥିଲା ଅନିଲ। ଗତ ପଚାଶ ବର୍ଷ ଧରି ଉର୍ଦ୍ଦୁ କାହାଣୀ, ଉପନ୍ୟାସରେ ଅନେକ ପରିବର୍ତ୍ତନ ଆସିଛି। ପଚାଶ ବର୍ଷ ମଧ୍ୟରେ ଆମ କାହାଣୀ ଏତେ ଉନ୍ନତ ହୋଇପାରିଛି ଯେ, ଦୁନିଆର କୌଣସି ବି...

ଜୋତାକୁ ପଲିସ୍ କରୁଥିବା ବେଳେ ଅଚାନକ କହିବା ଆରମ୍ଭ କରିଦେଲା ଘସୀଟା – "କାହାର କାହାଣୀ ବିଷୟରେ କହୁଛନ୍ତି ଭାଇ। ଯାହାକୁ ନେଇ କାହାଣୀ ଲେଖିଥିଲେ ସିଏ ତ ସେଇଟି ପଡ଼ିଛି । ମୋ ବାପା ଜାଗାରେ ବସିଛି ମୁଁ , ଏବଂ ଆପଣଙ୍କ ଭାଇର 'ବୈଠକ' ଚଳାଉଛନ୍ତି ଆପଣ ... କୋଉ କାହାଣୀର ଉନ୍ନତି ହୋଇଯାଇଛି ଆଜ୍ଞା।"

ଟାଙ୍କ ଦେଇ ଛିଡ଼ିଯାଇଥିବା ଜୋତା ସିଲେଇ କାମରେ ବ୍ୟସ୍ତ ରହିଲା ଘସୀଟା। ■

ଏମ୍.ଆଇ. ଜି. ୨୧ ହାଉସିଂ ବୋର୍ଡ କଲୋନୀ, ନୟାଗଡ଼
ମୋ: ୭୯୭୮୨୩୩୦୨୦

# ଗୋଟିଏ ପ୍ରଚାରପତ୍ରର ଜୀବନ

ମୂଳ ଇଂରାଜୀ : କାନୁପ୍ରିୟା ଧିଙ୍ଗରା

ଅନୁବାଦ : ମୀନାକ୍ଷୀ ରାଉତରାୟ



୧. ଗୋଟିଏ ପ୍ରଚାରପତ୍ର କ୍ଷଣସ୍ଥାୟୀ ନୁହେଁ
ଏହା ବଞ୍ଚିଥାଏ
ତା'ର ଦାୟିତ୍ୱ ଶେଷ ହେବାଯାଏ
ଗୋଟିଏ ପ୍ରଚାରପତ୍ର ସାରା ଜୀବନ
ପ୍ରଚାରପତ୍ର ହୋଇ ରହି ନଥାଏ
ଏହା ବଦଳାଉଥାଏ
ଏହାର ରୂପ।

୨. ପିଲାମାନେ ଭଲ ପାଆନ୍ତି
ରଙ୍ଗବେରଙ୍ଗ ପ୍ରଚାରପତ୍ର
ତାକୁ ପରସ୍ତ ପରସ୍ତ କରି
କାନ୍ଥରେ ସଜାନ୍ତି
ପକ୍ଷୀଟିଏ କରି
କେବେ ଡଙ୍ଗାଟିଏ କରି
ପାଣିରେ ବୁଡ଼ାନ୍ତି।

୩. ପ୍ରଚାରପତ୍ର ପଛପଟେ ପ୍ରେମପତ୍ର ବି ଲେଖାଯାଏ
(ପ୍ରଚାରପତ୍ରରେ ଲେଖା କେବେ ସରେନାହିଁ)
କେବେକେବେ ଏଥିରେ ପପ୍‌କର୍ଣ୍ଣ ରଖି
ଖାଇସାରି ଫିଙ୍ଗି ଦିଆଯାଏ।

୪. (ଏହି କବିତାଟି ପ୍ରଚାର ପତ୍ରରେ ହିଁ ଜନ୍ମ ନେଇଥିଲା) ■

## ହିମଶୟନ

ଆଃ
ପ୍ରତି ଶୀତଋତୁରେ
ଆଇସ୍‌କ୍ରିମ ବିକ୍ରେତା
ପାଲଟିଯାଏ
ଚିନାବାଦାମ ବିକ୍ରେତା
ସେ କେବେ କରିପାରେ ନାହିଁ
ଶୀତଋତୁରେ ଶୟନ। ■

ପିପିଏଲ୍ କଲୋନୀ, ଖଣ୍ଡଗିରି ଛକ, ଭୁବନେଶ୍ୱର
ମୋ : ୯୮୫୩୧୬୭୯୭୩

# ରହସ୍ୟ-ରୋମାଞ୍ଚର ଅପୂର୍ବ କଥାକୃତି: 'ଚାନ୍ଦେର ପାହାଡ଼'



ଶିଶିର ବେହେରା

ବିଶିଷ୍ଟ ବଙ୍ଗୀୟ କଥାଶିଳ୍ପୀ ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟଙ୍କ ବହୁପ୍ରସିଦ୍ଧ ଲୋକପ୍ରିୟ ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସ 'ଚାନ୍ଦେର ପାହାଡ଼', ଯାହା ସମଗ୍ର ଭାରତୀୟ ସାହିତ୍ୟରେ ଆଲୋଡ଼ନ ସୃଷ୍ଟି କରିପାରିଛି। ୧୯୩୭ ମସିହାରେ ସିଗ୍‌ନେଟ୍ ପ୍ରେସ୍ ଦ୍ୱାରା ପ୍ରକାଶିତ ଉକ୍ତ ଉପନ୍ୟାସଟି ବଙ୍ଗଳା ସାହିତ୍ୟର ବହୁ ଆଦୃତ ରୋମାଞ୍ଚକର ଉପନ୍ୟାସ। ଭୟାବହ ଅଭିଯାତ୍ରାର ନାଟକୀୟ ଉପାଖ୍ୟାନ ହେଉଛି ଏହି ଉପନ୍ୟାସଟି। ଏହା ବିଭୂତି ବାବୁଙ୍କ ଅନ୍ୟତମ ଶ୍ରେଷ୍ଠ କିଶୋର ଉପନ୍ୟାସ ଭାବେ ସୁଖ୍ୟାତ। ପ୍ରତିକୂଳ ପରିସ୍ଥିତିରେ ଭାଗ୍ୟର ବିପର୍ଯ୍ୟୟ ସହିତ ଲଢ଼େଇ କରିବା, ନିଜର ସ୍ୱପ୍ନକୁ ଚରିତାର୍ଥ କରିବାଲାଗି ନିଷ୍ଠୁର ସତ୍ୟକୁ ସମ୍ନା କରିବାର ଦୁର୍ବାର ଆକାଂକ୍ଷା ଏବଂ ପରିଶେଷରେ ଅସୀମ ଧୈର୍ଯ୍ୟ-ବୀରତ୍ୱ-ସାହସ ବଳରେ ସଫଳଯାତ୍ରୀ ହୋଇପାରିବାର ପ୍ରେରଣା ହୋଇଛି 'ଚାନ୍ଦେର ପାହାଡ଼' ଉନପ୍ୟାସ।

ଉପନ୍ୟାସର ନାୟକ 'ଶଙ୍କର' ଗୋଟିଏ ପଡ଼ାଗାଁର ଯୁବକ। ଭୂଗୋଳପ୍ରେମୀ ଏହି ଯୁବକ ଯେପରି ଫୁଟବଲ ଖେଳରେ ପାରଦର୍ଶୀ, ସେହିପରି ପହଁରିବାରେ ଓ ବକ୍ସିଂରେ ଅସାଧାରଣ। ବାପାଙ୍କର ଶାରୀରିକ ଅସୁସ୍ଥତା କାରଣରୁ ଅଧିକ ପଢ଼ିବାରୁ ବଞ୍ଚିତ ସେ। ଗ୍ରାଜୁଏଟ୍ ସାରି ଚଟକଳରେ ଚାକିରି କରି ଘର ଚଳାଇବା ପାଇଁ ମନସ୍ଥ କରିଥିଲେ ମଧ୍ୟ ସେଥିରେ ତା'ର ଆଗ୍ରହ ନଥିଲା। ସେ ଥିଲା ଭ୍ରମଣପ୍ରିୟ, ଆଡ୍‌ଭେଞ୍ଚର ପ୍ରିୟ ଦୁଃସାହସିକ ସ୍ୱପ୍ନବାଜ ଯୁବକ। ତା'ର ମନ ଚାହୁଁଥିଲା ଉଡ଼ିଯିବାକୁ ଦୂର ବିଦେଶକୁ, ଦୁଃସାହସିକ ଯାତ୍ରା କରିବାକୁ; ଠିକ୍ ଲିଭିଂଷ୍ଟୋନ୍, ଷ୍ଟ୍ୟାଲିନ୍, ହ୍ୟାରି ଜନଷ୍ଟନ୍, ମାର୍କୋପୋଲୋ, ରବିନ୍‌ସନ୍ କ୍ରୁସୋଙ୍କ ଭଳି। ସେଥିଲାଗି ଉପନ୍ୟାସର ନାୟକ ଶଙ୍କର ଭଦ୍ରେଶ୍ୱର ଏବଂ ଶ୍ୟାମନଗରର ସୁସ୍ଥିର ଜୀବନକୁ ପଛରେ ପକାଇ ଧାଇଁଯାଇଛି ଗ୍ରାମର ଜ୍ୱାଇଁ ପ୍ରସାଦଦାସ ମୁଖୋପାଧ୍ୟାୟଙ୍କ ସହ ପୂର୍ବ ଆଫ୍ରିକାର ମୋମ୍ବାସାଠାରୁ ସାଢ଼େ ତିନିମାଇଲ ଦୂରରେ ଥିବା ରେଲୱେର ନୁଡ଼ସ୍‌ବର୍ଗ ଷ୍ଟେସନଠାରୁ ବାସ୍ତରୀ ମାଇଲ ଦକ୍ଷିଣ-ପଶ୍ଚିମକୁ। ପ୍ରଥମେ ରେଲ୍‌ୱେ କନ୍‌ଷ୍ଟ୍ରକସନ୍ ଚାକିରି କରିଛି। ଇଉଗାଣ୍ଡାରେ ମଣିଷଖିଆ ସିଂହଙ୍କ ଆକ୍ରମଣରେ ଗୋଟିକ ପରେ ଗୋଟିଏ କୁଲିଙ୍କର ପ୍ରାଣହାନି ଭଳି ହୃଦୟବିଦାରକ ଘଟଣା ଘଟିବାରୁ ସେଠାରୁ ଯାଇ ଏକ ଜନମାନବହୀନ ଅଞ୍ଚଳରେ ଷ୍ଟେସନମାଷ୍ଟର ଭାବରେ କାମକରିଛି ଶଙ୍କର। ସେଠାରେ ମଧ୍ୟ ବ୍ଲାକ୍‌ମାମ୍ବା ହାବୁଡ଼ରେ ପଡ଼ି ଅଳ୍ପକରେ ଜୀବନ ବଞ୍ଚାଇଛି ସେ। କାହାଣୀର ମୋଡ଼ ବଦଳିଛି ଯେତେବେଳେ ତା'ର ସାକ୍ଷାତ ହୋଇଛି ଦୁର୍ଦ୍ଧର୍ଷ ପର୍ତ୍ତୁଗୀଜ ଡିୟେଗୋ ଆଲଭାରେଜଙ୍କ ସହିତ। ଏହାପରେ ଦୁଇଜଣ ମିଶି ଆଫ୍ରିକାର ରିଖଟରସ୍‌ଭେଲ୍‌ଡ଼ ପର୍ବତମାଳାରେ ଥିବା ହୀରାଖଣି ସନ୍ଧାନରେ ଯାତ୍ରା କରିଛନ୍ତି। ରହସ୍ୟ ରୋମାଞ୍ଚଭରା ଏହି ଉପନ୍ୟାସ ମତୁଆଲା କରିଦିଏ ପାଠକକୁ। କି ବିସ୍ମୟ, କି ଅଲୌକିକ, କି ଅପରିକଳ୍ପନୀୟ ଘଟଣା! ଲେଖକଙ୍କ ନିଖୁଣ ବର୍ଣ୍ଣନାରେ ପାଠକ ହଜିଯାଏ, ନିଜକୁ ଆବିଷ୍କାର କରେ ସେହିସବୁ ସ୍ଥାନମାନଙ୍କରେ। ପ୍ରକାଣ୍ଡ ସିଂହ, ଆଫ୍ରିକାର ଭୟଙ୍କର ସାପ ବ୍ଲାକ୍‌ମାମ୍ବା, ରୋଡେସିୟାନ ମନ୍ୱଷ୍ଟାର ଭାବେ ଖ୍ୟାତ ଡିଙ୍ଗୋନେକ, ଅଭେଦ୍ୟ ଅରଣ୍ୟ, ସୁଉଚ୍ଚ ପର୍ବତ, ହୀରାଖଣିର ପହରାଦାର ବୁନିପ, କାଲାହାରି ମରୁଭୂମି, ଗଛରେ ବୁବୁନ୍‌ର ଦଳ, ବଣୁଆ ହାତୀଙ୍କ ଗର୍ଜନ, ଜୁଲୁ ଓ ମାସାଇଙ୍କ ଭଳି ପ୍ରାଚୀନ ଉପଜାତି ଏବଂ ଅନେକ ରକମର ଅଦ୍ଭୁତ ସ୍ଥାନର ବର୍ଣ୍ଣନା! ପ୍ରତିଟି ପଦକ୍ଷେପରେ ଭୟଙ୍କର ବିପଦ। କେତେବେଳେ ଝରକା କାଚରେ ସିଂହ ନାକ ଲଗାଇ ଥାଏ, କେବେ ତମ୍ବୁ ଭାଙ୍ଗି ଭିତରେ ପଶିବାକୁ ଚାହେଁ, ଆଉ କେବେ ବ୍ଲାକ୍‌ମାମ୍ବା ମାଟିରୁ ଅଢ଼େଇ ହାତ ଉଚ୍ଚତାକୁ ଉଠି ଆକ୍ରମଣ କରିବାକୁ ଉଦ୍ୟତ ହୁଏ। ଏଇ ଦୁଃସାହସିକ ଅଭିଯାନରେ ଶଙ୍କରର ସହଯାତ୍ରୀ ଆଲଭାରେଜଙ୍କ ମୃତ୍ୟୁ ହୁଏ ବୁନିପ ହାତରେ। ଏକାକୀ ହୋଇପଡ଼େ ଶଙ୍କର। ତଥାପି ଆଶା ନହରାଇ ସେଇ ଅଜଣାପଥରେ ଏକା ଏକା ଅଭିଯାନ ଚଳାଇଛି ସେ। ଅଜାଣତରେ ହୀରାଖଣି ନିକଟରେ ପହଞ୍ଚି ଯାଇଛି। ଗୋଟିଏ ଗୁମ୍ଫାରେ ଶଙ୍କର ହୋଇପଡ଼ିଛି ବାଟବଣା। କ୍ରମେ କେତୋଟି ପଥରର ସହାୟତାରେ ଚିହ୍ନରଖି ସେହି ଗୁମ୍ଫାରୁ ବାହାରିବାରେ ସଫଳ ହୋଇଛି ସେ। ବାସ୍ତବରେ ସେହି ପଥରଗୁଡ଼ିକ ଥିଲା ହୀରା, ଯାହାକୁ ପରେ ଜାଣିପାରିଥିଲା ଶଙ୍କର। ଏହିଭଳି ତା'ର ଯାତ୍ରା ଥିଲା ଅବାରିତ। ଦିନ ପରେ ଦିନ, ମାସ ପରେ ମାସ ଆଫ୍ରିକା ଜଙ୍ଗଲର ବହୁ ଅଜଣା ଇଲାକା, ବନାଞ୍ଚଳ, ପାହାଡ଼, ମରୁଭୂମିରେ ଘୂରିବୁଲିଛି ଶଙ୍କର।




ଆଫ୍ରିକାର ଭୀଷଣ ଜଙ୍ଗଲ ଓ ଅଜଣା ହିଂସ୍ରଜନ୍ତୁମାନଙ୍କ ବର୍ଣ୍ଣନାରେ ପାଠକ ରୋମାଞ୍ଚିତ ହୋଇଉଠନ୍ତି। ଶଙ୍କର ସେହି ଅଜଣା ପଥରେ ବାଟବଣା ହୁଏ, ଗୋଟିଏ ଜଙ୍ଗଲରେ ଦୁଇମାସ ଧରି ବୁଲିବା ପରେ ପୁଣି ସମାନ ଜାଗାରେ ଆସି ଉପସ୍ଥିତ ହୁଏ। ସୁନା-ହୀରାଖଣିର ଏହି ଅନୁସନ୍ଧାନକାରୀ ନିଜ ସାଥୀକୁ ହରାଇ ମୃତ୍ୟୁମୁଖରେ ପଡ଼ି ରୋଡ଼େସିୟା ଭେଲ୍ଡରୁ ବିଚ୍ୟୁତ ହୁଏ। ପୁଣି ବହୁବର୍ଷର ସୁପ୍ତ ଆଗ୍ନେୟଗିରିର ଉଦ୍‌ଗିରଣ ବାଧା ଉପୁଜାଇଛି ତା'ର ଯାତ୍ରାରେ। ଶେଷରେ ଭୟାନକ କାଲାହାରି ମରୁଭୂମିରେ ତୃଷାତୁର ହୋଇ ମୃତ୍ୟୁମୁଖରେ ପତିତ ହୋଇଛି ଶଙ୍କର। କିଛି ପର୍ଯ୍ୟଟକଙ୍କ ଦୃଷ୍ଟିରେ ପଡ଼ିବାରୁ ଉଦ୍ଧାରପାଇଛି ସେ। ଶେଷପର୍ଯ୍ୟନ୍ତ ଶଙ୍କରର ହୀରାଖଣି ସନ୍ଧାନ ଏବଂ ଜୁଲୁଭାଷାରେ ଯାହାକୁ ବୁନିପ ଉପଦେବତା କୁହାଯାଉଥିଲା, ସେହିସବୁ ରହସ୍ୟମୟ ସ୍ଥାନ ଓ ଜୀବଙ୍କର ଅସ୍ତିତ୍ୱକୁ ନେଇ ପାଠକ ବିସ୍ମୟାଭିଭୂତ ହୋଇଥାନ୍ତି। ଏହିଭଳି ଅନେକ ରହସ୍ୟମୟ ଓ ବିସ୍ମୟକର ବର୍ଣ୍ଣନାର ମାୟାଘର ପାଲଟିଛି 'ଚାନ୍ଦେର ପାହାଡ଼' ଉପନ୍ୟାସ।

କିଶୋରପ୍ରାଣକୁ ଉଦ୍‌ବେଳିତ ଓ ସ୍ୱପ୍ନାଚ୍ଛନ୍ନ କରିଦେବା ପାଇଁ ଯଥେଷ୍ଟ ଉପନ୍ୟାସର କାହାଣୀ ଓ ଘଟଣାକ୍ରମ। ତେବେ ବିଭୂତିଭୂଷଣ ଆଫ୍ରିକାର ବିଭିନ୍ନ ଅଞ୍ଚଳର ଭୌଗୋଳିକ ପରିସଂସ୍ଥାନ ଏବଂ ପ୍ରାକୃତିକ ଦୃଶ୍ୟାବଳୀର ବର୍ଣ୍ଣନାକୁ ଯେପରି ବାସ୍ତବାୟିତ କରିଛନ୍ତି, ତାହା ପାଠକଙ୍କୁ ଏକ ଅଲୌକିକ ଜଗତରେ ନେଇ ପହଞ୍ଚାଇ ଦିଏ। ଜୀବଦ୍ଦଶାରେ ଦେଶ ବାହାରକୁ ଗୋଡ଼ କାଢ଼ି ନଥିବା ବିଭୂତିଭୂଷଣ ଏତେ ନିଖୁଣଭାବେ ଆଫ୍ରିକାର ବନ୍ୟଜନ୍ତୁ, ଶ୍ୱାପଦସଂକୁଳ ଅରଣ୍ୟର ଚିତ୍ର କିପରି ଆଙ୍କିପାରିଲେ, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଲେଖକ ସ୍ୱୀକାର କରିଛନ୍ତି, ଏନିମନ୍ତେ ସାର୍ ଏଚ୍.ଏଚ୍ ଜନ୍‌ଷ୍ଟନ, ରୋସିଟା ଫରବସ୍ ପ୍ରଭୃତି କେତେଜଣ ବିଖ୍ୟାତ ଭ୍ରମଣକାରୀଙ୍କ ଗ୍ରନ୍ଥ ତାଙ୍କୁ ବିଶେଷ ସହାୟତା କରିଛି। ପୁସ୍ତକଟି ପଢ଼ିବାମାତ୍ରେ ପାଠକର ମନ ବହିର ପୃଷ୍ଠା ଡେଇଁ ଆଫ୍ରିକାର ସେଇ ଘଞ୍ଚ ଅରଣ୍ୟକୁ ପ୍ରବେଶ କରିଯାଏ ଏବଂ ନିଜେ ଯେପରି ଲଢ଼ି ଚାଲୁଥାଏ ଶଙ୍କର ଭୋଗୁଥିବା ପରିସ୍ଥିତି, ବିପଦ ସହ; ସିଂହ ସହ। ଆଫ୍ରିକା ଜଙ୍ଗଲର ଭୟଙ୍କର ଦୃଶ୍ୟ ସହିତ ପୂର୍ଣ୍ଣମୀରାତିର ଲୁବ୍ଧକର ପରିବେଶ, ଜ୍ୟୋତ୍ସ୍ନାରେ ଆପ୍ଲୁତ ବନଭୂମିର ବୃକ୍ଷରାଜିର ଶୋଭା। ସେହି ଦୃଶ୍ୟର ଅନୁଭବରେ ହିଂସ୍ର ସିଂହମାନଙ୍କର ସାନିଧ ବରଂ ତୁଚ୍ଛ ହୋଇଯିବ, ଭୟଙ୍କର ରାତିର ଅପରୂପ ସୌନ୍ଦର୍ଯ୍ୟ ଆହୁରି ଚିତ୍ତାକର୍ଷକ ହୋଇଉଠିବ। ଲେଖକଙ୍କ ବର୍ଣ୍ଣିତ ପ୍ରାକୃତିକ ଦୃଶ୍ୟ ଯେପରି ମନକୁ ମୋହିତ କରିଦିଏ, ସେହିପରି ସିଂହ, ସାପ, ହିଂସ୍ର ବଣୁଆଜନ୍ତୁଙ୍କ ବର୍ଣ୍ଣନା ମନରେ ଭୟ ସୃଷ୍ଟି କରିଥାଏ। ବିଭୂତିଭୂଷଣଙ୍କ ନିଖୁଣ ରୂପାୟନ ଉପନ୍ୟାସକୁ ଅସାମାନ୍ୟ ସିଦ୍ଧି ଆଣିଦେଇଛି। ଫଳରେ ଚଳଚ୍ଚିତ୍ର ଦେଖିବା ଭଳି ଭ୍ରମ ସୃଷ୍ଟି ହୁଏ ମନରେ। କେତେ ନିଖୁଣ ଓ ଜୀବନ୍ତ ଭାବରେ ସେ ତାଙ୍କ କଳ୍ପନାକୁ ରୂପାୟିତ କରିଛନ୍ତି, ଯାହା ଚିରକାଳ ପାଠକ ମନରେ ଏକ ଅମୃତ ଅନ୍ୱେଷାକୁ ଜନ୍ମ ଦେଇପାରିଛି। ଲେଖକ ଉପନ୍ୟାସର ଭୂମିକାରେ କହିଛନ୍ତି, 'ଚାନ୍ଦେର ପାହାଡ଼' କୌଣସି ଇଂରାଜୀ ଉପନ୍ୟାସର ଅନୁବାଦ ନୁହେଁ ବା ତାହାର ଛାୟାବଲମ୍ବନରେ ରଚିତ ନୁହେଁ। ଏହା ଲେଖକଙ୍କ ମୌଳିକ ଚିନ୍ତାପ୍ରସୂତ। କିନ୍ତୁ, ଔପନ୍ୟାସିକ ଏହାର ପ୍ରାକୃତିକ ଦୃଶ୍ୟକୁ ବାସ୍ତବଧର୍ମୀ ଓ ସଙ୍ଗତିପୂର୍ଣ୍ଣ କରିବାଲାଗି ଯଥେଷ୍ଟ ଉଦ୍ୟମ କରିଛନ୍ତି, ସଫଳ ମଧ୍ୟ ହୋଇଛନ୍ତି। ଆଫ୍ରିକାର ରିଖ୍‌ଟର୍‌ସଭେଲ୍ଡ ପର୍ବତ, ବୁନିପ, ଜୁଲୁ ଜନଜାତିଙ୍କ ରହସ୍ୟମୟ ବନଭୂମିର ପ୍ରଚଳିତ ଲୋକକଥାକୁ ଗୁମ୍ଫିତକରି ତା'ର ଜୀବନ୍ତ ପରିକଳ୍ପନା କରିଛନ୍ତି ବିଭୂତିଭୂଷଣ।

'ଚାନ୍ଦେର ପାହାଡ଼' ଉପନ୍ୟାସ ବଙ୍ଗୀୟସାହିତ୍ୟର ପାଠକପ୍ରିୟ ଏକ ଅସାଧାରଣ ଆଡ୍‌ଭେଞ୍ଚର କାହାଣୀ। ଯୁବ ମାନସକୁ ତା'ର ଅପୂର୍ବ ମାୟାରେ ଏହି ପୁସ୍ତକ ଆଜି ମଧ୍ୟ ମୋହାଚ୍ଛନ୍ନ କରିରଖିଛି। ଉପନ୍ୟାସରେ ବିଭୂତିଭୂଷଣ ଏକ ସୁନ୍ଦର କଥା କହିଛନ୍ତି- "ମଣିଷର ଆୟୁ ମଣିଷ ଜୀବନର ଭୁଲ୍ ମାପକାଠି।" ବାସ୍ତବରେ ଏହା ହିଁ ପ୍ରମାଣିତ ହୋଇଛି ଉପନ୍ୟାସରେ। ଶଙ୍କର ତା'ର ଦଶବର୍ଷର ଜୀବନକୁ ଉପଭୋଗ କରିଛି ଦେଢ଼ବର୍ଷରେ। ଯୁବକ ଶଙ୍କର ହୋଇଛି ବିଭୂତିଭୂଷଣଙ୍କ ଦ୍ୱିତୀୟ ସତ୍ତା। ସୁଦୂର ପ୍ରତି ଯେଉଁ ଗହନ ତୃଷ୍ଣା ପ୍ରକାଶପାଇଛି, ତାହା ବିଭୂତିଭୂଷଣଙ୍କ ମାନସ-ପ୍ରକୃତି। ରହସ୍ୟ ଓ ରୋମାଞ୍ଚଧର୍ମୀ ଉପନ୍ୟାସ ଜଗତରେ ଏହି ପୁସ୍ତକ ଚିରକାଳ ଏକ କ୍ଲାସିକ୍ ରଚନା ଭାବରେ ମର୍ଯ୍ୟାଦାଲାଭ କରୁଥିବ। ଲେଖକ ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟଙ୍କ ଅନ୍ୟ ରଚନା ମଧ୍ୟରେ 'ଚାନ୍ଦେର ପାହାଡ଼' ଉପନ୍ୟାସଟିର ସ୍ଥାନ ବେଶ୍ ଉଲ୍ଲେଖଯୋଗ୍ୟ। ■

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର

# ପୁସ୍ତକ ପରିଚୟ

## ମାନବ
### ଜଣେ ଆଦର୍ଶ ଶିକ୍ଷକ
ଭାଗୀରଥି ବେହେରା

ସମାଜରେ ଶିକ୍ଷକଙ୍କ ଆସନ ବହୁ ଉର୍ଦ୍ଧ୍ୱରେ। ସେମାନେ ସମାଜର ପଥପ୍ରଦର୍ଶକ। ଜଣେ ଜଣେ ଶିକ୍ଷକଙ୍କ ଆଦର୍ଶ ଜୀବନ ବେଶ୍ ପ୍ରଭାବିତ କରିଥାଏ। ସେଭଳି ଜଣେ ଆଦର୍ଶ ଶିକ୍ଷକଙ୍କ ତ୍ୟାଗପୂତ ଜୀବନ ଓ ମହାନତାକୁ ନେଇ ପ୍ରକାଶ ପାଇଛି ଭାଗୀରଥି ବେହେରାଙ୍କ ଉପନ୍ୟାସ 'ମାନବ-ଜଣେ ଆଦର୍ଶ ଶିକ୍ଷକ'। ମାନବ ଜଣେ ଆଦର୍ଶ ଶିକ୍ଷକ। ତାଙ୍କ ଜୀବନରେ ତ୍ୟାଗ, ପ୍ରେମ, ଗୁରୁ ଭକ୍ତି, ସାମାଜିକ ପ୍ରତିବଦ୍ଧତାକୁ ଔପନ୍ୟାସିକ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। ଆଦର୍ଶ ଶିକ୍ଷକ ମାନବଙ୍କ ଜୀବନରେ ଆସିଛି ଅନେକ ଦୁଃଖକଷ୍ଟ, ଝଡ଼ଝଞ୍ଜା ତଥାପି ସେ କେବେ ହେଲେ ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୋଇନାହାନ୍ତି। ଜୀବନରେ ଭୁଲି ପାରିନାହାନ୍ତି ନିଜ ଗୁରୁ ମିଶ୍ର ସାର୍‌ଙ୍କ ଅବଦାନକୁ। ପ୍ରତିଷ୍ଠା ମାଡାମ୍, ପୁଷ୍କକ, ଶୁଭ୍ରତା,ବର୍ଷା, ମୀରା ମାଡାମ୍ ମାନସୀ, ମିଶ୍ର ସାର୍ ଆଦି ଚରିତ୍ରର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାହାଣୀକୁ ଅଧିକ ରୋମାଞ୍ଚକର କରିବା ପାଇଁ ଲେଖକ ଉପନ୍ୟାସରେ ଘଟଣାକ୍ରମକୁ ନେଇ କେତୋଟି ଉପ-ଶୀର୍ଷକ ରଖିଛନ୍ତି। ଜଣେ ଆଦର୍ଶ ଶିକ୍ଷକଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଦାୟିତ୍ୱବୋଧକୁ ମାନବ ଚରିତ୍ର ମାଧ୍ୟମରେ ଔପନ୍ୟାସିକ ହୃଦୟସ୍ପର୍ଶୀ ଭାବେ ବର୍ଣ୍ଣନା କରିଛନ୍ତି। 'ମାନବ-ଜଣେ ଆଦର୍ଶ ଶିକ୍ଷକ' ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■




ଆଦିତ୍ୟ ଭାରତ
ସିଡିଏ, କଟକ -୭୫୩୦୧୪
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ : ୩୦୦ ଟଙ୍କା

## କବି ଓ ସମ୍ରାଟ
ରୋହିତ କୁମାର ଦାଶ

ନିକଟରେ ପ୍ରକାଶ ପାଇଛି ଗାଳ୍ପିକ ରୋହିତ କୁମାର ଦାଶଙ୍କ ଗଳ୍ପ ସଂକଳନ 'କବି ଓ ସମ୍ରାଟ'। ଏହି ପୁସ୍ତକରେ ସଂକଳିତ 'ସ୍ୱଚ୍ଛତା ଅଭିଯାନ', 'ସଂପତ୍ତି ତାଲିକା', 'କୂଅ ବେଙ୍ଗ', 'ମୋନାଲିସା', 'ଲକ୍ ଡାଉନ୍', 'ବାଘ ମାମୁଁ କଥା','ଅନ୍ଧ ରାଜ୍ୟ ଓ ଦର୍ପଣ ବିକା ଉପାଖ୍ୟାନ', 'ଆଖି', 'ନବୀକରଣ','ପ୍ରାୟଶ୍ଚିତ', 'କଳା ଛଅାଣ', 'ନେତା' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ସେହିପରି 'କବି ଓ ସମ୍ରାଟ','କବି ଓ ସୁନ୍ଦରୀ', କବି ଓ ଜଳଦେବତା', 'କବି ଓ ବାଘ', 'କବି ଓ ସ୍ୱପ୍ନ', 'କବି ଓ ବୀମା' ଆଦି ଗପଗୁଡ଼ିକରେ କବି ଚରିତ୍ରକୁ ଦେଖିବାକୁ ମିଳେ। ଏହି ସବୁ ଗପଗୁଡ଼ିକରେ କବିର ଅନୁଭବ, କବିର ସ୍ୱପ୍ନ, କବିର ନିର୍ଭୀକତା, କବିର ପ୍ରତିଶ୍ରୁତିବଦ୍ଧତା ଅତି ଚମତ୍କାର ଭାବେ ପ୍ରସ୍ଫୁଟିତ ହୋଇଛି। ସେହିପରି 'ପ୍ରାର୍ଥନା','ଡିକି', 'ଗୁଣୀ ପାଠକ','ପାଠକୀୟତା' ଆଦି କେତୋଟି ଅଭାସ ଗଳ୍ପ ଭଲ ହୋଇଛି। ଏହି ପୁସ୍ତକର ଅନେକ ଗପ ପ୍ରତୀକଧର୍ମୀ। ଛୋଟ ଛୋଟ କାହାଣୀ ଭିତରେ ଗାଳ୍ପିକ ଅନେକ କଥା କହିବାକୁ ଚାହିଁଛନ୍ତି। ବ୍ୟକ୍ତିଗତ ଅନୁଭୂତି, ନିବିଡ଼ ଅନୁଭବ, ସାଂପ୍ରତିକ ଘଟଣା, ସମାଜିକ ବାସ୍ତବତାକୁ ନେଇ ଏହି ପୁସ୍ତକର ଗପଗୁଡ଼ିକ ଆଧାରିତ। 'କବି ଓ ସମ୍ରାଟ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■




ନବଲିପି ପ୍ରକାଶନ ଧାରା
ଶିଶୁପାଳଗଡ଼, ଭୁବନେଶ୍ୱର-୭୫୧୦୦୨
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ : ୧୯୯ ଟଙ୍କା



# ରୂପାନ୍ତରଣ ପଥେ ପଥେ ମାର୍ତ୍ୟପର 'ନନ୍ଦନକାନନ'



ରାଜଧାନୀ ଭୁବନେଶ୍ୱର ନିକଟରେ ଥିବା ଚନ୍ଦକା ଜଙ୍ଗଲ ଭିତର ପ୍ରାକୃତିକ ପରିବେଶ ମଧ୍ୟରେ ବାରଙ୍ଗ ରେଲଷ୍ଟେସନଠାରୁ ଅନତି ଦୂରରେ ଅବସ୍ଥିତ ନନ୍ଦନକାନନ ଚିଡ଼ିଆଖାନା । ୧୯୬୦ ମସିହାରେ ପ୍ରତିଷ୍ଠା କରାଯାଇ ୧୯୭୯ ମସିହାରେ ସାଧାରଣ ଲୋକଙ୍କ ପାଇଁ ଖୋଲାଯାଇଥିଲା ନନ୍ଦନକାନନ । ଏହାର ମୋଟ ୪୦୦ ହେକ୍ଟର (୯୦୦ଏକର) ଜମିରେ ରହିଛି ଚିଡ଼ିଆଖାନା ଓ ବଟାନିକାଲ୍ ଗାର୍ଡେନ । ଏଠାରେ ଏସିଆ ମହାଦେଶର ସବୁଠୁ ବଡ଼ ଚିଡ଼ିଆଖାନା ଓ ପୃଥିବୀର ସବୁଠୁ ବଡ଼ ବିରଳ ଧଳାବାଘ ପ୍ରଜନନ କେନ୍ଦ୍ର ରହିଛି । ଏହା ପ୍ରାଣୀଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ଭାବେ ଦୁଇ ଭାଗରେ ବିଭକ୍ତ କରାଯାଇଛି । ସଦସ୍ୟତା ହାସଲ କରିବାରେ ଏହି ଚିଡ଼ିଆଖାନା ଭାରତରେ ପ୍ରଥମ । କାଞ୍ଜିଆହ୍ରଦ କୂଳରେ ଏବଂ ପ୍ରାକୃତିକ ବନାନୀର ମଧ୍ୟଭାଗରେ ନନ୍ଦନକାନନ ଅବସ୍ଥିତ । ଚିଡ଼ିଆଖାନାରେ ରହିଛି ଧଳା ମହାବଳ ବାଘ ପ୍ରଜନନ କେନ୍ଦ୍ର । ସିଂହ ବାଘ ପାଇଁ ଭିନ୍ନ ଭିନ୍ନ ଯନ୍ତାମାନ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଲାଭ କରିଛି । ଏହି ପ୍ରାଣୀ ଉଦ୍ୟାନର ଉତ୍ତର ପାର୍ଶ୍ୱରେ ଏକ ଉଦ୍ଭିଦ ଉଦ୍ୟାନ ରହିଛି । ନିକଟରେ କାଞ୍ଜିଆ ହ୍ରଦ ମଧ୍ୟ ରହିଛି ।

## 'ଝ-ଟି' ଉପକ୍ରମରେ ହେବ ବିଶ୍ୱସ୍ତରୀୟ

'ଝ-ଟି' ଉପକ୍ରମରେ ନନ୍ଦନକାନନକୁ ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନ ଭାବେ ରୂପାନ୍ତରଣ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ରାଜ୍ୟ ବନ ବିଭାଗ ପକ୍ଷରୁ ନନ୍ଦନକାନନରେ ରୂପାନ୍ତରଣ ପାଇଁ ଏକ ପ୍ରସ୍ତାବ ରଖାଯାଇଥିଲା । ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେବା ସହିତ ରୂପାନ୍ତରଣ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନୂଆ ଯୋଜନାରେ ପରିଦର୍ଶକମାନଙ୍କ ପାଇଁ ଅତିରିକ୍ତ ଉନ୍ନତ ସୁବିଧା, ଆଧୁନିକ ପ୍ରଲ୍ୟାଣ୍ଡସ୍କେପିଂ, ଟନେଲ୍ ଆକ୍ୱାରିୟମ, ୱାଟର୍ ବାର୍ଡ ସମେତ ଦେଶବିଦେଶରୁ ନୂତନ ପ୍ରାଣୀ ଏମର୍ସିଭ ଏନ୍‌କ୍ଲୋଚର୍ ଓ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷାର ଏକ ସ୍ୱତନ୍ତ୍ର ହବ୍ ଭାବରେ ବିକାଶ କରିବା ପାଇଁ ବ୍ୟବସ୍ଥା ରହିଛି । ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ରୂପାନ୍ତରଣ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ୨୦୨୩ରୁ ୨୦୨୫ ଓ ଦ୍ୱିତୀୟ ପର୍ଯ୍ୟାୟ ୨୦୨୫ରୁ ୨୦୨୮ ମଧ୍ୟରେ କାର୍ଯ୍ୟକାରୀ ହେବ । ପ୍ରଥମ ପର୍ଯ୍ୟାୟରେ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ୍ ଗାର୍ଡେନର ବିକାଶ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଚୁଡ଼ଙ୍ଗ ଜଙ୍ଗଲ ଅଞ୍ଚଳରେ ବିକାଶ କରାଯିବ । ଯାହା ଚୁଡ଼ଙ୍ଗଗଡ଼ ଜଙ୍ଗଲକୁ ନନ୍ଦନକାନନର ଏକ ଅଂଶ ବା ବନ୍ୟଜନ୍ତୁ ସଫାରୀ ଭାବେ ବିକଶିତ କରି ଜୀବଜନ୍ତୁଙ୍କ ସଂରକ୍ଷଣକୁ ଆହୁରି ତ୍ୱରାନ୍ୱିତ କରି ସଫାରୀର ପ୍ରାକୃତିକ ପରିବେଶରେ ଏମାନଙ୍କ ବଂଶବୃଦ୍ଧି ପାଇଁ ଆଶା ରଖାଯାଇଛି । ଏଥିରେ ରାତ୍ରୀ ସଫାରୀ ପାଇଁ ସ୍ୱତନ୍ତ୍ର କମ୍ପ୍ଲେକ୍ସର ବିକାଶ କରାଯିବ । ନନ୍ଦନକାନନକୁ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷାରେ ଏକ ଆକର୍ଷଣୀୟ ହବ୍ ଭାବେ ବିକାଶ କରିବା ପାଇଁ ଯୋଜନା ରହିଛି । ପ୍ରକୃତି ଶିକ୍ଷା ସହିତ କେତେକ ସ୍ୱତନ୍ତ୍ର ସ୍କୁଲରେ 'ନନ୍ଦନକାନନ କ୍ଲବ୍ ଓ 'ଜୁ ଆମ୍ବାସାଡର୍' ଆଦି କାର୍ଯ୍ୟକ୍ରମ ରହିଛି । ଏହା ସହିତ ନାଗରିକ ବିଜ୍ଞାନ 'ଆପଣ ଗଛକୁ ଜାଣନ୍ତୁ' ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ।

## ପର୍ଯ୍ୟଟକ ବୃଦ୍ଧି ପାଇଁ ଯୋଜନା

୩୫କୋଟି ଟଙ୍କା ବ୍ୟୟରେ ବହୁତଳ ବିଶିଷ୍ଟ ମଟରଯାନ ରହଣିସ୍ଥଳ, ୫କୋଟି ଟଙ୍କା ବ୍ୟୟରେ ଶିଶୁ ରେଳ ଗାଡ଼ିର ପୁନରୁଦ୍ଧାର, ୨୦ଲକ୍ଷ ଟଙ୍କା ବ୍ୟୟରେ ପର୍ଯ୍ୟଟକଙ୍କ ପାଇଁ ନୂତନ ପ୍ରସ୍ଥାନ ବାଟ ଓ ୭୪ଲକ୍ଷ ଟଙ୍କା ବ୍ୟୟରେ ନୂତନ ସଫାରୀ ବସଷ୍ଟାଣ୍ଡ ବ୍ୟବସ୍ଥା କରାଯାଇଛି । ସଫାରୀ ପାଇଁ ୪ଟି ନୂତନ ବସଷ୍ଟାଣ୍ଡ, ମଲ୍ଟି ପାର୍କିଂ, ବୋଟିଂ ବ୍ୟବସ୍ଥା, ଉନ୍ନତର ମାଙ୍କଡ଼ ଖୁଆଡ଼, ଫରେଷ୍ଟ କ୍ୱାର୍ଟର୍ସ ଓ କଇଁ ପୋଖରୀ, ହ୍ୱାଟ୍ସଆପ ଆଧାରରେ ଟିକଟ୍ ବୁକିଂ ସହ ସେପଟେ, ରୋପ ୱେର ପୁନରୁଦ୍ଧାର ସମେତ ସମ୍ପୂର୍ଣ୍ଣ ନୂତନ ଓ ଆଧୁନିକ ଯନ୍ତ୍ରପାତି ସହିତ ପଶୁ ଚିକିତ୍ସାଳୟ, ଆଇସୋଲେସନ ଗୃହ, କ୍ୱାରେଣ୍ଟାଇନ ଗୃହ, ପରୀକ୍ଷାଗାର ଓ ଅସ୍ତ୍ରୋପଚାର ଗୃହ, ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟସେବାର ନୂତନ ଦିଗନ୍ତ ସୃଷ୍ଟି କରିଛି । ଅଭିଜ୍ଞ ପଶୁଡାକ୍ତରଙ୍କ ଦ୍ୱାରା ଏହି ଚିକିତ୍ସାଳୟରେ ୨୪ ଘଣ୍ଟିଆ ପ୍ରାଣୀ ସେବା ଉପଲବ୍ଧ ଅଛି । ଆଗାମୀ ଦିନରେ ନନ୍ଦନକାନନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବ ଏବଂ ନନ୍ଦନକାନନ ଅଧିକ ଆକର୍ଷଣୀୟ ହେବା ସହ ଅତ୍ୟାଧୁନିକ ପର୍ଯ୍ୟଟନ କ୍ଷେତ୍ର ରୂପେ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବ ସେ ଦିଗରେ ପଦକ୍ଷେପ ନିଆଯାଇଛି ।

## ସାଥୀ ଖୋଜା ଚାଲିଛି

ସାଥୀକୁ ଅପେକ୍ଷା କରି କରି ନନ୍ଦନକାନନରେ କେତେକ ଜୀବଜନ୍ତୁଙ୍କ ଜୀବନ ଚାଲିଗଲାଣି । ହେଲେ ନନ୍ଦନକାନନ କର୍ତ୍ତୃପକ୍ଷ ସାଥୀଟିଏ ଯୋଗାଡ଼ କରିପାରି ନ ଥିଲେ । ଫଳରେ ନନ୍ଦନକାନନରେ ଏକାକୀ ଥିବା ଅନେକ ଜୀବଜନ୍ତୁ ନିଃସଙ୍ଗ ଜୀବନ ବିତାଇ ମୃତ୍ୟୁବରଣ କରିଥିଲେ । ସେମାନଙ୍କ ମଧ୍ୟରେ ଓରାଙ୍ଗଓଟାନ, ସିମ୍ପାଞ୍ଜି ମାଙ୍କଡ଼, କାସ୍ୱାରୀ ପକ୍ଷୀ, ଜାଗୁଆର, କଳା ଚିତା ବାଘ, ଭାରତୀୟ ଗଣ୍ଡା, ଗୁଣ୍ଡୁଚି ମାଙ୍କଡ଼, ଗିବନ, ଜେବ୍ରା, ଭଳି ଅନେକ ପ୍ରାଣୀ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ସାଥୀବିନା ମୃତ୍ୟୁବରଣ କରିଛନ୍ତି । ସେହିଭଳି ନନ୍ଦନକାନନରେ ଅନେକ ଜୀବ ଏବେ ବି ନିଃସଙ୍ଗ ଜୀବନ ବିତାଉଥିବାବେଳେ ସେମାନଙ୍କ ପାଇଁ କର୍ତ୍ତୃପକ୍ଷ ନୂତନ ଯୋଜନା କରିଛନ୍ତି । ସେମାନଙ୍କ ବଂଶବୃଦ୍ଧି ଓ ଏକାକୀ ରହୁଥିବା ଜୀବଜନ୍ତୁଙ୍କୁ ସାଥୀଟିଏ ଯୋଗାଇ ଦେବା ପାଇଁ ଯୋଜନା କରାଯାଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ତେଲେଙ୍ଗାନର 'ଜନ' ଗ୍ରୁପ ଆଣ୍ଡ ଫାର୍ମକୁ ସାଥୀ ଯୋଗାଡ଼ କରିବା ପାଇଁ ଦାୟିତ୍ୱ ଦିଆଗଲା । ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ ଜୀବଜନ୍ତୁ ଅଣାଯାଉଛି । ଏହି ଭଳି ଆଗକୁ ୨୪ ପ୍ରଜାତିର ଜୀବଜନ୍ତୁ ଆଣିବା ପାଇଁ ପ୍ରୟାସ ଜାରିରହିଛି । ଅମ୍ବ୍ରେଲା କ୍ରଷ୍ଟେଡ କାକଟୋ, କାସ୍ୱାରୀ, ଓଟପକ୍ଷୀ, ଇଗୁଆନା, ସୁନେଲି କପୋତ, ଲେସର ସଲ୍‌ଫର୍ କ୍ରେଷ୍ଟେଡ କକାଟୋ, ହଳଦୀ ପିଠିଆ ଶୁଆ, ହୀରାଖଣ୍ଡ କପୋତ, ବଙ୍ଗଳା ଫିଂ, ଲଙ୍ଗ ଲାଞ୍ଜର ଫିଂ, ଗ୍ରୀନ୍ ୱିଙ୍ଗ ମାକାଓ, ଜିରାଫ ଆଦି ୨୪ ପ୍ରଜାତି ବା ଅନ୍ୟ ପ୍ରଜାତିର ଜୀବଜନ୍ତୁ ଆଣିବା ପାଇଁ ଯୋଜନା କରାଯାଉଛି ।



## ଚିଡ଼ିଆଖାନା ସମ୍ପର୍କରେ ଜଣାଅଜଣା ତଥ୍ୟ

୪୦୦ ହେକ୍ଟର ଜମିରେ ୧୧ଟି ଜୀବଜନ୍ତୁଙ୍କୁ ନେଇ ଆରମ୍ଭ ହୋଇଥିଲା ନନ୍ଦନକାନନ ଚିଡ଼ିଆଖାନା । ପଶୁଗଣନା ଅନୁସାରେ ଏଠାରେ ୨୨୦ଟି ଏନ୍‌କ୍ଲୋଜରରେ ୧୬୩ ପ୍ରଜାତିର ୪୨୦୦ଟି ଜୀବଜନ୍ତୁ ରହିଛନ୍ତି । ସେଥିମଧ୍ୟରୁ ୪୯ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୩୦ପ୍ରଜାତିର ସରୀସୃପ, ୭୮ ପ୍ରଜାତିର ପକ୍ଷୀ, ୬ପ୍ରଜାତିର ଉଭୟଚରଙ୍କୁ ମିଶାଇ ୧୬୩ ପ୍ରଜାତି ଜୀବଜନ୍ତୁ ରହିଛନ୍ତି । ଏଠାକୁ ଅଧିକାଂଶ ସମୟରେ ବିଭିନ୍ନ ଦେଶରୁ ଓ ଆନ୍ତଃରାଜ୍ୟ ଚିଡ଼ିଆଖାନାରୁ ଅଦଳବଦଳ ପ୍ରକ୍ରିୟାରେ ଏଠାକୁ ନୂଆନୂଆ ପଶୁ ଅଣାଯାଉଛି । ୧୯୮୦ମସିହାରେ ଧଳାବାଘ ଓ ଘଡ଼ିଆଳ କୁମ୍ଭୀର ପାଇଁ ନନ୍ଦନକାନନ ସାରାବିଶ୍ୱରେ ପରିଚୟ ଲାଭ କରିଥିଲା । ପୃଥିବୀର ପ୍ରଥମ ଧଳାବାଘ ପ୍ରଜନନ ନନ୍ଦନକାନନରେ ହୋଇଥିଲା । ୧୯୯୧ ଅକ୍ଟୋବର ପହିଲାରେ ନନ୍ଦନକାନନରେ ଧଳାବାଘ ସଫାରୀ ପ୍ରତିଷ୍ଠା ହୋଇଥିଲା । ନନ୍ଦନକାନନରେ ଆକର୍ଷଣ ହେଉଛନ୍ତି ସ୍ୱତନ୍ତ୍ରଧରଣର ପାତି ମାଙ୍କଡ଼ ଓ ଷ୍ଟର୍କ ପକ୍ଷୀ । ସେହିପରି ଧଳାବାଘ ମଧ୍ୟ ଅନ୍ୟତମ ଆକର୍ଷର କେନ୍ଦ୍ରବିନ୍ଦୁ ସାଜିଛି । ନନ୍ଦନକାନନରେ ଅନ୍ୟ ବିରଳ ପ୍ରାଣୀଙ୍କ ମଧ୍ୟରେ ଅଛନ୍ତି ବିରଳ ପ୍ରଜାତିର ମୂଷା, ହରିଣ, ଭାଲୁ, ସିଂହ, ଲାଞ୍ଜି ମାଙ୍କଡ଼, ଗୁଣ୍ଡୁଚି ମୂଷା, ହରିଣ, ସ୍ଲଥ ଭାଲୁ । ଏଠାରେ ବଜ୍ରକାପ୍ତା, ଶାଗୁଣା, କୁମ୍ଭୀର ପ୍ରଜନନ କେନ୍ଦ୍ର ମଧ୍ୟ ରହିଛି । ୩୩ ଏକର ପରିମିତ ଅଞ୍ଚଳରେ ପଶୁମାନଙ୍କ ଖାଦ୍ୟ ଉତ୍ପାଦନ କ୍ଷେତ୍ର ଓ ମାଂସାଶୀ ପ୍ରାଣୀମାନଙ୍କ ସକାଶେ କଂସେଇଖାନା ରହିଛି ।







## ଘାଟିକିଆରେ ହୋଇଥାନ୍ତା...

୧୯୬୦ ମସିହାରେ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ କୃଷିମେଳାରେ ଓଡ଼ିଶା ଷ୍ଟଲରେ କିଛି ଦୁର୍ଲଭ ଗଛ ଓ ବନ୍ୟଜନ୍ତୁଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏଥିପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ କିଛି ବନ୍ୟଜନ୍ତୁଙ୍କୁ ଏକାଠି କରି ଦିଲ୍ଲୀ ନିଆଯାଇଥିଲା । ଦିଲ୍ଲୀ ଯାଇଥିବା ଏହି ବନ୍ୟଜନ୍ତୁମାନେ ଓଡ଼ିଶା ଫେରିବା ପରେ ସେମାନଙ୍କୁ ରଖିବା ନିମନ୍ତେ ଖଣ୍ଡଗିରି ଠାରେ ଏକ ଅସ୍ଥାୟୀ ଗୃହ ନିର୍ମାଣ କରାଯାଇଥିଲା । ଏଥି ନିମନ୍ତେ ନେତୃତ୍ୱ ନେଇଥିଲେ ପୁରୀର ଫରେଷ୍ଟ ଅଫିସର୍ ପି.ମହେନ୍ଦ୍ର ଓ ଦେଓଗଡ଼ର ଫରେଷ୍ଟ ଅଫିସର ଜି.କେ. ଦାସ । ଖଣ୍ଡଗିରିର ଜୈନମୁନିମାନେ ଏହି ବନ୍ୟଜନ୍ତୁମାନଙ୍କର ଖାଦ୍ୟପେୟ ଦାୟିତ୍ୱ ନେଇଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଏହି ବନ୍ୟଜନ୍ତୁଙ୍କୁ ଦେଖିବା ପରେ ଓଡ଼ିଶାରେ ଏକ ଚିଡ଼ିଆଖାନା ପ୍ରତିଷ୍ଠା କରିବାର ପ୍ରକ୍ରିୟା ଆରମ୍ଭ କରିଥିଲେ । ପ୍ରଥମେ ଖଣ୍ଡଗିରି ନିକଟସ୍ଥ ଘାଟିକିଆକୁ ଚିଡ଼ିଆଖାନା ନିମନ୍ତେ ବିଚାର କରାଯାଇଥିଲା କିନ୍ତୁ ଆବଶ୍ୟକ ଜଳର ଅଭାବ ହେତୁ ଏହାକୁ ବାଦ ଦିଆଯାଇ ଚନ୍ଦକା ଜଙ୍ଗଲ ଭିତରେ ଥିବା କାଞ୍ଜିଆ ହ୍ରଦ ତଟରେ ଥିବା ଜୁଝାଗଡ଼କୁ ବଛାଗଲା । ଜୁଝାଗଡ଼ରେ ଜୀବ ଉଦ୍ୟାନ ଓ କୃଷ୍ଣସାଗର ଫରେଷ୍ଟ ବ୍ଲକରେ ଉଦ୍ଭିଦ ଉଦ୍ୟାନ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଭୁବନେଶ୍ୱରରୁ ଏକ ସିଧାରାସ୍ତା ତିଆରି କରାଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । କାଞ୍ଜିଆ ହ୍ରଦକୁ ପୁନରୁଦ୍ଧାର କରାଯାଇ ବିଭିନ୍ନ ପ୍ରକାରର ଜୀବଜନ୍ତୁମାନଙ୍କୁ ରଖିବା ମଧ୍ୟ ନିଷ୍ପତ୍ତି ନିଆଗଲା । ୧୯୬୦ମସିହାରେ ଉଦ୍ଭିଦ ଉଦ୍ୟାନ ଖୋଲାଗଲା । ୧୯୬୪ ମସିହାରେ କୋଲକାତାର ଆଲିପୁର ଚିଡ଼ିଆଖାନାରୁ ଗୋଟିଏ ବାଘ, ଦୁଇଟି ଆଫ୍ରିକୀୟ ସିଂହ, ଦୁଇଟି ମଗର ଓ ଗୋଟିଏ ପୁମା ଅଣାଯାଇଥିଲା । ୧୯୮୧ ମସିହାରେ ଏହି ଚିଡ଼ିଆଖାନାକୁ 'ନନ୍ଦନକାନନ ଜୀବ ଉଦ୍ୟାନ' ଭାବରେ ନାମିତ କରାଗଲା । ୨୦୦୯ ମସିହାରେ ନନ୍ଦନକାନନ ଜୀବ ଉଦ୍ୟାନ ୱାଜାର ଅନ୍ତର୍ଭୁକ୍ତ ହୋଇଥିଲା ।

ରିପୋର୍ଟ-ପ୍ରବୀଣ ପ୍ରଧାନ

# ଗୁଡ୍ ମର୍ଣ୍ଣିଂ ଓଡ଼ିଶା




## ଓଡ଼ିଶାର ପ୍ରଥମ ବିଶ୍ୱସ୍ତରୀୟ ଟ୍ରାନ୍‌ଜିଟ୍ ସିଷ୍ଟମ୍ ବସ୍ ଟର୍ମିନାଲ୍

ନୂଆବର୍ଷରେ ନୂଆ ଅନୁଭୂତି ବଖାଣିବ ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ (ଆଇଏସ୍‌ବିଟି)। ଏହି ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ କାମ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିସାରିଛି। ଶେଷ ସ୍ପର୍ଶ ଦିଆଯାଉଥିବା ଏହି ବସ୍‌ଷ୍ଟାଣ୍ଡକୁ ୨୦୨୪ ଜାନୁଆରୀରେ ଉଦ୍‌ଘାଟନ କରାଯିବା ନେଇ ଯୋଜନା ରହିଛି। ଓଡ଼ିଶାର ପ୍ରଥମ ବିଶ୍ୱସ୍ତରୀୟ ଟ୍ରାନ୍‌ଜିଟ୍ ସିଷ୍ଟମ ବସ୍ ଟର୍ମିନାଲ ଭାବେ ବରମୁଣ୍ଡାକୁ ବିକଶିତ କରାଯାଉଛି। '୫-ଟି' ନୀତି ଆଧାରରେ ନିର୍ମାଣ ହେଉଥିବା ଏହି ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ପାଇଁ ରାଜ୍ୟ ସରକାର ୧୮୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିରେ ବସ୍ ରହିଣି, ଯାତ୍ରୀମାନଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ସହିତ ଦୈନିକ ୨ ହଜାର ବସ୍ ଚଳାଚଳ କରିପାରିବା ଭଳି ବ୍ୟବସ୍ଥା ଉପଲବ୍ଧ କରାଯାଉଛି। ବସ୍ ଟର୍ମିନାଲ କାର୍ଯ୍ୟକ୍ଷମ ହେବା ପରେ ଏଠାରୁ ଦେଶର ବିଭିନ୍ନ ସ୍ଥାନ ଯଥା ବିଶାଖାପାଟନା, ହାଇଦରାବାଦ, ରାୟପୁର, ରାଞ୍ଚି, କୋଲକାତା ଓ ବେଙ୍ଗାଲୁରୁ ସମେତ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବସ୍ ଚଳାଚଳ କରାଯିବ ବୋଲି କୁହାଯାଇଛି।

ରାଜଧାନୀ ପ୍ରତିଷ୍ଠା ହେବା ସମୟରେ ମାତ୍ର ଏକ ଏକର ଅଞ୍ଚଳରେ ଗଢ଼ି ଉଠିଥିବା ଭୁବନେଶ୍ୱର ବସ୍‌ଷ୍ଟାଣ୍ଡ ଆଜି କାୟା ମେଲାଇ ୧୧ ଏକରରେ ପହଞ୍ଚିଛି। ଏକାମ୍ରର ବସ୍‌ଷ୍ଟାଣ୍ଡରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ଖଣ୍ଡଗିରି ପାହାଡ଼ ପାଦ ଦେଶରେ ଏକ ନୂଆ ଦିଗନ୍ତ ସୃଷ୍ଟି କରିବାକୁ ସକ୍ଷମ ହୋଇପାରିଛି। ପ୍ରତିଦିନ ଲକ୍ଷଲକ୍ଷ ଲୋକଙ୍କ ସମାଗମ ସହ ବସ୍ ଯାତ୍ରୀମାନେ ବିମାନବନ୍ଦର ଭଳି ବିଶ୍ୱସ୍ତରୀୟ ସେବା ଲାଭ କରିବାର ସୁଯୋଗ ପାଇବାକୁ ଯାଉଛନ୍ତି। ଏହି ବସ୍ ଟର୍ମିନାଲ୍ ପରିବହନ ଓ ଯୋଗାଯୋଗ କ୍ଷେତ୍ରରେ ଏକ ନୂଆ ମାଇଲ୍‌ଖୁଣ୍ଟ ଛୁଇଁବାକୁ ଯାଉଛି।



## ସମ୍ପୂର୍ଣ୍ଣ ସୌରଶକ୍ତି ପରିଚାଳିତ ବ୍ୟବସ୍ଥା

ଏହି ନୂତନ ବସ୍ ଟର୍ମିନାଲକୁ ସମ୍ପୂର୍ଣ୍ଣ ସୌରଶକ୍ତି ଦ୍ୱାରା ପରିଚାଳିତ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବସ୍ ଟର୍ମିନାଲର ଛାତ ଉପରେ ସୋଲାର୍ ପ୍ୟାନାଲ୍ ବିଛାଇବା ପାଇଁ ବ୍ୟବସ୍ଥା କରାଯାଇଛି। ବସ୍ ଟର୍ମିନାଲ୍ ପାଇଁ ଆବଶ୍ୟକ ବିଜୁଳି ସୌରଶକ୍ତି ଦ୍ୱାରା ଉତ୍ପାଦନ କରିବା ଭଳି କ୍ଷମତା ସୃଷ୍ଟି କରାଯିବା ଭଳି ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଏଠାରୁ ୧୫୦ କିଲୋୱାଟ୍ ସୌର ବିଜୁଳି ଉତ୍ପାଦନ ହେବା ଦ୍ୱାରା ବିଜୁଳି ଅପଚୟ ରୋକିବା ସହ ବସ୍ ଟର୍ମିନାଲ୍ ପରିଚାଳନାରେ ଆର୍ଥିକ ବୋଝ ମଧ୍ୟ ହ୍ରାସ କରାଯିବା ଲକ୍ଷ୍ୟ ରହିଛି।

# ବରମୁଣ୍ଡା ବସ୍ ଟର୍ମିନାଲ୍

# ବିମାନବନ୍ଦର ଭ୍ରମ

ବସ୍ ପାଇଁ ଏ ଗଳିରୁ ସେ ଗଳି, ଏ କୋଣରୁ ସେ କୋଣ ଆଉ ଅଣ୍ଡାଳିବାକୁ ପଡ଼ିବନି; ଆଖି ସାମ୍ନାରେ ଅତ୍ୟାଧୁନିକ ଏଲ୍‌ଇଡି ସ୍କ୍ରିନ୍‌ରେ ମିଳିଯିବ ବସ୍ ସମ୍ପର୍କିତ ସବିଶେଷ ତଥ୍ୟ। ଗାଁଠାରୁ ଆରମ୍ଭ କରି ପଞ୍ଚାୟତ, ବ୍ଲକ୍ ଓ ସଦର ମହକୁମାକୁ ଯିବା ପାଇଁ ବସ୍‌ର ସମସ୍ତ ବିବରଣୀ ସ୍କ୍ରିନ୍‌ରେ ଝଲସିବ। ହାତରେ ବଡ଼ ବଡ଼ ବସ୍ତାନି ଧରି ଶିଡ଼ିରେ ଚାଲିଚାଲି ପାଦ ହାତ ଆଉ ବଥା ହେବନି। ବରଂ ଲିଫ୍ଟ, ଏସ୍କାଲେଟର୍ ଭଳି ଉନ୍ନତମାନର ସୁବିଧାରେ ଗୋଟିଏ ମହଲାରୁ ଅନ୍ୟ ମହଲାକୁ ସହଜରେ ଯା'ଆସ କରିହେବ। ବସ୍‌ଷ୍ଟାଣ୍ଡ ଯାତ୍ରୀଙ୍କୁ ଗ୍ରୀଷ୍ମର ପ୍ରଚଣ୍ଡ ଗରମ କି ହାଡ଼ଭଙ୍ଗା ଶୀତରେ ଥରହର ହେବାକୁ ପଡ଼ିବ ନାହିଁ। ଶୀତତାପ ନିୟନ୍ତ୍ରିତ କୋଠରିରେ ମିଳିବ ଆରାମ। ବିମାନବନ୍ଦର ଭଳି ଏ ସବୁ ସୁବିଧା ଏଣିକି ରାଜ୍ୟବାସୀ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ପାଇବେ। ଖୁବ୍‌ଶୀଘ୍ର ଓଡ଼ିଶାବାସୀଙ୍କ ପ୍ରତୀକ୍ଷାର ଅନ୍ତଘଟିବାକୁ ଯାଉଛି। 'ନବୀନ ଓଡ଼ିଶା'ର ନୂଆରୂପ ଭାବେ ଉଭା ହେଉଛି ଅନ୍ତଃରାଜ୍ୟ ବରମୁଣ୍ଡା ବସ୍ ଟର୍ମିନାଲ୍।

ପ୍ରସ୍ତୁତି: ପ୍ରଦୀପ, ଦେବାଶିଷ

## ୧୨୦ ବସ୍‌ରୁ ହଜାରେ

ବରମୁଣ୍ଡା ଗାଁ ମୁଣ୍ଡରେ ନୂଆକରି ଗଢ଼ି ଉଠିଥିବା ବସ୍‌ଷ୍ଟାଣ୍ଡକୁ ସେତେବେଳେ ମାତ୍ର ୧୨୦ରୁ ୧୫୦ ଖଣ୍ଡ ବସ୍ ଆସୁଥିଲା। କିଛି ବସ୍ ପୁରୁଣା ଷ୍ଟାଣ୍ଡରେ ରହୁଥିବାବେଳେ ଆଉ କିଛି ନୂଆ ଷ୍ଟାଣ୍ଡକୁ ଆସୁଥିଲେ। ପୁରୁଣା ବସ୍‌ଷ୍ଟାଣ୍ଡ ସହ ନୂଆ ଷ୍ଟାଣ୍ଡର ଯୋଗାଯୋଗ ରଖିବାକୁ ଏକ ଟାଉନ୍ ବସ୍‌ଷ୍ଟାଣ୍ଡ ହୋଇଥିଲା। ଛୋଟ ଛୋଟ ମିନିବସ୍ ସେତେବେଳେ ଟାଉନ୍ ବସ୍ ଭାବେ ଚାଲୁଥିଲା। ଲୋକମାନେ ଗାଁ ଗହଳିରୁ ଆସି ବରମୁଣ୍ଡାରେ ଓହ୍ଲାଇ ଟାଉନ୍ ବସ୍ ଯୋଗେ ସହର ଭିତରକୁ ଯାଉଥିଲେ। ଦୀର୍ଘ ୩୦ ବର୍ଷ ଭିତରେ ବରମୁଣ୍ଡାରେ ବସ୍ ସଂଖ୍ୟା ଢେର ଅଧିକ ବୃଦ୍ଧିପାଇଛି। ବର୍ତ୍ତମାନ ଟାଉନ୍ ବସ୍ ଓ କଟକ-ଭୁବନେଶ୍ୱର ବସ୍‌କୁ ଛାଡ଼ି ୧ହଜାର ବସ୍ ବିଭିନ୍ନ ରୁଟ୍‌ରେ ଯାତାୟାତ କରୁଛି। ସେତେବେଳେ ଷ୍ଟାଣ୍ଡରେ ହାତଗଣତି ଯାତ୍ରୀ ଯାତାୟାତ କରୁଥିବାବେଳେ ଏବେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଦୈନିକ ୧୫ରୁ ୨୦ହଜାର ଲୋକଙ୍କ ସମାଗମ ହେଉଛି।



## 'ଆହାର ପ୍ଲସ୍'ରେ 'ଷ୍ଟାର୍' ସେବା

ବସ୍‌ଷ୍ଟାଣ୍ଡ ଆସୁଥିବା ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏଠାରେ ଆହାର ପ୍ଲସ୍ କେନ୍ଦ୍ର ସ୍ଥାପନ କରାଯାଉଛି। ସାଧାରଣ ଆହାର କେନ୍ଦ୍ର ତୁଳନାରେ ଏହା ଯଥେଷ୍ଟ ଉନ୍ନତମାନର ହୋଇଛି। କଟକ ନେତାଜୀ ବସ୍ ଟର୍ମିନାଲ୍‌ରେ ହୋଇଥିବା ଆହାର କେନ୍ଦ୍ର ରାଜ୍ୟବାସୀଙ୍କୁ ବହୁମାତ୍ରାରେ ପସନ୍ଦ ଆସିଥିବା ବେଳେ ବରମୁଣ୍ଡା ଆହାର କେନ୍ଦ୍ର ମଧ୍ୟ ଏକ ଆକର୍ଷଣ କେନ୍ଦ୍ର ସାଜିବ ବୋଲି ବିଡିଏ ଆଶା ରଖିଛି। ଏସି ରୁମ୍‌ରେ ଏଠାରେ ଆହାର ପରଷାଯିବା ସହିତ ଷ୍ଟାର୍ ହୋଟେଲ୍ ଭଳି ଡାଇନିଂ ଟେବୁଲ୍‌ରେ ବସି ଏଠାରେ ଯାତ୍ରୀମାନେ ଆହାର ସେବନ କରିବାର ବ୍ୟବସ୍ଥା କରାଯାଇଛି।



## ୧୯୯୨ରୁ ଆଜିଯାଏ...

୧୯୯୨ ପୂର୍ବରୁ ଏଜି ଛକ ସଂଲଗ୍ନ ଭୁବନେଶ୍ୱରର ପ୍ରଥମ ତଥା ପୁରୁଣା ବସ୍‌ଷ୍ଟାଣ୍ଡରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ସେଠି ବସ୍ ଓ ଲୋକଙ୍କ ଚଳପ୍ରଚଳକୁ ନେଇ ସ୍ଥାନ ଅଭାବ ପଡ଼ିଗଲା। ସେଠୁ ତତ୍କାଳୀନ ସରକାର ନିଷ୍ପତ୍ତି ନେଲେ, ଲୋକଙ୍କ ସୁବିଧା ଓ ସହଜ ଯାତାୟାତ ପାଇଁ ସହର ବାହାରେ ଏକ ବସ୍‌ଷ୍ଟାଣ୍ଡ କରାଯିବ। ଜାଗା ଖୋଜା ହେଲା। ସରକାରଙ୍କ ଦୃଷ୍ଟି ପଡ଼ିଲା ବରମୁଣ୍ଡା ଗାଁ ମୁଣ୍ଡରେ ଥିବା ଖେଳ ପଡ଼ିଆ ଉପରେ। ୧୫ଏକର ଜାଗା ବିଶିଷ୍ଟ ଏହି ଖେଳ ପଡ଼ିଆକୁ ଭୁବନେଶ୍ୱରର ନୂଆ ବସ୍‌ଷ୍ଟାଣ୍ଡ କରିବାକୁ ସରକାର ସ୍ଥିର କଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବସ୍‌ଷ୍ଟାଣ୍ଡ ପାଇଁ ନିଅଁ ପକାଇଥିଲେ। ପରବର୍ତ୍ତୀ ସମୟରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଉଦ୍‌ଘାଟନ କରିଥିଲେ।

## ମିଳିବ ବିମାନବନ୍ଦର ପରି ସୁବିଧା

୧୧ ଏକର ପରିମିତ ଅଞ୍ଚଳରେ ନିର୍ମାଣ ହୋଇଥିବା ଏହି ବସ୍ ଟର୍ମିନାଲଟି ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ରହିଛି। ଏଠାରେ ଫୁଡ୍‌କୋର୍ଟ ସାଙ୍ଗକୁ ବୈଦ୍ୟୁତିକ ଶିଡ଼ି, ଲିଫ୍ଟ, ବହୁତଳବିଶିଷ୍ଟ କାର୍ ପାର୍କିଂ ବ୍ୟବସ୍ଥା, ଯାତ୍ରୀଙ୍କୁ ନେବା ଆଣିବା ପାଇଁ ପିକ୍-ଅପ୍ ଓ ଡ୍ରପ-ଅଫ୍ ବ୍ୟବସ୍ଥା କରାଯାଉଛି। ଏହା ସହିତ ପ୍ରିପେଡ୍ ଅଟୋରିକ୍ସା, ଟାକ୍ସି, ଓଲା, ଉବର ଆଦି ଟାକ୍ସି ଏଗ୍ରିଗେଟର ସୁବିଧା ମଧ୍ୟ ଏଠାରେ ଉପଲବ୍ଧ ରହିବ। ସେହିପରି ଏଥିରେ ୱାଇ-ଫାଇ ସହିତ ବର୍ଜ୍ୟଜଳ ବିଶୋଧନ ବ୍ୟବସ୍ଥା ମଧ୍ୟ କରାଯାଉଛି। ଏଥିପାଇଁ ସମସ୍ତ ବ୍ୟବସ୍ଥାର କାର୍ଯ୍ୟ ଶେଷ ହୋଇସାରିଛି। ଏହି ବସ୍ ଟର୍ମିନାଲ୍ ସମ୍ପୂର୍ଣ୍ଣ ସିସିଟିଭି ସର୍ଭେଲାନ୍ସରେ ରହିବା ସହ ପାସେଞ୍ଜର୍ ସୂଚନା ଡିସ୍‌ପ୍ଲେ (ପିଆଇଡି) ଓ ପବ୍ଲିକ୍ ଆନାଉନ୍ସିଂ ବ୍ୟବସ୍ଥା ମାଧ୍ୟମରେ ଯାତ୍ରୀଙ୍କୁ ସୂଚନା ଦିଆଯିବ।



## ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା

ବସ୍ ଟର୍ମିନାଲକୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ବେସ୍‌ମେଣ୍ଟରେ ୧୧୫ଟି କାର୍ ପାର୍କିଂ ପାଇଁ ସ୍ଥାନ ସଂରକ୍ଷିତ ରହିଛି। ଏହି ବସ୍ ଟର୍ମିନାଲରେ ୫୦ଟି ବସ୍ ବେ' ରହିବା ସହ ୨୦୦ଟି ବସ୍ ରହଣି ପାଇଁ ପାର୍କିଂ ସ୍ପେସର ବ୍ୟବସ୍ଥା ହୋଇଛି। ଏତଦ୍‌ବ୍ୟତୀତ ବସ୍ ବେ'ରେ କେବଳ ସିଟିବସ୍ ପାଇଁ ୫ଟି ସ୍ଥାନ ସଂରକ୍ଷିତ ରଖାଯିବାର ବ୍ୟବସ୍ଥା ହୋଇଛି। ଯାତ୍ରୀମାନଙ୍କ ଦୁଇଚକିଆ ଯାନ ରଖିବା ପାଇଁ ମଧ୍ୟ ଆବଶ୍ୟକ ସ୍ଥାନ ରଖାଯାଇଛି। ପଦଚାରୀଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ସହ ବସ୍ ପ୍ରବେଶ ଓ ପ୍ରସ୍ଥାନ ଗେଟ୍ ଅଲଗା ଅଲଗା କରାଯାଇଛି।



## କେଉଁ ଫ୍ଲୋର୍‌ରେ କ'ଣ ରହିବ

- ବେସ୍‌ମେଣ୍ଟ ୫୧୩୦ ବର୍ଗମିଟର କାର୍ ପାର୍କିଂ
- ଗ୍ରାଉଣ୍ଡ ଫ୍ଲୋର୍ ୯୪୪୯ ବର୍ଗମିଟର ଟ୍ୟାକ୍ସି, ଅଟୋ ଓ ଘରୋଇ ଗାଡ଼ି ଡ୍ରପ୍ ପଏଣ୍ଟ
- ପ୍ରଥମ ମହଲା ୯୨୨୬ ବର୍ଗମିଟର ଦୋକାନ, ଅଫିସ୍, ଫାଣ୍ଡି, ରେଷ୍ଟୋରାଁ ଇତ୍ୟାଦି
- ଦ୍ୱିତୀୟ ମହଲା ୯୪୪୯ ବର୍ଗମିଟର ପ୍ରଶାସନିକ କାର୍ଯ୍ୟାଳୟ ଓ ବାଣିଜ୍ୟିକ ପ୍ରତିଷ୍ଠାନ





## ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପାଇଁ ବିଳମ୍ବ

୨୦୧୯ ଏପ୍ରିଲ୍ ସୁଦ୍ଧା ବରମୁଣ୍ଡାରେ ଅତ୍ୟାଧୁନିକ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍‌ର କାର୍ଯ୍ୟ ଶେଷ ହୋଇଥାନ୍ତା। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ଦିଲ୍ଲୀର ଇଣ୍ଟିଗ୍ରେଟେଡ୍ ଟ୍ରାନ୍‌ଜିଟ୍ ସିଷ୍ଟମ୍ ଲିମିଟେଡ୍(ଡିମ୍‌ଟିସ୍) ସଂସ୍ଥା ଦ୍ୱାରା ପ୍ରସ୍ତୁତ ଟର୍ମିନାଲ୍‌ର ଡିଜାଇନ୍‌କୁ ବିଡିଏ ଅନୁମୋଦିତ କରିଥିଲା। ଗତ ୧୧ ଜାନୁଆରୀ ୨୦୧୮ ମସିହାରେ ସଚିବାଳୟରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ପରିବହନ ସଚିବ ଜି ଶ୍ରୀନିବାସ, ତତ୍କାଳୀନ ବିଡିଏ ଉପାଧ୍ୟକ୍ଷ ଡ. କ୍ରିଷନ୍ କୁମାର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ। ମାତ୍ର ସେହିବର୍ଷ ଏପ୍ରିଲ ମାସରେ କାର୍ଯ୍ୟକ୍ଷମ ହେବା ପାଇଁ ସ୍ଥିର ହୋଇଥିବା ବସ୍‌ଷ୍ଟାଣ୍ଡର କାର୍ଯ୍ୟ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପାଇଁ ବାତିଲ୍ ହେଲା। କାରଣ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନ୍‌ଓସି ନ ମିଳିବା ଯୋଗୁଁ ଡିପିଆର୍‌ରେ ପରିବର୍ତ୍ତନ ହେଲା ଓ ୨ ଥର ଟେଣ୍ଡର କରିବାକୁ ପଡ଼ିଲା। ବିମାନବନ୍ଦର କର୍ତ୍ତୃପକ୍ଷ ପୂର୍ବରୁ ବସ୍ ଟର୍ମିନାଲ୍‌ର ଉଚ୍ଚତା ୨୮ ମିଟର କରିବା ପାଇଁ ଅନୁମତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହାକୁ କମାଇ ୧୫ ମିଟର କରିବାକୁ କହିଲେ। ଯାହାଦ୍ୱାରା ଟେଣ୍ଡର ସହିତ ସମ୍ପୂର୍ଣ୍ଣ ଢାଞ୍ଚା ପରିବର୍ତ୍ତନ କରାଯାଇଥିଲା। ବସ୍ ଟର୍ମିନାଲ୍‌ରେ ଅତ୍ୟାଧୁନିକ ସେବା ପ୍ରଦାନ କରିବାକୁ ଯୋଜନା କରି ରାଜ୍ୟ ସରକାର ଏଠାରେ ଯାତ୍ରୀଙ୍କ ବସିବା ପାଇଁ ପର୍ଯ୍ୟାପ୍ତ ସ୍ଥାନର ବ୍ୟବସ୍ଥା କରିଛନ୍ତି। ପିଲାଙ୍କ ଖେଳିବା ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ଏଠାରେ ରହିଛି। ଗାଡ଼ିଚାଳକଙ୍କ ବିଶ୍ରାମନେବା ପାଇଁ ସ୍ୱତନ୍ତ୍ର ଗୃହ କରାଯାଇଥିବା ବେଳେ ଏଟିଏମ୍, ମେଡିକାଲ୍ ରୁମ୍ ରହିଛି। ଯାତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ବିଶୁଦ୍ଧ ପିଇବା ପାଣିର ମଧ୍ୟ ବ୍ୟବସ୍ଥା ଏଠାରେ ରହିଛି।



## ଗଛରେ ତାଲା ପକାଉଥିଲେ ମଟର ସାଇକଲ୍

ବର୍ତ୍ତମାନ ଭଳି ସେତେବେଳେ ଏତେ ମଟର ସାଇକଲ ଚଳପ୍ରଚଳ କରୁ ନ ଥିଲା। କାଁ ଭାଁ କାହା ପାଖରେ ରାଜଦୂତ ମଟର ସାଇକଲ ଥିବାବେଳେ ଅଧିକାଂଶ ଲୋକଙ୍କ ପାଖରେ ସ୍କୁଟର ଓ ସାଇକଲ ଥିଲା। ଭୁବନେଶ୍ୱର ଆଖପାଖର ଲୋକମାନେ ନିଜ ସାଇକଲ ଓ ସ୍କୁଟର୍ ନେଇ ବସ୍‌ଷ୍ଟାଣ୍ଡକୁ ଆସୁଥିଲେ। ଏଠି ରଖିବା ପାଇଁ ଷ୍ଟାଣ୍ଡ ନ ଥିଲା। ବସ୍‌ଷ୍ଟାଣ୍ଡ ଭିତରେ ଥିବା ବଡ଼ ବଡ଼ ଗଛରେ ଚେନ୍‌ରେ ତାଲା ପକାଇ ଦିନେ ଦୁଇ ଦିନ ପାଇଁ ଥୋଇ ଦେଇ ଯାଉଥିଲେ। ପରବର୍ତ୍ତୀ ସମୟରେ ଗାଡ଼ି ଓ ଲୋକଙ୍କ ଯାତାୟାତ ବଢ଼ିବା ପରେ ବାଇକ୍ ଷ୍ଟାଣ୍ଡ ଆଦି ନିର୍ମାଣ କରାଗଲା। ଏବେ ବହୁତଳ ପାର୍କିଂ କରାଯାଇଛି, ଯେଉଁଥିରେ ଶହ ଶହ ବାଇକ୍, କାର ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି।

## ୨୦ଟି ଦୋକାନରେ ଆରମ୍ଭ ହୋଇଥିଲା ବସ୍‌ଷ୍ଟାଣ୍ଡ

ସେତେବେଳେ ଓଡ଼ିଶାର ବିଭିନ୍ନ ପ୍ରାନ୍ତକୁ ବସ୍ ଚଳାଚଳ କରୁଥିଲା। ହେଲେ ଗୋଟିଏ ରୁଟ୍‌ରେ ଗୋଟିଏ ବସ୍ ଚାଲୁଥିଲା। ସେହି ବସ୍ କୌଣସି କାରଣରୁ ହାତରୁ ଖସିଗଲେ, ପୂରା ଗୋଟିଏ ଦିନ ଅପେକ୍ଷା କରିବାକୁ ପଡୁଥିଲା। ଗାଁ ଗହଳିରୁ ଆସିଥିବା ଲୋକମାନେ ସେଥିପାଇଁ ଘରୁ ଆସିଲେ ବେଳେ ଚୁଡ଼ା-ଗୁଡ଼ ସାଙ୍ଗରେ ନେଇ ଆସୁଥିଲେ। ବସ୍‌ରେ ଯାଇ ନ ପାରିଲେ, ଚୁଡ଼ା ଖାଇ ବସ୍‌ଷ୍ଟାଣ୍ଡରେ ଗାମୁଛା ବିଛେଇ ଶୋଇ ଯାଉଥିଲେ। ପରଦିନ ସୁବିଧାରେ ଯାଉଥିଲେ। ଏବେ ପ୍ରତ୍ୟେକ ରୁଟ୍‌ରେ ୭-୮ ବସ୍ ଚାଲୁଛି। ଏମିତିକି ଅଧିକାଂଶ ରୁଟ୍‌ରେ ମଧ୍ୟ ୧୨-୧୫ ବସ୍ ଚାଲୁଛି। ତେଣୁ ଲୋକମାନଙ୍କୁ ଆଉ ସେଭଳି ଅସୁବିଧାର ସାମ୍ନା କରିବାକୁ ପଡୁନି। ସେହିପରି ସେତେବେଳେ ବସ୍‌ଷ୍ଟାଣ୍ଡରେ ସରକାରଙ୍କ ତରଫରୁ ମାତ୍ର ୨୦ଦୋକାନ କରାଯାଇଥିଲା। ସେଥିରେ ପାନ, ଚା', ଜଳଖିଆ ଓ ମଧ୍ୟାହ୍ନ ଭୋଜନ ମିଳୁଥିଲା। କାଳକ୍ରମେ ଲୋକଙ୍କ ଯାତାୟାତ ବଢ଼ିଲା ସ୍ଥାୟୀ ଦୋକାନ ସଂଖ୍ୟା ୧୩୪ରେ ପହଞ୍ଚିଥିବା ବେଳେ ଅସ୍ଥାୟୀ ଦୋକାନ ସଂଖ୍ୟା ପାଖାପାଖି ୩ଶହରେ ପହଞ୍ଚିଛି। ବର୍ତ୍ତମାନ ବସ୍‌ଷ୍ଟାଣ୍ଡରେ ସବୁ କିଛି ଜିନିଷ ମିଳୁଛି। ସେତେବେଳେ ଏତେ ସବୁ ଜିନିଷ ପତ୍ର ମିଳୁ ନ ଥିଲା। ଏବେ ପୁଣି ବସ୍‌ଷ୍ଟାଣ୍ଡ ଭିତରେ ମଲ୍‌ର ସୁବିଧା ପାଇ ପାରିବେ ଲୋକ। ଶୀତତାପ ନିୟନ୍ତ୍ରିତ କଠୋରୀରେ ବିଭିନ୍ନ ସାମଗ୍ରୀ ମିଳିପାରିବ।

## ତଳେ-ଉପରେ ଖୁନ୍ଦାଖୁନ୍ଦି ହୋଇ ଯାଉଥିଲେ

ଗାଁ ଗହଳିରୁ ଲୋକମାନେ ସେତେବେଳେ କାମ ଧନ୍ଦା ପାଇଁ କୋଲକାତା ଦୁର୍ଗାପୁରସ୍ଥିତ ଆସାମ-ସୋଲ୍ ଯାଉଥିଲେ। ବସ୍ ତଳ ଉପରେ ଲୋକମାନେ ଖୁନ୍ଦାଖୁନ୍ଦି ହୋଇଯାଉଥିଲେ। ସ୍ଥିତି ଏମିତି ହେଉଥିଲା ଯେ ଏହି ବସ୍‌ରେ ଯିବା ପାଇଁ ଲୋକମାନଙ୍କୁ ଗୋଟିଏ ଗୋଟିଏ ଦିନ ଅପେକ୍ଷା କରିବାକୁ ପଡୁଥିଲା। ସେହିଭଳି ମୋଟୁ-ମାଲକାନଗିରି ବସ୍‌ରେ ମଧ୍ୟ ଅନୁରୂପ ଭିଡ଼ ଦେଖିବାକୁ ମିଳୁଥିଲା। ସେତେବେଳେ ଗାଁ ଗହଳିକୁ ପ୍ରାୟ ବସ୍ ସୁବିଧା ନ ଥିଲା, ଲୋକମାନେ ଟ୍ରେକର୍ ଭଡ଼ା କରି ଗାଁରୁ ବରମୁଣ୍ଡା ଆସୁଥିଲେ। ଏଠି ବସ୍ ଯୋଗେ ବାହାରକୁ କାମ କରିବାକୁ ଯାଉଥିଲେ। ଫେରିବାବେଳେ ସେମିତି ଏକା ସାଙ୍ଗରେ ୭-୮ ଲୋକ ହାତରେ ଷ୍ଟାର୍ଟ ହେଉଥିବା ପୁରୁଣା ପେଟ୍ରୋଲ୍ ଅଟୋରେ ଲଦାଲଦି ହୋଇ ନିଜ ଗାଁକୁ ଫେରୁଥିଲେ।

## ଯାତ୍ରୀଙ୍କ ପାଇଁ ସ୍ୱୟଂଚାଳିତ ସେବା

କେଉଁ ବସ୍ କେଉଁ ରୁଟ୍‌ରେ ଯିବ, କେତେବେଳେ ବସ୍‌ଷ୍ଟାଣ୍ଡ ଛାଡ଼ିବ। ଏ ସବୁର ତଥ୍ୟ ସ୍କ୍ରିନ୍‌ରେ ଝଲସିବ। ବସ୍‌ଷ୍ଟାଣ୍ଡକୁ ଆସିବା ଓ ଛାଡ଼ିବାର ସୂଚନା ସ୍ୱୟଂଚାଳିତ ଆନାଉନ୍ସ କରାଯିବ। ବସ୍‌ଷ୍ଟାଣ୍ଡରେ ସମସ୍ତ ବ୍ୟବସ୍ଥା ସ୍ୱୟଂଚାଳିତ ଢଙ୍ଗରେ ହେବ। ବସ୍ କେତେବେଳେ ବେ'ରେ ପହଞ୍ଚିବ ଓ ସେଠାରୁ ଗନ୍ତବ୍ୟସ୍ଥଳକୁ ଗତି କରିବ, ତା'ର ସୂଚନା ଆପେ ଚାଳକଙ୍କ ନିକଟରେ ପହଞ୍ଚିଯିବ। ଯାତ୍ରୀଙ୍କୁ ଏଥିପାଇଁ କେଉଁଠି କାହାକୁ ପଚାରିବାକୁ ପଡ଼ିବନି। ଏଭଳି ଅତ୍ୟାଧୁନିକ ବ୍ୟବସ୍ଥା ଆପଣାଯାଇଛି ବରମୁଣ୍ଡା ନୂଆ ବସ୍ ଷ୍ଟାଣ୍ଡରେ। ପୂର୍ବରୁ ନେତାଜୀ ବସ୍‌ଷ୍ଟାଣ୍ଡରେ ଏମିତି କରାଯାଇଥିବା ବେଳେ ଏହା ବେଶ ଲୋକାଭିମୁଖୀ ହୋଇପାରିଛି। ଫଳରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଏହାକୁ ଆପଣାଯାଇଛି।

# ଗୁଡ଼ ମର୍ଣିଂ ରିପୋର୍ଟର



# ଉତ୍ତରେଶ୍ୱର ସର୍ପମେଧ ଯଜ୍ଞର ମୂକସାକ୍ଷୀ

ଐତିହ୍ୟ ପରମ୍ପରା ଓ ସଂସ୍କୃତିର ପବିତ୍ର ମାଟି ଚୌଦ୍ୱାର। ବହୁ ପୁରାତନ କାଳରୁ ଏହାର ଗୌରବ ପ୍ରଚାରିତ। ପଞ୍ଚକଟକ ମଧ୍ୟରୁ ଚୌଦ୍ୱାରକୁ ବିରାଟ କଟକ ବୋଲି ମଧ୍ୟ କୁହାଯାଇଥାଏ। ଲୋକକଥାରେ ସୋମବଂଶୀ ଓ ଭୌମବଂଶୀ ରାଜାମାନେ ଚୌଦ୍ୱାର ନଗରରେ ଶାସନ କରୁଥିବା ବେଳେ ନାନା ଶୈବପୀଠମାନ ଗଢ଼ି ଉଠିଥିଲା। ସୋମବଂଶୀ ରାଜାମାନେ ଶୈବଧର୍ମୀ ଥିବା ସହ ଶିବଙ୍କ ଉପାସକ ଥିଲେ।





ବିଶ୍ୱଜିତ ଭଞ୍ଜ

କଟକ ଜିଲ୍ଲାର ଚୌଦ୍ୱାର ନିକଟସ୍ଥ ଆଗ୍ରାହାଟ ଗ୍ରାମରେ ପୂଜା ପାଉଛନ୍ତି ଅଷ୍ଟଶମ୍ଭୁ ବାବା ଉତ୍ତରେଶ୍ୱର। ଚୌଦ୍ୱାରରେ ବହୁ ପୁରାତନ ମନ୍ଦିର ରହିଛି। ସେଥିମଧ୍ୟରୁ ଉତ୍ତରେଶ୍ୱର ମନ୍ଦିର ଅନ୍ୟତମ। ଐତିହାସିକ ଦୃଷ୍ଟିକୋଣରୁ ବିଚାରକଲେ ଜଣାଯାଏ ଯେ ରାଜା ଯଯାତୀ କେଶରୀ ବା ଜନ୍ମେଜୟ ଦେବ ଉତ୍କଳ ଅଧିକାର କଲାପରେ ଚୌଦ୍ୱାର ଠାରେ ନିଜର ରାଜଧାନୀ ସ୍ଥାପନ କରିଥିଲେ। ଆଗ୍ରାହାଟ ଗ୍ରାମରେ ଥିବା ଉତ୍ତରେଶ୍ୱର ଶିବ ମନ୍ଦିର ନିକଟରେ ସେ ଏକ ବିରାଟ ସର୍ପମେଧ ଯଜ୍ଞର ଆୟୋଜନ ମଧ୍ୟ କରିଥିଲେ। ଅନେକ ଐତିହ୍ୟ ବହନ କରୁଥିବା ଏହି ମନ୍ଦିରର ଉପରଅଂଶ ଭାଙ୍ଗିଗଲାଣି, ଅନେକ ପ୍ରସ୍ତର ଖସିପଡ଼ିଲାଣି। ଏପରିକି ମନ୍ଦିରର ପ୍ରସ୍ତର ଉପରେ ବଡ଼ ବଡ଼ ଗଛ ଏବଂ ଲତା ମାଡ଼ି ମନ୍ଦିରର ସୌନ୍ଦର୍ଯ୍ୟକୁ ବହୁ ମାତ୍ରାରେ ନଷ୍ଟ କରିସାରିଲେଣି। ମନ୍ଦିରର ଉତ୍ତରଦିଗରେ ଏକ ପୁଷ୍କରିଣୀ ଓ ପୂର୍ବପାଖରେ ସର୍ପମେଧ ଯଜ୍ଞକୁଣ୍ଡ ରହିଛି। ଏହି ମନ୍ଦିରକୁ ଉତ୍ତରାବାଳି ମନ୍ଦିର ବୋଲି ମଧ୍ୟ କୁହାଯାଏ। ଲୋକକଥା ଅନୁଯାୟୀ ବିରାଟ ରାଜାଙ୍କ ଝିଅ ଉତ୍ତରା ଏହାକୁ ନିର୍ମାଣ କରିଥିବାରୁ ଏହାର ଏପରି ନାମକରଣ ହୋଇଛି। କିନ୍ତୁ ପୁରୀ ମାଦଳା ପାଞ୍ଜି ଓ ଅନ୍ୟାନ୍ୟ ଶାସ୍ତ୍ରରୁ ଦେଖିବାକୁ ମିଳେ ଯେ ଏହି ଉତ୍ତରେଶ୍ୱର ଶିବମନ୍ଦିର ରାଜା ଜନ୍ମେଜୟ ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ମାଦଳା ପାଞ୍ଜି କହେ, ସର୍ପଯଜ୍ଞ କୁଣ୍ଡଟି ଉତ୍ତରେଶ୍ୱର ମହାଦେବଙ୍କ ସାମ୍ନାରେ ପ୍ରାୟ ଶହେ ଗଜ ଦୂରରେ ଅବସ୍ଥିତ ଯାହାକି ପୂର୍ବରୁ ପୋତି ହୋଇଯାଇଥିଲା। ୧୯୭୬ ମସିହାରେ ଜଣେ ବ୍ରାହ୍ମଣ ପୂଜକ ସ୍ୱପ୍ନରେ ଏ ସ୍ଥାନଟିକୁ ସର୍ପଯଜ୍ଞ କୁଣ୍ଡ ବୋଲି ଜାଣିପାରିଥିଲେ। ପରେ ଏହାକୁ ଖୋଳାଯିବା ଦ୍ୱାରା ଏହି କୁଣ୍ଡଟି ବାହାରିଥିଲା। କୁଣ୍ଡଟିର ଲମ୍ବ, ପ୍ରସ୍ଥ ଓ ଗଭୀର ପ୍ରତ୍ୟେକ ୧୦ଫୁଟ୍ ରହିଛି। ଏଥିମଧ୍ୟରୁ ବହୁ ଅଙ୍ଗାର ଓ ଯଜ୍ଞ ଉପକରଣ ତଥା ଏକ ପ୍ରସ୍ଥର ପଦ୍ମଫୁଲ ବାହାରିଲା ଯାହାକି ଏବେ ମଧ୍ୟ ମନ୍ଦିରରେ ରହିଛି। ଏହି ଯଜ୍ଞକୁଣ୍ଡ କଥା ପୁରାଣରେ ବର୍ଣ୍ଣିତ। ଜନ୍ମେଜୟଙ୍କ ପିତା ପରୀକ୍ଷିତଙ୍କୁ ତକ୍ଷକ ଦଂଶନ କରିବାରୁ ସର୍ପକୂଳ ତଥା ତକ୍ଷକର ଧ୍ୱଂସ ପାଇଁ ଏବଂ ପିତୃହନ୍ତାର ପ୍ରତିଶୋଧ ନେବା ପାଇଁ ଏହି କୁଣ୍ଡରେ ସେ ସର୍ପମାରିଣୀ ଯଜ୍ଞ କରିଥିଲେ। ସ୍ୱର୍ଗରାଜ ଇନ୍ଦ୍ର ମଧ୍ୟ ତକ୍ଷକ ସହ ମନ୍ତ୍ର ବଳରେ ଏଠାକୁ ଟଣା ହୋଇ ଆସିଥିଲେ ବୋଲି କୁହାଯାଏ। ବର୍ତ୍ତମାନ ରାଜ୍ୟ ସରକାର ରାଜ୍ୟବ୍ୟାପୀ ଐତିହ୍ୟ ଓ ସଂସ୍କୃତିର କୀର୍ତ୍ତିସ୍ଥଳୀ ମଠ ମନ୍ଦିରର ପୁନରୁଦ୍ଧାର କରିବା ସହ ଏଥିପ୍ରତି ଯତ୍ନବାନ ହେଉଛନ୍ତି। ସରକାରଙ୍କର '୫-ଟି' ଯୋଜନାରେ ଏହି ଶୈବପୀଠର ପୁନରୁଦ୍ଧାର କରିବା ପାଇଁ ଅଞ୍ଚଳବାସୀଙ୍କ ଦାବି କରିଛନ୍ତି।

# ପିତଳ ମାଛକୁ 'ନା'

**ଦୀର୍ଘ ତିନି ଶହ ବର୍ଷ ଧରି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାରେ ତିଆରି ହେଉଛି ବିଶ୍ୱ ପ୍ରସିଦ୍ଧ ପିତଳ ମାଛ। ଏହି ଶିଳ୍ପ ପାଇଁ ଆବଶ୍ୟକ କର୍ମଶାଳା ବେଲଗୁଣ୍ଠାରେ ନ ଥିବାରୁ ତାଲିମ୍ ପ୍ରାପ୍ତ କାରିଗରମାନେ ଅନ୍ୟତ୍ର ଚାଲିଯାଉଥିବା ଦେଖିବାକୁ ମିଳିଛି। ଦଶ ଇଞ୍ଚ ଲମ୍ବର ମାଛ ତିଆରି ପାଇଁ ଦୁଇଦିନ ସମୟ ଲାଗେ। ଏଥିରେ ପ୍ରାୟ ୭୦୦ ଟଙ୍କାର କଞ୍ଚାମାଲ୍ ଖର୍ଚ୍ଚ ହୋଇଥାଏ। ବର୍ତ୍ତମାନ ବେଲଗୁଣ୍ଠାରେ ପ୍ରକାଶ ମହାରଣା ଏବଂ ପ୍ରଦୀପ ମହାରଣା ପିତଳ ମାଛ ପ୍ରସ୍ତୁତ କରୁଥିବା ବେଳେ ତାଙ୍କ ଉତ୍ତରପୀଢ଼ୀ ଯୁବ ଗୋଷ୍ଠୀ ଏଥିରୁ ମୁହଁ ଫେରାଇ ନେଇଥିବା ଜଣାପଡ଼ିଛି। ଏଥିପ୍ରତି ସରକାର ଦୃଷ୍ଟି ଦେଲେ ଏହି ଶିଳ୍ପ ପୁଣି ଉଜ୍ଜୀବିତ ହୋଇପାରିବ।**



ବିନ୍ଦୁପ୍ରିୟା ଦାସ

ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାରେ ତିଆରି ହେଉଛି ବିଶ୍ୱ ପ୍ରସିଦ୍ଧ ପିତଳ ମାଛ। ଏହି ହସ୍ତଶିଳ୍ପ ବ୍ରହ୍ମପୁର ସହର ବେଲଗୁଣ୍ଠାକୁ ସମଗ୍ର ବିଶ୍ୱରେ ପରିଚିତ କରାଇଛି। ଏହି ହସ୍ତ ଶିଳ୍ପର ଇତିହାସ ଅତି ସ୍ୱତନ୍ତ୍ର ଓ ନିର୍ଜୀବ ପିତଳ ଚଦରରୁ ପ୍ରସ୍ତୁତ ପିତଳ ମାଛ ଜୀବନ୍ତ ମାଛ ଭଳି ପ୍ରତୀୟମାନ ହୋଇ ସାରା ବିଶ୍ୱବାସୀଙ୍କୁ ଚକିତ କରିଛି। ବେଲଗୁଣ୍ଠାରେ ପ୍ରସ୍ତୁତ ପିତଳ ମାଛ ସମଗ୍ର ଓଡ଼ିଶାରେ ଏକ ପ୍ରମୁଖ ଉପହାରର ସ୍ଥାନ ନେଇଛି। ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପିତଳ ମାଛର ଚାହିଦା ଖୁବ୍ ବେଶୀ। ବେଲଗୁଣ୍ଠାର ବିଶିଷ୍ଟ ପିତଳ ମାଛ ଶିଳ୍ପୀ ପ୍ରକାଶ ମହାରଣାଙ୍କ କହିବା ପ୍ରକାରେ ପିତଳ ମାଛ ଶିଳ୍ପକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିପାରିଲେ ଏହାର ସୁଦୂର ପ୍ରସାରୀ ପ୍ରଚାର ପ୍ରସାର ହେବା ସହିତ ଏହି ଶିଳ୍ପ ପ୍ରତି ଯୁବ ଗୋଷ୍ଠୀଙ୍କ ପାଇଁ ଆଗ୍ରହ ବଢ଼ି ପାରନ୍ତା। ଏହା ସହିତ ଏହି ଶିଳ୍ପ ପାଇଁ ଯୁବଗୋଷ୍ଠୀଙ୍କୁ ଉପଯୁକ୍ତ ତାଲିମ୍ ପ୍ରଦାନର ଆବଶ୍ୟକ ରହିଛି। ଶ୍ରୀ ମହାରଣାଙ୍କ ସୂଚନା ପ୍ରକାରେ ୧୮୭୩ ମସିହାରେ ପିତଳ ମାଛ ତିଆରି ଆରମ୍ଭ ହୋଇଥିଲା। ଯାହା ତତକାଳୀନ ଭଞ୍ଜବଂଶୀୟ ରାଜା ରାମଚନ୍ଦ୍ର ଭଞ୍ଜଙ୍କୁ ବିମୁଗ୍ଧ କରିଥିଲା। ଏହି ଶିଳ୍ପ ନାନା ବାଧାବିଘ୍ନ ଦେଇ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲିଥିଲା। ପ୍ରକାଶ ମହାରଣା ୧୯୯୦ ମସିହାରେ ମାଷ୍ଟର କ୍ରାଫ୍ଟସ୍ ମ୍ୟାନ୍ ରୂପେ ନିଯୁକ୍ତି ହେବାପରେ ୧୯୯୨/୯୩ ମସିହାରେ କିଛି ପିଲାଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ପୁଣି ଏହାର ତିନି ବର୍ଷ ପରେ ୧୯୯୫/୯୬ ମସିହାରେ ଏବଂ ଏହାର ନଅ ବର୍ଷ ବ୍ୟବଧାନରେ ୨୦୦୪/୦୫ ମସିହାରେ କିଛି ପିଲାଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ଏହାର ଦୀର୍ଘ ପନ୍ଦର ବର୍ଷ ପରେ ୨୦୧୯/୨୦ ରେ ଧରାକୋଟ ବ୍ଲକ ଜଗମୋହନ ଗ୍ରାମରେ ଏବଂ ୨୦୨୧/୨୨ରେ ବେଲଗୁଣ୍ଠା ଏନ୍ଏସି ରଙ୍ଗଣୀପାଟଣା ଗ୍ରାମର ୧୫ ଜଣ ପିଲାଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ବହୁ ସମୟ ବ୍ୟବଧାନରେ ଅତି କମ୍ ପିଲାଙ୍କୁ ତାଲିମ୍ ପ୍ରଦାନ କରାଯାଉଥିବାରୁ ପିତଳ ମାଛ ପାଇଁ ଆବଶ୍ୟକ କାରିଗର ସୃଷ୍ଟି ହୋଇପାରୁନଥିବା ଶ୍ରୀ ମହାରଣା ପ୍ରକାଶ କରିଛନ୍ତି। ଦଶ ଇଞ୍ଚ ଲମ୍ବର ମାଛ ତିଆରି ପାଇଁ ଦୁଇଦିନ ସମୟ ଲାଗେ। ଏଥିରେ ପ୍ରାୟ ୭୦୦ ଟଙ୍କାର କଞ୍ଚାମାଲ୍ ଖର୍ଚ୍ଚ ହୋଇଥାଏ। ସେହି ମାଛଟି ମାତ୍ର ୧୦୦୦ ଟଙ୍କାରେ ବିକ୍ରି ହୋଇଥାଏ। ଏହାର ଅର୍ଥ ଜଣେ ଶିଳ୍ପୀ ଦୁଇ ଦିନରେ ମାତ୍ର ତିନିଶହ ଟଙ୍କା ଅର୍ଥାତ୍ ତାର ଦୈନିକ ରୋଜଗାର ମାତ୍ର ଦେଢଶହ ଟଙ୍କା ହୋଇଥାଏ। ଯାହା ଫଳରେ ଯୁବକମାନେ ପିତଳ ମାଛ ଶିଳ୍ପରୁ ମୁହଁ ଫେରାଇ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ରାସ୍ତା ଆପଣାଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ବେଲଗୁଣ୍ଠାରେ ପ୍ରକାଶ ମହାରଣା ଏବଂ ପ୍ରଦୀପ ମହାରଣା ପିତଳ ମାଛ ପ୍ରସ୍ତୁତ କରୁଥିବା ବେଳେ ତାଙ୍କ ଉତ୍ତରପୀଢି ଯୁବ ଗୋଷ୍ଠୀ କିନ୍ତୁ ଏଥିରୁ ମୁହଁ ଫେରାଇ ନେଇଥିବା ଜଣାପଡ଼ିଛି। ତେଣୁ ଯୁବଗୋଷ୍ଠୀଙ୍କୁ ପିତଳ ମାଛ ଶିଳ୍ପ ପ୍ରତି ଆକୃଷ୍ଟ କରି ଏହି ଶିଳ୍ପକୁ ବଞ୍ଚାଇ ରଖିବାକୁ ହେଲେ ଯୁବ କାରିଗର ଗୋଷ୍ଠୀଙ୍କୁ ନିୟମିତ ତାଲିମ୍, ଉପଯୁକ୍ତ ପାରିଶ୍ରମିକ, ବିନା ଜିଏସଟିରେ ଋଣ, ଷ୍ଟାଇପେଣ୍ଡ, କର୍ମଶାଳା ନିର୍ମାଣ ଏବଂ କାରିଗର ଭତ୍ତା ପ୍ରଦାନର ଆବଶ୍ୟକ ରହିଛି ବୋଲି ଶିଳ୍ପୀ ଶ୍ରୀ ମହାରଣା ପ୍ରକାଶ କରିଛନ୍ତି। ଏହି ଶିଳ୍ପ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଅପେକ୍ଷା କରିଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେଲେ ଏହି ଶିଳ୍ପ ପୁଣି ଉଜ୍ଜୀବିତ ହୋଇପାରିବ।





# ସ୍ୱାବଲମ୍ବନର ନୂଆ ଆଶା ମୁରୁଗା

**ଦିନ ଥିଲା, 'ମୁରୁଗା'ରୁ ପ୍ରସ୍ତୁତ ଦଉଡ଼ି, ବ୍ୟାଗ୍, ପା'ପୋଛ, ଭଳିକିଭଳି ହାତତିଆରି କଣ୍ଢେଇ ଓ ବିଭିନ୍ନ ଘରୋଇ ଉପକରଣ ପାଇଁ କେନ୍ଦୁଝର ଜିଲ୍ଲାର ଏକ ନିଆରା ପରିଚୟ ଥିଲା। କୁହାଯାଏ, ମୁରୁଗାରୁ ପ୍ରସ୍ତୁତ ଦଉଡ଼ି ଏତେ ଟାଣ ଯେ ଏହାକୁ ପାଣି ଜାହାଜରେ ମଧ୍ୟ ବିଭିନ୍ନ କାମରେ ବ୍ୟବହାର କରାଯାଉଥିଲା। ଖାଲି ସେତିକି ନୁହେଁ, ମୁରୁଗା ଗଛ କଟାଯିବା ପରେ ଗଛ ମଝିରୁ ବାହାରୁଥିବା ଲମ୍ବା ଶଣ୍ଢାରୁ ରୋଲ୍‌ବାଡ଼ି, ପୁଲିସ୍ ଠେଙ୍ଗିଣି ଏବଂ ସ୍କେଲ ମଧ୍ୟ ତିଆରି ହେଉଥିଲା। ଏହି ସାମଗ୍ରୀଗୁଡ଼ିକର ଆୟୁଷ ଖୁବ୍ ଅଧିକ। କିନ୍ତୁ ସମୟକ୍ରମେ ଏବେ ଆଉ ମୁରୁଗା ପ୍ରସ୍ତୁତ ସାମଗ୍ରୀ ଦେଖିବାକୁ ମିଳୁନାହିଁ।**





ଶରତ ଦାଶ

ଏକଦା ବହୁଳ ବ୍ୟବହୃତ ମୁରୁଗା ସାମଗ୍ରୀର ଚାହିଦା କ୍ରମେ କମିବାର ଗୋଟିଏ ବଡ଼ ଓ ପ୍ରମୁଖ କାରଣ ହେଲା, ପ୍ଲାଷ୍ଟିକ୍ ଓ ଫାଇବର୍‌ର ବ୍ୟବହାର। ଧୀରେଧୀରେ ପ୍ଲାଷ୍ଟିକ୍ ଏବଂ ଫାଇବର୍‌ର ବ୍ୟବହାର ବଢ଼ିବାରୁ ବର୍ଷବର୍ଷ ଧରି ପିଢ଼ି ପରେ ପିଢ଼ି ଚାଲିଆସୁଥିବା ମୁରୁଗା ଚାଷ କ୍ଷତିଗ୍ରସ୍ତ ହେଲା। ଟିକିଏ ଶସ୍ତାରେ ପ୍ଲାଷ୍ଟିକ୍ ସାମଗ୍ରୀ ମିଳିଯାଉଥିବାରୁ ଲୋକେ ଆଉ ଏଥିପ୍ରତି ଆଗ୍ରହ ଦେଖାଇଲେ ନାହିଁ। ତା' ସାଙ୍ଗକୁ ମିଳୁଥିବା ସରକାରୀ ପ୍ରୋତ୍ସାହନ ମଧ୍ୟ ବନ୍ଦ ହୋଇଗଲା। କ୍ଷତି ସହି ଏହି ମୁରୁଗା ଚାଷ କରିବାକୁ ଆଗ୍ରହ ଦେଖାଇଲେ ନାହିଁ। ଫଳରେ ୨୦/୨୫ବର୍ଷ ତଳୁ ଏହି ଚାଷ ନାମକୁ ମାତ୍ର କାଁ ଭାଁ ହେଉଛି। କିନ୍ତୁ ଏବେ ପୁଣିଥରେ ସମୟ ବଦଳିଛି। ସମାଜ ଓ ଜୀବଜଗତ ପାଇଁ କ୍ଷତିକାରକ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାରରେ ଅତିଷ୍ଠ ମଣିଷ ଏବେ ପୁଣି ପାରମ୍ପରିକ ଜିନିଷକୁ ଆଦରି ନେବାକୁ ନିଜକୁ ପ୍ରସ୍ତୁତ କରୁଛି। ପ୍ଲାଷ୍ଟିକ୍‌ର ବ୍ୟବହାରକୁ ଯେତେ କମ୍ କରାଯାଇପାରିବ, ଏବେ ପୂରା ବିଶ୍ୱ ତାହା ଉପରେ ତର୍ଜମା ଚଳାଇଛି। ଏପରିସ୍ଥଳେ କେନ୍ଦୁଝର ଜିଲ୍ଲାବାସୀଙ୍କୁ ଅତୀତରେ ନିଆରା ପରିଚୟ ଦେଇଥିବା ମୁରୁଗା ଚାଷ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ବୁଦ୍ଧିଜୀବୀ ଓ କୃଷି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଖାଲି ସେତିକି ନୁହେଁ, ଏହି ଚାଷ ଜିଲ୍ଲାର ହଜାର ହଜାର ଚାଷୀ ବିଶେଷକରି ମହିଳା ଚାଷୀଙ୍କ ପାଇଁ ରୋଜଗାରର ଏକ ବିକଳ୍ପ ଭାବେ ଉଭା ହୋଇପାରିବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି।

ମୁରୁଗା ଏକ ଗ୍ରୀଷ୍ମମଣ୍ଡଳୀୟ ଉଦ୍ଭିଦ। ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨୦/୨୫ବର୍ଷ ତଳେ ୪/୫ଟି ବ୍ଲକ୍‌ର ୨୦ରୁ ଊର୍ଦ୍ଧ୍ୱ ଗ୍ରାମରେ ମୁରୁଗା ବା ସିସାଲ୍ ଚାଷ ହେଉଥିଲା। ଜିଲ୍ଲାର ଘଟଗାଁ, ହରିଚନ୍ଦନପୁର, ପାଟଣା ଓ ସାହାରପଡ଼ା ବ୍ଲକରେ ଏହି ଚାଷ ବହୁଳ ଭାବେ ହେଉଥିବା ବେଳେ ଅନ୍ୟ ବ୍ଲକ୍‌ଗୁଡ଼ିକରେ ବି ହେଉଥିଲା। ବିଶେଷକରି ଘଟଗାଁ ବ୍ଲକର ସାନବରବେଡ଼ାର ୩୦ ହେକ୍ଟର, ବଡ଼ ମସିଣାବିଲାର ୩୦ ହେକ୍ଟର, ଟିକିରାରେ ୧୨ ହେକ୍ଟର, ପିପିଳିଆରେ ୩୩.୬୦ ହେକ୍ଟର, ଚିକିଣିଆରେ ୧୨.୮୦ ହେକ୍ଟର, ବାଙ୍କପାଟୁଳିର ୬ ହେକ୍ଟର, କାଶିବେଡାର ୮ ହେକ୍ଟର, ଖଣ୍ଟଘରର ୧୮ ହେକ୍ଟର୍, ବାଟ ହରିଚନ୍ଦନପୁରର ୪ ହେକ୍ଟର, ଦେହୁରୀପଶିର ୮ ହେକ୍ଟର, କପାଶପଡ଼ାର ୬ ହେକ୍ଟର ସମେତ ସମୁଦାୟ ୧୬୮.୪୦ ହେକ୍ଟରରେ ମୁରୁଗା ଗଛର ଚାଷ ହେଉଥିଲା। ସାଧାରଣତଃ ମୁରୁଗା ଗଛକୁ ନିପାଣିଆ ଜମିରେ ଲଗା ଯାଇଥାଏ। ମୃତ୍ତିକାକ୍ଷୟ ରୋକିବାରେ ଏହି ଗଛର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ସେହିପରି ମୁରୁଗା ଗଛଗୁଡ଼ିକର ଉପର ଅଂଶ କଣ୍ଟାଳିଆ ହୋଇଥିବାରୁ ଏବଂ ପତ୍ରଗୁଡ଼ିକ ଶକ୍ତ ଥିବାରୁ ଏ ଗଛଗୁଡ଼ିକୁ ଜମିର ସୁରକ୍ଷା ବାଡ଼ ହିସାବରେ ମଧ୍ୟ ବ୍ୟବହାର କରାଯାଉଥିଲା।

ମୁରୁଗା ଗଛ ବଡ଼ ହେବା ପରେ ପାକଳ ପତ୍ରଗୁଡ଼ିକୁ ଯତ୍ନ ସହକାରେ କାଟି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ଆଖୁପେଡ଼ା ପରି ମେସିନ୍‌ରେ ପ୍ରଥମେ ପେଡ଼ି ଦିଆଯାଉଥିଲା। ପେଡ଼ିବା ବେଳେ ସେଥିରୁ ଆଖୁ ରସ ଭଳି ବାହାରୁଥିଲା ଏବଂ ତନ୍ତୁ ଅଂଶ ବଳକା ରହିଯାଉଥିଲା। ତନ୍ତୁକୁ ପାଣି କୁଣ୍ଡରେ ଭଲ ଭାବେ ଧୋଇବା ପରେ ଶୁଖାଇ ରଖାଯାଉଥିଲା। ପରେ ଏହାକୁ ବିଭାଗର ଷ୍ଟୋର୍‌କୁ ପଠାଇ ଦିଆଯାଉଥିଲା। ଏଥିରୁ ଅତ୍ୟନ୍ତ ଶକ୍ତ ଏବଂ ଅନେକ ଦିନ ପର୍ଯ୍ୟନ୍ତ ବ୍ୟବହାର ହେଉଥିବା ଜାହାଜ ଦଉଡ଼ି, ଅନ୍ୟାନ୍ୟ ସ୍ଥାନରେ ବ୍ୟବହୃତ ଦୀର୍ଘସ୍ଥାୟୀ ଦଉଡ଼ି, ଭଳିକିଭଳି ହାତତିଆରି କଣ୍ଢେଇ ତିଆରି କରାଯାଇ ବିକ୍ରୟ କରାଯାଉଥିଲା। ସେତେବେଳେ ଅଞ୍ଚଳର ମହିଳାମାନେ ଏହି ଚାଷ କରି ଏଥିରୁ ରୋଜଗାର ଅର୍ଜନ କରୁଥିଲେ। କିନ୍ତୁ ଏବେ ଆଉ ସେଭଳି ମୁରୁଗା ଚାଷ ହେଉନାହିଁ କିମ୍ବା ବିଭାଗ ପକ୍ଷରୁ ମିଳୁଥିବା ସହାୟତା ମଧ୍ୟ ଦିଆଯାଉନାହିଁ। ତେଣୁ ଚାଷୀମାନେ ଏହି ଚାଷ ଛାଡ଼ିବାକୁ ବାଧ ହୋଇଛନ୍ତି। ବର୍ତ୍ତମାନ କେବଳ ମୁରୁଗାର ସନ୍ତକ ଭଳି ସେ ଅଞ୍ଚଳଗୁଡ଼ିକରେ କେତେକ ଗଛ ଦଣ୍ଡାୟମାନ ଅଛି। କିଛି କିଛି ସ୍ଥାନରେ ଏହାକୁ ଦଉଡ଼ି ଭାବେ ବ୍ୟବହାର ନିମନ୍ତେ ଅଳ୍ପ ଚାଷ କରାଯାଉଛି। ବର୍ତ୍ତମାନ ପ୍ଲାଷ୍ଟିକ୍ ଓ ଫାଇଭର ଭଳି ପ୍ରଦୂଷଣ ସୃଷ୍ଟି କରୁଥିବା ସମାଜ ପାଇଁ କ୍ଷତିକାରକ ସାମଗ୍ରୀର ବ୍ୟବହାରକୁ କମ୍ କରି ଜୈବିକ ପଦାର୍ଥରେ ପ୍ରସ୍ତୁତି ସାମଗ୍ରୀ ପ୍ରତି ଗୁରୁତ୍ୱ ଦିଆଯାଉଛି। ମିଶନ୍ ଶକ୍ତି ମାଧ୍ୟମରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତି କରାଯାଇ ମହିଳାଙ୍କୁ ରୋଜଗାର ଦିଆଯିବା ସହ ପ୍ରଦୂଷଣ ରୋକାଯାଉଛି। ସେ କ୍ଷେତ୍ରରେ ମୁରୁଗା ଏକ ନୂଆ ଆଶା ସଞ୍ଚାର କରିଛି। ମହିଳାଙ୍କ ରୋଜଗାର ପାଇଁ ମୁରୁଗା ଏକ ସଞ୍ଜୀବନୀ ସାଜିବ ବୋଲି ମତପ୍ରକାଶ ପାଇଛି। ମୃତ୍ତିକା ସଂରକ୍ଷଣ ବିଭାଗ ପୁନଃ ମୁରୁଗା ଚାଷ ପ୍ରତି ଦୃଷ୍ଟି ଦେଲେ ମୃତ୍ତିକା ସଂରକ୍ଷଣ ସହ ନିପାଣିଆ ଶୁଷ୍କ ଜମିର ପୁନରୁଦ୍ଧାର ହେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ରୋଜଗାର ମିଳିପାରନ୍ତା। ମିଶନ୍ ଶକ୍ତି ଦ୍ୱାରା ସ୍ଥାନୀୟ ମହିଳା ଏସ୍‌ଏଚ୍‌ଜି ମାଧ୍ୟମରେ ମୁରୁଗାରେ ବିଭିନ୍ନ ଆଧୁନିକ ଘର ଉପକରଣ ପ୍ରସ୍ତୁତି ଓ ବିପଣନର ସୁଯୋଗ ପ୍ରଦାନ କରାଗଲେ, ତାହା ସେମାନଙ୍କ ପାଇଁ ସଞ୍ଜୀବନୀ ପାଲଟି ପାରନ୍ତା ବୋଲି ମତ ପ୍ରକାଶ ପାଇଛି।








# ୨୦୨୩ର ଟେକ୍ନୋଲୋଜି ଟ୍ରେଣ୍ଡ



ଟେକ୍ନୋଲୋଜି ସାଧାରଣ ଲୋକଙ୍କ ଜୀବନକୁ ଅଧିକ ସହଜ କରିଛି। ପ୍ରତିବର୍ଷ କିଛି ନୂଆ ଟେକ୍ନୋଲୋଜି ଆସିଥାଏ। ଯେଉଁଠାରେ ୨୦୨୧ରୁ ୨୦୨୨ ପର୍ଯ୍ୟନ୍ତ ମେସିନ୍ ଲର୍ଣ୍ଣିଂଠାରୁ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ) ପର୍ଯ୍ୟନ୍ତ ଅନେକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ତେବେ ବର୍ଷ ୨୦୨୩ ମଧ୍ୟ ନୂତନ ଟେକ୍ନୋଲୋଜି ଦୃଷ୍ଟିରୁ ବହୁତ ସ୍ୱତନ୍ତ୍ର ହେବାକୁ ଯାଉଛି। ଏଠାରେ ଆମେ ଚଳିତବର୍ଷର ଶ୍ରେଷ୍ଠ ୭ ନୂତନ ଟେକ୍ନୋଲୋଜି ବିଷୟରେ ଆଲୋଚନା କରିବା। ସେଗୁଡ଼ିକ ହେଉଛି...

## ଏଆଇ ଚାଟ୍‌ଜିପିଟି

ଚଳିତବର୍ଷ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ଚାଟ୍‌ଜିପିଟି ସବୁଠାରୁ ଲୋକପ୍ରିୟ ଥିଲା। ଆଇଟି ବିଶେଷଜ୍ଞଙ୍କ ମତରେ ଏହା ଅନେକ କାର୍ଯ୍ୟରେ ମଣିଷର ସ୍ଥାନ ନେଇପାରେ। ୨୦୨୩ରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ହେଉ ଆଇଟି କ୍ଷେତ୍ରର ସବୁଠୁ ବଡ ଟେକ୍ନେଲୋଜି ଟ୍ରେଣ୍ଡ କହିଲେ ଭୁଲ୍ ହେବ ନାହିଁ।

## ମେଟାଭର୍ସ ଏବଂ ୱେବ୍ ୩.୦

ଚଳିତବର୍ଷ ମେଟାଭର୍ସ ଏବଂ ୱେବ୍ ୩.୦ ଏପରି ଏକ ଟେକ୍ନେଲୋଜି ଟ୍ରେଣ୍ଡ ରହିଥିଲା ଯାହାକି ଉପଭୋକ୍ତା ଅଭିଜ୍ଞତାକୁ ସମ୍ପୂର୍ଣ୍ଣ ବଦଳାଇପାରେ। ଏହା ଏପରି ଏକ ଭର୍ଚୁଆଲ୍ ଦୁନିଆ ହେବ, ଯାହାକୁ ଲୋକମାନେ ବାସ୍ତବ ଜୀବନରେ ଦେଖିପାରିବେ। ମେଟାଭର୍ସ ସାହାଯ୍ୟରେ ଲୋକମାନେ ଶାରୀରିକ ଭାବରେ କୌଣସି ସ୍ଥାନକୁ ନ ଯାଇ ଭର୍ଚୁଆଲ୍ ହାଉସ୍, ଭର୍ଚୁଆଲ୍ ରୋଡ୍, ଟ୍ରେନ୍ ଏବଂ କାର୍ ଦେଖିପାରିବେ।

## ସୁପର ଆପ୍

ସୁପର ଆପ୍ ମାଧ୍ୟମରେ ୟୁଜର ଗୋଟିଏ ଆପରୁ ଅନେକ ଜିନିଷକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେବେ। ଏକ ଟେକ୍ନୋଲୋଜି ରିସର୍ଚ୍ଚ କମ୍ପାନୀ ଅନୁଯାୟୀ, ଆଗାମୀ ଦିନରେ ବିଶ୍ୱ ର ଦୈନିକ ୫୦%ରୁ ଅଧିକ ସକ୍ରିୟ ଉପଭୋକ୍ତା ସୁପର ଆପ୍ ବ୍ୟବହାର କରିବେ। ଉପଭୋକ୍ତାମାନେ ଗୋଟିଏ ଆପ୍ ସାହାଯ୍ୟରେ ସଞ୍ଚୟ ଖାତା, କ୍ରେଡିଟ୍ କାର୍ଡ, ଫଣ୍ଡ, ଷ୍ଟକ୍, ଗ୍ରୋସରୀ ଏବଂ ବୀମା ପଲିସି ଟ୍ରାକ୍ କରିବାକୁ ସମର୍ଥ ହେବେ।

## ବ୍ଲକ୍‌ଚେନ୍

ବ୍ଲକ୍ ଚେନ୍ ଟେକ୍ନୋଲୋଜି କ୍ରିପ୍ଟୋକରେନ୍ସି ଏବଂ ଅନ୍ୟାନ୍ୟ ଡାକ୍ତରୀ ତଥ୍ୟ ପରି ସୂଚନା ରକ୍ଷା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ବିଶ୍ୱ ଯୋଗାଣ ଶୃଙ୍ଖଳାର ଉନ୍ନତି ପାଇଁ ଏହା ମଧ୍ୟ ବ୍ୟବହୃତ ହେବ।






## ୫ଜି ସେବା

ଚଳିତବର୍ଷ ଦେଶରେ ୫ଜି ସେବାର ଶୁଭାରମ୍ଭ କରାଯାଇଥିଲା। ୫ଜି ସମେତ ଲୋକେ ହାଇପର-କନେକ୍ଟିଭିଟି ସୁବିଧା ପାଇଛନ୍ତି।

## ୱେରଲେସ୍ ଲାପଟପ୍ ଚାର୍ଜର

ବର୍ତ୍ତମାନ ପର୍ଯ୍ୟନ୍ତ ଆପଣ କେବଳ ସ୍ମାର୍ଟଫୋନ୍ ପାଇଁ ୱେରଲେସ୍ ଚାର୍ଜର ବିଷୟରେ ଶୁଣିଥିବେ। ଆପଣ ଶୁଣି ଖୁସି ହେବେ ଯେ ଆଗାମୀ ସମୟରେ ଆପଣ ଲାପଟପ୍ ପାଇଁ ୱେରଲେସ୍ ଚାର୍ଜର ମଧ୍ୟ ପାଇପାରିବେ। ଖୁବ୍ ଶୀଘ୍ର ବଜାରରେ ଏପରି ଚାର୍ଜରର ପ୍ରଚଳନ କରାଯିବ।

## ମନୁଷ୍ୟ କାମରେ ରୋବୋର ବ୍ୟବହାର

ଚଳିତବର୍ଷ ରୋବୋଗୁଡିକ ରୂପ ଏବଂ ସାମର୍ଥ୍ୟ ଦୃଷ୍ଟିରୁ ମନୁଷ୍ୟ ପରି କାର୍ଯ୍ୟ କରିଛନ୍ତି। ଏଥିରେ ପ୍ରଥମ କରି ରୋବୋଗୁଡିକୁ ବିଭିନ୍ନ କାର୍ଯ୍ୟକ୍ରମରେ ଅଭିବାଦନକାରୀ, ଦରୱାନ୍ ଏବଂ ହୋଟେଲ ଏବଂ ରେସ୍ତୋରାଁରେ ୱେଟର ଭାବେ ବ୍ୟବହାର କରାଯାଇଛି।

# ଚର୍ଚ୍ଚାରେ ଟେକ୍ନୋ କିଙ୍ଗ 'ଏଲନ୍ ମସ୍କ'

**ମା**ଇକ୍ରୋବ୍ଲଗିଂ ସାଇଟ୍ ଟ୍ୱିଟର ମାଲିକ ଏଲନ୍ ମସ୍କ ଚଳିତବର୍ଷ ଜୁଲାଇ ୩୦ରେ ଟ୍ୱିଟରର ନାମ 'ଏକ୍ସ'କୁ ପରିବର୍ତ୍ତନ କରିଥିଲେ। ସମସ୍ତ ଆଇଫୋନ୍ ଏବଂ ଆଣ୍ଡ୍ରଏଡ୍ ଆପ୍ଲିକେସନ୍ ଗୁଡିକରେ ମଧ୍ୟ ଏହା ବଦଳିଯାଇଥିଲା। 'ଏକ୍ସ'ର ନୂତନ ନୀତି ଘୋଷଣା କରାଯାଇଥିଲା। ଟ୍ୱିଟର ମୁଖିଆ ଦାୟିତ୍ୱ ଗ୍ରହଣ କରିବା ମସ୍କ ଏକ୍ସରେ କ୍ରମାଗତ ଭାବେ କିଛି ନା କିଛି ପରିବର୍ତ୍ତନ କରିଥିଲେ। ଟୁଇଟରର ନାମ, ଲୋଗୋ, ସିଇଓ ଏବଂ ବହୁ କର୍ମଚାରୀଙ୍କୁ ସେ ହଟାଇଦେଇଥିଲେ। ଏହା କହି ମସ୍କ ବର୍ଷ ତମାମ୍ ଚର୍ଚ୍ଚାରେ ରଖିଥିଲେ। ଚଳିତବର୍ଷ ଫେବୃଆରୀରେ ପେଡ୍ ସବ୍‌ସ୍କ୍ରିପ୍‌ସନ୍ ବ୍ୟବସ୍ଥା ଆଣିଥିଲେ। ଏଥିରେ ସମସ୍ତ ଯାଞ୍ଚ ହୋଇଥିବା ଆକାଉଣ୍ଟରେ ବ୍ଲୁ ବା ନୀଳ ଟିକ୍ ରହୁଥିଲା। ପ୍ରତି ମାସରେ ୟୁଜରଙ୍କୁ ୮ ଡଲାର ଚାର୍ଜ ଦେବାକୁ ପଡିବ। ମେ' ମାସରେ ମସ୍କ ହଠାତ୍ ଟ୍ୱିଟରର ସିଇଓ ପଦ ଛାଡିବା ବିଷୟ ଘୋଷଣା କରିଥିଲେ। ଏକ ଟୁଇଟ୍ ମାଧ୍ୟମରେ ମସ୍କ ସିଇଓ ପଦ ଛାଡି ଲିଣ୍ଡା ୟାକାରିନୋଙ୍କୁ ଏକ୍ସର ନୂଆ ସିଇଓ ପଦରେ ବସାଇଥିଲେ। ପଞ୍ଜୀକୃତ ହୋଇ ନ ଥିବା ବ୍ୟବହାରକାରୀଙ୍କୁ ଟ୍ୱିଟରରେ ବ୍ଲକ୍ କରାଯାଇଥିଲା। ଟ୍ୱିଟରରୁ ସିଇଓ (ମୁଖ୍ୟ କାର୍ଯ୍ୟନିର୍ବାହୀ) ପାରାଗ ଅଗ୍ରୱାଲ୍‌ଙ୍କୁ ହଠାତ୍ ବିଦା କରିବା ମସ୍କଙ୍କୁ ବେଶ ଚର୍ଚ୍ଚାରେ ରଖିଥିଲା। ସେ ଅଗ୍ରୱାଲଙ୍କ ସମେତ କମ୍ପାନୀର ଆଇନ ବ୍ୟାପାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଗାଡେ ଓ ଅନ୍ୟ ଚାରିଜଣ ବରିଷ୍ଠ ଅଧିକାରୀଙ୍କୁ ହଟାଇ ଦେଇଛନ୍ତି। ପରେ ମସ୍କ ତାଙ୍କୁ ଆନୁମାନିକ ୪୨ ନିୟୁତ ଡଲାର୍ (୩୪୫ କୋଟିରୁ ଅଧିକ ଟଙ୍କା) କ୍ଷତିପୂରଣ ଆକାରରେ ପ୍ରଦାନ କରିବେ।




# ଗୁଗୁଲ୍ ଟପ୍-୧୦ ସର୍ଚ୍ଚ ଲିଷ୍ଟରେ ଓଡ଼ିଶା ରେଳ ଦୁର୍ଘଟଣା

**ବ**ର୍ତ୍ତମାନ ବର୍ଷ ୨୦୨୩ ଶେଷ ହେବାକୁ ଯାଉଛି। ଚଳିତବର୍ଷ ଭାରତ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ରହିଥିଲା। କେତେକ କ୍ଷେତ୍ରରେ ଭାରତ ମଧ୍ୟ ଏହାର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଆରେ ବିଶ୍ୱର ଅନ୍ୟ ଦେଶଗୁଡିକର ଦୃଷ୍ଟି ଆକର୍ଷଣ କରିଛି। ଚନ୍ଦ୍ରାୟଣ-୩ ଐତିହାସିକ ଅବତରଣ ହେଉ କିମ୍ବା ଜି-୨୦ ଆୟୋଜନ ହେଉ ସବୁଥିଲେ ଭାରତ ସଫଳତାର ଶୀର୍ଷ ଛୁଇଁଛି। ଏହି ସବୁ ଘଟଣା ସମଗ୍ର ବିଶ୍ୱରେ ଭାରତ ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଭାରତରେ କ୍ରିକେଟ୍‌ର ଲୋକପ୍ରିୟତା କାହାଠାରୁ ଅଛପା ନୁହେଁ। ଗୁଗୁଲ୍‌ରେ ଚଳିତବର୍ଷ ବିଶ୍ୱକପ୍ ସର୍ଚ୍ଚ ଦୃଷ୍ଟିରୁ ନୂତନ ରେକର୍ଡ ଛୁଇଁଛି। ଗୁଗୁଲ୍ ଦ୍ୱାରା ଶେୟାର କରାଯାଇଥିବା ସୂଚନାରେ ଚଳିତବର୍ଷ ଭାରତର ଲୋକମାନେ କ'ଣ ସବୁ ସର୍ବାଧିକ ସର୍ଚ୍ଚ ଖୋଜିଛନ୍ତି ସେ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଓଡ଼ିଶାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ଗୁଗୁଲ୍ ଟପ୍ ଟେନ୍ ସର୍ଚ୍ଚ ଲିଷ୍ଟରେ ସ୍ଥାନ ପାଇଛି।

ଗୁଗୁଲ୍ ଭାରତରେ ୨୦୨୩ର ଟପ୍ ଟ୍ରେଣ୍ଡିଂ ସର୍ଚ୍ଚକୁ ୧୨ବର୍ଗରେ ରୂପାନ୍ତର କରିଛି। ତେବେ ସମସ୍ତ ବର୍ଗରେ ଶ୍ରେଷ୍ଠ -୧୦ରେ ଚନ୍ଦ୍ରଯାନ -୩ ରହିଛି। ଚନ୍ଦ୍ରଯାନ-୩ ଅବତରଣ କରିବା ଏକ ଐତିହାସିକ ମୁହୂର୍ତ୍ତ। ଏହା କେବଳ ପ୍ରତ୍ୟେକ ଭାରତୀୟଙ୍କୁ ନୁହେଁ, ବରଂ ସମଗ୍ର ବିଶ୍ୱକୁ ଗର୍ବିତ କରିଥିଲା। ଭାରତ ବ୍ୟତୀତ ସମଗ୍ର ବିଶ୍ୱରେ ଲକ୍ଷାଧିକ ସଂଖ୍ୟାରେ ଲୋକେ ଏ ସମ୍ପର୍କରେ ଗୁଗୁଲ୍‌ରେ ସର୍ଚ୍ଚ କରିଥିଲେ। ଏହା ବ୍ୟତୀତ ଜି-୨୦ ହେଉଛି ସର୍ବାଧିକ ସର୍ଚ୍ଚ କରାଯାଇଥିବା ଅନ୍ୟ ଏକ ଖବର ରହିଥିଲା। ଗୁଗୁଲ୍ ସାହାଯ୍ୟରେ ଲୋକମାନେ ଜି-୨୦ ବିଷୟରେ ଜାଣିବାକୁ ଚାହିଁଥିଲେ।

ଭାରତ ଚଳିତବର୍ଷ ଜି -୨୦ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ଏଥିରେ ଆମେରିକାର ରାଷ୍ଟ୍ରପତିଙ୍କ ସମେତ ଅଧିକାଂଶ ଦେଶର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ ନେଟିଜନ୍ସମାନେ ଗୁଗୁଲ୍‌ରେ କର୍ଣ୍ଣାଟକ ନିର୍ବାଚନ ଫଳାଫଳ ଏବଂ ୟୁନିଫର୍ମ ସିଭିଲ କୋଡ୍ ପ୍ରତି ଆଗ୍ରହ ଦେଖାଇ ଏହାକୁ ଅଧିକ ସର୍ଚ୍ଚ କରିଥିଲେ। ତେବେ ମଣିପୁର ହିଂସା ସର୍ଚ୍ଚ ଲିଷ୍ଟର ୯ମ ସ୍ଥାନରେ ରହିଥିଲା।





### ଟପ୍-୧୦ ସର୍ଚ୍ଚ ଲିଷ୍ଟ

- ଚନ୍ଦ୍ରଯାନ-୩
- କର୍ଣ୍ଣାଟକ ନିର୍ବାଚନ ଫଳାଫଳ
- ଇସ୍ରାଏଲ୍ -ହମାସ୍ ଯୁଦ୍ଧ
- ସତୀଶ କୌଶିକ
- ବଜେଟ୍ ୨୦୨୩
- ତୁର୍କୀ ଭୂକମ୍ପ
- ଅତିକ୍ ଅହମ୍ମଦ
- ମ୍ୟାଥ୍ୟୁ ପେରି
- ମଣିପୁର ହିଂସା
- ଓଡ଼ିଶା ଟ୍ରେନ୍ ଦୁର୍ଘଟଣା

# ନବରଙ୍ଗପୁରରେ 'ଜିଓ ସ୍ପେସ୍ ଫାଇବର' ସେବା

**ଦେ**ଶର ଚାରୋଟି ସବୁଠୁ ଦୁର୍ଗମ ଅଞ୍ଚଳକୁ ଚଳିତବର୍ଷ ଜିଓ ସ୍ପେସ୍ ଫାଇବର ସେବା ସହ ଯୋଡ଼ାଯାଇଥିଲା। ସେଥିରେ ଓଡ଼ିଶାର ନବରଙ୍ଗପୁର ରହିଛି। ଏହାଛଡା ଗୁଜରାଟର ଗୀର୍ ଜାତୀୟ ଉଦ୍ୟାନ, ଛତିଶଗଡ଼ର କୋର୍ବା ଓ ଆମାସର ଓଏନ୍‌ଜିସି-ଜୋରହାଟକୁ ଯୋଡାଯାଇଛି। ଚଳିତବର୍ଷ ଇଣ୍ଡିଆ ମୋବାଇଲ୍ କଂଗ୍ରେସରେ ରିଲାଏନ୍ସ ଜିଓ ପକ୍ଷରୁ ଏହି ପ୍ରଯୁକ୍ତିର ପ୍ରଦର୍ଶନ କରାଯାଇଛି। ଜିଓ ସ୍ପେସ୍ ଫାଇବର ଜରିଆରେ ଦୂରଦୂରାନ୍ତ ଅଞ୍ଚଳରେ ବ୍ରଡବ୍ୟାଣ୍ଡ ସଂଯୋଗ ପ୍ରଦାନ କରିବା ଲାଗି ଏସ୍‌ଇଏସ୍ କମ୍ପାନିର ଉପଗ୍ରହକୁ ବ୍ୟବହାର କରାଯିବ। ଜିଓ ସ୍ପେସ୍ ଫାଇବର ଜରିଆରେ ଯେ କୌଣସି ସ୍ଥାନରେ ଯେକୌଣସି ସମୟରେ ବିଶ୍ୱସନୀୟ ମଲ୍‌ଟି-ଗିଗାବିଟ୍ ସଂଯୋଗ ମିଳିବ। ଆହ୍ୱାନପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ଉପଗ୍ରହ ଆଧାରିତ ସଂଯୋଗ ପହଞ୍ଚାଇବା ଲାଗି ଜିଓ ସ୍ପେସ୍ ଫାଇବର୍ ଅଭିନବ ଓ ଉନ୍ନତ ଏନ୍‌ଜିଏସ୍‌ଓ ପ୍ରଯୁକ୍ତି ବ୍ୟବହାର କରିଛି।




## ଓଡ଼ିଶାରେ ଟ୍ରୁ-୫ଜି ସେବା ଆରମ୍ଭ

ଚଳିତବର୍ଷ ମେ' ମାସରେ ଓଡ଼ିଶାରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିଲା। ରିଲାଏନ୍ସ ଜିଓ ପକ୍ଷରୁ ରାଜ୍ୟରେ ଟ୍ରୁ-୫ଜି ସେବା ଆରମ୍ଭ କରାଯାଇଛି। ମନ୍ଦିରମାଳିନୀ ଭୁବନେଶ୍ୱର ଏବଂ ରୌପ୍ୟ ନଗରୀ କଟକ ଜିଓ ଟ୍ରୁ-୫ଜି ସେବା ହାସଲ କରିବାରେ ଓଡ଼ିଶାର ପ୍ରଥମ ସହର ହୋଇଛନ୍ତି। ବହୁସଂଖ୍ୟକ ଛାତ୍ରଛାତ୍ରୀ ରହିଥିବା ତଥା ପୂର୍ବ ଭାରତର ଆଇଟି ଓ ଶିକ୍ଷା ହବ୍ ଭାବେ ପରିଚିତ ଭୁବନେଶ୍ୱରରେ ଜିଓ ଟ୍ରୁ-୫ଜି ଉଭୟ ନାଗରିକ ଏବଂ ସହର ପରିଦର୍ଶନକାରୀମାନଙ୍କୁ ବ୍ୟାପକ ସୁଯୋଗ ଓ ସମୃଦ୍ଧ ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଛି। ଏଥିରେ ୭୦୦ ମେଗାହର୍ଜ, ୩୫୦୦ ମେଗାହର୍ଜ ଓ ୨୬ ଗିଗାହର୍ଜ ବ୍ୟାଣ୍ଡରେ ୫ଜି ସ୍ପେକ୍ଟ୍ରମ୍‌ର ସର୍ବବୃହତ ଓ ଶ୍ରେଷ୍ଠ ମିଶ୍ରଣ ରହିଛି। ୫ଜି ଫ୍ରିକ୍ୱେନ୍‌ସିକୁ ଏହା ଏକ ଏକକ ଦୃଢ଼ 'ଡାଟା ହାଇୱେ' ରେ ପରିଣତ କରୁଛି।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇନ୍‌ଫୋସିଟିସ୍ଥିତ 'ଓ' ହବ୍‌ଠାରେ ଆଇଟି କମ୍ପାନୀ ଆର୍ଣ୍ଣଷ୍ଟ ଆଣ୍ଡ ୟଙ୍ଗ (ଇ ଆଣ୍ଡ ୱାଇ) ଟେକ୍ନୋଲୋଜିର ଉଦ୍‌ଘାଟନ କରୁଛନ୍ତି।

## ହାଇୱା ଧକ୍କାରେ ବାଇକ୍ ଚୁରମାର

**ତାଳଚେରସଦର ,୩୦ ।୧୨(ସମିସ):** ତାଳଚେର ସଦରଥାନା ଥାନା ଅନ୍ତର୍ଗତ ବନ୍ତୋଲ ରେଳଫାଟକ ଏକ ହାଇୱା ରେଲ୍‌ୱେ ବିଭାଗର ଏକ କମ୍ପାନୀ କାମ କରୁଥିବା କରୁଥିବା ବେଳେ ଏକ ବାଇକ ଆରୋହୀ କୌଣସି କାରଣବସତଃ ବାଇକ୍‌କୁ ଧକ୍କାଦେବା ଫଳରେ ବାଇକ୍ ଆରୋହୀ ଓ ତାଙ୍କ ପତ୍ନୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ବାଇକ୍ ହାଇୱା ଚକାତଳେ ପଡି ଚୂରମାର୍ ହୋଇଯାଇଛି । କ୍ଷତିପୂରଣ ଦାବିରେ ଉକ୍ତ ଅଞ୍ଚଳବାସୀ ଘଟଣା ସ୍ଥଳରେ ଅଡି ବସିଥିଲେ ।

## ଧରମପୁରରେ ଧାନମଣ୍ଡି ଖୋଲିଲା



**ତାଳଚେର,୩୦ ।୧୨(ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ ଧରମପୁର ପ୍ରାଥମିକ କୃଷି ସମବାୟ ସମିତି ଲିଃରେ ଧାନମଣ୍ଡିର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥିଭାବେ ସୋସାଇଟ ସଭାପତି ନରେଶ ଚନ୍ଦ୍ର ଦାସ, ସେବାସମୟତ ଲିଃ ଡାଇରେକ୍ଟର ମେମ୍ବର , ଯୋଗାଣ ଅଧିକାରୀ ତାଳଚେର, ସରକାରୀ ନିବନ୍ଧକ, ଅନ୍ୟାନ୍ୟ ଅତିଥି ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଚାଷୀମାନଙ୍କ ଉପସ୍ଥିତରେ ମଣ୍ଡି ଶୁଭାରମ୍ଭ ହୋଇଯାଇଛି ।ପ୍ରଥମ ଦିନରେ ତୁଳସୀ ଫୁଡ ପ୍ରାଇଭେଟ୍ ଲିମିଟେଡ୍ ଆସି ୨୩ଜଣ ଚାଷୀଙ୍କ ଠାରୁ ୮୦୦କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିଲେ । ଧରମପୁର ସମବାୟ ସମିତିର ଲିଃ ସିଓ ହେମନ୍ତ କୁମାର ଦାସଙ୍କ ସହଯୋଗକ୍ରମେ ସମସ୍ତ ଚାଷୀ ଆଜି ସୁବିଧାରେ ଧାନ ବିକ୍ରୟ କରିପାରିଛନ୍ତି ।

## ୨୦୧୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**କିଶୋରନଗର,୩୦ ।୧୨(ସମିସ):**କିଶୋରନଗର ବ୍ଲକ ରଣିଆକକଟା ହାଇସ୍କୁଲ ଠାରେ ୨୦୧୩ ମାଟ୍ରିକ ବ୍ୟାଚ୍ ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରଣିଆକଟା ହାଇସ୍କୁଲର ଉପସ୍ଥିତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁନିଲ ପ୍ରଧାନ,ବିକାଶ ବାରିକ, ଦେବହରି ନାୟକ,ଅଭିଜିତ ସାହୁ, ଉମେଶ ପ୍ରଧାନ,ବାସନ୍ତୀ ନାୟକ,ରଶ୍ମିତା ପ୍ରଧାନ,ସୁନୀତା ନାୟକ ଏବଂ ସମସ୍ତ ବନ୍ଧୁ ଉପସ୍ଥିତ ରହି ନିଜ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ । ପୁରାତନ ଛାତ୍ର ଅଭିଜିତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

● ଜିରାଳ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

# ଛାତ୍ର ଜୀବନକୁ ଶୃଙ୍ଖଳିତ କରିବାକୁ ଆହ୍ୱାନ

**ମାର୍ଥାପୁର,୩୦।୧୨(ସମିସ)**

ଭୁବନ ବ୍ଲକ ଅନ୍ତର୍ଗତ ଜିରାଳ କଲେଜରେ ଚାଲିଥିବା 'ନୂଆ-ଓ ନବୀନ ଓଡିଶା,ଯୁବ ଓଡିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ଼ ଅନ୍ତର୍ଯ୍ୟାମୀ ମିଶ୍ର, ମୁଖ୍ୟଅତିଥି ଭକ୍ଷବେ ଯୋଗ ଦେଇ ଛାତ୍ର ସମାଜକୁ ସଫଳତାର ବୀଜମନ୍ତ୍ର ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ନାଟ୍ୟକାର ତଥା ଅଭିନେତା ଦିନେଶ ଚନ୍ଦ୍ର ଦାଶ ଯୋଗ ଦେଇ ଉତ୍ସାହ ତଥା ପ୍ରେରଣାଦାୟକ ଅଭିଭାଷଣ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଥିଲେ । ଦୀର୍ଘ ୨୨ ଦିନ ଧରି ଚାଲି ଥିବା ସାମାଜିକ ଖେଳ କୁଦ ତଥା କଳା ସଂସ୍କୃତି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସାମଗ୍ରିକ ଭାବେ ଅଂଶଗ୍ରହଣ କରି ନିଜର ଅନ୍ତର୍ନିହିତ ପ୍ରତିଭାକୁ ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ । ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠାନ ର ଯୁକ୍ତ ୨ଓ ଯୁକ୍ତ ୩ ଶ୍ରେଣୀର ଛାତ୍ରଛାତ୍ରୀମାନେ ଯୋଗଦେଇ ଆଖପାଖ ଅଞ୍ଚଳର ସାମାଜିକ ସମସ୍ୟା ଓ ସେଗୁଡିକର ସମାଧାନ ନିମନ୍ତେ ପ୍ରୟାସ ଜାରି ରଖିଥିଲେ । କାର୍ଯ୍ୟକ୍ରମ ଜରିଆରେ ସ୍ୱେଚ୍ଛାସେବୀ ମାନେ ଜିରାଳ, ଦିଘି, ଗରଡ଼ିଆ, ବାଲିଚତୁରି, ସାରଦେଇପୁର, ସକ୍ଷଲପଡା, ରାଧାଦେଇ ପୁର, ଲତାଦେଇପୁର, ଅନ୍ନକୋଟୀସ୍ୱର ଆଦି ଗ୍ରାମ ଗୁଡିକ ବୁଲି ସଚେତନତା ଶିବିର, ରାଲୀ,ସଫେଇ କାର୍ଯ୍ୟକ୍ରମ, ନିଶାଣିବାରଣ ଅଭିଯାନ ଇତ୍ୟାଦି ଆୟୋଜନ କରି ଜନଜାଗରଣ ଓ ଜନସଚେତନତା ସୃଷ୍ଟି କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା ଓ ସଂସ୍କୃତ ବିଭାଗ ତରଫରୁ ମା ଜଗତ ଜନନୀ ପାଇକ ଆଖଡ଼ା , ଦୁଦୁର କୋଟ, ଢେଙ୍କାନାଳ ତରଫରୁ ଚିତାକର୍ଷକ, ଏବଂ ଦୁଃ ସାହାସିକ ଖେଳ ମାନ ପ୍ରଦର୍ଶନ କରା ଯାଇଥିଲା । ପରିଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧକ୍ଷ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରି, ଛାତ୍ରଛାତ୍ରୀ ସମ୍ପାଦନ କରିଥିଲେ ।




## ଅନୁଗୋଳରେ ଆଧ୍ୟାତ୍ମିକ ଶୋଭାଯାତ୍ରା




**ଅନୁଗୋଳ,୩୦ ।୧୨(ସମିସ):**ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ର ପ୍ରାଙ୍ଗଣରୁ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଅଯୋଧ୍ୟା ହେବାକୁ ଥିବା ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ ପାଇଁ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି ଶୋଭାଯାତ୍ରାରେ ଶ୍ରୀରାମ ରଥର ଆରତୀ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଶ୍ରୀ ହନୁମାନ ଚାଳିଶା ,ଜୟ ଶ୍ରୀ ରାମ ଧ୍ୱନୀରେ ଅଯୋଧ୍ୟାରୁ ଆସିଥିବା ନିମନ୍ତ୍ରଣ ଅକ୍ଷତ କଳଶ ସହିତ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।ଏହି ଶୋଭାଯାତ୍ରା ଦଶହରା ପଡିଆ ଠାରେ ସମାପନ ହୋଇଥିଲା ।ଏହି ଶୋଭାଯାତ୍ରା ମାଧ୍ୟମରେ ପ୍ରତି ଘରେ ଶ୍ରୀରାମ ଲାଲାଙ୍କ ମନ୍ଦିର ପ୍ରତିଷ୍ଠା ନିମନ୍ତ୍ରଣ ପହଞ୍ଚିବା ସହିତ ଆସନ୍ତା ୨୨ ତାରିଖରେ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ପ୍ରତି ଘରେ ୫ ଟି ଦୀପ ଲଗାଇବାକୁ ନିବେଦନ କରାଯାଇଥିଲା ।ଗୋଶାଳା ସମିତି ଦ୍ୱାରା ଆୟୋଜିତ ନାମ ସଙ୍କିର୍ତନ ମଣ୍ଡଳୀ ସହରରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲେ । କାର୍ଯ୍ୟକ୍ରମରେ ସଂଗଠନର ସଂଯୋଜକ ଅଭୟ ରାୟ,ଉପଦେଷ୍ଟା ଗୋପାଳ ମୁଁନ୍ଦ୍ରା,ସହ ସଂଯୋଜକ ଚନ୍ଦ୍ରକାନ୍ତ ଧଳ,ଅଶୋକ ମୋଦି,ଅନୀଲ ଦେହୁରୀ,ବିଷ୍ଣୁ ପ୍ରସାଦ ତୁଳସିଆନ,ରାମକୃଷ୍ଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବଇଣ୍ଡା ମହାବିଦ୍ୟାଳୟରେ 'ନୂଆ-ଓ'କାର୍ଯ୍ୟକ୍ରମ ଉଦ୍‌ଯାପିତ

**କିଶୋରନଗର,୩୦ ।୧୨(ସମିସ)**

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ଆୟୋଜିତ 'ନୂଆ-ଓ ଯୁବ ଓଡିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ମୁଖ୍ୟବକ୍ତା ଭାବେ କିଶୋରନଗର ସିଟି ସ୍କୁଲର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଆଠମଲ୍ଲିକ ଉପଜିଲ୍ଲାପାଳ ଜିତେନ୍ଦ୍ର ପାତ୍ର ଯୋଗଦେଇ 'ନୂଆ ଓ ଯୁବ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁ ଏହା ଏକ ଅଭିନବ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ଅସୀତ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତ୍ତା ପ୍ରବନ୍ଧ ଲିଖନ, ସଂଗୀତ, ସାଂସ୍କୃତିକ, ସାମାଜିକ ସଚେତନତା, ଓ ସ୍ୱଛତା ଅଭିଯାନ, ସଡକ ସୁରକ୍ଷା ସମ୍ବନ୍ଧିୟ ସଚେତନତା,କ୍ରୀଡ଼ା ପ୍ରତିଯୋଗିତା ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## ଆଇଏନ୍‌ଟିୟୁସି ଶ୍ରମିକ ସଂଗଠନର ଶ୍ରମିକ ସମାବେଶ

**କଣିହାଁ,୩୦ ।୧୨(ସମିସ):** ଶନିବାର ପୂର୍ବାହ୍ନରେ କଂଗ୍ରେସ ସମର୍ଥିତ ଆଇଏନ୍‌ଟିୟୁସି ଶ୍ରମିକ ସଂଗଠନର ବିଶାଳ ଶ୍ରମିକ ସମାବେଶ ଦେଖିବାକୁ ମିଳିଛି । ଶ୍ରମିକ ସଂଗଠନର ସଭାପତି ତଥା ପୂର୍ବତନ କଂଗ୍ରେସ ବ୍ଲକ ଅଧକ୍ଷ ଦିଗାମ୍ବର ଗଡ଼ନାୟକ ଓ ବରିଷ୍ଠ ଓକିଲ ତଥା ଶ୍ରମିକ ନେତା ଦେବାଶିଷ ଘୋଷଙ୍କ ଆବାହକତ୍ୱରେ ଶତାଧିକ ଶ୍ରମିକ ସାଂଗଠନିକ ପତାକା ଓ ୧୧ଦଫା ଦାବି ସମ୍ପର୍କିତ ପ୍ଲାକାର୍ଡ ଧରି ରାଲି,ପଥପ୍ରାନ୍ତ ସଭା ଓ ସରକାରଙ୍କ ଶ୍ରମିକମାରଣ ନୀତି ସ୍ଲୋଗାନରେ ସ୍ଥାନୀୟ ବିଜିଗୋଳ ପଞ୍ଚାୟତର ରାମ ମନ୍ଦିର ପରିସରରୁ ବାହାରି କଣିହାଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ଓ ପରେ ପ୍ରଜାମଣ୍ଡଳ ଭବନ ପରିସରର ସଭାମଣ୍ଡପରେ ପହଞ୍ଚିଥିଲେ ।ଆବାହକ ଶ୍ରୀ ଘୋଷ ଶ୍ରମିକ ପ୍ରାରମ୍ଭିକ ଭାଷଣରେ ଶ୍ରମିକ ସମସ୍ୟା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଗଠନ ସଭାପତି ଶ୍ରୀ ଗଡ଼ନାୟକ ବାର୍ଷିକ ବିବରଣୀ ପାଠ ଓ ମଞ୍ଚ ପରିଚାଳନା କରିଥିଲେ । ଆଜିର ଶ୍ରମିକ ସମାବେଶରେ ଆଇ ଏନଟିୟୁସି ପ୍ରଦେଶ ସଭାପତି ତଥା ପ୍ରାକ୍ତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ,ରାଜ୍ୟ ସମ୍ପାଦକ କିଶୋର ଚନ୍ଦ୍ର ଜେନା,ରାଜ୍ୟ କଂଗ୍ରେସ ମହିଳା ସଭାନେତ୍ରୀ ସସ୍ମିତା ବେହେରା,ରାଜ୍ୟ ଉପସଭାପତି ମଦନ ଚନ୍ଦ୍ର ଧଳ,ସମ୍ପାଦକ ତୁଷାରକାନ୍ତି ମିଶ୍ର,ପ୍ରଦେଶ ସାଧାରଣ ସଂପାଦକ ସତ୍ୟବ୍ରତ ନାୟକ,ଶ୍ରମିକନେତା ସୌଭାଗ୍ୟ ପ୍ରଧାନ,ନିର୍ମଳ ସାମଲ,ପ୍ରଦେଶ ଜେନା,ସତ୍ୟାନନ୍ଦ ସାହୁ,ବିମ୍ବାଧର ସାମଲ,ଦେବଦତ୍ତ ପ୍ରଧାନ,ଜଗବନ୍ଧୁ ପ୍ରଧାନ ଶିବପ୍ରସାଦ ଦାସ ବିନୋଦ ସାହୁ ଅଣସଂଗଠିତ ଶ୍ରମିକ ସଭାପତି ଓ ସମ୍ପାଦିକା ସୁଭଦ୍ରା ସାହୁ, ଅବନ୍ତି ପ୍ରଧାନ ପ୍ରମୁଖ ମଞ୍ଚାସିନ ହୋଇ ୧୧ଦଫା ଦାବି ସମ୍ପର୍କରେ ଆଲୋଚନା କରି ଅବିଳମ୍ବେ ପୂରଣ ପାଇଁ ଦାବି କରିଥିଲେ । ଶେଷରେ ଶ୍ରୀମତୀ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।




# ମରାମତି ହେଉନି ଐତିହାସିକ ଫାଷ୍ଟଗେଟ୍ ଓ ଘୋଡ଼ାଶାଳା ଗେଟ୍

## ପୌରପାଳିକା କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ



**ତାଳଚେରସଦର,୩୦ ।୧୨(ସମିସ)**

ପୁରୁଣା ମସିହା ୨୦୨୩କୁ ବିଦା ଦେବା ଓ ନୂତନ ବର୍ଷକୁ ସ୍ୱାଗତ କରିବା ନେଇ ଅଂଚଳବାସୀଙ୍କ ନିକଟରେ ଆଉ କିଛି ଘଣ୍ଟା ବାକି ରହିଥିବା ବେଳେ ସେଲିବ୍ରେଟିମାନଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ବୃଦ୍ଧି ପାଇବାରେ ଲାଗିଛି । ଶିଳ୍ପନଗରୀ ତାଳଚେର ସହରାଞ୍ଚଳରେ ରାଜରାଜୁଡା ଅମଳରୁ ନିର୍ମାଣ କରାଯାଇଥିବା ୩ଟି ଐତିହାସିକ ସୌନ୍ଦର୍ଯ୍ୟପୂର୍ଣ୍ଣ ହାତୀଶାଳା, ଫାଷ୍ଟଗେଟ୍ ଓ ଘୋଡ଼ାଶାଳା ମୁଖଶାଳା (ଗେଟ୍) ଗୁଡିକରେ ପ୍ରଶାସନ ପକ୍ଷରୁ ରଙ୍ଗ ଟୋପାଏ ନଲାଗିବା ଅଞ୍ଚଳବାସୀଙ୍କ ମଧ୍ୟରେ ତ୍ରୀବ ପ୍ରତିକ୍ରିୟା ପ୍ରକାଶ ପାଇଛି । ଓଡ଼ିଶା ପ୍ରସିଦ୍ଧ ତାଳଚେର ସିଂହ ଦ୍ୱାରା ସମେତ ଏହାର ପରିସର ଅଞ୍ଚଳରେ ଜିଲ୍ଲା ଖଣିଜପାଣ୍ଠିରୁ ପ୍ରାୟ ୪କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ଲୋକଙ୍କ ମନୋରଞ୍ଜନ ଓ ଅବସର ସମୟ ଅତିବାହିତ କରିବାକୁ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡିଥିଲା । ତେବେ ଏହି କାମ ଅଧପନ୍ତରିଆ ଭାବେ ପଡିରହିଥିବା ବେଳେ ଆଇଲଭ ତାଳଚେର ନିକଟରେ ରହିଥିବା ୱାଟରସ୍କିଲର୍ଟି ଅକାମୀ ହୋଇ ପଡିରହିଛି ଓ ନିକଟରେ ଥିବା ପୌରପରିଷଦର ଜଗନ୍ନାଥ ପାର୍କ ଅଳିଆ ଆବର୍ଜନା ସହ ଏହାର ବାହାର ଅଞ୍ଚଳରେ ବାଲି, ଗୋଡି ଜମା ହୋଇ ରହିଥିବା ପୌରପାଳିକାର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହି ହେରିଟେଜ୍ କାର୍ଯ୍ୟ ନିର୍ମାଣ ହେଉଥିବା ସମୟରେ ଉକ୍ତ ୨ଟି ମୁଖଶାଳା ପ୍ରସଙ୍ଗରେ ସ୍ଥାନୀୟ ପ୍ରଶାସନ ଏହାକୁ ପୁନରୁର୍ଦ୍ଧାର ସହ ରଙ୍ଗବେରଙ୍ଗରେ ସଜ୍ଜାଇବାକୁ ନିଷ୍ପତି ନେଇଥିବା କୁହାଯାଉଛି । ତେବେ ହେରିଟେଜ୍ କାମ ସାରି ଠିକାଦାର ଛୁ କରିଥିବା ପରେ ଏହି ମୁଖ୍ୟଶାଳା ଓ ୪କୋଟି ୫୦ଲକ୍ଷ ଟଙ୍କାର ହେରିଟେଜ୍ କାର୍ଯ୍ୟ ଅଧାଗଢ ଅବସ୍ଥାରେ ପଡି ରହିଛି ବୋଲି ଅଭିଯୋଗ ହୋଇଛି । ପ୍ରଶାସନ ଦୂରଦୃଷ୍ଟି ଅଭାବରୁ ଏହି ଐତିହାସିକ ୩ଟି ମୁଖଶାଳା (ଗେଟ୍)ରୁ ଗୋଟିଏ ହାତୀଶାଳ ଗେଟଟି ଭାଙ୍ଗିରୁଜି ଲୋପ ପାଇଯାଇଛି । ତେବେ ବାକି ରହିଥିବା ଦୁଇଟି ଗେଟ ଦିନ ଥାଉଥାଉ ଏହାର ରକ୍ଷାଣବେକ୍ଷଣା ନକଲେ ଏହା କେବେ ଯେ, ଭୁଶୁଡିବ ତାହା ଆଗାମୀ ଦିନରେ ସମୟ ହିଁ କହିବ । ନୂତନ ବର୍ଷ ପାଇଁ ଜଗନ୍ନାଥ ମନ୍ଦିର, ପାର୍କ ଓ ନିର୍ମାଣ ହୋଇଥିବା ହେରିଟେଜ୍ କାର୍ଯ୍ୟ ଉପଭୋଗ କରିବାକୁ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଆସିବା ସମ୍ଭବନା ରହିଥିବା ବେଳେ ଏହି ଦୁଇଟି ମୁଖଶାଳା ଜରାଜିର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ ହୋଇଥିବା ଅତ୍ୟନ୍ତ ଦୁଃଖଦାୟକ ବିଷୟ ହୋଇଛି ।

## ପୂର୍ବତନ ପୁଲିସ ଅଧିକାରୀଙ୍କ ଦେହାନ୍ତ

**ଅନୁଗୋଳସଦର,୩୦ ।୧୨(ସମିସ):** ପୂର୍ବତନ ପୁଲିସ ଅଧିକାରୀ ବିଦ୍ୟାଧର ମିଶ୍ର(୮୬)ଙ୍କ ଶନିବାର ଅନୁଗୋଳ ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି ।ଶ୍ରୀ ମିଶ୍ର ଖଲାରୀ ଗାଁରେ ନିଜ ବାସଭବନରେ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ହୋଇ ଚିକିତ୍ସିତ ହେଉଥିଲେ । ଶନିବାର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାରଲୋକେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଶ୍ରୀ ମିଶ୍ର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥାନା ଦାୟିତ୍ୱ ସୁଚାରୁରୂପେ ତୁଲାଇବା ସହ ପଦୋନ୍ନତି ପାଇ ଅତିରିକ୍ତ ଏସ୍‌ପି ପଦବୀରୁ ଅବସର ନେଇଥିଲେ ।ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ ଜ୍ୱାଇଁ ଏବଂ ନାତିନାତୁଣୀ ପରିବାରବର୍ଗ ଉପସ୍ଥିତ ଥିଲେ । ସହର ବନ୍ଧୁ ପରିଜନ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କର ଶେଷଦର୍ଶନ କରିବା ସହ ଶୋକ ପ୍ରକାଶ କରିଥିଲେ । ଶ୍ରୀ ମିଶ୍ରଙ୍କ ପାର୍ଥିବ ଶରୀର କରଡାଗାଡିଆ ସ୍ମଶାନରେ ଶେଷକୃତ ହୋଇଥିଲା ।



## ୩ନମ୍ବର ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା

**ତାଳଚେରସଦର,୩୦ ।୧୨(ସମିସ):** ତାଳଚେର ପୌରପରିଷଦ ଅନ୍ତର୍ଗତ ବ୍ରାହ୍ମଣୀନଦୀ କୂଳରେ ପାଇକସାହି ୩ନମ୍ବର ୱାର୍ଡର ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ତାଳଚେର ପୌରପାଳିକାର ନଗରପାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବଳୟ ଦେହୁରୀ । ସେହି ୱାଡରେ ଭୂମିହୀନମାନଙ୍କୁ ପଟ୍ଟା, ଆଲୋକିକରଣ, ରାସ୍ତାର ଉନ୍ନତି, ପାଇକ ଆଖଡା ଘର ଓ ନଦୀକୂଳରେ ଚାଲୁ ରହିଥିବା ମିନିପାର୍କର ସମୀକ୍ଷା କରିଥିଲେ । ଏହି କାର୍ଯ୍ୟ ଗୁଡିକରୁ କିଛି ଅଧପନ୍ତରିଆ ହୋଇଥିବା ବେଳେ ଆଉ କିଛି ପୂର୍ଣ୍ଣାଙ୍ଗ ଅବସ୍ଥାରେ ରହିଛି । ଯାହାକୁ ନେଇ ୩ନମ୍ବର ୱାଡର କାଉନସିଲର୍ ଲିପିକା ବେହେରା ନଗରପାଳଙ୍କୁ ଏସମ୍ପର୍କ ଅବଗତ କରାଇବା ପରେ ଆଜି ମିଳିତଭାବେ ଉପସ୍ଥିତ ରହି ୱାଡବାସୀଙ୍କୁ ଏହି କାର୍ଯ୍ୟପ୍ରଣାଳୀ ଉପରେ ପଚାରି ବୁଝିଥିଲେ ଓ ସରଜମିନ୍ ତଦନ୍ତ କରିଥିଲେ । ଫଳରେ ୱାଡବାସୀଙ୍କ ମଧ୍ୟରେ ଆଶାସଂଚାର ହୋଇଥିଲା ।



## ସାଆନ୍ଦା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**କାମାକ୍ଷାନଗର,୩୦।୧୨(ସମିସ):** ପରଜଙ୍ଗ ବ୍ଲକ୍‌ର ସାଆନ୍ଦା ପଞ୍ଚାୟତ ଅନ୍ତର୍ଗତ ସାଆନ୍ଦା ମିନିଷ୍ଟାଡିୟମ ଠାରେ ଆୟୋଜିତ ହେଉଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଶନିବାର ଫାଇନାଲ ମ୍ୟାଚ୍ ଗୋତମରା ସହିତ ଦେଉଳ ବେଢ଼ା ମଧ୍ୟରେ ହୋଇଥିଲା । ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଢ଼େଙ୍କାନାଳ ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ଗୌତମ ପାଣି ଯୋଗ ଦେଇଥିଲେ । ଫାଇନାଲ ମ୍ୟାଚ୍‌ରେ ଗୋତମରା ଦଳ ଦେଉଳବେଢା ଦଳକୁ ପରାସ୍ତ କରି ବିଜୟ ଲାଭ କରିଥିଲା । ଅମ୍ପାୟାର ଭାବେ ରାକେଶ ପାଣି ଓ ରାଜେଶ ପାଣି ପରିଚାଳନା କରିଥିଲେ । ଚିନ୍ମୟ ପଣ୍ଡା ଖେଳର ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଆୟୋଜକ ଜୟ ଭାରତୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



● ଦେବେନ୍ଦ୍ର ମେମୋରିଆଲ ଟୁର୍ଣ୍ଣାମେଣ୍ଟ

## ବିଡାନାସୀ କ୍ରିକେଟ୍ କ୍ଲବ୍ ଫାଇନାଲରେ ପ୍ରବେଶ

**ଭୁବନ,୩୦।୧୨(ସମିସ):**ଭୁବନ କ୍ରିକେଟ କ୍ଲବ ପକ୍ଷରୁ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର କଳିଙ୍ଗ କ୍ରିକେଟ୍ କ୍ଲବ ଓ କଟକର ବିଡାନାସୀ କ୍ରିକେଟ୍ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା । କଳିଙ୍ଗ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୫୭ରନ ସଂଗ୍ରହ କରିଥିଲା । ଦଳପକ୍ଷରୁ ଦୀନେଶ ରଞ୍ଜନ ମହାପାତ୍ର ସର୍ବାଧିକ ୨୧ଟି ବଲ ଖେଳି ୪୨ରନ୍ ସଂଗ୍ରହ କରିଥିଲେ । ଏହାର ଜବାବରେ କଟକର ବିଡାନାସୀ କ୍ରିକେଟ କ୍ଲବ ୧୬.୫ଓଭରରେ ୩ଟି ୱିକେଟ ହରାଇ ୧୬୦ରନ ସଂଗ୍ରହ କରି ଦ୍ୱିତୀୟ ଦଳଭାବେ ଫାଇନାଲରେ ପ୍ରବେଶ କରିଛି । ଦଳପକ୍ଷରୁ ମିର୍ଜାଙ୍କ ପାଠକ ୩୩ଟି ବଲଖେଳି ୬୧ରନ ସଂଗ୍ରହ କରିଥିଲେ । ଆଜିର ମ୍ୟାଚରେ ଶ୍ରେଷ୍ଠ ଖେଳାଳୀଭାବେ ବନ୍ନିଙ୍କୁ ବିବେଚିତ କରାଯାଇଛି । ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ କିଲର ଏକ୍ସର ମାଲିକ ଅନୀଲ କୁମାର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ରବିବାର ଦିନ ଆୟୋଜିତ ଫାଇନାଲ ମ୍ୟାଚ୍ କେନ୍ଦୁଝରର ୟୁନିକ୍ କ୍ରିକେଟ କ୍ଲବ ଓ କଟକର ବିଡାନାସୀ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ । ଖେଳକୁ ଯଶବିନ୍ଦର ସିଂ ଓ ସବ୍ୟସାଚୀ ସାହା ପରିଚାଳନା କରୁଥିବା ବେଳେ ସୂର୍ଯ୍ୟପ୍ରକାଶ ରାଉତ ଓ ଦୀନେଶ ରାଉତ ଧାରାବିବରଣୀ ପାଠ କରିଥିଲେ ।

# ଯୁବବର୍ଗଙ୍କ ଭିତରେ ଉତ୍ସାହ ଭରିଛି 'ନୂଆ-ଓ'

ଗରଦପୁର,୩୦।୧୨(ସମିସ): ଗରଦପୁର ବ୍ଲକ ଅଧୀନସ୍ଥ କୋରୁଆ ଚିତ୍ରୋତ୍ପଳା ମହିଳା ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସମାରୋହରେ ପାଟକୁରା




ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର, ଉଚ୍ଚ ଶିକ୍ଷା ବିଭାଗ ମାଧ୍ୟମରେ ଯୁବ ପ୍ରତିଭାଙ୍କ ବିକାଶ ନେଇ 'ନୂଆ-ଓ', ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଯୁବ ବର୍ଗଙ୍କୁ କ୍ରୀଡ଼ା ଏବଂ ସାଂସ୍କୃତିକ ସମେତ ସମାଜ ସେବା ଦିଗରେ ଉତ୍ସାହିତ କରିବା ନେଇ ଏହି କାର୍ଯ୍ୟକ୍ରମ ଆୟୋଜନର ମୂଳ ଉଦ୍ଦେଶ୍ୟ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ବସନ୍ତ ବେଦବ୍ରତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଭୟ ମହାରାଜ, ବିଡିଓ ପ୍ରଦ୍ୟୁମ୍ନ ନାୟକ, ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତି, ଜିଲ୍ଲାପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ, ସରପଞ୍ଚ ଅଭୟ ମଲ୍ଲ, ନୋଡାଲ ଅଧିକାରୀ ଅନାଦିଚରଣ ବେହେରା, ବଳରାମ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଲେଜର ନିର୍ମଳେନ୍ଦ୍ର କୁମାର ମଲ୍ଲିକ, କ୍ଷମାସାଗର ସେଠୀ, ସରୋଜ କାନ୍ତ ଖୁଣ୍ଟିଆ, ଗୌରାଙ୍ଗ ସାହୁ, ତୁଳସୀ ନାୟକ, ଜୟନ୍ତ କୁମାର ସାହୁ, ସ୍ମୃତିରେଖା ନାୟକ, ବିଭୂତିଭୂଷଣ ମଲ୍ଲିକ, ଜିତନ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟ ସମସ୍ତ କଲେଜ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

**ରାଜକନିକା:** ବ୍ଲକ ପରିସରରେ 'ନୂଆ-ଓ' କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଜି ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଦେବ ମୁଖ୍ୟ



ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକନିକା ବିଡିଓ ପୃଥ୍ୱୀରାଜ ପରିଡା ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମିନତୀ ରାଉତ ଉପସ୍ଥିତ ଥିଲେ। ଦୀର୍ଘ ଦୁଇ ସପ୍ତାହ ଧରି ରାଜକନିକା ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଲିଥିବା 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ କୃତୀ ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

**ଡେରାବିଶ/ପଟ୍ଟାମୁଣ୍ଡାଇ:** 'ନୂଆ-ଓ' 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ଡେରାବିଶ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଆଜି ସନ୍ଧ୍ୟାରେ



ଉଦ୍‌ଯାପିତ ହୋଇଯାଇଛି। ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ଉତ୍ସବ ଆଜି ବ୍ଲକ ଅଧୀନସ୍ଥ ରଘୁଦେଇପୁର ପଞ୍ଚାୟତ ଖେଳ ପଡ଼ିଆରେ ଉଦ୍‌ଯାପିତ ହୋଇଥିଲା। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ଖେଳାଳିଙ୍କ ମଧ୍ୟରେ ଫୁଟବଲ୍, ଭଲିବଲ୍, କ୍ରିକେଟ୍, କବାଡ଼ି ଓ ଖୋ ଖୋ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ରଶ୍ମୀ ଦେବୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁବକମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ବିକଶିତ କରିବା ପାଇଁ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଯୋଗଦେଇ ବିଭିନ୍ନ ମହାବିଦ୍ୟାଳୟରେ ଅନୁଷ୍ଠିତ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନେ ବିଶେଷ ଆଗ୍ରହ ପ୍ରକାଶ କରିଥିବା ପରିଲକ୍ଷିତ ହେଉଥିବା ବେଳେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳର ଯୁବକମାନେ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟତା ପାଇଁ ପ୍ରତିଯୋଗିତାରେ ଭାଗନେଉଥିବା କହିଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ଦାସରଥି ଜେନା ଯୋଗଦେଇ ରାଜ୍ୟରେ ୩ ଲକ୍ଷ ଯୁବକ ଏହି ପ୍ରତିଯୋଗିତାରେ ଭାଗନେଇ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଖେଳିବା ପାଇଁ ପ୍ରସ୍ତୁତ ହୋଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଅରବିନ୍ଦ ମଲିକ, ରଘୁଦେଇପୁର ସରପଞ୍ଚ ଭକ୍ତିଲତା ନାୟକ, ସମିତିସଭ୍ୟା ମୋନାଲିସା ନାୟକ, ଡେରାବିଶ ଥାନା ଏସ୍‌ଆଇ ରମେଶ ଚନ୍ଦ୍ର ସେଠୀ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ସହକାରୀ ଅଧିକାରୀ ଚୌଧୁରୀ ଦୀପକ କୁମାର ଏହି କ୍ରୀଡ଼ା ଉତ୍ସବ ସମ୍ପର୍କରେ ସୂଚନା ଦେଇଥିବା ବେଳେ ବ୍ଲକ ପ୍ରକଳ୍ପ ସଂଯୋଜକ ଦେବେଶ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ଦଳଙ୍କୁ ଚାମ୍ପିଅନ୍ ଓ ରନର୍ସଅପ୍ ଟ୍ରଫି ସହ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ପଟ୍ଟାମୁଣ୍ଡାଇ:** ଦାଣ୍ଡିସାହି ବ୍ରାହ୍ମଣୀ କଲେଜରେ 'ନୂଆ-ଓ' ଏବଂ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସାମାଜିକ ସଚେତନତା ପାଇଁ ବାଲ୍ୟ ବିବାହ ଓ ଯୌତୁକ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ପ୍ରଫେସର ସୁବାସ ଜେନା ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ନଟବର ସୂତାରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଓ ସାମାଜିକ ସୁରକ୍ଷା ଅଧିକାରିଣୀ ଅମିତା ସିଂହ, ରବି ନାରାୟଣ ନାୟକ, ଅଧ୍ୟାପକ ସତ୍ୟଜିତ ବେହେରା, ଅଧ୍ୟାପକ ପ୍ରଶାନ୍ତ ସାମଲ, ଅଧ୍ୟାପକ ଶିବ ଚରଣ ଦାସ, ଅଧ୍ୟାପକ ନିରଞ୍ଜନ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାମାଜିକ କୁସଂସ୍କାର ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ବିରୋଧରେ ଆଲୋକପାତ କରିବା ସହିତ ଜନସଚେତନତା ସୃଷ୍ଟି କରିଥିଲେ। ଅଧ୍ୟାପକ ଡ. ଚିନ୍ମୟ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ସୁଧାଂଶୁ ଭୂଷଣ ସାମଲ ଧନ୍ୟବାଦ ଦେଇଥିଲେ। କଲେଜ ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ବିରୋଧରେ ଜନସଚେତନତା ସୃଷ୍ଟି କରିଥିଲେ।

**ଓଳାଭର:** ରାଜକନିକା ବ୍ଲକ୍ ଅନ୍ତର୍ଗତ ସର୍ବପୁରାତନ ଓଳାଭର ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ 'ନୂଆ-ଓ', 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋ ସରକାର କାର୍ଯ୍ୟକ୍ରମରେ ଆଳି ନିର୍ବାଚନ ମଣ୍ଡଳୀ ବିଧାୟକ ତଥା ମନ୍ତ୍ରୀ ପ୍ରତାପକେଶରୀ ଦେବ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ହଳଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ବର୍ଗ ହିଁ ନବୀନ ଓଡ଼ିଶାକୁ ନୂଆ ଦିଶା ପ୍ରଦାନ କରିପାରିବେ ବୋଲି ମତ ପୋଷଣ କରିଥିଲେ। ମୁରଲୀଧର କର ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। 'ନୂଆ-ଓ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରତାପ କୁମାର ବିଶ୍ୱାଳ ବିଶେଷ ଭାବେ ଆଲୋକପାତ କରିଥିଲେ। ମନ୍ତ୍ରୀ ଶ୍ରୀ ଦେବ ସ୍ୱାଭିମାନ ସହ ବଞ୍ଚିବା, ସ୍ୱାବଲମ୍ବୀ ହୋଇ ନିଜେ ନିଜର ମାଲିକ ହେବାକୁ ମତ ଦେବା ସହ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ନୋଡାଲ ଅଫିସର ପ୍ରତାପ କୁମାର ବିଶ୍ୱାଳ ଓ ଡ. ବସନ୍ତ କୁମାର ସେଠୀଙ୍କ ସଂଯୋଜନାରେ




ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବାସଚନ୍ଦ୍ର ମଲ୍ଲ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ବସନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବିରିଡ଼ି:** 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ପରିପ୍ରେକ୍ଷୀରେ ବ୍ଲକ ପ୍ରଶାସନ ଦ୍ୱାରା ଆୟୋଜିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପୁରଣ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରଣ ଓ ମଇନ୍ଦିପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ସରପଞ୍ଚ ଯୁଧିଷ୍ଠିର ବେହେରା, ସମାଜସେବୀ ପ୍ରବୀର ଦାସ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଜିର ଏହି ମ୍ୟାଚ୍‌ରେ ମଇନ୍ଦିପୁର ଓ ପୁରଣ ମଧ୍ୟରେ ଚିତ୍ତାକର୍ଷକ ଖେଳ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ମଇନ୍ଦିପୁର ଦଳର ଖେଳାଳିମାନେ ୧-୦ ଗୋଲରେ ପୁରଣ ଦଳକୁ ହରାଇ ବିଜୟୀ ହୋଇଥିଲେ। ଶେଷରେ ଅତିଥିମାନେ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।



## ବଡ଼ମୂଳବସନ୍ତରେ କୁରାଳ ପଞ୍ଚମୀ



ପଟ୍ଟାମୁଣ୍ଡାଇ,୩୦।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୂଳବସନ୍ତ ପଞ୍ଚାୟତ ନସିପୁର ସୁଜାବାଜ ଗ୍ରାମରେ ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ୫ଦିନ ଧରି କୁରାଳ ପଞ୍ଚମୀ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ବିଭିନ୍ନ ଦେବାଦେବୀଙ୍କ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶହ ଶହ ଶ୍ରଦ୍ଧାଳୁଙ୍କ ସହ ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଯୋଗଦେଇ ବିଭିନ୍ନ ଦେବାଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଯୁବକ ସଂଘ ସଭାପତି ଭ୍ରମରବର ବେହେରା, ସମ୍ପାଦକ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ସଞ୍ଜୟ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ଜଣାଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନାରାୟଣ ବେହେରା, ସୁଶାନ୍ତ ବେହେରା, ସୁରେଶ ବେହେରା, ପ୍ରଭାକର ବେହେରା, ନିରଞ୍ଜନ ବେହେରା, ଅଭିରାମ ବେହେରା, ଶୁଭେନ୍ଦୁ ବେହେରା, ସୁମନ୍ତ ବେହେରା, ପ୍ରଫୁଲ୍ଲ ବେହେରା ପରିଚାଳନା କରିଥିବାବେଳେ ନିରାକାର ବେହେରା, ତପନ ବେହେରା, ସିଦ୍ଧାର୍ଥ ବେହେରା, ରିତେଶ ବେହେରା, ହିତିକ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବଡ଼ପଡ଼ା ଡିଗ୍ରୀ କଲେଜରେ ସ୍ୱାଗତ ଉତ୍ସବ

ପଟ୍ଟାମୁଣ୍ଡାଇ,୩୦।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ଡିଗ୍ରୀ କଲେଜରେ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ଆଚାର୍ଯ୍ୟଙ୍କ ପୌରୋହିତ୍ୟ ଓ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବେହୁରାଙ୍କ ସଂଯୋଜନାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅଧ୍ୟାପକ ମନୋରଞ୍ଜନ ଆଚାର୍ଯ୍ୟ, ପଞ୍ଚାନନ ମଲ୍ଲିକ, ଡ. ରାଜେନ୍ଦ୍ର ପାତ୍ର ଓ ଅଧ୍ୟାପିକା ପୁଷ୍ପାଞ୍ଜଳି ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ଉତ୍ତମ ଶିକ୍ଷା ଗ୍ରହଣ କରି ଶିକ୍ଷାନୁଷ୍ଠାନର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ। 'ନୂଆ-ଓ' କାର୍ଯ୍ୟକ୍ରମରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସୁନିତା ବେହେରା ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ବଡ଼ପଡ଼ା ଡିଗ୍ରୀ କଲେଜର ନୂତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## କୃଷି ବିଶାରଦଙ୍କ ଶ୍ରଦ୍ଧାଞ୍ଜଳି ସଭା

ବିରିଡ଼ି,୩୦।୧୨(ସମିସ): ବିରିଡି ବ୍ଲକ ବେଲେଶ୍ୱରପୁର ଗ୍ରାମର କୃଷି ବିଶାରଦ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଧିରେନ୍ଦ୍ର ନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗାନ୍ଧୀବାଦୀ ସର୍ବୋଦୟ ନେତା ଡା. ବିଶ୍ୱଜିତ୍ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ନିଶାକର ଦାସ, ଅଜୟ କୁମାର ଭୂୟାଁ, ବେଣୁଧର ଖୁଣ୍ଟିଆ, ସମୀର ସେନାପତି, ମିଳନ ରଂଜନ ଦାସ, ବଳରାମ ମଲ୍ଲିକ, ସମୀର ଖୁଣ୍ଟିଆ, ବିଦ୍ୟୁତ୍ ଭୂଷଣ ମହାରଣା, ତୃପ୍ତି ରଞ୍ଜନ ରାୟ, ପ୍ରଦୀପ୍ତ ରାୟ, ରବୀନ୍ଦ୍ର ରାୟ ପ୍ରମୁଖ ଯୋଗଦେଇ କୃଷିର ଉନ୍ନତି କ୍ଷେତ୍ରରେ ସ୍ୱର୍ଗତଃ ମହାପାତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ନାରାୟଣ ଭୋଳ




ସଂଯୋଜନା କରିଥିବା ବେଳେ ପୁତ୍ର ରଞ୍ଜିତ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ଜାମାତା ଜଟାଧାରୀ ପ୍ରଧାନ, କେଶବ ଜେନା, ପୁତ୍ରବଧୂ ସୁନିତା ମହାପାତ୍ର, ମାନସୀ ବିଶ୍ୱାଳ, ଅନିମା ରାୟ, ଝିଅ ସୁମିତ୍ରା ମହାପାତ୍ର, ସୁଚିତ୍ରା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଏକାଦଶାହରେ ସ୍ମୃତିସଭା

କେନ୍ଦ୍ରାପଡ଼ା,୩୦।୧୨(ସମିସ): କେନ୍ଦ୍ରାପଡ଼ା ଅର୍ବାନ କୋପରେଟିଭ ବ୍ୟାଙ୍କର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ମହାନ୍ତିଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ବ୍ୟାଙ୍କର ସମ୍ମିଳନୀ କକ୍ଷରେ ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ ବ୍ୟାଙ୍କର କର୍ମଚାରୀ ଓ ପୂର୍ବତନ କର୍ମଚାରୀମାନେ ଯୋଗଦେଇ ସ୍ୱର୍ଗତ



ମହାନ୍ତିଙ୍କ କାର୍ଯ୍ୟାବଳୀ, ଗୁଣ, ନେତୃତ୍ୱ ଏବଂ ଦକ୍ଷତା ସମ୍ପର୍କରେ ଆଲୋଚନା ଏବଂ ସ୍ମୃତିଚାରଣ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ସଭାରେ ବ୍ୟାଙ୍କର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶିଲ କୁମାର ସାମଲ, ଅଶୋକ କୁମାର ମହାନ୍ତି, ଭଞ୍ଜ କିଶୋର ମହାନ୍ତି, ସୁରେଶ ଚନ୍ଦ୍ର ପରିଡା, ସୁକାନ୍ତ କୁମାର କର, ବିବେକାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## କବି ନୃସିଂହ ଚରଣ ରାଉତଙ୍କୁ ସାରସ୍ୱତ ସାଧକ ସମ୍ମାନ



ପଟ୍ଟାମୁଣ୍ଡାଇ,୩୦।୧୨(ସମିସ): ପଟ୍ଟାମୁଣ୍ଡାଇ ଓ ଆଳି ଅଞ୍ଚଳର ଲବ୍ଧପ୍ରତିଷ୍ଠିତ କବି, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ନୃସିଂହ ଚରଣ ରାଉତଙ୍କୁ ତାଙ୍କର ଅନନ୍ୟ ସାରସ୍ୱତ ସାଧନା ଓ ସାହିତ୍ୟ ଜଗତକୁ ବଳିଷ୍ଠ ଅବଦାନ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦ ଶିଶିର ଉତ୍ସବ -୨୦୨୩ ଅବସରରେ ସାରସ୍ୱତ ସାଧକ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଜ୍ଞାନପୀଠ ପୁରସ୍କାର ବିଜେତା କବି ପ୍ରଫେସର ରାମଚନ୍ଦ୍ର ବେହେରା, ସାହିତ୍ୟିକ ଅପର୍ଣ୍ଣା ମହାନ୍ତି, ପ୍ରାଧାପକ ଭୁବନମୋହନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କବି ଶ୍ରୀରାଉତଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ପାଞ୍ଚଣପଡ଼ା ଗ୍ରାମ ନିବାସୀ କବି ଶ୍ରୀ ରାଉତ ବହୁ କବିତା, ନାଟକ ରଚନା କରିବା ସହିତ ନାଟକର ନିର୍ଦ୍ଦେଶନ ଦେଇ ବେଶ ଲୋକପ୍ରିୟତା ହାସଲ କରିଛନ୍ତି।

## ଏରସମା ପ୍ରିମିୟର ଲିଗ୍: ଦି' ବିଲିଭର୍ସ ଚାମ୍ପିଅନ

ଏରସମା,୩୦।୧୨(ସମିସ): ଆଞ୍ଚଳିକ ଯୁବ ପରିଷଦ ଆନୁକୂଲ୍ୟରେ ଏରସମା ମିନି ଷ୍ଟାଡିୟମରେ ଆୟୋଜିତ ଏରସମା ପ୍ରିମିୟର ଲିଗ୍ ସିଜନ୍-୨ର ଫାଇନାଲ ମ୍ୟାଚ୍‌ରେ ଦି ବିଲିଭର୍ସ ମାଭେରିକ୍ସକୁ ହରାଇ ଚାମ୍ପିଅନ ହୋଇଛି। ଆଜି ଟସ୍ ଜିତି ମାଭେରିକ୍ସ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୦ ରନ୍ କରିଥିଲା। ଜବାବରେ ଦି ବିଲିଭର୍ସ ୧୫ ଓଭରରେ ୯ ୱିକେଟ ହରାଇ ୧୩୦ ରନ୍ କରିଥିଲା। ଫଳରେ ମ୍ୟାଚ୍ ଅମୀମାଂଶିତ ହୋଇଥିଲା। ପରେ ଅନୁଷ୍ଠିତ ସୁପରଓଭର୍ ମ୍ୟାଚରେ ଦି ବିଲିଭର୍ସ ବିଜୟଲାଭ କରି ଚାମ୍ପିଅନ ହୋଇଛି। ଦେବାଶିଷ ବିଶ୍ୱାଳ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ତୁଷାର ମହାନ୍ତି ଓ ସାଗର ମଲ୍ଲିକ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଏରସମା ପଞ୍ଚାୟତ ସରପଞ୍ଚ ସଚ୍ଚିଦାନନ୍ଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଆଞ୍ଚଳିକ ଯୁବ ପରିଷଦ ସଭାପତି ଜ୍ୟୋତି ରଞ୍ଜନ କୁଅଁର, ଦେବବ୍ରତ ରାଉତରାୟ, ସମରେଶ ମୁଦୁଲି, ଦିଲ୍ଲୀପ କୁମାର ସାହୁ, କେଦାର ନାଥ ମଲ୍ଲିକ, ପ୍ରିୟ ରଞ୍ଜନ ବେହେରା, ଜୟନ୍ତ



କୁମାର ସେଠୀ, ବିଚିତ୍ରାନନ୍ଦ ଖଣ୍ଡୁଆଳ, ରାମଦାସ ଓ ତ୍ରିନାଥ ପ୍ରଶାଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ଆରମ୍ଭରୁ ଅନିୟମିତତା

ଗରଦପୁର,୩୦ ।୧୨(ସମିସ): ଗରଦପୁର ବ୍ଲକ କାର୍ଯ୍ୟାଳୟ ପାଖରେ ଚାଲିଥିବା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ନିର୍ମାଣ ଆରମ୍ଭରୁ ଅନିୟମିତତା ଦେଖିବାକୁ ମିଳିଛି। ବ୍ରହ୍ମପୁରଠାରୁ ତଳକୁସୁମା ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୫.୭ କିମି ରାସ୍ତା କାର୍ଯ୍ୟ ଚାଲିଛି। ରାସ୍ତାରେ ଗୋଡ଼ି, ଡଷ୍ଟ ପଡ଼ିବା ପରେ ପିଚୁ ହେବା ପୂର୍ବରୁ ଏହାର ଦୁଇ ପାର୍ଶ୍ୱକୁ ମାଟି ଫିଲିଂ ପାଇଁ ଏଷ୍ଟିମେଟ ହୋଇଛି। ରାସ୍ତାର ମାଟି କାର୍ଯ୍ୟ ପାଇଁ ୯.୨୦୬.୫୨ ଘନ ମିଟର ଅଥବା ୧୫୩୫ ଟ୍ରକ ମାଟି ରାସ୍ତାର ଉଭୟ ସାଇଡରେ ପଡ଼ିବା କଥା; ହେଲେ ଆରମ୍ଭରୁ ଦୁର୍ନୀତି ଆରମ୍ଭ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଷ୍ଟିମେଟରେ ମାଟି କିଣିବା ପାଇଁ ସ୍ୱତନ୍ତ୍ର ଭାବେ ଉଲ୍ଲେଖ ରହିଛି; ହେଲେ ରାସ୍ତା କଡ଼ରୁ ମାଟି ତାଡ଼ି ପକା ଯାଉଛି। ଏଣୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ତେବେ ରାସ୍ତା ନିର୍ମାଣ ଶେଷ ପୂର୍ବରୁ ଫାଟିଯିବା ସହ ରାସ୍ତା ଦବି ଯିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।





# ବିଶ୍ୱ କ୍ରୀଡ଼ାଙ୍ଗନ

# କ୍ରୀଡ଼ା ସତରଞ୍ଜରେ '୨୪



ବିଶ୍ୱରେ ଏବେ କ୍ରୀଡ଼ାର ଭୂମିକା ଅନେକ ରହିଛି । ୨୦୨୩ରେ ଅନେକ ସଫଳ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲାବେଳେ କ୍ରୀଡ଼ାବିତମାନେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି । ୨୦୨୪ରେ ମଧ୍ୟ ଅନେକ ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି । ଏହି ବର୍ଷ ବିଶ୍ୱର ସର୍ବବୃହତ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଖେଳାଯିବ । ଏଣୁ ୨୦୨୪କୁ ଅଲିମ୍ପିକ୍ସର ବର୍ଷ କହିଲେ ଅତ୍ୟୁକ୍ତି ହେବ ନାହିଁ ।

## କ୍ରୀଡ଼ାସୂଚୀ

**ଜାନୁଆରୀ**
୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍
ଦକ୍ଷିଣ ଆଫ୍ରିକା

**ଜୁନ୍**
ପୁରୁଷ ଟି-୨୦ କ୍ରିକେଟ ବିଶ୍ୱକପ୍
ୱେଷ୍ଟଇଣ୍ଡିଜ୍/ ଆମେରିକା

**ଜୁନ୍**
ୟୁରୋକପ୍ ଫୁଟବଲ
ଜର୍ମାନୀ

**ଜୁନ୍**
କୋପା ଆମେରିକା ଫୁଟବଲ
ଆମେରିକା

**ଜୁଲାଇ**
ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ
ପ୍ୟାରିସ୍, ଫ୍ରାନ୍ସ

**ଅଗଷ୍ଟ**
ଗ୍ରୀଷ୍ମକାଳୀନ ପାରାଅଲିମ୍ପିକ୍ସ
ପ୍ୟାରିସ୍, ଫ୍ରାନ୍ସ

**ଅଗଷ୍ଟ**
୨୦ ବର୍ଷରୁ କମ୍ ଫିଫା ବିଶ୍ୱକପ୍
କଲମ୍ବିଆ

**ସେପ୍ଟେମ୍ବର**
ମହିଳା ଟି-୨୦ କ୍ରିକେଟ ବିଶ୍ୱକପ୍
ବାଂଲାଦେଶ

**ଅକ୍ଟୋବର**
୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍
ଡୋମିନିକା

## ୨୦ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍

୨୦୨୪ରେ ୨୦ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍‌ର ଏକାଦଶ ସଂସ୍କରଣ ଲାଟିନ ଆମେରିକୀୟ ଦେଶ କଲମ୍ବିଆରେ ଆୟୋଜନ ହେବ । ବିଶ୍ୱର ସମସ୍ତ ୬ଟି ଫୁଟବଲ ମହାସଂଘର ୨୪ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ । ପ୍ରତି ଦୁଇବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୩୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୨ରେ ଶେଷ ହେବ । କଲମ୍ବିଆରେ ଏହା ହେବ ଯେ କୌଣସି ଫିଫା ବିଶ୍ୱକପ୍‌ର ତୃତୀୟ ସଂସ୍କରଣ ଓ ପ୍ରଥମ ମହିଳା ବିଶ୍ୱକପ୍ । ■

FIFA™
U-20 WOMEN'S WORLD CUP
COLOMBIA 2024

## ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍

ଆସନ୍ତାବର୍ଷ ଅକ୍ଟୋବର ୧୬ରୁ ନଭେମ୍ବର ୩ ତାରିଖ ଡୋମିନିକାନ ରିପବ୍ଲିକ୍‌ରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆୟୋଜନ ହେବ । ପ୍ରତି ଦୁଇବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଫୁଟବଲ ମହାସଂଘର ୧୬ଟି ଦଳ ଅଂଶଗ୍ରହଣ କରିବେ । ପ୍ରଥମଥର ପାଇଁ ଡୋମିନିକାରେ ଫିଫା ଇଭେଣ୍ଟ ଆୟୋଜନ ହେବ । ଗତ ଦୁଇଟି ସଂସ୍କରଣରେ ସ୍ପେନ୍ ଟାଇଟଲ ହାସଲ କରିଛି । ଏହି ପ୍ରତିଯୋଗିତା ୨୦୨୪ ଅକ୍ଟୋବର ୧୬ରୁ ଆରମ୍ଭ ହୋଇ ନଭେମ୍ବର ୩ରେ ଶେଷ ହେବ । ■

## ୟୁରୋକପ୍ ଓ କୋପା ଆମେରିକା

ୟୁରୋପ ମହାଦେଶର ସର୍ବ ବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ୟୁରୋକପ୍ ଓ ଦକ୍ଷିଣ ଆମେରିକାର ସବୁଠାରୁ ବଡ଼ ଫୁଟବଲ ଟୁର୍ଣ୍ଣାମେଣ୍ଟ କୋପା ଆମେରିକା ଏହି ବର୍ଷ ଆୟୋଜନ ହେବ । ୟୁରୋକପ୍ ଜୁନ୍ ୧୪ରୁ ଆରମ୍ଭ ହୋଇ ଜୁଲାଇ ୧୪ରେ ଶେଷ ହେବ । ସେହିପରି କୋପା ଆମେରିକା ଜୁନ୍ ୨୦ରୁ ଆରମ୍ଭ ହୋଇ ଜୁଲାଇ ୧୪ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି । ଆର୍ଜେଣ୍ଟିନା ଗତଥର ଚାମ୍ପିଅନ ହୋଇଥିଲା । ସେହିପରି ୟୁରୋକପ୍‌ରେ ଇଟାଲୀ ଟାଇଟଲ ହାସଲ କରିଥିଲା । ■

UEFA EURO2024 GERMANY

## ଆମେରିକାରେ ଟି-୨୦ ବିଶ୍ୱକପ୍ କ୍ରିକେଟ

୨୦୨୪ ଦ୍ୱିତୀୟ ବଡ଼ ଟୁର୍ଣ୍ଣାମେଣ୍ଟ ହେବ ଟି-୨୦ ବିଶ୍ୱକପ୍ । ଏହି ବିଶ୍ୱକପ୍ ଦ୍ୱିତୀୟଥର ୱେଷ୍ଟଇଣ୍ଡିଜ୍‌ରେ ଓ ଏହାର କିଛି ମ୍ୟାଚ୍ ଆମେରିକାରେ ପ୍ରଥମଥର ଖେଳାଯିବ । ଜୁନ୍ ୪ରୁ ଆରମ୍ଭ ହୋଇ ଏହା ୩୦ ତାରିଖରେ ଶେଷ ହେବ । ବିଶ୍ୱକପ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରିବେ ଓ ମୋଟ୍ ୫୫ଟି ମ୍ୟାଚ୍ ଖେଳାଯିବ । ■



ICC MEN'S T20 WORLD CUP WEST INDIES & USA 2024

## ବାଂଲାଦେଶରେ ମହିଳା ଟି-୨୦ ବିଶ୍ୱକପ୍

ସେହିଭଳି ସେପ୍ଟେମ୍ବର ଓ ଅକ୍ଟୋବରରେ ବାଂଲାଦେଶରେ ମହିଳା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆୟୋଜନ ହେବ । ଏଥିରେ ଭାରତ, ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ସମେତ ୧୦ଟି ଦଳ ଅଂଶଗ୍ରହଣ କରିବେ ଓ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୨୩ଟି ମ୍ୟାଚ୍ ଖେଳାଯିବ । ■

## ୧୯ ବର୍ଷରୁ କମ୍ ବିଶ୍ୱକପ୍

ଏହି ବର୍ଷ ଦକ୍ଷିଣ ଆଫ୍ରିକାରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ ଖେଳାଯିବ । ଜାନୁଆରୀ ୧୯ରୁ ଆରମ୍ଭ ହୋଇ ଏହା ଫେବୃଆରୀ ୧୧ରେ ଶେଷ ହେବ । ବିଶ୍ୱକପ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରିବେ ଓ ମୋଟ୍ ୪୮ଟି ମ୍ୟାଚ୍ ଖେଳାଯିବ । ଭାରତ ଗ୍ରୁପ୍ ଏ'ରେ ବାଂଲାଦେଶ, ଆମେରିକା ଆୟର୍ଲାଣ୍ଡ ସହିତ ସାମିଲ ରହିଛି । ଡିଫେଣ୍ଡିଂ ଚାମ୍ପିଅନ ଭାରତ ମୋଟ ୫ଟି ଟାଇଟଲ ହାସଲ କରି ବିଶ୍ୱକପ୍‌ରେ ସଫଳତମ ଦଳ ବିବେଚିତ ହେଉଛି । ■

## ପ୍ୟାରିସ୍‌ରେ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ

ବିଶ୍ୱର ସର୍ବୃହତ୍ କ୍ରୀଡ଼ା ପ୍ରତିଯୋଗିତା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଜୁଲାଇ ୨୬ରୁ ଅଗଷ୍ଟ ୧୧ ତାରିଖଯାଏ ଆୟୋଜନ ହେବ । ୩୨ଟି କ୍ରୀଡ଼ାର ୪୮ଟି ବର୍ଗରେ ମୋଟ୍ ୩୨୯ଟି ଇଭେଣ୍ଟରେ ବିଭିନ୍ନ ଦେଶର ମୋଟ୍ ୧୦,୫୦୦ ଆଥଲେଟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିବା ଭାରତୀୟ ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ଏବଂ ପାରା ଆଥଲେଟ୍ ପ୍ରମୋଦ ଭଗତ ତାଙ୍କର ସ୍ୱର୍ଣ୍ଣିମ ସଫଳତାକୁ ଦୋହରାଇବେ ବୋଲି ଆଶା କରାଯାଉଛି । ଲଣ୍ଡନ ପରେ ବିଶ୍ୱର ଦ୍ୱିତୀୟ ସହର ଭାବେ ପ୍ୟାରିସ୍‌ରେ ତୃତୀୟଥର ପାଇଁ ଅଲିମ୍ପିକ୍ସ ଆୟୋଜନ ହେବ । ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଶେଷ ହେବା ପରେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ତାରିଖ ମଧ୍ୟରେ ପାରାଅଲିମ୍ପିକ୍ସ ଅନୁଷ୍ଠିତ ହେବ । ୨୨ଟି କ୍ରୀଡ଼ାରେ ମୋଟ୍ ୫୪୯ଟି ଇଭେଣ୍ଟରେ ବିଶ୍ୱର କୋଣ ଅନୁକୋଣରୁ ଆଥଲେଟମାନେ ଏଥିରେ ଭାଗ ନେବେ । ଏଥର ମହିଳା ବର୍ଗରେ ଅଧିକ ୮ଟିକୁ ମିଶାଇ ମୋଟ୍ ୨୩୫ଟି ମେଡାଲ ଇଭେଣ୍ଟ ଆୟୋଜନ ହେବ । ■



## ଓଡ଼ିଶାରେ ବଡ଼ ଟୁର୍ଣ୍ଣାମେଣ୍ଟ

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଭାରତୀୟ ପୁରୁଷ ଓ ମହିଳା ହକି ଦଳ ଭୁବନେଶ୍ୱର ଓ ରାଉରକେଲାରେ ୨୦୨୪ ଫେବୃଆରୀରେ ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍)ର ପ୍ରୋ ଲିଗ୍‌ର କେତୋଟି ମ୍ୟାଚ୍ ଖେଳିବେ ।

### କଳିଙ୍ଗ ସୁପରକପ୍ ଫୁଟବଲ୍

ଭୁବନେଶ୍ୱରର ଆଇକନିକ କଳିଙ୍ଗ ଷ୍ଟାଡିୟମରେ ହାଇପ୍ରୋଫାଇଲ କଳିଙ୍ଗ ସୁପରକପ୍ ଫୁଟବଲ ଜାନୁଆରୀ ୯ରୁ ୨୮ ତାରିଖ ମଧ୍ୟରେ ଖେଳାଯିବ । ଏଥିରେ ଆଇଏସ୍‌ଏଲ୍ ଓ ଆଇ ଲିଗ୍‌ର ୧୬ଟି ଶ୍ରେଷ୍ଠଦଳ ଏଥିରେ ଅଂଶଗ୍ରହଣ କରିବେ । ଆଇଏସ୍‌ଏଲ୍ ଟିମ୍ ଓଡ଼ିଶା ଏଫ୍‌ସି ଏଥିରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି ।

### ଜିମ୍ନାଷ୍ଟିକ୍ସ ଓ ବ୍ୟାଡ୍‌ମିଣ୍ଟନ

ଏହି ବର୍ଷ କଳିଙ୍ଗରେ ପ୍ରଥମଥର ଦେଶର ସମସ୍ତ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ନେଇ ଜାତୀୟ ବରିଷ୍ଠ ଜିମ୍ନାଷ୍ଟିକ୍ସ ଚାମ୍ପିଅନ୍‌ସିପ ଖେଳାଯିବ । ଏହା ଜାନୁଆରୀ ୨ରୁ ଆରମ୍ଭ ହୋଇ ୪ରେ ଶେଷ ହେବ । ସେହିପରି ବାର୍ଷିକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ ନଭେମ୍ବର/ଡିସେମ୍ବରରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଏହା ବ୍ୟତୀତ ବିଭିନ୍ନ ଖେଳର କିଛି ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି ।



## ଭାରତରେ ଆୟୋଜିତ ହେବାକୁ ଥିବା କିଛି ବଡ଼ କ୍ରୀଡ଼ା ପ୍ରତିଯୋଗିତା

| ଇଭେଣ୍ଟ | କ୍ରୀଡ଼ା | ଭେନ୍ୟୁ | ତାରିଖ |
|---|---|---|---|
| ଆଫଗାନିସ୍ତାନର ଭାରତ ଗସ୍ତ | କ୍ରିକେଟ୍ | ଏକାଧିକ ଗ୍ରାଉଣ୍ଡ | ଜାନୁଆରୀ ୧୧ରୁ ୧୭ |
| ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ | ହକି | ରାଞ୍ଚି | ଜାନୁଆରୀ ୧୩ରୁ ୧୯ |
| ଇଣ୍ଡିଆ ଓପନ୍ | ବ୍ୟାଡ୍‌ମିଣ୍ଟନ | ନୂଆଦିଲ୍ଲୀ | ଜାନୁଆରୀ ୧୬ରୁ ୨୧ |
| ଡବ୍ଲ୍ୟୁଟିଟି ଷ୍ଟାର୍ କଣ୍ଟେଣ୍ଡର୍ | ଟେବଲ୍ ଟେନିସ | ଗୋଆ | ଜାନୁଆରୀ ୨୩ରୁ ୨୮ |
| ଇଂଲଣ୍ଡର ଭାରତ ଗସ୍ତ | କ୍ରିକେଟ୍ | ଏକାଧିକ ଗ୍ରାଉଣ୍ଡ | ଜାନୁଆରୀ ୨୫ରୁ ମାର୍ଚ୍ଚ ୧୧ |
| ମହିଳା ହକି ପ୍ରୋ ଲିଗ୍ | ହକି | ଭୁବନେଶ୍ୱର | ଫେବ୍ରୁଆରୀ ୩ରୁ ୯ |
| ପୁରୁଷ ହକି ପ୍ରୋ ଲିଗ୍ | ହକି | ଭୁବନେଶ୍ୱର | ଫେବ୍ରୁଆରୀ ୧୦ରୁ ୧୬ |
| ମହିଳା ହକି ପ୍ରୋ ଲିଗ୍ | ହକି | ରାଉରକେଲା | ଫେବ୍ରୁଆରୀ ୧୨ରୁ ୧୮ |
| ପୁରୁଷ ହକି ପ୍ରୋ ଲିଗ୍ | ହକି | ରାଉରକେଲା | ଫେବ୍ରୁଆରୀ ୧୯ରୁ ୨୫ |
| ସାଫ୍ କନିଷ୍ଠ ଦୌଡ଼କୁଦ | ଦୌଡ଼କୁଦ | ଚେନ୍ନଇ | ଏପ୍ରିଲ ୧୨ରୁ ୧୪ |
| ବିଶ୍ୱ କନିଷ୍ଠ ଚାମ୍ପିଅନସିପ୍ | ଚେସ୍ | ନୂଆଦିଲ୍ଲୀ | ଜୁନ ୧ରୁ ୧୪ |
| ଇଣ୍ଡିଆନ ଗ୍ରାଁପ୍ରି | ମୋଟୋଜିପି | ଗ୍ରେଟର୍ ନୋଏଡା | ସେପ୍ଟେମ୍ବର ୨୦ରୁ ୨୨ |
| ବାଂଲାଦେଶର ଭାରତ ଗସ୍ତ | କ୍ରିକେଟ୍ | ଏକାଧିକ ଗ୍ରାଉଣ୍ଡ | ସେପ୍ଟେମ୍ବର |
| ସାଫ୍ ବରିଷ୍ଠ ଦୌଡ଼କୁଦ | ଦୌଡ଼କୁଦ | ରାଞ୍ଚି | ଅକ୍ଟୋବର ୪ରୁ ୬ |
| ନ୍ୟୁଜିଲାଣ୍ଡର ଭାରତ ଗସ୍ତ | କ୍ରିକେଟ୍ | ଏକାଧିକ ଗ୍ରାଉଣ୍ଡ | ଅକ୍ଟୋବର |
| ସୟଦ ମୋଦି ଇଣ୍ଟରନ୍ୟାସନାଲ | ବ୍ୟାଡ୍‌ମିଣ୍ଟନ | ଲକ୍ଷ୍ନୌ | ନଭେମ୍ବର ୨୬ରୁ ଡିସେମ୍ବର ୧ |
| ଇଣ୍ଡିଆ ସୁପର୍- ୧୦୦ | ବ୍ୟାଡ୍‌ମିଣ୍ଟନ | - | ଡିସେମ୍ବର ୩ରୁ ୮ |
| ଇଣ୍ଡିଆ ସୁପର୍- ୧୦୦ | ବ୍ୟାଡ୍‌ମିଣ୍ଟନ | - | ଡିସେମ୍ବର ୧୦ରୁ ୧୫ |
| ୱେଷ୍ଟଇଣ୍ଡିଜ ମହିଳା ଦଳର ଭାରତ ଗସ୍ତ | କ୍ରିକେଟ୍ | - | ଡିସେମ୍ବର |

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

## ଗାଜାରେ ଇସ୍ରାଏଲ...

ଅଞ୍ଚଳରୁ ପ୍ରାୟ ୧୫ ଲକ୍ଷରୁ ଅଧିକ ଲୋକ ଦକ୍ଷିଣ ଗାଜା ତଥା ଇଜିପ୍ଟ ସୀମା ନିକଟକୁ ପଳାୟନ କରିଥିଲା ବେଳେ ଗତ କିଛି ଦିନ ମଧ୍ୟରେ ଖାନ୍ ୟୁନୁସ୍ ସହରାଞ୍ଚଳରୁ ପ୍ରାୟ ଏକ ଲକ୍ଷ ସ୍ଥାନ ଛାଡିଛନ୍ତି ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି। ଏହାଛଡ଼ା ବର୍ତ୍ତମାନ ସୁଦ୍ଧା ଗାଜାର ୭୦ ପ୍ରତିଶତ ଘର ଧ୍ୱଂସ ହୋଇଯାଇଛି ବୋଲି କୁହାଯାଇଛି। ଏଭଳି ସ୍ଥିତିରେ ତୁରନ୍ତ ଆକ୍ରମଣ ବନ୍ଦ କରିବାକୁ ଜାତିସଂଘ ପକ୍ଷରୁ ଇସ୍ରାଏଲକୁ ବାରମ୍ବାର କୁହାଯାଇଥିଲେ ହେଁ ଏହାକୁ ଇସ୍ରାଏଲ ସରକାର ଖାତିର କରିନାହାନ୍ତି। ବରଂ ଦିନକୁ ଦିନ ଆକ୍ରମଣ ଜୋରଦାର କରାଯାଇଛି। ଅନ୍ୟପକ୍ଷରେ ଇସ୍ରାଏଲକୁ ପୁଣି ଅସ୍ତ୍ରଶସ୍ତ୍ର ଯୋଗାଣ ପାଇଁ ଆମେରିକାର ବାଇଡେନ ପ୍ରଶାସନ ଅନୁମତି ଦେଇଛି। ଆମେରିକା କଂଗ୍ରେସର ଅନୁମୋଦନ ବିନା ବାଇଡେନ ପ୍ରଶାସନ ୧୪୭ ନିୟୁତ ଡଲାର ମୂଲ୍ୟର ଅସ୍ତ୍ର ସରଞ୍ଜାମ ଯୋଗାଇ ଦେବାକୁ ଘୋଷଣା କରିଛି।

## ପୁଲିସ ଡିଜି...

ବ୍ୟାଚ୍ ମଧ୍ୟରେ ଥିବା ମୋଟ ୮ଜଣ ଆଇପିଏସ୍ ଅଫିସରଙ୍କ ମଧ୍ୟରୁ ୧୯୮୯ ବ୍ୟାଚ୍‌ର ଆଇପିଏସ୍ ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତ ୭ଜଣଙ୍କ ନାମ ୟୁପିଏସ୍‌ସିକୁ ପଠାଯାଇଥିଲା। ୧୯୮୮ ବ୍ୟାଚ୍‌ର ଅରୁଣ କୁମାର ରାୟ, ୧୯୮୯ ବ୍ୟାଚ୍‌ର ଏ.ଏମ୍.ପ୍ରସାଦ, ବି. ରାଧିକା, ଏସ୍‌ଏମ୍ ନରୱଣେ ଏବଂ ୧୯୯୦ ବ୍ୟାଚ୍‌ର ୱାଇ.ବି ଖୁରାନିଆ, ସୁଧାଂଶୁ ଷଡ଼ଙ୍ଗୀ ଓ ଅରୁଣ ଷଡ଼ଙ୍ଗୀଙ୍କ ନାଁ ରହିଥିଲା। ଏହି ଅଫିସର୍‌ଙ୍କ ତାଲିକା ପଠାଯାଇଥିଲେ ମଧ୍ୟ ଏମାନଙ୍କ ମଧ୍ୟରୁ ଅଧିକାଂଶ ୟୁପିଏସ୍‌ସିଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁନଥିବା ଜଣାପଡ଼ିଥିଲା।

## ୨ ହଜାର କୋଟିରେ...

ପାଇଁ ମଧ୍ୟ ଭିତ୍ତି ରଖିଛନ୍ତି। ଏହି ପ୍ରକଳ୍ପରେ ୨ଟି ବ୍ୟାରେଜ ନିର୍ମାଣ କରାଯିବ। ଏଥିପାଇଁ ୫୭୭ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ଦ୍ୱାରା ନବରଙ୍ଗପୁର ଓ କୋଷାଗୁମୁଡା ବ୍ଲକ୍‌ର ୪୦ଟି ଗ୍ରାମର ୨୦ ହଜାର ଏକର ଚାଷ ଜମିରେ ପାଣି ପହଞ୍ଚିବ। ସବୁ ପ୍ରକଳ୍ପରେ ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗ କରାଯାଇ ଭୂତଳ ପାଇପ୍ ଲାଇନ୍ ମାଧ୍ୟମରେ ଚାଷ ଜମିକୁ ଜଳସେଚନ କରାଯିବ। ତେଣୁ ୨ଟି ଯାକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିର୍ମାଣ ପାଇଁ କୌଣସି ବିସ୍ଥାପନର ଆବଶ୍ୟକତା ରହିବ ନାହିଁ।

ଭିଡିଓ କନଫରେନ୍ସିଂ ଜରିଆରେ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ନବରଙ୍ଗପୁର ପାଇଁ ଏକ ଖୁସିର ଦିନ। ନବରଙ୍ଗପୁର ଜିଲ୍ଲା ପାଇଁ ମୋର ସ୍ୱତନ୍ତ୍ର ଧ୍ୟାନ ରହିଛି। ମାର୍ଚ୍ଚ ମାସରେ ମୋ ନିର୍ଦ୍ଦେଶ କ୍ରମେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ନବରଙ୍ଗପୁର ଯାଇଥିଲେ ଆପଣମାନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ଆପଣମାନଙ୍କ ଯାହା ସବୁ ପ୍ରସ୍ତାବ ଅଛି ସବୁ ଆମେ କାର୍ଯ୍ୟକାରୀ କରିବୁ। ଆଗାମୀ କିଛି ବର୍ଷ ମଧ୍ୟରେ ନବରଙ୍ଗପୁରର ଭିତ୍ତିଭୂମି କ୍ଷେତ୍ରରେ ବହୁତ ବଡ଼ ରୂପାନ୍ତରଣ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କିଛି ଦିନ ତଳେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ସମୟରେ ମୁଁ ଆପଣମାନଙ୍କୁ ଭେଟିଥିଲି। ମୋର ବିଶ୍ୱାସ, ଲକ୍ଷ୍ମୀ ଯୋଜନା ଆପଣମାନଙ୍କ ଜୀବନଧାରାକୁ ସହଜ କରୁଥିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୃଷି ଆମ ଅର୍ଥନୀତିର, ଆମ ସାମାଜିକ ବ୍ୟବସ୍ଥାର ମେରୁଦଣ୍ଡ। ସେଥିପାଇଁ ଚାଷର ଉନ୍ନତି ଓ ଚାଷୀର କଲ୍ୟାଣ ପାଇଁ ମୁଁ ସବୁବେଳେ ଗୁରୁତ୍ୱ ଦେଇଆସିଛି। ସାରା ରାଜ୍ୟରେ ଅନେକ ବଡ ବଡ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଚାଷୀମାନଙ୍କ ପାଇଁ କାଳିଆ ଯୋଜନା, ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧବିହୀନ ଋଣ ଆଦି ଅନେକ ସୁବିଧା କରାଯାଇଛି। ଚାଷୀ ଓ ମା' ମାନଙ୍କ ଉନ୍ନତି ବିନା ବିକାଶ ଲକ୍ଷ୍ୟ ହାସଲ କରାଯାଇ ପାରିବ ନାହିଁ। ସେଥିପାଇଁ ଚାଷୀମାନଙ୍କ କଲ୍ୟାଣ, ମା' ମାନଙ୍କ କଲ୍ୟାଣ ସବୁବେଳେ ମୋ ଫୋକସ୍‌ରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ବିଏସ୍‌କେୱାଇ ଯୋଜନାରେ ଏବେ ଆମେ ଗାଁର ସବୁ ଲୋକଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ନେଇଛୁ। ଏବେ ରାଜ୍ୟର ୯୦ ପ୍ରତିଶତ ଲୋକ ମାଗଣାରେ ଭଲ ଚିକିତ୍ସା ସୁବିଧା ପାଇବେ। ଅର୍ଥାଭାବରୁ କେହି ଯେପରି ଭଲ ଚିକିତ୍ସା ପାଇବାରୁ ବଞ୍ଚିତ ନ ହେବେ, ତାହା ତାଙ୍କର ଲକ୍ଷ୍ୟ ବୋଲି ସେ କହିଥିଲେ। ସମସ୍ତଙ୍କ ବିକାଶ ହିଁ ପ୍ରକୃତ ବିକାଶ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ ଯେ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ବେଳେ ନବରଙ୍ଗପୁରବାସୀ ଏହି ପ୍ରକଳ୍ପ ୨ଟି ଅନୁମୋଦନ ପାଇଛି ବୋଲି ଜାଣି ଖୁସି ବ୍ୟକ୍ତ କରିଥିଲେ। ଆଜି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସେମାନଙ୍କ ଖୁସିକୁ ଦୁଇ ଗୁଣା କରିଛି। ନବରଙ୍ଗପୁରର ୯୦ ଭାଗରୁ ଅଧିକ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଭଲ ଜଳସେଚନ ଦ୍ୱାରା ସେମାନେ ଲାଭବାନ୍ ହେବେ ଆଉ ବିକ୍ରିବଟା ପାଇଁ ଲକ୍ଷ୍ମୀ ବସ୍ ସେମାନଙ୍କୁ ସହାୟତା ଦେବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କହିଥିଲେ, ଜିଲ୍ଲା ଗସ୍ତ ସମୟରେ ବହୁତ ଲୋକଙ୍କୁ ଭେଟିଥିଲି। ବିଏସ୍‌କେୱାଇର ବଞ୍ଚିତ ଗ୍ରାମାଞ୍ଚଳର ଲୋକେ ବହୁତ ହଇରାଣ ହେଉଛନ୍ତି ବୋଲି ମୋତେ କହିବା ସହିତ କିଛି ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ବିଏସ୍‌କେୱାଇ ନବୀନ କାର୍ଡର ଶୁଭାରମ୍ଭ କରିଛନ୍ତି। ଜାନୁଆରୀ ୬ରୁ ଏଥିପାଇଁ ପଞ୍ଜିକରଣ ଆରମ୍ଭ ହେବ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଏପରି ଏକ ଉପହାର ଦେଇଛନ୍ତି ଯାହାକୁ ସେମାନେ ଦୀର୍ଘ ଦିନ ହେଲା ଅପେକ୍ଷା କରି ରହିଥିଲେ। ମୁଖ୍ୟମନ୍ତ୍ରୀ ଚାଷୀଙ୍କ ମୁହଁରେ ହସ ଫୁଟାଇଛନ୍ତି। ସାଂସଦ ରମେଶ ଚନ୍ଦ୍ର ମାଝୀ କହିଥିଲେ, ନବରଙ୍ଗପୁର ଜିଲ୍ଲା ପାଇଁ ଜଳସେଚନର ଯେଉଁ ଆବଶ୍ୟକତା ଥିଲା ଆଜି ମୁଖ୍ୟମନ୍ତ୍ରୀଙ୍କ ଭେଟ ମାଧ୍ୟମରେ ତାହା ପୂରଣ ହେଲା। ନବରଙ୍ଗପୁର ଜିଲ୍ଲାପରିଷଦ ସଭାପତି ଏହି ୨ଟି ପ୍ରକଳ୍ପ ମାଧ୍ୟମରେ ଆମ ଜିଲ୍ଲାର ଚାଷୀମାନେ ବହୁଳ ଉପକୃତ ହେବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଁ ରୂପାନ୍ତରଣର...

ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଗ୍ରାମୀଣ ଓଡ଼ିଶାର ରୂପାନ୍ତରଣ ଯାତ୍ରାକୁ ଆହୁରି ଆଗକୁ ନେବା ତଥା ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବର୍ତ୍ତମାନର ପଦକ୍ଷେପକୁ ଆଧାରି କରି ଏହି ବିକାଶଧାରାକୁ ତ୍ୱରାନ୍ୱିତ କରିବା ସହିତ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏକାନ୍ତ ଆବଶ୍ୟକ। ଏହି କ୍ରମରେ ରାଜ୍ୟ ସରକାର ବର୍ତ୍ତମାନ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅଧୀନରେ ରାଜ୍ୟର ୬୭୯୪ ଗ୍ରାମ ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଆମ ଓଡ଼ିଶା ନବୀନ ଓଡ଼ିଶା ଅଧୀନରେ ଗ୍ରାମାଞ୍ଚଳର ସର୍ବାଙ୍ଗୀଣ ବିକାଶ ପାଇଁ ପଞ୍ଚାୟତ ସ୍ତରରେ ପ୍ରାଥମିକ ଶିକ୍ଷାର ଉନ୍ନତିକରଣ, ସାଂସ୍କୃତିକ ଭିତ୍ତିଭୂମିର ବିକାଶ, ବିଭିନ୍ନ ଗୋଷ୍ଠୀଭିତ୍ତିକ ଆବଶ୍ୟକୀୟ ପ୍ରକଳ୍ପ, ମିଶନ୍ ଶକ୍ତି ଗୃହ, ଡିଜିଟାଲ ସେବା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ଓ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରକଳ୍ପ/ପ୍ରସ୍ତାବକୁ କେନ୍ଦ୍ର କରି ପ୍ରତ୍ୟେକ ପଞ୍ଚାୟତ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଗ୍ରାମାଞ୍ଚଳର ଆବଶ୍ୟକତା ଅନୁସାରେ ପ୍ରକଳ୍ପ/ପ୍ରସ୍ତାବ ଗ୍ରାମପଞ୍ଚାତସ୍ତରୀୟ ସଭାରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ, ଗୋଷ୍ଠୀଭିତ୍ତିକ ସଂସ୍ଥା, ଜନପ୍ରତିନିଧି ତଥା ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚିତ ହୋଇ ସ୍ଥିର କରାଯିବ। ଏହି ପ୍ରକଳ୍ପକୁ ସମ୍ପୃକ୍ତ ଗ୍ରାମବାସୀ, ନିର୍ବାଚନ ପଞ୍ଚାୟତରାଜ ପ୍ରତିଷ୍ଠାନ ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ବିଭିନ୍ନ ଗୋଷ୍ଠୀ ସଂଗଠନର ସଦସ୍ୟ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ଠାରୁ ଗ୍ରହଣ କରାଯାଇ ପଞ୍ଚାୟତ ସହି ପରାମର୍ଶ ଆଧାରରେ ଏହାକୁ ସଂକଳନ କରାଯିବ। ଗ୍ରାମ ପଞ୍ଚାୟତସ୍ତରୀୟ ବୈଠକରେ ଅନୁମୋଦନ ପରେ ଏହା ଚୂଡାନ୍ତ ରୂପ ନେବ। ଏହା ପରେ ପ୍ରସ୍ତାବିତ ପ୍ରକଳ୍ପ ତାଲିକା ସରକାରଙ୍କ ଅନୁମୋଦନ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପ୍ରେରଣ କରାଯିବ। ଗ୍ରାମ ପଞ୍ଚାୟତସ୍ତରୀୟ ବୈଠକ ଆସନ୍ତା ଜାନୁଆରୀ ୧୫ରୁ ଫେବୃଆରୀ ମାସର ପ୍ରଥମ ସପ୍ତାହ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## କ୍ୟାଡର୍ ପୁନର୍ଗଠନ...

ସେବା(ଜନସ୍ୱାସ୍ଥ୍ୟ) ସମ୍ବର୍ଗ ଓ ଓଡ଼ିଶା ଯନ୍ତ୍ରୀ ସେବା(ଜନସ୍ୱାସ୍ଥ୍ୟ) ସମ୍ବର୍ଗ ପୁନର୍ଗଠନ ପ୍ରସ୍ତାବକୁ ଆଜି କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହି କ୍ରମରେ ଓଡ଼ିଶା ଡିପ୍ଲୋମା ଯନ୍ତ୍ରୀ ସେବା ସମ୍ବର୍ଗ ଅଧୀନରେ ୩୬୫ ନୂତନ କନିଷ୍ଠ ଯନ୍ତ୍ରୀ ପଦବୀ ସୃଷ୍ଟି କରାଯିବ। ଏହା ମାଧ୍ୟମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା ଅଧୀନରେ ୩୧୪ଟି କନିଷ୍ଠ ଯନ୍ତ୍ରୀ ପଦବୀ ଏବଂ ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ପ୍ରତିଷ୍ଠାନ ଅଧୀନରେ ୫୧ଟି କନିଷ୍ଠ ଯନ୍ତ୍ରୀ ପଦବୀ ରହିଛି। ସେହିପରି ଓଡ଼ିଶା ଯନ୍ତ୍ରୀ ସେବା ସମ୍ବର୍ଗ ଅଧୀନରେ ୯୧ଟି ନୂତନ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ସୃଷ୍ଟି କରାଯିବାକୁ ଥିବା ବେଳେ ଏଥିରେ ଗ୍ରାମ୍ୟ ଜଳଯୋଗାଣ ବ୍ୟବସ୍ଥା ଅଧୀନରେ ୮୦ଟି ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ପ୍ରତିଷ୍ଠାନ ଅଧୀନରେ ୧୧ଟି ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ରହିଛି। ଏହି ନିଷ୍ପତ୍ତି ଫଳରେ ସମସ୍ତ ପୌରାଞ୍ଚଳରେ ପ୍ରତି ଘରକୁ ୨୪ ଘଣ୍ଟିଆ ଜଳଯୋଗାଣ ବ୍ୟବସ୍ଥା ସହଜ ଏବଂ ନିରବଚ୍ଛିନ୍ନ ହୋଇପାରିବ ବୋଲି ଆଶା କରାଯାଉଛି।

ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟ କ୍ୟାବିନେଟ୍ ଓଡ଼ିଶା କୋଷାଗାର ଅମଲାସ୍ତରୀୟ କ୍ୟାଡର୍‌ର ପୁନର୍ଗଠନ ପ୍ରସ୍ତାବକୁ ଅନୁମୋଦନ ଦେଇଛି। ଏହାସହ ଓଡ଼ିଶା କୋଷାଗାର ଅମଲାସ୍ତରୀୟ ସେବା(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତ) ନିୟମ-୨୦୨୩ ଓ ଓଡ଼ିଶା ଅଧସ୍ତନ ଅର୍ଥ ସେବା(କୋଷାଗାର ଶାଖା) ନିୟମ-୨୦୨୩ ପ୍ରଣୟନ ନିଷ୍ପତ୍ତିକୁ ମଧ୍ୟ ଅନୁମୋଦନ ମିଳିଛି। ଓଡ଼ିଶା ଅଗ୍ନିଶମ ସେବାରେ ଖାଲି ପଡୁଥିବା ପଦବୀ ପୂରଣ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ଓଡ଼ିଶା ଅଗ୍ନିଶମ ସେବା(ଗ ବର୍ଗ ଅଧିକାରୀମାନଙ୍କ ନିଯୁକ୍ତି ଓ ଚାକିରୀ ସର୍ତ୍ତ) ନିୟମାବଳୀ-୨୦୧୧ର ନିୟମ ୧୨(୩)ରେ ଥିବା ନିୟମକୁ ସଂଶୋଧନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଓଡ଼ିଶା ସୂଚନା ଓ ଲୋକସମ୍ପର୍କ ବୈଷୟିକ ଏବଂ ଅଣବୈଷୟିକ ସେବା(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ସଂଶୋଧନ ନିୟମାବଳୀ-୨୦୨୩ ପ୍ରଣୟନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟ ନିଷ୍ପତ୍ତି ମଧ୍ୟରେ ଓଡ଼ିଶା ଶିକ୍ଷ ସେବା(ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ)ନିୟମ-୨୦୨୩ ଏବଂ ଓଡ଼ିଶା ନିମ୍ନ ଅବକାରୀ ସେବା ନିୟମାବଳୀ-୨୦୨୩ର ପ୍ରଚଳନକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି।

# ବନ୍ଧୁକ ଦେଖାଇ ଏସ୍‌ବିଆଇ ସେବାକେନ୍ଦ୍ରରୁ ଲୁଟ୍

**ରେଙ୍ଗାଲି,୩୦।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏସ୍‌ବିଆଇ ସେବାକେନ୍ଦ୍ରରୁ ଶନିବାର ଦିବାଲୋକରେ ଲୁଟ୍ ହୋଇଛି। ୩ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ପ୍ରାୟ ୫୦ହଜାର ଟଙ୍କା ଲୁଟ୍ କରି ଏକ ନମ୍ବରବିହୀନ ବାଇକ୍‌ରେ ଫେରାର୍ ହୋଇଯାଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁର୍ବୃତ୍ତମାନଙ୍କ ଏକ ଗାମୁଛା ଜବତ କରିଛି। ପୁଲିସ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଅନୁସନ୍ଧାନ ଚଳାଇଛି। ସୂଚନାନୁସାରେ, ରେଙ୍ଗାଲି ଚାଉଳ ଡିପୋର ମାନସ ମାହାଣାଙ୍କ ଉକ୍ତ ସେବାକେନ୍ଦ୍ର ଖୋଲିଛନ୍ତି। ସକାଳେ ଘରୁ ୫୦ହଜାର ଟଙ୍କା ନେଇ ସେ ସେବାକେନ୍ଦ୍ରକୁ ଆସିଥିଲେ। ୩ଜଣ ଟଙ୍କା ଉଠାଇବାର ବାହାନାରେ ହଠାତ୍ ସେବା କେନ୍ଦ୍ରକୁ ପଶି ମାନସଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ଡ୍ରୟର୍‌ରେ ଥିବା ପ୍ରାୟ ୫୦ ହଜାର ଟଙ୍କା ନେଇଯାଇଥିଲେ।

### କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କଲେ ଉତ୍ତରାଖଣ୍ଡ ସ୍ୱାସ୍ଥ୍ୟମନ୍ତ୍ରୀ

# ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ବିଏସ୍‌କେୱାଇକୁ ପ୍ରଶଂସା

**ଭୁବନେଶ୍ୱର, ୩୦।୧୨(ସମିସ):** ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ଆଗରେ ଓଡ଼ିଶା। ରାଜ୍ୟରେ ବିଏସ୍‌କେୱାଇ ସଫଳତା ସହ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏହି ମହତ୍ୱାକାଂକ୍ଷୀ ଯୋଜନା ଉତ୍ତରାଖଣ୍ଡ ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ଧନସିଂ ରାୱତଙ୍କ ବି ଦୃଷ୍ଟି ଆକର୍ଷଣ କରିଛି। ଆଜି କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ ସମୟରେ ଓଡ଼ିଶାର ସରକାରୀ ମେଡିକାଲ ସେବା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପ୍ରଶଂସା କରିଛନ୍ତି ଡକ୍ଟର ଧନସିଂ ରାୱତ। ରୋଗୀଙ୍କ ସହ ଆଲୋଚନା କରିବା ପରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଡ. ରାୱତ କ୍ୟାପିଟାଲ ହସ୍ପିଟାଲ ଯାଇ ସରକାରୀ ସ୍ୱାସ୍ଥ୍ୟ ସୁବିଧାର ଅନୁଧ୍ୟାନ କରିଥିଲେ। ରୋଗୀଙ୍କୁ ଦିଆଯାଉଥିବା ମାଗଣା ଔଷଧ, ଧାଡ଼ିରେ ଠିଆ ହୋଇ ଔଷଧ ନେବା ବ୍ୟବସ୍ଥା, ଅସ୍ତ୍ରୋପଚାର ଗୃହ, ୧୭କୋଟି ବ୍ୟୟରେ ହୋଇଥିବା ମଡୁଲାର ଅପରେସନ୍ ଥିଏଟରକୁ ଦେଖି ସନ୍ତୋଷବ୍ୟକ୍ତ କରିଥିଲେ। ଏହାସହ ସେ ହସ୍ପିଟାଲର ଆଶୁଚିକିତ୍ସା କେନ୍ଦ୍ର, ମଡୁଲାର ଓଟି, ଔଷଧ ବିତରଣ କେନ୍ଦ୍ର, ପଞ୍ଜୀକରଣ କେନ୍ଦ୍ର ଆଦି ସ୍ଥାନ ପରିଦର୍ଶନ କରିଥିଲେ। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ ମଧ୍ୟ ସେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ହସ୍ପିଟାଲର ପରିଷ୍କାର ଓ ପରିଚ୍ଛନ୍ନତାକୁ ନେଇ ଖୁସି ଅନୁଭବ କରିଥିଲେ। ସେ ହସ୍ପିଟାଲର ଚିକିତ୍ସା ପଦ୍ଧତି ଓ ବ୍ୟବସ୍ଥାକୁ ନେଇ ସନ୍ତୋଷ ବ୍ୟକ୍ତ ହସ୍ପିଟାଲର ଖାତାରେ ନିଜ ମତ ରଖିଥିଲେ। ରାଜ୍ୟରେ ମିଳୁଥିବା ବିଏସ୍‌କେୱାଇ ସୁବିଧାକୁ ବି ପ୍ରଶଂସା କରିଛନ୍ତି।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SOCIAL SCIENCE

### SECTION-A

1. Which of the following countries have bi-party system?
(a)United Kingdom & Belgium
(b)United Kingdom & United States of America
(c)United States of America & Canada
(d)Both a and b

2. Modern democracy maintains checks and balance system. Identify the correct option based on horizontal power sharing arrangement.
(a)Central government, state government, local government
(b)Among different pressure groups
(c)Among different social groups (d)Legislature, Executive, Judiciary

3. There are two statements marked as Assertion( A) and Reason (R)
**Assertion:** French speaking community in Belgium was rich and powerful.
**Reason:** Belgium government favoured French speaking community.
Options
(a)Both A & R are true and R is correct explanation of A
(b)Both A & R are true, but R is not the correct explanation of A
(c)A is true, but R is false (d)Both A & R are false

4. Find the incorrect option:
(a) Sri Lanka emerged as an independent country in 1958.
(b) Belgium has a population of a little over one crore, about half of the population of Haryana.
(c) Power sharing is a good way to ensure the stability of political order.
(d) In 1956, an Act was passed to recognise Sinhala the only official language, thus disregarding Tamil

5. When we speak of gender divisions, we usually refer to:
(a) Biological difference between men and women
(b) Unequal roles assigned by the society to men and women
(c) Unequal child sex ratio
(d) Absence of voting rights for women in democracies.

6. Find the incorrect statements –
1. Bhoodan movement was started by Vinobha Bhave.
2. Rubber crop require less than 200 cm rainfall
3. Shifting agriculture doesn't hurt the land.
Options
(a)only 2 (b)both 1 and 2 (c)only 3 and 1 (d)both 2 and 3

7. Hari, son of a farmer, after studying from Agricultural University, has become a research scientist and undertakes work for developing hybrid oil seeds. Analyse the information to know the sector in which he has shifted from past to present.
(a) From tertiary to primary (b) From secondary to primary
(c) From primary to tertiary (d) From primary to secondary

8. State the main difference between thermal and water pollution ?
(a) temperature (b) types of pollutant
(c) country of production (d) both b and c

9. Which of the following mineral that are likely to find as sedimentary deposits?
(a) Tin (b) Gold (c) Gypsum (d) nickle

10. Read the given data and find out which country has most equitable distribution of income.
Monthly income of five families in country I and country II.

| | A | B | C | D | E |
|---|---|---|---|---|---|
| I. | 500 | 600 | 10000 | 10400 | 10500 |
| II. | 3000 | 2000 | 5000 | 4000 | 3600 |

(a) Country I (b) Country II (c) Country I and II (d) option a and c

11. Two statements are given below as Assertion (A) and Reason (R). Read the statements and choose the most appropriate option.
**Assertion (A):** Dams have never triggered flood.
**Reason (R):** Flood control is also a reason for the construction of dams.
(a) Both A and R are correct and R is the correct explanation of A.
(b) Both A and R are correct but R is not the correct explanation of A.
(c) A is correct but R is incorrect. (d) A is incorrect but R is correct.

12. **Assertion (A):** Credit would be useful or not depends on the risk involved in a situation.
**Reason (R):** The chance of benefitting from credit is highest in agricultural sector.
(a) Both A and R are true ,R is the correct explanation of A.
(b) Both A and R are true R is not the correct explanation of A.
(c) A is true, R is false (d) A is false ,R is true

13. **Assertion(A)**: Parties provide people access to government machinery and welfare schemes implemented by governments.
**Reason(R)**: For an ordinary citizen it is easy to approach a local party leader than a government officer.
(a)Both A & R are true and R is correct explanation of A
(b)Both A & R are true, but R is not the correct explanation of A
(c)A is true, but R is false (d)Both A & R are false

14. The rise of political parties can be linked directly to emergence of :
(a) Direct democracy (b) Dictatorship
(c) Monarchy (d) Representative Democracy

15. A political party is a group of people who come together to contest elections and hold power in the government. They agree on some policies and programmes for the society with a view to promote the collective good.
Which one of these is NOT a function of a political party ?
(a) To contest elections (b) To play a decision role in making laws
(c) To form and run governments
(d) To reflect fundamental political divisions in a society

16. Nationalism , which emerged as a force in the late $19^{th}$ century , means,
(a) strong devotion for one's own country and its history and culture.
(b) strong devotions for one's own country without appreciation for other nations.
(c) strong love for one's own country and hatred for others.
(d) equally strong devotion for all the countries

17. The printing press played a significant role in the spread of which of the following religious movements?
(a) Buddhism (b) Hinduism (c) Islam (d) Protestantism

18. The Vernacular Press Act was passed in year___.
(a)1867 (b) 1878 (c) 1882 (d) 1905

19. Which of the following resulted in hostility towards the French armies in Europe ?
(a) forced conscription into the French armies. (b) Censorship
(c) Uniform laws (d) both a and b

20. He brought out the first weekly newspaper ,called Bengal Gazette.
(a) Bipin Chandra Pal (b) Bal Gangadhar Tilak
(c) Gangadhar Bhattacharya (d) Raja Rammohan Roy

### SECTION – B (2 Marks)

21. Name a political party which is a result of social reform movement.

22. There was an acute problem in Brussels during 1950s and 1960s between the two communities, give suitable reasons.

23. Classify industries on the basis of sources of raw materials.

24. Explain the objectives of the Treaty of Vienna.

### SECTION-C (3 Marks)

25. Ellaborate the adverse effects and limitations of multipurpose projects.

26. Democratic government is legitimate government." Support the statement with arguments.

27. The social and political situation of India was affected by the First World War. Explain how did it happen.

28. It is necessary for the bank and the cooperatives to increase their lending facilities in rural areas. Give suitable reason for the above statement.

### SECTION-D (5 Marks)

29. Sharing of powers makes a country more powerful and united'. Justify the statement.

30. Simon Commission was greated with slogan, "Go back Simon" at the arrival in India . Support this reaction of Indians with arguments .

31. Mention any three situation through which the credit pushes the borrower into debt trap.

32. The economic strength of a country is measured by the development of manufacturing industries .Justify the statements.

### SECTION-E (4 Marks)

33. **Read the given text and answer the following questions:**
Energy can be generated from fuel minerals like coal, petroleum, natural gas, uranium and from electricity. Energy resources can be classified as conventional and non-conventional sources. Conventional sources include: firewood, cattle dung cake, coal, petroleum, natural gas and electricity (both hydel and thermal). Non-conventional sources include solar, wind, tidal, geothermal, biogas and atomic energy. Firewood and cattle dung cake are most common in rural India. According to one estimate, more than 70 percent energy requirement in rural households is met by these two, continuation of these is increasingly becoming difficult due to decreasing forest area. Moreover, using dung cake too is being discouraged because it consumes most valuable manure which could be used in agriculture.
(i) Which conventional energy source are mostly used in rural areas? (1)
(ii) It is becoming difficult to continue the use of firewood and cattle dung. What is the reason? (1)
(iii) What are conventional sources of energy? Give two examples. (2)

34. **Read the given text and answer the following questions:**
If democracies are expected to produce good governments, then is it not fair to expect that they would also produce development? Evidence shows that in practice many democracies did not fulfil this expectation. If you consider all democracies and all dictatorships for the fifty years between 1950 and 2000, dictatorships have slightly higher rate of economic growth. The inability of democracy to achieve higher economic development worries us. But this alone cannot be reason to reject democracy. As you have already studied in economics, economic development depends on several factors: country's population size, global situation, cooperation from other countries, economic priorities adopted by the country, etc. However, the difference in the rates of economic development between less developed countries with dictatorships and democracies is negligible. Overall, we cannot say that democracy is a guarantee of economic development. But we can expect democracy not to lag behind dictatorships in this respect. When we find such significant difference in the rates of economic growth between countries under dictatorship and democracy, it is better to prefer democracy as it has several other positive outcomes.
(a) Between 1950 and 2000, which type of government had higher rate of economic growth? (1)
(b) On which factors does economic development depend? (1)
(c) Why should we prefer democracy over dictatorship ? (2)

*****

*All the Best...*

**ANSWER KEY**

| | | | | |
|---|---|---|---|---|
| 1. b | 2. d | 3. c | 4. a | 5. b |
| 6. a | 7. a | 8. a | 9.c | 10.b |
| 11. d | 12. c | 13. a | 14. d | 15. d |
| 16. a | 17. d | 18. c | 19. d | 20. c |

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

# କେପ୍ ଟାଉନ୍‌ରେ ଟେଷ୍ଟ ଜିତିନି ଭାରତ

କେପ୍ ଟାଉନ୍,୩୦ ।୧୨(ଏଜେନ୍ସି)

ସ୍ଥାନୀୟ ନ୍ୟୁ ଲାଣ୍ଡସ ଗ୍ରାଉଣ୍ଡରେ ଜାନୁଆରୀ ୩ରୁ ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ସେଞ୍ଚୁରିଅନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ଏକ ଇନିଂସ ଓ ୩୨ ରନରେ ଲଜ୍ଜାଜନକ ଭାବେ ପରାସ୍ତ ହୋଇ ୦-୧ରେ ପଛରେ ପଡିଛି। ତେଣୁ ସିରିଜକୁ ଅତିକମ୍‌ରେ ଅମୀମାଂସିତ ରଖିବାକୁ ଭାରତକୁ କେପ୍ ଟାଉନ୍‌ରେ ବିଜୟୀ ହେବାକୁ ପଡିବ। କିନ୍ତୁ କେପ୍‌ଟାଉନ୍‌ରେ ଭାରତର ରେକର୍ଡ ଆଦୌ ଭଲ ନାହିଁ। ଏଠାରେ ଭାରତ ୬ଟି ଟେଷ୍ଟ ଖେଳିଥିଲେ ମଧ୍ୟ ଗୋଟିଏ ହେଲେ ବି ମ୍ୟାଚ୍‌ରେ ବିଜୟୀ ହୋଇନାହିଁ। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ଏଠାରେ ୨୪ଟି ମ୍ୟାଚ୍ ଖେଳି ୧୦ଟି ଟେଷ୍ଟ ଜିତିଛି। ଦକ୍ଷିଣ ଆଫ୍ରିକାର ବିଜୟ ପ୍ରତିଶତକ ୪୫.୮ ପ୍ରତିଶତ ରହିଛି।



**କେପ୍‌ଟାଉନ୍‌ରେ ଭାରତର ପ୍ରଦର୍ଶନ**

| ତାରିଖ | ବିଜେତା | ବ୍ୟବଧାନ |
|---|---|---|
| ଜାନୁଆରୀ ୧୧-୧୪,୨୦୨୨ | ଦକ୍ଷିଣ ଆଫ୍ରିକା | ୭ ୱିକେଟ |
| ଜାନୁଆରୀ ୫-୮, ୨୦୧୮ | ଦକ୍ଷିଣ ଆଫ୍ରିକା | ୭୨ ରନ |
| ଜାନୁଆରୀ ୨-୬, ୨୦୧୧ | - | ଅମୀମାଂସିତ |
| ଜାନୁଆରୀ ୨-୬, ୨୦୦୭ | ଦକ୍ଷିଣ ଆଫ୍ରିକା | ୫ ୱିକେଟ |
| ଜାନୁଆରୀ ୨-୬, ୧୯୯୭ | ଦକ୍ଷିଣ ଆଫ୍ରିକା | ୨୮୨ ରନ |
| ଜାନୁଆରୀ ୨-୬, ୧୯୯୩ | - | ଅମୀମାଂସିତ |

### ୫୯ରୁ ୧୧ଟି ଟେଷ୍ଟ ଅମୀମାଂସିତ ରହିଛି

ଏହି ଗ୍ରାଉଣ୍ଡରେ ମୋଟ୍ ୫୯ ଟେଷ୍ଟ ଖେଳାଯାଇଛି ଓ ୧୧ଟି ମ୍ୟାଚ୍ ଅମୀମାଂସିତ ରହିଛି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୨୩ଥର ଓ ପ୍ରଥମେ ବୋଲିଂ କରିଥିବା ଦଳ ୨୫ଥର ବିଜୟୀ ହୋଇଛନ୍ତି। ୨୩ଟିରେ ଫଳାଫଳ ମିଳିଥିବା ବେଳେ ୫ଟି ମ୍ୟାଚ୍ ଅମୀମାଂସିତ ରହିଛି। ଇଂଲଣ୍ଡ ୨୧ ଓ ଅଷ୍ଟ୍ରେଲିଆ ୧୪ଟି ଟେଷ୍ଟ ଖେଳି ଏଠାରେ ୧୦ଟି ଲେଖାଏ ଟେଷ୍ଟ ଜିତିଥିବା ବେଳେ ନ୍ୟୁଜିଲାଣ୍ଡ ୫ଟି ଟେଷ୍ଟ ଖେଳି ଥରେ ବିଜୟୀ ହୋଇଛି। ୨୦୦୦ ପରେ ଏଠାରେ ୨୮ଟି ଟେଷ୍ଟ ଖେଳାଯାଇଛି।

### ଅଷ୍ଟ୍ରେଲିଆ ସଫଳ ବିଦେଶୀ ଦଳ, ଏସୀୟ ଦଳ ବିଫଳ

କେପ୍‌ଟାଉନ୍‌ର ନ୍ୟୁଜିଲାଣ୍ଡସ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ସବୁଠାରୁ ସଫଳ ବିଦେଶୀ ଦଳ ସାବ୍ୟସ୍ତ ହୋଇଛି। ଅଷ୍ଟ୍ରେଲିଆ ଏଠାରେ ୭୧% ଟେଷ୍ଟ ମ୍ୟାଚ୍ ଜିତିଛି। ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଏଠାରେ ଟେଷ୍ଟ ଜିତିଛନ୍ତି। କିନ୍ତୁ କୌଣସି ଏସୀୟ ଦଳ ଏଠାରେ ବିଜୟୀ ହୋଇ ପାରିନାହାନ୍ତି।

### ପ୍ରଥମ ବିଜୟ ସନ୍ଧାନରେ ଭାରତ

ଏଠାରେ ଭାରତ ପ୍ରଥମ ବିଜୟ ସନ୍ଧାନରେ ଭାରତ ରହିଛି। ଭାରତ ଏଠାରେ ୬ଟି ଟେଷ୍ଟ ଖେଳି ୪ଟିରେ ପରାସ୍ତ ହୋଇଥିବା ବେଳେ ୨ଟି ମୁକାବିଲା ଅମୀମାଂସିତ ରଖିଛି। ମହେନ୍ଦ୍ର ସିଂ ଧୋନି ଓ ମହମ୍ମଦ ଆଝାରୁଦ୍ଦିନଙ୍କ ନେତୃତ୍ୱରେ ଭାରତ ଦୁଇଟି ମ୍ୟାଚ୍ ଅମୀମାଂସିତ ରଖିବାରେ ସଫଳ ହୋଇଥିଲା। ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଦୁଇଟି ଟେଷ୍ଟ ଏଠାରେ ହାରିଛି। ସେହିପରି ରାହୁଲ ଦ୍ରାବିଡ୍ ଓ ସଚିନ୍ ତେନ୍ଦୁଲକରଙ୍କ ନେତୃତ୍ୱରେ ଭାରତ ଗୋଟିଏ ଲେଖାଏ ମ୍ୟାଚ୍ ଏଠାରେ ହାରିଛି।

### ପନ୍ତ ମାରିଛନ୍ତି ଶତକ, ବୁମ୍ରା ନେଇଛନ୍ତି ୧୦ ୱିକେଟ

ଏହି ଗ୍ରାଉଣ୍ଡରେ ଭାରତୀୟ ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତ୍ ଗତ ଗସ୍ତରେ ଶତକ ହାସଲ କରିଥିଲେ। ସଚିନ ଏଠାରେ ୪ଟି ଟେଷ୍ଟ ଖେଳି ୨ ଶତକ ସହ ମୋଟ୍ ୪୮୯ ରନ ସଂଗ୍ରହ କରିଛନ୍ତି। ସଚିନ ଏଠାରେ ବ୍ୟକ୍ତିଗତ ସର୍ବାଧିକ ଅପରାଜିତ ୧୬୯ ରନ ସଂଗ୍ରହ କରିଛନ୍ତି। ସୌରଭ ଗାଙ୍ଗୁଲି ଏଠାରେ ୨ଟି ଟେଷ୍ଟ ଖେଳି ୧୬୫ ରନ ସଂଗ୍ରହ କରିଛନ୍ତି। ସେହିପରି ଗୌତମ ଗମ୍ଭୀର ଗୋଟିଏ ଟେଷ୍ଟ ଖେଳି ୧୫୭ ରନ ସଂଗ୍ରହ କରିଛନ୍ତି। ତାଙ୍କ ଶ୍ରେଷ୍ଠ ସ୍କୋର ୯୩ ରନ ରହିଥିଲା। ଏଠାରେ ଭରାତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ୧୦, ଅନିଲ କୁମ୍ବଲେ ୧୧, ଜଭାଗାଲ ଶ୍ରୀନାଥ ୧୨ଟି ୱିକେଟ ହାସଲ କରିଥିଲେ। କେପ୍ ଟାଉନ୍‌ରେ ଜ୍ୟାକ କାଲିସ୍ (୨୨ ଟେଷ୍ଟ, ୨୧୮୧ ରନ) ସଫଳତମ ବ୍ୟାଟର ଓ ଡେଲ ଷ୍ଟେନ୍ (୧୫ ମ୍ୟାଚ୍, ୭୪ୱିକେଟ) ସଫଳତମ ବୋଲର ସାବ୍ୟସ୍ତ ହୋଇଛନ୍ତି।

● ସନ୍ତୋଷ ସ୍ମାରକୀ କ୍ରିକେଟ୍

## ଫାଇନାଲ୍‌ରେ ହାପି-ସନ୍ ଏକାଦଶ ମୁକାବିଲା

ଭୁବନେଶ୍ୱର, ୩୦ ।୧୨ (ସମିସ):

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସନ୍ତୋଷ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି। ରବିବାର ଟ୍ରଫି ଲଢ଼େଇରେ ଦୁଇ କଟକ ଦଳ ହାପି ଏକାଦଶ ଓ ସନ୍ ଏକାଦଶ ସାମ୍ନାସାମ୍ନି ହେବେ।

ଶନିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ କଟକର ଦୁଇ ଦଳ ସନ୍ ଏକାଦଶ ଓ ୱିଣ୍ଡ-୨୦୦୦ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ପ୍ରଥମେ ବ୍ୟାଟିଂ କରି ୱିଣ୍ଡୋ- ୨୦୦୦ ଦଳ ୧୨ ଓଭରରେ ୭ ୱିକେଟ୍ ହରାଇ ୧୪୨ ରନ କରିଥିଲା। ଦଳ ପକ୍ଷରୁ ସଚିନ ମୁଖି ୧୬ ବଲରେ ୪୩ ରନ କରିଥିଲେ। ଜବାବରେ ଲୁଲୁ ସ୍ୱାଇଁଙ୍କ ୪୫ ରନ (୧୪ ବଲ୍) ବଳରେ ସନ୍ ଏକାଦଶ ୧୦.୩ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବ୍ୟାଟିଂରେ ୧୨ ରନ ସହ ୨ଟି ୱିକେଟ୍ ନେଇଥିବା କବୀର ଖାନ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ହାପି ଏକାଦଶ ୧୦୨ ରନରେ ନିଜ ସହରର ମ୍ୟାଜିକ୍ ଏକାଦଶକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ହାପି ଏକାଦଶ ୧୨ ଓଭରରେ ୬ ୱିକେଟ୍ ବିନିମୟରେ ୨୦୬ ରନ କରିଥିଲା। ଦଳ ତରଫରୁ ଚିତ୍ତରଞ୍ଜନ ଜେନା ୨୫ ବଲରେ ୮୯ ରନର ବିସ୍ଫୋରକ ପାଳି ଖେଳିଥିଲେ। ମ୍ୟାଜିକ ଏକାଦଶର ଆଲୋକ ଜେନା ୪ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ମ୍ୟାଜିକ ଏକାଦଶ ୧୧.୧ ଓଭରରେ ୧୦୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଚିତ୍ତ ଜେନା ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଜଙ୍ଘାଶିଷ ମହାପାତ୍ର ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଫାଓ ୟୁଥ୍ ଲିଗ୍ ଉଦ୍‌ଯାପିତ

## ସ୍ପୋର୍ଟ୍ସ ଓଡ଼ିଶା, କିଟ୍-କିସ୍ ଚାମ୍ପିଅନ





ଭୁବନେଶ୍ୱର, ୩୦ ।୧୨ (ସମିସ)

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ଫାଓ ୟୁଥ୍ ଲିଗ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଟି ବୟସ ବର୍ଗ ୧୩ ବର୍ଷରୁ କମ୍ ଓ ୧୫ ବର୍ଷରୁ କମ୍ ବାଳକ ବର୍ଗରେ ଏହି ପ୍ରତିଯୋଗିତା ଖେଳାଯାଇଥିଲା। ଏଥିରେ ୧୩ ବର୍ଷରୁ କମ୍ ବାଳକ ବର୍ଗରେ କିଟ୍-କିସ୍ ଦଳ ଚାମ୍ପିଅନ ଓ ଆର୍‌ଡୋର୍ ଫୁଟ୍‌ବଲ ଏକାଡେମୀ ରନର୍ସଅପ୍ ହୋଇଥିଲା। ସେହିଭଳି ୧୫ ବର୍ଷରୁ କମ୍ ବିଭାଗରେ ସ୍ପୋର୍ଟ୍ସ ଓଡ଼ିଶା ଟ୍ରଫି ଜିତିଥିଲା। କିଟ୍-କିସ୍ ଦଳ ଏଥିରେ ଉପବିଜେତା ରହିଥିଲା। ଏହି ୟୁଥ୍ ଲିଗ୍ ପ୍ରତିଯୋଗିତାର ପୁରସ୍କାର ପ୍ରଦାନ ନିକଟ ଅତିତରେ କରାଯିବ ବୋଲି ଫାଓ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଚାମ୍ପିଅନ ଦଳ ଟ୍ରଫି ସହ ୨୫ ହଜାର ଟଙ୍କା ଓ ରନର୍ସଅପ୍ ଦଳ ଟ୍ରଫି ସହ ୧୫ ହଜାର ଟଙ୍କା ପୁରସ୍କାର ହାସଲ କରିବ।

ପ୍ୟାରିସ ଅଲିମ୍ପିକ୍ ହକି ଯୋଗ୍ୟତା ପର୍ଯ୍ୟାୟ

## ସବିତାଙ୍କୁ ନେତୃତ୍ୱ; ୧୩ରୁ ରାଞ୍ଚିରେ ଲଢ଼େଇ

ନୂଆଦିଲ୍ଲୀ, ୩୦ ।୧୨ (ଏଜେନ୍ସି)



ଆଗାମୀ ପ୍ୟାରିସ ଅଲିମ୍ପିକ୍ ଲାଗି ମହିଳା ହକି ଦଳର ଯୋଗ୍ୟତା ପର୍ଯ୍ୟାୟ ରାଞ୍ଚିରେ ଜାନୁଆରୀ ୧୩ରୁ ଆରମ୍ଭ ହେବ। ଏଥିଲାଗି ୧୮ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଗୋଲ୍‌ରକ୍ଷକ ସବିତା ପୁନିଆଙ୍କୁ ଭାରତୀୟ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଜାନୁଆରୀ ୧୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଶ୍ରେଷ୍ଠ-୩ ଦଳ ପ୍ୟାରିସ ଅଲିମ୍ପିକ୍‌କୁ ଯୋଗ୍ୟତା ଅର୍ଜନ କରିବେ।

ଘୋଷିତ ଘରୋଇ ଭାରତୀୟ ମହିଳା ହକି ଦଳର ଉପ-ଅଧିନାୟିକା ଭାବେ ବନ୍ଦନା କାଟାରିୟାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନିକଟରେ ଭାରତର ପ୍ରଥମ ମହିଳା ହକି ଖେଳାଳି ଭାବେ ବନ୍ଦନା ୩୦୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ସେହିଭଳି ଦଳରେ ସବିତାଙ୍କ ବ୍ୟତୀତ ଅନ୍ୟତମ ଗୋଲ୍‌ରକ୍ଷକ ଭାବେ ବିଚ୍ଛୁଦେବୀ ଖାରିବାମ୍ ସ୍ଥାନ ପାଇଛନ୍ତି। ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧୁରୀ ଓ ମୋନିକା ରକ୍ଷଣଭାଗ ସମ୍ଭାଳିବେ। ତେବେ ଘୋଷିତ ଭାରତୀୟ ଦଳରେ ଓଡ଼ିଶାରୁ ଜଣେ ହେଲେ ଖେଳାଳି ସ୍ଥାନ ପାଇବାରେ ସଫଳ ହୋଇପାରିନାହାନ୍ତି। ଗତ ଦଶନ୍ଧି ମଧ୍ୟରେ ପ୍ରଥମଥର ଲାଗି ରାଜ୍ୟର କୌଣସି ମହିଳା ଖେଳାଳି ଜାତୀୟ ଦଳରେ ସ୍ଥାନ ନ ପାଇବା ଏହା ପ୍ରଥମ ଘଟଣା।

ଉଲ୍ଲେଖଯୋଗ୍ୟ, ଭାରତ ଏହି ପ୍ରତିଯୋଗିତାରେ ପୁଲ୍-ବି'ରେ ନ୍ୟୁଜିଲାଣ୍ଡ, ଇଟାଲୀ ଓ ଆମେରିକା ସହ ସ୍ଥାନ ପାଇଛି। ସେହିଭଳି ଜର୍ମାନୀ, ଜାପାନ,ଚିଲି ଓ ଚେକ୍ ରିପବ୍ଲିକ ଗ୍ରୁପ୍-ବି'ରେ ରହିଛନ୍ତି। ପ୍ରତି ଗ୍ରୁପ୍‌ରେ ରାଉଣ୍ଡରବିନଭିତ୍ତିରେ ମ୍ୟାଚ୍ ଖେଳାଯିବ। ଏହାପରେ ଦୁଇ ଗ୍ରୁପ୍‌ର ଶ୍ରେଷ୍ଠ-୨ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଉଦ୍‌ଘାଟନୀ ଦିବସରେ ଆମେରିକା ବିପକ୍ଷରେ ଖେଳି ଭାରତୀୟ ଦଳ ପ୍ରତିଯୋଗିତାରେ ଅଭିଯାନ ଆରମ୍ଭ କରିବ। ଭାରତୀୟ ଦଳକୁ ନେଇ ମୁଖ୍ୟ ପ୍ରଶିକ୍ଷକ ଜାନେକ ସ୍କୋପମାନ ବେଶ୍ ଆଶାବାଦୀ ରହିଛନ୍ତି।

ଭାରତୀୟ ଦଳ: ସବିତା ପୁନିଆ (ଅଧିନାୟିକା), ବିଚ୍ଛୁ ଦେବୀ ଖାରିବାମ୍ (ଉଭୟ ଗୋଲ୍‌ରକ୍ଷକ), ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧୁରୀ, ମୋନିକା (ସମସ୍ତେ ରକ୍ଷଣଭାଗ), ନିଶା, ବୈଷ୍ଣବୀ ଭିଥାଲ ଫାଲକେ, ନେହା, ନବନୀତ୍ କୌର, ସାଲିମା ଟେଟେ, ସୋନିକା, ଜ୍ୟୋତି, ବିୟୁଟି ଡୁଙ୍ଗଡୁଙ୍ଗ୍ (ସମସ୍ତେ ମଧ୍ୟଭାଗ), ଲାଲରେସମସିଆମି, ସଙ୍ଗୀତା କୁମାରୀ, ଦୀପିକା ଓ ବନ୍ଦନା କାଟାରିୟା (ସମସ୍ତେ ଅଗ୍ରଭାଗ)।

## ଭାରତୀୟ ମହିଳା ହକି ଖେଳାଳିଙ୍କୁ ଡ୍ରାଗ୍‌ଫ୍ଲିକର ରୂପିନ୍ଦର୍‌ଙ୍କ ଗୁରୁମନ୍ତ୍ର

ବେଙ୍ଗାଲୁରୁ, ୩୦ ।୧୨ (ଏଜେନ୍ସି): ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆସନ୍ତା ବର୍ଷ ମଧ୍ୟଭାଗରେ ଫ୍ରାନ୍ସର ପ୍ୟାରିସ ସହରରେ ଆୟୋଜିତ ହେବ। ଏଥିଲାଗି ମହିଳା ହକିର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ରାଞ୍ଚିରେ ଜାନୁଆରୀ ୧୩ରୁ ଖେଳାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପୂର୍ବରୁ ବିଶ୍ୱର ଜଣାଶୁଣା ଡ୍ରାଗଫ୍ଲିକର ରୂପିନ୍ଦର୍ ପାଲ୍ ସିଂହ ଭାରତୀୟ ମହିଳା ହକି ଦଳକୁ ପ୍ରଶିକ୍ଷଣ ଦେଇଛନ୍ତି। ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) କେନ୍ଦ୍ରରେ ଭାରତୀୟ ମହିଳା ହକି ଖେଳାଳିଙ୍କୁ 'ଡ୍ରାଗ୍‌ଫ୍ଲିକ' ଉପରେ ୫ ଦିନିଆ ପ୍ରଶିକ୍ଷଣ ଦେବେ। ଏହି ଗୁରୁତ୍ୱପୂର୍ଣ୍ଣ ଶିବିରକୁ ନେଇ ଭାରତୀୟ ଦଳର ପ୍ରମୁଖ ଖେଳାଳି ଗୁର୍‌ଜିତ୍ କୌର କହିଛନ୍ତି, 'ଏଠାରେ ଚାଲିଥିବା ୫ ଦିନିଆ ଡ୍ରାଗ୍‌ଫ୍ଲିକିଂ ଶିବିର ଆମ ପାଇଁ ମୂଲ୍ୟବାନ ଅଭିଜ୍ଞତା ଆଣିବ। ପ୍ରତିଦିନ ଆମେ କିଛି ନୂଆ ଶିଖିବାକୁ ପାଉଛୁ। ଆମେ ଏକ ନିର୍ଦ୍ଦିଷ୍ଟ ଦିଗ ଉପରେ ଧ୍ୟାନ ଖେଳରେ ଆହୁରି ଉନ୍ନତି ଆଣିବାକୁ ଚାହୁଁଛୁ। ଏଠାରେ ଗ୍ରହଣ କରାଯାଉଥିବା ଶିକ୍ଷା ପଡ଼ିଆରେ ଆମର ପ୍ରଦର୍ଶନରେ ଯଥେଷ୍ଟ ସହାୟକ ହେବ।' ୩୩ ବର୍ଷୀୟ ରୂପିନ୍ଦର ଭାରତ ପାଇଁ ୨୩୩ ମ୍ୟାଚ୍ ଖେଳି ୨୩୪ ଗୋଲ୍ ଦେଇଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସ କାଂସ୍ୟ ବିଜୟୀ ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ଏହାପରବର୍ଷ ରୂପିନ୍ଦର ହକିରୁ ସନ୍ନ୍ୟାସ ନେଇଥିଲେ।

ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍

## ସୋନପୁର-ସମ୍ବଲପୁର ଫାଇନାଲ ଆଜି

କୁହୁଡ଼ି,୩୦।୧୨(ସମିସ)

କୁହୁଡି ଜନତା ଷ୍ଟାଡିୟମଠାରେ ମହାବୀର ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୬୪ତମ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ରବିବାର ଖେଳାଯିବ। ଏଥିରେ ସମ୍ବଲପୁର ଏଫ୍‌ସି ଓ ସୋନପୁର ବିଏସ୍ଏଫ କ୍ଲବ ସାମ୍ନାସାମ୍ନି ହେବେ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ସୂଚନା ଦେଇଛନ୍ତି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସମ୍ବଲପୁର ଏଫ୍‌ସି ୩-୧ ଗୋଲରେ ହାଓଡା ପିଆଇଏଫ୍ ଫୁଟବଲ୍ ଏକାଡେମୀକୁ ପରାସ୍ତ କରିଥିଲା। ବିଜୁ ଓରାମ ଦୁଇଟି ଗୋଲ୍ ଦେଇ ସମ୍ବଲପୁର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମ୍ୟାଚର ପ୍ରଥମ ମିନିଟ୍‌ରେ ୯ ନମ୍ବର ଜର୍ସି ପରିଧାନ କରିଥିବା ବିଜୁ ସମ୍ବଲପୁରର ପାଇଁ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ବିଜୁ ଓ ଓନିଅନ ଓରାମ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ହାଓଡ଼ା ତରଫରୁ ତାରକ୍



ସେନ୍ ଏକମାତ୍ର ଗୋଲ ଶୁଝିଥିଲେ ମଧ୍ୟ ଦଳକୁ ୩ - ୧ରେ ପରାଜୟରୁ ରକ୍ଷା କରିପାରି ନ ଥିଲେ।

ମ୍ୟାଚରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ପଦ୍ମନାଭ ବିଶ୍ୱାଳ, ଲଳିତ ମୋହନ ପଟ୍ଟନାୟକ, ସଭାପତି ଅର୍ଜୁନ ସ୍ୱାଇଁ, ସମ୍ପାଦକ ମନୋଜ କୁମାର ମାନସିଂହ କେଦାର ଦାସ, ଶ୍ରୀମନ୍ତ ମହାପାତ୍ର, କେଦାର ପାତାଳାସିଂହ, ହରି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁରର ବିଜୁ ଓରାମ ଓ ହାଓଡ଼ାର ସାଗର ଦାସଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିଭୂତି ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌କୁ ରେଫରି ଆଲୋକ କୁମାର ବେହୁରି, ଗୋପାଳ ସାମନ୍ତରାୟ, ପ୍ରଦୀପ ନାୟକ ଓ ଅପର୍ତ୍ତି ବେହେରା ପରିଚାଳନା କରିଥିଲେ। କମଳକାନ୍ତ ସାମନ୍ତରାୟ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।

ସର୍ବଭାରତୀୟ ଓଡ଼ଗାଁ କପ୍ ଫୁଟବଲ୍ ଉଦ୍‌ଯାପିତ

## ୟଙ୍ଗ୍ ଉତ୍କଳ ଚାମ୍ପିଅନ

ଓଡ଼ଗାଁ,୩୦।୧୨(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନି ଷ୍ଟାଡିୟମଠାରେ ଚାଲିଥିବା ୫ମ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ 'ଓଡ଼ଗାଁ କପ୍' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର ଗଣ୍ଡରପୁର ୟୁନାଇଟେଡ ଏଫ୍‌ସି ଓ କଟକ ୟଙ୍ଗ ଉତ୍କଳ ମଧ୍ୟରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୟଙ୍ଗ ଉତ୍କଳ ୧-୦ରେ ଜିତି ଚଳିତ ବର୍ଷର ଟାଇଟଲ୍ ହାସଲ କରିଛି। ୧୭ ନମ୍ବର ଜର୍ସି ତପନ ସିଂ ଦଳ ପାଇଁ ଏହି ବିଜୟସୂଚକ ଗୋଲ୍ ଦ୍ୱିତୀୟାର୍ଦ୍ଧରେ ଦେଇଥିଲେ। ବିଜୟୀ ଦଳର ୧୨ ନମ୍ବର ଜର୍ସି ବାପୁନି ବିନ୍ଧାଣିଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଏବଂ ତପନ ସିଂ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜିର ଖେଳରେ ମୁଖ୍ୟ ଅତିଥି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ।



ଉଦ୍‌ଯାପନୀ ସଭାରେ ନୟାଗଡ଼ ଜିଲ୍ଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଚାମ୍ପିଅନ୍ ୟଙ୍ଗ ଉତ୍କଳ ଦଳକୁ ଟ୍ରଫି ଏବଂ ୩୦ ହଜାର ଟଙ୍କା ଏବଂ ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ ଗଣ୍ଡରପୁର ଦଳକୁ ରନର୍ସଅପ୍ ଟ୍ରଫି ସହିତ ୨୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷ ମୀରା ନାୟକ, ଜିଲ୍ଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ଓଡ଼ଗାଁ ଏନ୍ଏସି ଅଧିକାରୀ ଦୁଃଶାସନ ସ୍ୱାଇଁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୂର୍ଯ୍ୟନାରାୟଣ ଚୌଧୁରୀ, ବିଭୁ ପ୍ରସାଦ ସାହୁ, ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଦିବାକର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଥିଲେ। ଉଲ୍ଲେଖଯୋଗ୍ୟ, ଫାଇନାଲ ପୂର୍ବରୁ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଯୁବ ଦଳକୁ ହରାଇ ଭେଟରାନ ଦଳ ଚାମ୍ପିଅନ ହୋଇଥିଲା। ଖେଳକୁ ରାଜୁ ମହାନ୍ତି ପରିଚାଳନା କରିଥିବାବେଳେ ଜଗନ୍ନାଥ ପରିଡା, ଶଶିକାନ୍ତ ଦାସିଆ, ରମେଶ ପାଇକେରା ଲାଇନରେ ସହାୟତା କରିଥିଲେ।

## ଏସ୍ଏନ୍ ଟାଏକ୍ୱୋଣ୍ଡୋ ଏକାଡେମୀର ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣପଦକ

ଭୁବନେଶ୍ୱର, ୩୦।୧୨(ସମିସ)

କୋଲକାତାରେ ଡିସେମ୍ବର ୨୭ରୁ ୨୯ ତାରିଖଯାଏ ଆୟୋଜିତ ଓପନ ନ୍ୟାସନାଲ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଟାଇକୋଫେଷ୍ଟରେ କଟକସ୍ଥିତ ଏସ୍ଏନ୍ ଟାଏକ୍ୱୋଣ୍ଡୋ ଏକାଡେମୀର ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ଏହି ପ୍ରତିଯୋଗିତାରେ ସମଗ୍ର ଭାରତବର୍ଷରୁ ୫୦୦ରୁ ଊର୍ଦ୍ଧ୍ୱର୍ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ କଟକସ୍ଥିତ ଏସ୍ଏନ୍ ଟାଏକ୍ୱୋଣ୍ଡୋ ଏକାଡେମୀର ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଓ ସମସ୍ତେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସ୍ୱର୍ଣ୍ଣ ବିଜୟୀ ପ୍ରତିଯୋଗୀମାନେ ହେଲେ ପ୍ରତ୍ୟୁଷା ପ୍ରିୟଦର୍ଶିନୀ, ପ୍ରତୀକ୍ଷା ଦାସ, ସୁଜେନ ଜୁବେର, ସୋନମ ମାହେଶ୍ୱରୀ, ହର୍ଷିତ ସିଂ, ଆଲୀହା ଆରିନ୍, ରୀଦାନ ଜୁବେର, ଭୋମିକ ଦାସ, ଅଙ୍କିତ ସାହୁ, ସ୍ୱୟମ ମହାପାତ୍ର, ଅଭିଷେକ ଧଳସାମନ୍ତ, କୈରଭ ଅଲି ଖାନ୍। ଦଳ ସହ ମହାଜାବିନ ଆଲାମ ଓ ସୟଦ ଅଲି ପ୍ରଶିକ୍ଷକ ଭାବେ ଦଳ ସହ ଯାତ୍ରା କରିଥିଲେ। ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ ଏକାଡେମୀ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।



### ଓଡ଼ିଶାର ବୀରୁ ସାହୁ, ଆଲୋକ କୁମାରଙ୍କୁ ପଦକ

# ଜାତୀୟ କନିଷ୍ଠ ଜିମ୍ନାଷ୍ଟିକ୍ସ ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୧୨(ସମିସ)





କଳିଙ୍ଗ ଷ୍ଟାଡିୟମ୍‌ର ଅତ୍ୟାଧୁନିକ ଜିମ୍ନାଷ୍ଟିକ୍ସ ସେଣ୍ଟରେ ଗତ ୩ ଦିନ ଧରି ଚାଲିଥିବା ଜାତୀୟ କନିଷ୍ଠ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଉଭୟ ଦଳଗତ ଓ ବ୍ୟକ୍ତିଗତ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ତେଲଙ୍ଗାନାର ନିଶିକା ଅଗରୱାଲ ଏହି ପ୍ରତିଯୋଗିତାର ମହିଳା ବିଭାଗରେ ଶ୍ରେଷ୍ଠ ଜିମ୍ନାଷ୍ଟ ଭାବେ ବିବେଚିତ ହୋଇଛନ୍ତି। ସେ ସର୍ବାଧିକ ୫ଟି ପଦକ ବିଜୟୀ ହୋଇଛନ୍ତି। ଏହା ମଧ୍ୟରେ ମହିଳା ଭଲ୍ଟ, ଅନ୍‌ଇଭିନ ବାର୍ ଓ ଅଲରାଉଣ୍ଡରେ ସ୍ୱର୍ଣ୍ଣପଦକ, ଫ୍ଲୋର ଏକ୍ସରସାଇଜ୍‌ରେ ରୌପ୍ୟ ଓ ବାଲାନ୍ସ ବିମ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଦୁଇ ପ୍ରତିଯୋଗୀ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସେମାନେ ହେଲେ ବୀରୁ ସାହୁ ଓ ଆଲୋକ କୁମାର। ପୁରୁଷ ବିଭାଗ ଇଭେଣ୍ଟ ଫ୍ଲୋର୍ ଏକ୍ସରସାଇଜ୍‌ରେ ବୀରୁ କାଂସ୍ୟ ଓ ଅଲ୍‌ରାଉଣ୍ଡ ଇଭେଣ୍ଟରେ ଆଲୋକ କୁମାର କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଉଭୟ ପ୍ରତିଯୋଗୀ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରେ ପ୍ରଶିକ୍ଷଣ ନେଉଥିଲେ। ଏହି କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ତାମିଲନାଡୁର ଓସିଆନା ରେନେ ଥୋମାସ୍ ୨ଟି ପଦକ ବିଜୟୀ ହୋଇଛନ୍ତି। ସେ ବାଲାନ୍ସ ବିମ୍‌ରେ ସ୍ୱର୍ଣ୍ଣ ଓ ଫ୍ଲୋର ଏକ୍ସରସାଇଜ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସମସ୍ତ ୩ ପ୍ରତିଯୋଗୀ ସେମାନଙ୍କ ପ୍ରଦର୍ଶନରେ ସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ସ୍ୱର୍ଣ୍ଣ ବିଜେତା ପ୍ରତିଯୋଗୀ**

ଏହି ପ୍ରତିଯୋଗିତାରେ ଅନୁଷ୍ଠିତ ମହିଳା ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରତିଯୋଗୀମାନେ ହେଲେ, ଭଲ୍ଟ ଓ ଅନଇଭିନ ବାରରେ ତେଲଙ୍ଗାନାର ନିଶିକା ଅଗରୱାଲ, ବାଲାନ୍ସ ବିମ୍‌ରେ ତାମିଲନାଡୁର ଓସିଆନା ରେନେ ଥୋମାସ, ଫ୍ଲୋର ଏକ୍ସରସାଇଜ୍‌ରେ ମହାରାଷ୍ଟ୍ରର ଅନୋସ୍କା ପାଟିଲ। ସେହିପରି ପୁରୁଷ ବିଭାଗ ପୋମେଲ ହର୍ଷରେ ପଶ୍ଚିମବଙ୍ଗର ସୋହୋମ ମଜୁମଦାର, ଫ୍ଲୋର ଏକ୍ସରସାଇଜ୍‌ରେ ପଶ୍ଚିମବଙ୍ଗର ନୀଳାଦ୍ରି ସରକାର, ରିଙ୍ଗ୍‌ରେ ମହାରାଷ୍ଟ୍ରର ସିଦ୍ଧାନ୍ତ କୋଣ୍ଡେ, ଭଲ୍ଟରେ ମହାରାଷ୍ଟ୍ରର ଆର୍ଯ୍ୟନ ଦାଭାଣ୍ଡେ, ପାରାଲେଲ ବାରରେ ଉତ୍ତର ପ୍ରଦେଶର ସୁମିତ ଯାଦବ, ହେରାଇଜୋଣ୍ଟାର ବାରରେ ଉତ୍ତରପ୍ରଦେଶର ନୁଏନ୍।

**୨ରୁ ବରିଷ୍ଠ ଚାମ୍ପିଅନସିପ**

କଳିଙ୍ଗରେ ସଫଳତାର ସହ ଜାତୀୟ କନିଷ୍ଠ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ ଉଦ୍‌ଯାପିତ ହେଲା ପରେ ବରିଷ୍ଠ ବିଭାଗରେ ଏହା ଅନୁଷ୍ଠିତ ହେବ। ଆସନ୍ତାବର୍ଷ ଜାନୁଆରୀ ୨ରୁ ୪ ତାରିଖ ଯାଏ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ବରିଷ୍ଠ ବିଭାଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଅତ୍ୟାଧୁନିକ ଏବଂ ବିଶ୍ୱସ୍ତରର ଜିମ୍ନାଷ୍ଟିକ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ରାକେଶ ପାତ୍ର, ଯୋଗେଶ୍ୱର ସିଂ, ପ୍ରଣତି ନାୟକ, ତପନ ମହାନ୍ତି, ସୈଫ ତାମ୍ବୋଲି ଓ ଗୌରବ କୁମାରଙ୍କ ପରି ଅନେକ ଖେଳାଳି ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

■ ଡବ୍ଲ୍ୟୁଏଫ୍‌ଆଇ ବିବାଦ

# ଖେଳରତ୍ନ, ଅର୍ଜୁନ ପୁରସ୍କାର ଫେରାଇଲେ ବିନେସ

ନୂଆଦିଲ୍ଲୀ,୩୦ ।୧୨(ଏଜେନ୍ସି)

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ରେ ଦୀର୍ଘଦିନ ଧରି ଚାଲିଥିବା ବିବାଦ ଆହୁରି ଘନିଭୂତ ହେବାରେ ଲାଗିଛି। ମହିଳା କୁସ୍ତିଯୋଦ୍ଧା ବିନେସ ଫୋଗତ ଏବେ ତାଙ୍କ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ଓ ଅର୍ଜୁନ ପୁରସ୍କାରକୁ ଫେରାଇଦେଇଛନ୍ତି। ଶନିବାର ସେ ଏହି ପୁରସ୍କାର ଫେରାଇବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରୟାସ କରୁଥିବା ବେଳେ ପୁଲିସ ତାଙ୍କୁ ଅଟକାଇଥିଲା। ଫଳରେ ସେ ଏହି ଦୁଇ ସମ୍ମାନକୁ ରାସ୍ତା ଉପରେ ଥୋଇ ଦେଇ ହାତଯୋଡି ଚାଲିଯାଇଥିଲେ। ୩ଦିନ ତଳେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମରେ ଦୁଇ ପୃଷ୍ଠାର ଚିଠି ଲେଖି ଚର୍ଚ୍ଚା ସୃଷ୍ଟି କରିଥିଲେ। ଏଥିରେ ମହିଳା କୁସ୍ତିଯୋଦ୍ଧାଙ୍କୁ ନ୍ୟାୟ ଦେବା ସଂକ୍ରାନ୍ତରେ ଉଲ୍ଲେଖ କରିଥିଲେ। ଯେ ପର୍ଯ୍ୟନ୍ତ ଆମକୁ ନ୍ୟାୟ ନ ମିଳିଛି ସେ ପର୍ଯ୍ୟନ୍ତ ଆମର ଲଢେଇ ଜାରି ରହିବ ବୋଲି ସେ ପୁରସ୍କାର ଫେରାଇବା ବେଳେ କହିଥିଲେ।

ପୁରୁଷ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ମଧ୍ୟ ବିନେସଙ୍କୁ ସମର୍ଥନ କରିଛନ୍ତି। ଏ ଭଳି ଦିନ କୌଣସି ଖେଳାଳିଙ୍କ ଜୀବନରେ ନ ଆସୁ। ଦେଶର ମହିଳା କୁସ୍ତିଯୋଦ୍ଧାଙ୍କର ସବୁଠାରୁ ଖରାପ୍ ଦିନ ଚାଲିଛି ବୋଲି ସେ କହିଛନ୍ତି। ବିନେସଙ୍କ ପୂର୍ବରୁ ବଜରଙ୍ଗ ତାଙ୍କ ପଦ୍ମଶ୍ରୀ ପୁରସ୍କାର ଫେରାଇଥିଲେ। ସେ ଏହି ସମ୍ମାନକୁ ପ୍ରଧାନମନ୍ତ୍ରୀଙ୍କ ଘର ବାହାରେ ଥିବା ଫୁଟ୍‌ପାଥରେ ଥୋଇଦେଇ ଚାଲିଯାଇଥିଲେ। ପୂର୍ବରୁ ରିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜୟିନୀ ତଥା ମହିଳା କୁସ୍ତିଯୋଦ୍ଧା ସାକ୍ଷୀ ମଲିକ ବ୍ରିଜଭୂଷଣ ସରଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ, ଏହାକୁ ବିରୋଧ କରି କୁସ୍ତିରୁ ସନ୍ୟାସ ନେବାକୁ ଘୋଷଣା କରିଥିଲେ।

**ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସାମ୍ନା ରାସ୍ତାରେ ରଖିଲେ**



# ଦିନିକିଆ ସିରିଜ ଜିତିଲା ଅଷ୍ଟ୍ରେଲିଆ ମହିଳା ଦଳ

ମୁମ୍ବଇ,୩୦ ।୧୨(ଏଜେନ୍ସି)



**ଭାରତ ୩ ରନରେ ହାରିଲା**

ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା ଦଳ ଶନିବାର ମାତ୍ର ୩ ରନରେ ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ହୋଇ ଆଗୁଆ ସିରିଜ ହାତେଇ ନେଇଛି। ମଙ୍ଗଳବାର ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳାଯିବ। ପୂର୍ବରୁ ୨୮ ତାରିଖରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୬ ୱିକେଟରେ ପରାସ୍ତ ହୋଇଥିଲା। ୨୩ ରନ ସଂଗ୍ରହ କରିବା ସହ ମୂଲ୍ୟମାନ ୩ ୱିକେଟ ନେଇଥିବା ଅଷ୍ଟ୍ରେଲିଆ ଅଲରାଉଣ୍ଡର ଆନାବେଲ ସଦରଲାଣ୍ଡ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**ରିଚା ଘୋଷ ଶତକରୁ ବଞ୍ଚିତ**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ତଥା ରୋମାଞ୍ଚକ ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୫୮ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୮ ୱିକେଟ ହରାଇ ୨୫୫ ରନ ସଂଗ୍ରହ କରିବା ସହ ବିଜୟଠାରୁ ମାତ୍ର ୪ ରନ ଦୂରରେ ରହିଯାଇଥିଲା। ଭାରତ ପାଇଁ ୱିକେଟରକ୍ଷକ ବ୍ୟାଟର ରିଚା ଘୋଷ ସର୍ବାଧିକ ୯୬ ରନ ସଂଗ୍ରହ କରି ଆଉଟ ହେବା ସହ ଶତକରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସେଜ ୪୪, ସ୍ମୃତି ମନ୍ଧାନା ୩୪, ୟସ୍ତିକା ଭାଟିଆ ୧୪ ରନକରି ଆଉଟ ହୋଇଥିବା ବେଳେ ଦୀପ୍ତି ଶର୍ମା ୨୪ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ସଦରଲାଣ୍ଡ ସର୍ବାଧିକ ୩, ଆଶଲେ ଗାର୍ଡନର, କିମ ଗାର୍ଥ ଓ ଅଲାନା କିଙ୍ଗ ଗୋଟିଏ ଲେଖାଏ ୱିକେଟ ନେଇଥିଲେ।

**ଦୀପ୍ତି ଶର୍ମାଙ୍କୁ ୫ ୱିକେଟ**

ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପାଇଁ ଓପନର ଫୋଏବେ ଲିଚ୍‌ଫିଲ୍ଡ ସର୍ବାଧିକ ୬୩, ଏଲିସ ପେରୀ ୫୦, ତାହିଲା ମ୍ୟାକ୍‌ଗ୍ରା ୨୪, ସଦରଲାଣ୍ଡ ୨୩, ଜିର୍ଜିଆ ୱାରହାମ ୨୨ ରନ କରି ଆଉଟ ହୋଇଥିବା ବେଳେ କିଙ୍ଗ୍ ୨୮ ରନକରି ଅପରାଜିତ ରହିଥିଲେ। ଭାରତ ପାଇଁ ବୋଲିଂରେ ଦୀପ୍ତି ଶର୍ମା ସର୍ବାଧିକ ୫, ପୂଜା ବସ୍ତ୍ରକାର, ଶ୍ରେୟଙ୍କା ପାଟିଲ ଓ ସ୍ନେହ ରାଣା ଗୋଟିଏ ଲେଖାଏ ୱିକେଟ ନେଇଥିଲେ।

**ଅଲ୍ଟିମେଟ୍ ଖୋ ଖୋ-୨**

# ଚାମ୍ପିଅନ ଜଗରନଟ୍ସର ପ୍ରଥମ ପରାଜୟ

ଭୁବନେଶ୍ୱର, ୩୦ ।୧୨ (ସମିସ)

କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଫ୍ରାଞ୍ଚାଇଜଭିତ୍ତିକ ଖୋ ଖୋ ପ୍ରତିଯୋଗିତା 'ଅଲ୍ଟିମେଟ୍ ଖୋ ଖୋ'ର ଦ୍ୱିତୀୟ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ପ୍ରଥମ ପରାଜୟବରଣ କରିଛି। ଶନିବାର ସନ୍ଧ୍ୟାରେ ଖେଳାଯାଇଥିବା ଏକ ରୋମାଞ୍ଚକ ଲଢ଼େଇରେ ଦୀପେଶ ମୋରେ'ଙ୍କ ନେତୃତ୍ୱାଧିନ ଓଡ଼ିଶା ୨୯-୩୪ ପଏଣ୍ଟରେ ଗୁଜରାଟ ଜାଏଣ୍ଟ୍ସ ନିକଟରୁ ପରାଜୟବରଣ କରିଛି। ମ୍ୟାଚରେ ପ୍ରଥମାର୍ଦ୍ଧରେ ଘରୋଇ ଓଡ଼ିଶା ଜଗରନଟ୍ସ ଖରାପ ପ୍ରଦର୍ଶନ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଜଗରନଟ୍ସର ଖେଳାଳିମାନେ ରନିଂରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଦଳକୁ ପରାଜୟରୁ ବଞ୍ଚାଇପାରି ନ ଥିଲେ। ଏହି ମ୍ୟାଚରେ ଓଡ଼ିଶା ଖେଳାଳିମାନେ ସ୍କାଏ ଓ ପୋଲ୍ ଡାଇଭରେ ମଧ୍ୟ ନିରାଶ କରିଥିଲେ। ସ୍କାଏ ଡାଇଭରେ ଓଡ଼ିଶା ମାତ୍ର ୪ ଓ ପୋଲ୍ ଡାଇଭରୁ ୨ ପଏଣ୍ଟ ସଂଗ୍ରହ କରିପାରିଥିଲା। କିନ୍ତୁ ଟଚ୍ ଆକାରରେ ଦଳକୁ ସର୍ବାଧିକ ୧୮ ଓ ବୋନସ୍‌ରୁ ୫ ପଏଣ୍ଟ ଉଠାଇଥିଲା। ଅପରପକ୍ଷରେ ଗୁଜରାଟ ଟଚ୍ ପଏଣ୍ଟରେ ୧୬, ସ୍କାଏ ଡାଇଭରୁ ୧୦ ପଏଣ୍ଟ ସଂଗ୍ରହ କରିଥିଲା। ପୋଲ୍ ଓ ବୋନସ୍ ଆକାରରେ ଦଳୀୟ ସ୍କୋରରେ ୪ ପଏଣ୍ଟ ଲେଖାଏ ଯୋଡ଼ି ହୋଇଥିଲା। ଏଥିସହ ଓଡ଼ିଶା ଜଗରନଟ୍ସ ୪ ମ୍ୟାଚରୁ ୨ ବିଜୟ ଏବଂ ଗୋଟିଏ ଲେଖାଏ ଟାଇ ଓ ପରାଜୟ ସହ ୮ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଛି। ସେହିଭଳି ଗୁଜରାଟ ୪ର୍ଥ ମୁକାବିଲାରୁ ୪ର୍ଥ ବିଜୟ ସହ ୧୨ ପଏଣ୍ଟ ପାଇ ଟେବଲ୍‌ର ଶୀର୍ଷକୁ ଉଠିଛି।



**କୁଇକ୍ ଗନ୍ସର ୩ୟ ବିଜୟ**

ଏଥିପୂର୍ବରୁ ଶନିବାର ସନ୍ଧ୍ୟାରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଚେନ୍ନାଇ କୁଇକ୍ ଗନ୍ସ ସଫଳ ପ୍ରତ୍ୟାବର୍ତ୍ତନ କରି ୩୬-୩୧ ପଏଣ୍ଟରେ ମୁମ୍ବାଇ ଖିଲାଡିସ୍‌କୁ ପରାସ୍ତ କରିଛି। ତାରକା ଖେଳାଳି ରାମଜୀ କଶ୍ୟପଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଚେନ୍ନାଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଟାକ ସମୟରେ କଶ୍ୟପ ୩ଟି ସ୍କାଏଡାଇଭ୍ ସହ ୧୦ ପଏଣ୍ଟ ହାସଲ କରିବା ସହ ୪ ମିନିଟରୁ ଅଧିକ ସମୟ ମ୍ୟାଟରେ ରହିଥିଲେ। କୁଇକ୍ ଗନ୍ସ ୪ର୍ଥ ମ୍ୟାଚରୁ ୩ ବିଜୟ ଓ ଗୋଟିଏ ଟାଇ ସହ ୧୧ ପଏଣ୍ଟ ପାଇ ଗୁଜରାଟ ପଛକୁ ୨ୟ ସ୍ଥାନରେ ରହିଛି। ଅପରପକ୍ଷରେ ମୁମ୍ବାଇ ଖିଲାଡିସ୍ ୪ର୍ଥ ପରାଜୟ ସହ ବର୍ତ୍ତମାନ ସୁଦ୍ଧା ପଏଣ୍ଟ ଟେବଲ ଖାତା ଖୋଲିପାରି ନାହିଁ। ଆଜିର ମ୍ୟାଚରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ।

**ଏଏଫ୍‌ସି ଏସିଆନ କପ୍**

# ସୁନିଲ ଛେତ୍ରୀଙ୍କୁ ନେତୃତ୍ୱ

ନୂଆଦିଲ୍ଲୀ,୩୦ ।୧୨(ଏଜେନ୍ସି): କାତାରରେ ଜାନୁଆରୀରେ ଆୟୋଜନ ହେବାକୁ ଯାଉଥିବା ଏଏଫ୍‌ସି ଏସିଆନ୍ କପ୍ ପାଇଁ ଶନିବାର ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ଆଇଗର ଷ୍ଟିମାକ୍ ଏକ ୨୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ୩୯ ବର୍ଷୀୟ ଷ୍ଟ୍ରାଇକର ସୁନିଲ ଛେତ୍ରୀଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ତାରକା ଗୋଲରକ୍ଷକ ଗୁରପ୍ରୀତ ସିଂ ଓ ରକ୍ଷଣଭାଗ ଖେଳାଳି ସନ୍ଦେଶ ଝିଙ୍ଗାନ ମଧ୍ୟ ଦଳରେ ସ୍ଥାନିତ ହୋଇଛନ୍ତି। ଛେତ୍ରୀ ଓ ଗୁରପ୍ରୀତ ୨୦୧୧ ଏଏଫ୍‌ସି ଏସିଆକପ୍ ଭାରତୀୟ ଦଳର ସଦସ୍ୟ ଥିଲେ। ଏସିଆନ କପ୍‌ରେ ଭାରତ ଗ୍ରୁପ୍ ବି'ରେ ସାମିଲ ହୋଇଛି। ଭାରତ ଜାନୁଆରୀ ୧୩ରେ ଅଲ ରେୟାନର ଅହମ୍ମଦ ବିନ୍ ଅଲି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ସେହିପରି ଭାରତ ଦ୍ୱିତୀୟ ମ୍ୟାଚ୍ ଜାନୁଆରୀ ୧୮ ରେ ଉଜବେକିସ୍ତାନ ଓ ୨୩ରେ ସିରିଆ ବିପକ୍ଷରେ ମ୍ୟାଚ୍ ଖେଳିବ। ଏହି ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୧୨ରୁ ଆରମ୍ଭ ହୋଇ ଫେବୃଆରୀ ୧୦ରେ ଶେଷ ହେବ। ୯ଟି ଭେନ୍ୟୁରେ ୨୪ ଦଳ ଏଥିରେ ଭାଗ ନେବେ।

# ବିଶ୍ୱକପ୍‌ରେ ସାମି ଇଞ୍ଜେକସନ ନେଇ ଖେଳିଥିଲେ

ନୂଆଦିଲ୍ଲୀ,୩୦ ।୧୨(ଏଜେନ୍ସି): ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଆଘାତ ସମସ୍ୟା କାରଣରୁ ଗତ ଦିନିକିଆ ବିଶ୍ୱକପ୍‌ରେ ଇଞ୍ଜେକ୍‌ସନ ନେଇ ଖେଳୁଥିଲେ। ସାମିଙ୍କ ସହ ବେଙ୍ଗଲ ଦଳ ପାଇଁ ଖେଳିଥିବା ଜଣେ କ୍ରିକେଟର ଏହି କଥା କହିଛନ୍ତି। ସାମିଙ୍କ ବାମ ଗୋଇଠିରେ ପୁରୁଣା ଆଘାତ ସମସ୍ୟା ରହିଆସିଛି ଓ ଏକଥା ଖୁବ୍ କମ୍ ଲୋକ ଜାଣିଛନ୍ତି ବୋଲି ସେ କହିଛନ୍ତି। ବିଶ୍ୱକପ୍ ଖେଳିବା ବେଳେ ସାମି ଯନ୍ତ୍ରଣା ସହିତ ସଂଘର୍ଷ କରୁଥିଲେ। ସେ କ୍ରମାଗତ ଭାବେ ଇଞ୍ଜେକସନ ନେଉଥିଲେ ଓ ଏଥିପାଇଁ ଖେଳିବାରେ ସକ୍ଷମ ହୋଇଥିଲେ। ବିଶ୍ୱକପ୍‌ରେ ସେ ସର୍ବାଧିକ ସଂଖ୍ୟକ ୱିକେଟ ନେଇଥିଲେ। ୭ଟି ମ୍ୟାଚ୍ ଖେଳି ସେ ୫.୨୬ ଇକୋନୋମି ରେଟ୍‌ରେ ୨୪ଟି ୱିକେଟ ଅକ୍ତିଆର କରିଥିଲେ। ୭/୫୭ ଥିଲା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ସାମି ଆଘାତ ସମସ୍ୟା କାରଣରୁ ଚଳିତ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ନାହାନ୍ତି।


## ସକାଳ
THE SAKALA
www.thesakala.in

We require the following posts for various locations urgently.

1. **District Correspondent**
   For Various District
   Qualification: MJMC with 5 yrs. experience.
2. **Sub-Editor**
   For Bhubaneswar / Sambalpur
   Qualification: MJMC with 5 yrs. experience
3. **Layout Designer**
   For Bhubaneswar
   Qualification: Minimum 3 yrs experience in respective field.
4. **Reporter**
   For Bhubaneswar / Cuttack / Sambalpur
   Qualification: MJMC with Minimum 3 yrs. experience.

Send your CV by 05.01.2024 to
DGM, HR
Email: hr@thesakala.com
Mob.: 9437016499

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar


# ଇଲେଭେନ ଷ୍ଟାର୍‌କୁ ହରାଇଲା ୟୁନିକ୍ ଇଲେଭେନ

ଯାଜପୁର, ୩୦।୧୨(ସମିସ)

**ଅଶୋକ ଦାସ ସ୍ମାରକୀ କ୍ରିକେଟ୍**

ଭଦ୍ରକ୍‌ର ୟୁନିକ୍ ଇଲେଭେନ୍ ୪ ୱିକେଟରେ ଯାଜପୁରର ଇଲେଭେନ୍ ଷ୍ଟାର କ୍ଲବ୍‌କୁ ପରାସ୍ତ କରି ଏଠାରେ ଚାଲିଥିବା ଅଶୋକ ଦାସ ସ୍ମାରକୀ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଛି। ସ୍ୱର୍ଗତ ଅଶୋକ ଦାସଙ୍କ ସ୍ମୃତିରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ କ୍ଲବର୍ ମିଳିତ ଆନୁକୂଲ୍ୟରେ ନାଥସାହି ପଞ୍ଚାୟତର ନୂଆପଡ଼ା ଖେଳ ପଡ଼ିଆରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି।

ଶନିବାର ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଖେଳାଯାଇଥିବା ମ୍ୟାଚ୍‌ରେ ଇଲେଭେନ ଷ୍ଟାର୍ ପ୍ରଥମେ ବ୍ୟାଟିଂ କରି ୧୯.୧ ଓଭରରେ ମାତ୍ର ୮୩ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ତୁଷାର ତ୍ରିପାଠୀ ସର୍ବାଧିକ ୧୯ ଓ ଭରତ ସାହୁ ୧୬ ରନ୍ କରିଥିଲେ। ୟୁନିକ୍ ଇଲେଭେନର ସାହିଲ ଖାନ୍ ସର୍ବାଧିକ ୪ଟି, ମହମ୍ମଦ୍ ଅରମାନ ଓ ସୁଦର୍ଶନ ମିଶ୍ର ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ୟୁନିକ୍ ଇଲେଭେନ ୨୧.୧ ଓଭର ଖେଳି ୬ ୱିକେଟ୍ ହରାଇ ୮୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୨୭, ଅରମାନ ୨୬ ରନ୍ ସଂଗ୍ରହ କରିଥିଲେ। ଇଲେଭେନ ଷ୍ଟାର୍‌ର ହର୍ଷିତ ରାଠୋର ଓ ପ୍ରିୟାଲ ସିଂ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ସାହିଲ୍ ଖାନ୍‌ଙ୍କୁ ଅତିଥି ତଥା ଦି ନ୍ୟୁ ଇଣ୍ଡିଆ ଇନ୍ସୁରାନ୍ସ ଟାଉନ୍ ଶାଖା ପରିଚାଳକ ସୁକାନ୍ତ ବେହେରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଶରତ ଜେନା ଓ ଖଗେଶ୍ୱର ମଲ୍ଲିକ ପରିଚାଳନା କରିଥିବାବେଳେ ସୁମିତ୍ରା ସାହୁ ଓ ଶୁଭ୍ରାଂଶୁ ଶେଖର ବେହୁରିଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ।



ଆଜି ମ୍ୟାଚ୍‌ରେ ବରିଷ୍ଠ ବିଜେଡି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଯାଜପୁର ପୌରାଞ୍ଚଳ ବିଜେଡି ନଗର ସଭାପତି ମନୋଜ ସାହୁ, ସ୍ୱସ୍ତିକ ପହି, ସଚ୍ଚିଦାନନ୍ଦ ବେହୁରିଆ, କାଉନସିଲର ସୁବାଶିଷ ରାଉତ, ନାଥସାହି ଯୁବନେତା ମନୋଜ କୁମାର ସାହୁ, ସୁଶାନ୍ତ ସିଂ, ଲୋକନାଥ ବେହେରା, ଦିବାକର କର ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର